ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୦/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, October 10/2025 Page 16 ₹ 7.00

୫୧ଶ ଭାଗ ୩୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 314 ମୂଲ୍ୟ ₹୭/-







# ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରିପାରେ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟ ସର୍ତ୍ତରେ ଇସ୍ରାଏଲ୍ ଓ ହମାସ୍ ରାଜି ହୋଇଛନ୍ତି। ତଦନୁଯାୟୀ ଦୁଇ ପକ୍ଷ ଯୁଦ୍ଧ ବନ୍ଦ ସହ ପଣବନ୍ଦୀ ଓ ବନ୍ଦୀଙ୍କୁ ମୁକ୍ତ କରିବେ। ୨ ବର୍ଷର ଘମାଘୋଟ ଯୁଦ୍ଧ ପରେ ପ୍ରକାଶ ପାଇଥିବା ଏହି ସହମତିକୁ ବିଶ୍ୱ ସମୁଦାୟ ସ୍ୱାଗତ କରିଥିବାବେଳେ ଉଭୟ ଇସ୍ରାଏଲ୍ ଓ ଗାଜା ଷ୍ଟ୍ରିପ୍‌ରେ ଉତ୍ସବର ପରିବେଶ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ହମାସ୍ କେବେ ଓ କିପରି ଅସ୍ତ୍ରତ୍ୟାଗ କରିବ, ଗାଜାକୁ ପରବର୍ତ୍ତୀ ସମୟରେ କିଏ ଶାସନ କରିବ ଭଳି ୨୦ ସୂତ୍ରୀ ଯୋଜନାର କେତେକ ଜଟିଳ ଦିଗକୁ ନେଇ ଅନିଶ୍ଚିତତା ଜାରି ରହିଛି।



ଇସ୍ରାଏଲ–ହମାସ୍ ମଧ୍ୟରେ ଗାଜା ଅସ୍ତ୍ରବିରତି ନିମନ୍ତେ ସହମତି ପ୍ରକାଶ ପାଇବା ପରେ ଇସ୍ରାଏଲର ତେଲ୍ ଆଭିଭ୍‌ସ୍ଥିତ ହଷ୍ଟେଜେସ୍ ସ୍କୋୟାରରେ ଗୁରୁବାର ଲୋକେ ପଣବନ୍ଦୀଙ୍କ ମୁକ୍ତି ଆଶାରେ ଖୁସି ମନାଉଛନ୍ତି।

## ଟ୍ରମ୍ପଙ୍କ ୨୦ ସୂତ୍ରୀ ପିସ୍ ପ୍ଲାନ୍: ପ୍ରଥମ ପର୍ଯ୍ୟାୟ ପାଇଁ ଇସ୍ରାଏଲ୍-ହମାସ୍ ସହମତ

ଜେରୁଜେଲମ୍/କାଏରୋ/ୱାଶିଂଟନ୍, ୯।୧୦(ରଏଟର୍ସ/ଏ.ପି.)

ଇସ୍ରାଏଲ୍‌ରେ ୨୪ ମାସ ଧରି କ୍ଷୋଭ, ଅନିଶ୍ଚିତତା ଓ ପୀଡ଼ା ଲାଗିରହିଥିଲା। କିନ୍ତୁ ଗୁରୁବାର ସକାଳେ ହୋଷ୍ଟେଜ୍ ସ୍କୋୟାର ରୂପେ ପରିଚିତ କେନ୍ଦ୍ରୀୟ ତେଲ୍ ଆଭିଭ୍ ଅଞ୍ଚଳ ହଠାତ୍ ଉତ୍ସବମୟ ହୋଇଯାଇଥିଲା। ଭିଡ଼ ଭିତରେ ଏକ ଶେମ୍ପେନ୍ ବୋତଲ ଖୋଲାଯାଇଥିଲା, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ହସ ସହ ମିଳେଇ ଯାଇଥିଲା ଆନନ୍ଦର ଅଶ୍ରୁ। ସମସ୍ତେ ପରସ୍ପରକୁ ଆଲିଙ୍ଗନ କରିବାରେ ଲାଗିଲେ, ଯେତେବେଳେ ଖବର ଆସିଲା– ହମାସ୍ କବଳରେ ଥିବା ପଣବନ୍ଦୀମାନେ ମୁକ୍ତ ହେବେ। ଗାଜା ଷ୍ଟ୍ରିପ୍‌ରୁ ସେମାନେ ନିଜ ଘରକୁ ଫେରିବେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନା ମୁତାବକ ହମାସ୍ ନିଜ କବଳରେ ରଖିଥିବା ୨୦ ଜୀବିତ ପଣବନ୍ଦୀଙ୍କୁ ମୁକ୍ତ କରିବ। ଏହା ବଦଳରେ ଇସ୍ରାଏଲ୍ ନିଜ ଜେଲଗୁଡ଼ିକରେ ରଖିଥିବା ପାଲେଷ୍ଟିନୀୟ କଏଦୀମାନଙ୍କୁ ଖଲାସ କରିବା ସହ ଗାଜାର ଅଧିକାଂଶ ଭୂଖଣ୍ଡରୁ ନିଜ ସେନା ପ୍ରତ୍ୟାହାର କରିନେବ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୋସିଆଲ ମିଡିଆରେ କହିଛନ୍ତି, ଭଗବାନଙ୍କ ସହଯୋଗରେ ଆମେ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରି ଘରକୁ ଫେରାଇ ଆଣିବୁ। ସେହିପରି ହମାସ୍ କହିଛି, ସଦ୍ୟ ସମ୍ପାଦିତ ଏହି ଡିଲ୍ ଇସ୍ରାଏଲୀ ସୈନ୍ୟ ପ୍ରତ୍ୟାହାରକୁ ସୁନିଶ୍ଚିତ କରିବା ସହ ପାଲେଷ୍ଟିନୟଙ୍କ ନିକଟରେ ସହାୟତା ପହଞ୍ଚାଇବା ଏବଂ ପଣବନ୍ଦୀ ଓ ବନ୍ଦୀଙ୍କ ବିନିମୟକୁ ଅନୁମତି ଦେବ। ବରିଷ୍ଠ ହମାସ୍ ଅଧିକାରୀ ଓସାମା ହମ୍‌ଦାନଙ୍କ ମତରେ ଗାଜାକୁ ମାନବୀୟ ସହାୟତା ପ୍ରବେଶ ଲାଗି

☞ପୃଷ୍ଠା–୪

## ଯୁକ୍ତ ୨ ପରୀକ୍ଷା: ବିଷୟ ସଂଶୋଧନ ପାଇଁ ୧୩ରୁ ଖୋଲିବ ଲିଙ୍କ୍

ଭୁବନେଶ୍ୱର,୯।୧୦(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ୨ ପରୀକ୍ଷା ୨୦୨୬ ପାଇଁ ଆସନ୍ତା ୧୩ ତାରିଖରୁ ଏକ୍ସ–ରେଗୁଲାର ଓ ୨୦ରୁ ରେଗୁଲାର ପିଲାଙ୍କ ଫର୍ମ ପୂରଣ ଆରମ୍ଭ ହେବ। ହେଲେ ଏହା ପୂର୍ବରୁ ବିଷୟ ସଂଶୋଧନ ଲାଗି ଛାତ୍ରୀଛାତ୍ରଙ୍କୁ ତୃତୀୟ ଥର ସୁଯୋଗ ଦେବାକୁ ପରିଷଦ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଆସନ୍ତା ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଲିଙ୍କ୍ ଖୋଲା ରହିବ। ଏନେଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଗୁରୁବାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଓ ପ୍ରିନ୍ସିପାଲମାନଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ନିଜ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବିଷୟ ସଂଶୋଧନ ସାମ୍ସ ଇ–ସ୍ପେସ୍ ମାଧ୍ୟମରେ କରିପାରିବେ। ବିଷୟ ସଂଶୋଧନ ପାଇଁ ଆଉ କୌଣସି ତାରିଖ ବୃଦ୍ଧି କରାଯିବ ନାହିଁ ବୋଲି ଡ. ପରିଡ଼ା ସୂଚନା ଦେଇଛନ୍ତି।

# ଢୋଲକିଆ ଯିବେ କୁଆଡ଼େ

ଭୁବନେଶ୍ୱର,୯।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ୨ ଲକ୍ଷ ୫୩ ହଜାର ୬୨୪ ଭୋଟର ବିଶିଷ୍ଟ ନୂଆପଡ଼ା ଆସନରେ ଆସନ୍ତା ନଭେମ୍ବର ୧୧ରେ ଉପନିର୍ବାଚନ ହେବାକୁ ଥିବାବେଳେ ବିଜେଡି ଏବଂ ଭାଜପା ପ୍ରାର୍ଥୀ ଘୋଷଣାରେ କଂଗ୍ରେସଠାରୁ ପଛରେ ପଡ଼ିଯାଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଏହି ଆସନ ବିଜେଡି ହାତରେ ରହିଥିଲା। ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ୬୧,୮୨୨ ଭୋଟ ପାଇ ବିଜୟୀ ହୋଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦,୯୪୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସ ଏହି ଉପନିର୍ବାଚନ ଲାଗି ଘାସିରାମଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିସାରିଛି। ଭାଜପା ପକ୍ଷରୁ ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ୪୪,୮୧୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଗତ ମାସ ୮ ତାରିଖରେ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଏହି ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଉପନିର୍ବାଚନରେ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଛି। ହେଲେ ସେ କେଉଁ ଦଳରୁ ପ୍ରାର୍ଥୀ ହେବେ ତାହା ବର୍ତ୍ତମାନ ସବୁଠାରୁ ବଡ଼ ଆଲୋଚନାର ବିଷୟ ପାଲଟିଛି। କେତେକ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଜୟଙ୍କୁ ଶାସକ ଭାଜପା ପ୍ରାର୍ଥୀ କରିବାକୁ ଚିନ୍ତା କରୁଥିବାବେଳେ ବିଜେଡି ଏହାକୁ ନେଇ ଚିନ୍ତାରେ ରହିଛି। କାରଣ ଢୋଲକିଆଙ୍କ ପରିବାରରୁ ପ୍ରାର୍ଥୀ ଦେଇ ଅନୁକମ୍ପାମୂଳକ ଭୋଟ ହାତେଇବାକୁ ବିଜେଡି ଆଶା ରଖିଛି। ହେଲେ ବିଗତ ଦିନର କେତେକ ଘଟଣା ପାଇଁ ଢୋଲକିଆଙ୍କ ପରିବାର କୁଆଡ଼େ ବିଜେଡି ଉପରେ ସେତେଟା ଭରସା କରୁ ନ ଥିବା କୁହାଯାଉଛି। ବିଜେଡି ପକ୍ଷରୁ ଆରମ୍ଭ କରାଯାଇଥିବା ପଦଯାତ୍ରା ନୂଆପଡ଼ାରେ କିପରି କରାଯାଉଛି ତାକୁ ଦେଖିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ଦଳରେ ଚର୍ଚ୍ଚା ଚାଲିଛି। କାରଣ ପଦଯାତ୍ରା ଲାଗି ଜୟ ଢୋଲକିଆଙ୍କ ପାଖକୁ ବିଜେଡି ଦଳୀୟ ପତାକା, ବ୍ୟାନର ଆଦି ସବୁ ପଠାଇ ସାରିଥିବା ବେଳେ ସେ ଏଯାଏ କାର୍ଯ୍ୟକ୍ରମ କରିନାହାନ୍ତି। ଯଦି ପଦଯାତ୍ରା ଠିକ୍ ଭାବେ ଜୟ ଢୋଲକିଆ ନ କରନ୍ତି, ତେବେ ସବୁ ସ୍ପଷ୍ଟ ହୋଇଯିବ ବୋଲି ବିଜେଡିର କେତେଜଣ ବରିଷ୍ଠ ନେତା କହୁଛନ୍ତି। ଅନ୍ୟପଟେ ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଏହା ପ୍ରଥମ ଉପନିର୍ବାଚନ ହେବାକୁ ଯାଉଛି। ତେଣୁ ଶାସକ ଭାଜପା ଏହି ଉପନିର୍ବାଚନରେ କଳେବଳେ ଜିତିବାକୁ ଚେଷ୍ଟା କରିବ। ଏଭଳି ସ୍ଥିତିରେ ଜୟଙ୍କ ନୂଆଦିଲ୍ଲୀ ଗସ୍ତ ସବୁ ଦଳ ଭିତରେ ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ମୁତାବକ, ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ମୂଳଘର ହେଉଛି ଗୁଜରାଟ। ତାଙ୍କ ପରିବାର ମାରୱାଡି ସମ୍ପ୍ରଦାୟରୁ ଆସୁଛନ୍ତି। ତେଣୁ ଗୁଜରାଟରୁ ଏକ ବଡ ଗୋଷ୍ଠୀ ଜୟଙ୍କୁ ଭାଜପାରୁ ପ୍ରାର୍ଥୀ କରାଇବା ଲାଗି ଚେଷ୍ଟା ଚଳାଇଛନ୍ତି। ଜୟ ମଧ୍ୟ କେଉଁ ଦଳରୁ ପ୍ରାର୍ଥୀ ହେବେ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରିନାହାନ୍ତି। ଏଭଳି ସ୍ଥିତିରେ ଜୟଙ୍କ ଦିଲ୍ଲୀ ଗସ୍ତ ଭାଜପା ଶୀର୍ଷ ନେତାଙ୍କ ସହ କୌଣସି ପ୍ରକାର ଆଲୋଚନାର କାରଣ ହୋଇଥାଇପାରେ ବୋଲି ସ୍ଥାନୀୟ ରାଜନେତାମାନଙ୍କ ଚର୍ଚ୍ଚାର ବିଷୟ ପାଲଟିଛି। ସେହି ଗୋଷ୍ଠୀ ଆହୁରି ମଧ୍ୟ କହୁଛନ୍ତି, ଜୟ ତାଙ୍କ ବାପାଙ୍କ ନାମରେ ଅନୁକମ୍ପାମୂଳକ ଭୋଟ ସୁନିଶ୍ଚିତ ପାଇପାରିବେ ବୋଲି କହିବା କଷ୍ଟକର ହୋଇପାରେ। ଅନ୍ୟପଟେ ଢୋଲକିଆ ପରିବାରର ମଧ୍ୟ ବିଜେଡି ଶୀର୍ଷ ନେତାଙ୍କ ଉପରେ ଆକ୍ରୋଶ ରହିଥିବା କୁହାଯାଉଛି। ରାଜେନ୍ଦ୍ର ଢୋଲକିଆ ଅସୁସ୍ଥ ଥିବା ସମୟରେ ସାହାଯ୍ୟ ପାଇଁ ତାଙ୍କ ପରିବାର ପକ୍ଷରୁ ଦଳର ଶୀର୍ଷ ନେତାମାନଙ୍କ ସହ ଯୋଗାଯୋଗ କରାଯାଇଥିବାବେଳେ ଏନେଇ କୌଣସି ପ୍ରକାର ସାହାଯ୍ୟ ମିଳି ନ ଥିଲା। ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ତତ୍ପରତା ଦେଖାଇ ପ୍ରଣବ ପ୍ରକାଶ ଦାସ(ବବି) ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଆଦି ୩ଟି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ହେଲେ ବବିଙ୍କ ଏଭଳି ତତ୍ପରତାକୁ ସ୍ଥାନୀୟ ବିଜେଡି ନେତାମାନେ ନାପସନ୍ଦ କରିବା ସହ ସମସ୍ତଙ୍କ ମନରେ ଅଧିକ ଆକ୍ରୋଶ ବଢ଼ାଇଥିଲା।

ପଶ୍ଚିମ ଓଡ଼ିଶାର କେତେଜଣ ବରିଷ୍ଠ ନେତାଙ୍କ ସୂଚନା ମୁତାବକ, ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ନୂଆପଡ଼ା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଥିଲା। ସେହି ସମୟରେ କୁଆଡ଼େ

☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଯନ୍ତ୍ରଣା ଲାଗି ରହିବ**

# ହଙ୍ଗେରୀୟ ଲେଖକଙ୍କୁ ସାହିତ୍ୟରେ ନୋବେଲ

ଷ୍ଟକ୍‌ହୋମ,୯।୧୦

ହଙ୍ଗେରୀୟ ଲେଖକ ଲାସ୍‌ଲ୍ଲୋ କ୍ରାସ୍ନାହୋର୍‌କାଇ ୨୦୨୫ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବେ। ସ୍ୱିଡିସ୍ ଏକାଡେମୀର ନୋବେଲ କମିଟି ଗୁରୁବାର ତାଙ୍କ ନାମ ଘୋଷଣା କରିବା ପରେ ସେ ୨୦୦୨ରେ ଇମ୍ରେ କେର୍ଟେସ୍ଜଙ୍କ ପରେ ଦ୍ୱିତୀୟ ହଙ୍ଗେରୀୟ ଲେଖକ ଭାବେ ସାହିତ୍ୟ କ୍ଷେତ୍ରରେ ବିଶ୍ୱର ଏହି ସର୍ବୋଚ୍ଚ ସମ୍ମାନ ପାଇବାକୁ ଯାଉଛନ୍ତି।

ନୋବେଲ କମିଟିର ବିଚାରକମାନେ ଲାସ୍‌ଲ୍ଲୋଙ୍କୁ ପ୍ରଶଂସା କରିବାକୁଯାଇ ତାଙ୍କ ଲେଖାରେ ଦର୍ଶନ ସହ ଅନ୍ଧକାରମୟ ହାସ୍ୟରସାତ୍ମକ



ଲାସ୍‌ଲ୍ଲୋ କ୍ରାସ୍ନାହୋର୍‌କାଇ

ସୃଜନଶୀଳତା ଭରିରହିଥାଏ ବୋଲି କହିଛନ୍ତି। ତାଙ୍କ ପ୍ରଥମ ଉପନ୍ୟାସ ‘ସାତାନ୍ତାଙ୍ଗୋ’ ଓ ‘ଦି ମେଲାଙ୍କୋଲି ଅଫ୍ ରେଜିଷ୍ଟାନ୍ସ’ ସମେତ ଅନେକ ପୁସ୍ତକ ହଙ୍ଗେରୀୟ ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇଛି। ନୋବେଲ କମିଟିର ଷ୍ଟିଭ୍ ସେମ୍–ସାଣ୍ଡବର୍ଗ ଏହି ପୁରସ୍କାର ଘୋଷଣା ବେଳେ କହିଛନ୍ତି ଯେ, ଲାସ୍‌ଲ୍ଲୋଙ୍କ ଲେଖାରେ ଭ୍ରମମୁକ୍ତ କଳାତ୍ମକ ଦୃଷ୍ଟିକୋଣ ବିଶେଷଭାବେ ପ୍ରତିଫଳିତ ହୋଇଥାଏ।

ଲାସ୍‌ଲ୍ଲୋ ହେଉଛନ୍ତି କେନ୍ଦ୍ରୀୟ ୟୁରୋପୀୟ ପରମ୍ପରାରେ ଜଣେ ମହାନ୍ ଲେଖକ, ଯାହାଙ୍କଠାରେ ଫ୍ରାନ୍ସର କାଫ୍‌କାଙ୍କଠାରୁ ଟମାସ୍ ବର୍ନହାର୍ଡଙ୍କ ପର୍ଯ୍ୟନ୍ତ ସାହିତ୍ୟିକଙ୍କ ଲେଖାରେ ଅତିଶୟୋକ୍ତିପୂର୍ଣ୍ଣ ଅଭିବ୍ୟକ୍ତି ଥିବାର ସଙ୍କେତ ଦେଇଥାଏ। ତାଙ୍କ ଅନ୍ୟାନ୍ୟ ବହୁଚର୍ଚ୍ଚିତ ପୁସ୍ତକ ମଧ୍ୟରେ ‘ଦି ମେଲାଙ୍କୋଲି ଅଫ୍ ରେଜିଷ୍ଟାନ୍ସ’ରେ ଏକ ଛୋଟ ହଙ୍ଗେରୀୟ ସହରରେ ଘଟିଥିବା ବିଚଳିତ କାହାଣୀ ସ୍ଥାନ ପାଇଥିବା ବେଳେ ‘ବାରନ୍ ୱେଙ୍କହେମ୍ସ’ରେ ଜୁଆଖେଳରେ ଆସକ୍ତ ଜଣେ

☞ପୃଷ୍ଠା–୪




# ଟ୍ରମ୍ପ୍‌ଙ୍କୁ ଫୋନ୍ କଲେ ମୋଦି

**ଗାଜା ଶାନ୍ତି ଚୁକ୍ତିର ସଫଳତା ପାଇଁ ଅଭିନନ୍ଦନ ଜଣାଇଲେ**

ନୂଆଦିଲ୍ଲୀ,୯।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍ କରି କଥା ହୋଇଛନ୍ତି। ଗାଜା ଶାନ୍ତି ଯୋଜନାର ସଫଳତାକୁ ନେଇ ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବନ୍ଧୁ, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ ଆଲୋଚନା କଲି। ଐତିହାସିକ ଗାଜା ପିସ୍ ପ୍ଲାନ୍‌ର ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ବାଣିଜ୍ୟିକ ଆଲୋଚନା ଦିଗରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଛି। ଆଗକୁ ଯୋଗାଯୋଗ ବୃଦ୍ଧି ନେଇ ସହମତି ପ୍ରକାଶ କରିଥିବା ମୋଦି X ରେ ଲେଖିଛନ୍ତି। ଟ୍ରମ୍ପ୍ ଆମେରିକାକୁ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ କଷିବା ପରେ ତିକ୍ତତା ବଢ଼ିଛି। ଏଭଳି ସମୟରେ ନୋବେଲ ଶାନ୍ତି ପୁରସ୍କାର ଦାବିଦାର ଟ୍ରମ୍ପ୍‌ଙ୍କୁ ଗାଜା ଯୁଦ୍ଧ ବନ୍ଦ କରାଇଥିବାର ଶ୍ରେୟ ଦେଇ ମୋଦି ସ୍ଥିତିକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରିଛନ୍ତି।



ଇସ୍ରାଏଲ୍-ହମାସ୍ ଶାନ୍ତି ସହମତିକୁ ନେଇ ତେଲ୍ ଆଭିଭ୍‌ରେ ଭାବପ୍ରବଣ ଜଣେ ଯୁବତୀ ଓ ଯୁବକ।

# ଏ ବର୍ଷ ଟ୍ରମ୍ପ୍‌ଙ୍କୁ ମିଳି ନ ପାରେ ନୋବେଲ ଶାନ୍ତି

ଷ୍ଟାଭାଞ୍ଜର(ନରୱେ),୯।୧୦



ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ଘୋଷଣାକୁ ଆଉ ମାତ୍ର କେତେ ଘଣ୍ଟା ବାକି ରହିଛି। ଏଥର ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନାମ ମନୋନୀତ ବ୍ୟକ୍ତିବିଶେଷଙ୍କ ତାଲିକାରେ ରହିଛି। ତେଣୁ ନୋବେଲ ପିସ୍ ପ୍ରାଇଜ୍-୨୦୨୫ ଉପରେ ବିଶ୍ୱବାସୀଙ୍କ ନଜର ରହିଛି। କିନ୍ତୁ ଟ୍ରମ୍ପ୍‌ଙ୍କୁ ଚଳିତବର୍ଷ ଏହି ପୁରସ୍କାର ମିଳି ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଟ୍ରମ୍ପ୍ ଭାରତ-ପାକିସ୍ତାନ ଓ ଇସ୍ରାଏଲ୍-ଗାଜା ସମେତ ମୋଟ ୭ଟି ଯୁଦ୍ଧ ଅଟକାଇଦେଇଥିବା ଦାବିକରି ସେ ନୋବେଲ ପାଇବା ଉଚିତ ବୋଲି କୁହନ୍ତି। ଏପରି କି ପାକିସ୍ତାନ ମଧ୍ୟ ଟ୍ରମ୍ପ୍‌ଙ୍କ ନାମ ଏହି ପୁରସ୍କାର ଲାଗି ସୁପାରିସ କରିଛି। ଅନ୍ୟପକ୍ଷେ ନରୱେଜିଆନ୍ ନୋବେଲ କମିଟି ଶାନ୍ତିର ସ୍ଥାୟିତ୍ୱ, ଅନ୍ତର୍ଜାତୀୟ ଭ୍ରାତୃତ୍ୱ ଓ ଏଭଳି ଲକ୍ଷ୍ୟ ସାଧନ ଦିଗରେ ସହାୟକ ହେଉଥିବା କାର୍ଯ୍ୟ ଉପରେ ଫୋକସ୍ କରିଥାଏ। ସେହି ଦୃଷ୍ଟିରୁ ଗ୍ଲୋବାଲ୍ କ୍ଲାଇମେଟ୍ ଚେଞ୍ଜ ସଙ୍କଟକୁ ଅସମ୍ମାନ ଭଳି ଟ୍ରମ୍ପ୍‌ଙ୍କ ରେକର୍ଡ ତାଙ୍କ ନିଜ ବିରୋଧରେ କାର୍ଯ୍ୟ କରିପାରେ ବୋଲି ଦୀର୍ଘ ବର୍ଷ ଧରି ନୋବେଲ ପୁରସ୍କାର ଉପରେ ଅନୁଧ୍ୟାନ କରିଆସିଥିବା ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ପାକିସ୍ତାନ ସରକାରଙ୍କ ପକ୍ଷରୁ କରାଯାଇଥିବା ସୁପାରିସ ଏହି ପୁରସ୍କାର ପାଇଁ ଧାର୍ଯ୍ୟ ତାରିଖ ୨୦୨୫ ଫେବୃଆରୀ ୧ ପରେ କରାଯାଇଥିଲା।

# ପିଲାଙ୍କୁ କମ୍ ବୟସରୁ ଯୌନ ଶିକ୍ଷା ଦିଆଯାଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୧୦(ପି.ଟି.)

ପିଲାଙ୍କୁ ନବମ ଶ୍ରେଣୀରୁ ନୁହେଁ, ଆହୁରି କମ୍ ବୟସରୁ ଯୌନ ଶିକ୍ଷା ଦିଆଯିବା ଉଚିତ ବୋଲି ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଉଚ୍ଚ ମାଧ୍ୟମିକ ସ୍କୁଲ ପାଠ୍ୟକ୍ରମରେ ଯୌନ ଶିକ୍ଷାକୁ ସାମିଲ କରାଯିବା ଉଚିତ। ଏପରି କରାଗଲେ କିଶୋରୀକିଶୋରମାନେ ନିଜ ହରମୋନ୍ ପରିବର୍ତ୍ତନ ସମ୍ପର୍କରେ ସଚେତନ ହୋଇପାରିବେ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ନିଜ ମସ୍ତିଷ୍କ ଖଟାଇ ସଂଶୋଧନମୂଳକ ପଦକ୍ଷେପ ନେବା ଆବଶ୍ୟକ, ଯଦ୍ଦ୍ୱାରା ପିଲାମାନେ କିଶୋରାବସ୍ଥା ପରେ ସେମାନଙ୍କଠାରେ ଆସୁଥିବା ପରିବର୍ତ୍ତନ ସମ୍ପର୍କରେ ଅବଗତ ହୋଇ ନିଜ ଯତ୍ନ ନେଇପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଣେ ୧୫ ବର୍ଷର ପୁଅକୁ ଜାମିନ ପ୍ରଦାନ ବେଳେ ସର୍ବୋଚ୍ଚ ଅଦାଲତ ଏହି ଟିପ୍ପଣୀ ଦେଇଛନ୍ତି। ସମ୍ପୃକ୍ତ ନାବାଳକଙ୍କ ବିରୋଧରେ ବଳାତ୍କାର, ଆପରାଧିକ ଧମକ ଆଦି ଅଭିଯୋଗ ରହିଥିଲା। ସୁପ୍ରିମକୋର୍ଟ ଏହା ପୂର୍ବରୁ ମଧ୍ୟ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ଦ୍ୱାରା ଧାର୍ଯ୍ୟ ସର୍ତ୍ତ ଓ ନିୟମାବଳୀ ଆଧାରରେ ତାଙ୍କୁ ଜାମିନ ଦିଆଯିବା ଉଚିତ ବୋଲି ନିର୍ଦ୍ଦେଶ ଦେଇଥିଲେ।

# ଟନେଲରେ ୭୩୩ ଦିନ

**ପଣବନ୍ଦୀଙ୍କ ପ୍ରତୀକ୍ଷାରେ ପରିବାର**

ଜେରୁଜେଲମ୍/କାଏରୋ/ୱାଶିଂଟନ୍,୯।୧୦(ରଏଟର୍ସ/ଏ.ପି.)

୨୦୨୩ ଅକ୍ଟୋବର ୭ ସକାଳ ୬ଟା ୩୦। ଏହା ହେଉଛି ସେହି ସମୟ ଯେତେବେଳେ ଗାଜା ଶାସକ ହମାସ୍‌ର ଏକ ଅପରିଣାମଦର୍ଶୀ କାର୍ଯ୍ୟ ମଧ୍ୟପ୍ରାଚ୍ୟର ୨ ଭୂଖଣ୍ଡକୁ ପୁଣି ଥରେ ବିଂଶ ଶତାବ୍ଦୀର ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷ, ଅଶାନ୍ତି ଓ ଅସ୍ଥିରତା ଆଡ଼କୁ ଟାଣିନେଇଥିଲା। ଇସ୍ରାଏଲ୍‌ର ଦକ୍ଷିଣ ଭାଗରେ ହମାସ୍ ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ସେମାନଙ୍କ ରକେଟ ମାଡ଼ରେ ଇସ୍ରାଏଲ୍ ସମେତ ବିଭିନ୍ନ ଦେଶର ପ୍ରାୟ ୧୨୦୦ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୫୧ ପାଲେଷ୍ଟିନୀୟଙ୍କୁ ଆତଙ୍କବାଦୀମାନେ ଅପହରଣ କରି ନେଇଥିଲେ। ଇସ୍ରାଏଲ୍ ଏହାର ଜବାବ ଦେବାକୁ ଯାଇ ଗାଜା ଉପରେ ଦୀର୍ଘମିଆଦୀ ଆକ୍ରମଣ ଯୋଜନା କରିଥିଲା। ତଦନୁସାରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିର୍ଦ୍ଦେଶକ୍ରମେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପାଲେଷ୍ଟିନୀୟ ଭୂଖଣ୍ଡ ଗାଜା ଷ୍ଟ୍ରିପ୍‌କୁ ପର୍ଯ୍ୟାୟକ୍ରମେ ଦଖଲକରି ଚାଲିଥିଲା। ସେବେଠୁ ଇସ୍ରାଏଲ୍ ପକ୍ଷରୁ ଚାଲିଥିବା ରକେଟ ଓ ମିଶାଇଲ୍ ମାଡ଼ରେ ଅଦ୍ୟାବଧି ୬୭,୦୦୦ ପାଲେଷ୍ଟିନୀୟ ନିହତ ହେଲେଣି। ଇତିମଧ୍ୟରେ ହମାସ୍ ଏବଂ ହୁଟି, ହେଜ୍‌ବୋଲ୍ଲା ଭଳି ଏହାର ସହଯୋଗୀ ସଶସ୍ତ୍ର ସଙ୍ଗଠନଗୁଡ଼ିକର ବହୁ ନେତାଙ୍କୁ ଇସ୍ରାଏଲ୍ ନିପାତ କରିସାରିଲାଣି। ହମାସ୍ ପର୍ଯ୍ୟାୟକ୍ରମେ ଅଧିକାଂଶ ପଣବନ୍ଦୀଙ୍କୁ ଛାଡ଼ିଦେଇଛି କିମ୍ବା ହତ୍ୟା କରିଛି। ଅବଶିଷ୍ଟ ୪୮ ଜଣଙ୍କ ମଧ୍ୟରୁ ୨୦ ଜୀବିତ ଥିବାବେଳେ ୨୮ ଜଣଙ୍କ ମୃତ୍ୟୁ ଘଟିଥିବା ଇସ୍ରାଏଲ୍ ମନେକରେ। ଜୀବିତ ପଣବନ୍ଦୀଙ୍କୁ ମୁକ୍ତ କରି ଫେରାଇ ଆଣିବା ପାଇଁ ତେଲ୍ ଆଭିଭ୍ ସମେତ ଇସ୍ରାଏଲ୍‌ର ଅନେକ ସହରରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ବିରୋଧରେ ବିକ୍ଷୋଭ ମୁଣ୍ଡ ଟେକିଥିଲା। ଯୁଦ୍ଧବିରତି ଓ ପଣବନ୍ଦୀଙ୍କ ମୁକ୍ତି ଚାପ ବଢ଼ିଚାଲିଥିବାବେଳେ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍, ଯିଏକି ନିର୍ବାଚନ ପ୍ରଚାର ବେଳେ ଇସ୍ରାଏଲ୍-ହମାସ୍ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯୁଦ୍ଧକୁ ୨ ବର୍ଷ ୨ ଦିନ ବିତିଯିବା ପରେ ଟ୍ରମ୍ପ୍‌ଙ୍କ ସେହି ଟାଣପଣର ସୁଫଳ ଦେଖିବାକୁ ମିଳିଛି। ଟ୍ରମ୍ପ୍‌ଙ୍କ ୨୦ ସୂତ୍ରୀ ଗାଜା ଶାନ୍ତି ଯୋଜନାରେ ଉଭୟ ଇସ୍ରାଏଲ୍ ଓ ଆତଙ୍କବାଦୀ ସଙ୍ଗଠନ ହମାସ୍ ସହମତି ପ୍ରକାଶ କରିଛନ୍ତି। ଏବେ ସେହି ପଣବନ୍ଦୀମାନଙ୍କ ଘର ବାହୁଡ଼ାକୁ ଇସ୍ରାଏଲୀମାନେ ଅପେକ୍ଷା କରିଥିବାବେଳେ ଗାଜା ଷ୍ଟ୍ରିପ୍ ମଧ୍ୟ ୨,୦୦୦ ବନ୍ଦୀଙ୍କ ମୁକ୍ତିକୁ ଅନେଇ ରହିଛି।

ପୂର୍ବ ନିର୍ଦ୍ଧାରିତ ଯୋଜନା ମୁତାବକ ଇଜିପ୍ଟର ବିଚ୍ ରିସର୍ଟ ଶର୍ମ ଏଲ୍-ଶେଖ୍‌ରେ କାତାର, ଇଜିପ୍ଟ, ତୁର୍କୀ, ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ଅଧିକାରୀମାନେ ମଧ୍ୟସ୍ଥତା କରି ଇସ୍ରାଏଲ୍-ହମାସ୍ ଯୁଦ୍ଧାବସାନର ସୂତ୍ର ବାହାରକଲେ। ଟ୍ରମ୍ପ୍ ଏକ ଅବିଶ୍ୱସନୀୟ ତଥା ଚମତ୍କାର ଡିଲ୍ ପାଇଁ ନିଜ ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ନେତାନ୍ୟାହୁଙ୍କୁ ଫୋନ୍ କଲ୍ କରି ସେ କହିଛନ୍ତି, ଆପଣ ସମଗ୍ର ବିଶ୍ୱ ସହ ଲଢ଼େଇ କରିପାରିବେ ନାହିଁ। ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ବୁଧବାର ରାତିରେ ଉଲ୍ଲେଖ କରିଛନ୍ତି, ସମ୍ଭବତଃ ସୋମବାର ଆଉ ୪୮ ପଣବନ୍ଦୀ ମୁକ୍ତ ହେବେ। ଗାଜାରେ ଏକ ବିପଜ୍ଜନକ ସ୍ଥିତି ଉପୁଜିଛି। ହମାସ୍‌ର ଟନେଲ ଭିତରେ ରହିଥିବା ନିରୀହମାନେ ନିଜ ଘରକୁ ଫେରିବେ। ଇସ୍ରାଏଲୀମାନେ ନିଜ ଘରକୁ ଫେରୁଥିବାରୁ ଦେଶବ୍ୟାପୀ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ନିଜ ଆତ୍ମୀୟଙ୍କ ଟିକିଏ ଝଲକ ପାଇବା ପାଇଁ ଇହୁଦୀଙ୍କ ମଧ୍ୟରେ ଦେଖାଦେଇଛି ଅଭୂତପୂର୍ବ ଉନ୍ମାଦନା।

ନିଜ ସମ୍ପର୍କୀୟଙ୍କୁ ଅପେକ୍ଷା କରିଥିବା ଆଭି କୋଜ୍‌ମ୍ୟାନ୍ କହିଛନ୍ତି, ଭଗବାନ ଚମତ୍କାର କରୁଛନ୍ତି। ଏହା ଆମେ ଅତୀତରେ ଜାଣିଥିଲୁ। କିନ୍ତୁ ଆଜି ତାହା ଦେଖିବାକୁ ପାଉଛୁ। ବିଭିନ୍ନ ସହରରେ ଏବେ ନାଚଗୀତର ଆସର। ପଣବନ୍ଦୀଙ୍କୁ ସ୍ୱାଗତ କରିବା ପାଇଁ ଅନେକ କାର୍ଯ୍ୟକ୍ରମର ଆୟୋଜନ।



ତେଲ୍ ଆଭିଭ୍‌ର 'ହୋଷ୍ଟେଜେସ୍ ସ୍କୋୟାର'ରେ ପଣବନ୍ଦୀ ମଟନ୍ ଜାଙ୍ଗଉକେରଙ୍କ ମା' ଏକ ହୋଷ୍ଟେଜ୍‌ମାନଙ୍କ ଫଟୋ ଥିବା ଇସ୍ରାଏଲୀ ପତାକା ଧରି ଖୁସି ବ୍ୟକ୍ତ କରୁଛନ୍ତି।

# ଜୈଶ୍ ମହିଳା ଶାଖା: ମାସୁଦ ଅଜହରଙ୍କ ଭଉଣୀ ମଙ୍ଗ ଧରିବେ

ଇସ୍‌ଲାମାବାଦ, ୯।୧୦

ପାକିସ୍ତାନସ୍ଥିତ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ନିଜ ରଣନୀତିରେ ବଡ଼ ପରିବର୍ତ୍ତନ କରିଛି। ଏହି ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ପ୍ରଥମ ଥର ପାଇଁ ମହିଳାଙ୍କର ଏକ ନୂତନ ଶାଖା ସୃଷ୍ଟି କରାଯାଇଛି। ଏହି ମହିଳା ଶାଖାର ନାମ 'ଜମାତ-ଉଲ୍-ମୋମିନାତ' ରଖାଯାଇଛି। ଏନେଇ ଜେଇଏମ୍ ମୁଖ୍ୟ ତଥା ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ମୌଲାନା ମାସୁଦ ଅଜହରଙ୍କ ନାମରେ ଗୁରୁବାର ଜାରି ହୋଇଥିବା ଏକ ଚିଠି ମାଧ୍ୟମରେ ସୂଚନା ଦିଆଯାଇଛି। ଜେଇଏମ୍‌ର ଏହି ନୂତନ ଶାଖା ସମ୍ପୂର୍ଣ୍ଣ ଭାବେ ମହିଳାଭିତ୍ତିକ ରହିବ। ବୁଧବାରଠାରୁ ଏହି ନୂତନ ଶାଖା ପାଇଁ ମହିଳାଙ୍କ ନିଯୁକ୍ତି ଆରମ୍ଭ ହୋଇଛି। ଏହି ମହିଳା ଶାଖାର ନେତୃତ୍ୱ ମାସୁଦଙ୍କ ଭଉଣୀ ସାଦିଆ ଅଜହର ନେବେ। ଗତ ମେ' ୭ରେ ଭାରତ ପକ୍ଷରୁ ହୋଇଥିବା ଅପରେଶନ ସିନ୍ଦୂରରେ ପାକିସ୍ତାନରେ ଥିବା ଜେଇଏମ୍‌ର ଠିକଣାକୁ ଧ୍ୱଂସ କରାଯାଇଥିଲା। ଏଥିରେ ସାଦିଆଙ୍କ ସ୍ୱାମୀ ୟୁସୁଫ ଅଜହରଙ୍କ ମୃତ୍ୟୁ ହୋଇଥିଲା।

# ଭାଜପାରୁ ଇସ୍ତଫା ଦେଲେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ

ଗୁଆହାଟୀ, ୯।୧୦

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆସାମ ନାଗାଓଁ ଲୋକ ସଭା ଆସନରୁ ୧୯୯୯ରୁ ୨୦୧୯ ପର୍ଯ୍ୟନ୍ତ ୪ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ରାଜେନ୍ ଗୋହେନ୍ ଇସ୍ତଫା



ଦେଇଛନ୍ତି। ତାଙ୍କ ସହ ଦଳର ୧୭ ଅନ୍ୟ ସଦସ୍ୟ ମଧ୍ୟ ଇସ୍ତଫା ଦେଇଛନ୍ତି। ଆସାମରେ ଭାଜପା ସରକାର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ ଏବଂ ସ୍ଥାନୀୟ ସମୁଦାୟ ଧୋକା ଦେଇଥିବା ନେଇ ରାଜେନ୍ ଅଭିଯୋଗ ଆଣିଛନ୍ତି। ୨୦୧୬ରୁ ୨୦୧୯ ମଧ୍ୟରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଙ୍କ ପ୍ରଥମ କାର୍ଯ୍ୟକାଳରେ ସେ ରେଳ ରାଷ୍ଟ୍ର ମନ୍ତ୍ରୀ ଥିଲେ। ରାଜେନ୍ ଆସାମ ଭାଜପାର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

# ବିହାର ନିର୍ବାଚନ, ଆଜିଠୁ ନାମାଙ୍କନ

**ମହାମେଣ୍ଟ କ୍ଷମତାକୁ ଆସିଲେ ପ୍ରତି ଘରେ ସରକାରୀ ଚାକିରିଆ: ତେଜସ୍ୱୀ**

ପାଟନା,୯।୧୦

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଶୁକ୍ରବାରଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେଉଥିବାବେଳେ ଉଭୟ ଶାସକ ଓ ବିରୋଧୀ ପକ୍ଷ ନିଜ ନିଜ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ। ଶାସକ ଏନ୍‌ଡିଏ ବିରୋଧରେ କଂଗ୍ରେସ ଗୁରୁବାର ଏକ ଚାର୍ଜଶିଟ୍ ଆଣିଥିବାବେଳେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ସରକାର ଲୋକଙ୍କୁ ପ୍ରଲୋଭିତ କରିବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ଆଣିଛନ୍ତି। ଏସବୁ ଭିତରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀତାଲିକା ଜାରି କରିଛି। ଏହି ତାଲିକାରେ ଜଣେ କିନ୍ନର, କେତେଜଣ, ପୂର୍ବତନ ଅମଲାତନ୍ତ୍ରୀ, ଆଇନଜୀବୀ ଓ ଡାକ୍ତରଙ୍କ ସମେତ ୫୧ ପ୍ରାର୍ଥୀଙ୍କ ନାମ ରହିଛି। ଆଗାମୀ ଦିନେ କିମ୍ବା ୨ ଦିନରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀତାଲିକା ଘୋଷଣା କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ତେଜସ୍ୱୀ କହିଛନ୍ତି, ଆର୍‌ଜେଡି ନେତୃତ୍ୱାଧୀନ ବିରୋଧୀ ମହାମେଣ୍ଟ ବିହାରରେ କ୍ଷମତାକୁ ଆସିବାର ୨୦ ଦିନ ମଧ୍ୟରେ ଏକ ଆଇନ ଅଣାଯିବ। ତଦନୁସାରେ ରାଜ୍ୟର ପ୍ରତ୍ୟେକ ପରିବାରରୁ ଅନ୍ୟୂନ ଜଣେ ଲେଖାଏ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯିବ, ଯାହାକି ଏନ୍‌ଡିଏ ସରକାର ୨୦ ବର୍ଷ ଶାସନ କାଳରେ କରିପାରି ନ ଥିଲେ ବୋଲି ସେ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ନଭେମ୍ବର ୬ରେ ୧୨୧ ଆସନରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ଶୁକ୍ରବାରଠାରୁ ଆସନ୍ତା ୧୭ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ଲାଗି ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି।

# 'କଟିଥିବା ୩.୬୬ ଲକ୍ଷ ଭୋଟରଙ୍କୁ ସାହାଯ୍ୟ କରନ୍ତୁ ବିଏସ୍‌ଏଲ୍‌ଏସ୍‌ଏ'

ନୂଆଦିଲ୍ଲୀ,୯।୧୦

ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଲାଗୁ ହେବା ଯୋଗୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୩.୬୬ ଲକ୍ଷ ଭୋଟରଙ୍କୁ ଆଇନଗତ ସେବା ପ୍ରଦାନ ପାଇଁ ବିହାର ଷ୍ଟେଟ୍ ଲିଗାଲ ସର୍ଭିସ୍ ଅଥରିଟି (ବିଏସ୍‌ଏଲ୍‌ଏସ୍‌ଏ)ଙ୍କୁ ଗୁରୁବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଏସ୍‌ଏଲ୍‌ଏସ୍‌ଏ ଏହାର ଜିଲାସ୍ତରୀୟ ସଂସ୍ଥାଗୁଡ଼ିକୁ ଏନେଇ ସହଯୋଗ କରିବା ସକାଶେ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ସେହିପରି ଏସ୍‌ଆଇଆର୍ ପ୍ରକ୍ରିୟାରେ ପ୍ରସ୍ତୁତ ନୂଆ ଭୋଟର ତାଲିକାକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟ ନିଜ ଆପତ୍ତି ଅଭିଯୋଗ ଜଣାଇବା ଉଚିତ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

**କଫ୍ ସିରପ୍ ମୃତ୍ୟୁ ମାମଲା**

# କେନ୍ଦ୍ରକୁ ଜବାବ ମାଗିଲା ଡବ୍ଲ୍ୟୁଏଚ୍‌ଓ

ନୂଆଦିଲ୍ଲୀ, ୯।୧୦

ଭାରତରେ କଫ୍ ସିରପ ପିଇ ହେଉଥିବା ମୃତ୍ୟୁ ମାମଲାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଛି। କଫ୍ ସିରପ ରପ୍ତାନିରେ ଭାରତ ଅଗ୍ରଣୀ ଦେଶ ହୋଇଥିବାବେଳେ ଯେଉଁ କଫ୍ ସିରପ ପିଇ ମୃତ୍ୟୁ ମାମଲା ସାମ୍ନାକୁ ଆସୁଛି, ସେଗୁଡ଼ିକୁ ଅନ୍ୟ କେଉଁ

**୩ କଫ୍ ସିରପ୍ ବନ୍ଦ କରାଯାଇଥିବା କହିଲା ସିଡିଏସ୍‌ସିଓ**



ଦେଶକୁ ରପ୍ତାନି କରାଯାଇଛି ବୋଲି ଭାରତୀୟ ଅଧିକାରୀଙ୍କୁ ଡବ୍ଲ୍ୟୁଏଚ୍‌ଓ ପ୍ରଶ୍ନ କରିଛି। ଭାରତରୁ ଜବାବ ମିଳିବା ପରେ ଏହି କଫ୍ ସିରପକୁ ନେଇ ସାରା ବିଶ୍ୱକୁ ସତର୍କତା ଜାରି କରାଯିବ ବୋଲି ଡବ୍ଲ୍ୟୁଏଚ୍‌ଓର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କାଶ ଏବଂ ଥଣ୍ଡା ପାଇଁ ବ୍ୟବହୃତ କୋଲଡ୍ରିଫ୍ କଫ୍ ସିରପକୁ ନେଇ ବର୍ତ୍ତମାନ ସୁଦ୍ଧା ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୌଣସି ଚେତାବନୀ ବା ସତର୍କତା ଜାରି ହୋଇନାହିଁ। ଭାରତରେ କଫ୍‌ସିରପ ପିଇ ହେଉଥିବା ମୃତ୍ୟୁ ମାମଲାକୁ ନେଇ ଡବ୍ଲ୍ୟୁଏଚ୍‌ଓ ଚିନ୍ତା ପ୍ରକଟ କରିଛି। ଭାରତରେ ପିଲାମାନଙ୍କୁ ଦିଆଯାଉଥିବା ଔଷଧକୁ କିପରି ଭାବେ ନୀରିକ୍ଷଣ କରାଯାଇଥାଏ, ସେନେଇ ମଧ୍ୟ ଡବ୍ଲ୍ୟୁଏଚ୍‌ଓ ପ୍ରଶ୍ନ କରିଛି।

କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ପକ୍ଷରୁ ଗୁରୁବାର ଡବ୍ଲ୍ୟୁଏଚ୍‌ଓ କରିଥିବା ପ୍ରଶ୍ନର ଉତ୍ତର ରଖାଯାଇଛି। ସିଡିଏସ୍‌ସିଓ ପକ୍ଷରୁ କୁହାଯାଇଛି, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ କଫ୍ ସିରପ ଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସିବା ପରେ କୋଲ୍‌ଡ୍ରିଫ୍, ରେସ୍ପିଫ୍ରେଶ୍‌ଟିଆର୍ ଏବଂ ରିଲାଇଫ୍ କଫ୍ ସିରପକୁ ମେଡିକାଲ ଷ୍ଟୋରଗୁଡ଼ିକରୁ ପ୍ରତ୍ୟାହାର କରାଯାଇଥିବା ସହ ଏହାର ଉତ୍ପାଦନ ବନ୍ଦ କରିବାକୁ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ୩ କଫ୍‌ସିରପ ମଧ୍ୟରୁ କୌଣସିଟିକୁ ମଧ୍ୟ ଭାରତରୁ ଅନ୍ୟ ଦେଶକୁ ରପ୍ତାନି କରାଯାଇନାହିଁ ବୋଲି ଉତ୍ତରରେ ସିଡିଏସ୍‌ସିଓ କହିଛି।

# ଫାର୍ମା କମ୍ପାନୀ ମାଲିକ ଗିରଫ

**ଆଜି ସୁପ୍ରିମକୋର୍ଟରେ ଶୁଣାଣି**

ଭୋପାଳ/ଚେନ୍ନାଇ/ନୂଆଦିଲ୍ଲୀ, ୯।୧୦

ତାମିଲନାଡୁର କାଞ୍ଚିପୁରମସ୍ଥିତ ଶ୍ରୀସନ ଫାର୍ମାସ୍ୟୁଟିକଲ୍ସ ଦ୍ୱାରା ନିର୍ମିତ କୋଲଡ୍ରିଫ୍ କଫ୍‌ସିରପ୍ ପିଇ ଗୁରୁବାର ସୁଦ୍ଧା ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ୨୨ ଜଣଙ୍କର ମୃତ୍ୟୁ ଘଟିଛି। ଏହି ମାମଲାରେ ମଧ୍ୟପ୍ରଦେଶ ପୋଲିସ ଗୁରୁବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀସନ ଫାର୍ମାସ୍ୟୁଟିକଲ୍ସର ମାଲିକ ଏସ୍ ରଙ୍ଗନାଥନଙ୍କୁ ଗିରଫ କରିଛି। ଏନେଇ ମଧ୍ୟପ୍ରଦେଶର ଛିନ୍ଦୱାରା ଏସ୍‌ପି ଅଜୟ ପାଣ୍ଡେ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ରଙ୍ଗନାଥନଙ୍କୁ ଚେନ୍ନାଇର ଏକ ଅଦାଲତରେ ହାଜର କରାଯିବ। ପୋଲିସ ଟ୍ରାଞ୍ଜିଟ୍ ରିମାଣ୍ଡ ପାଇବା ପରେ ତାଙ୍କୁ ଛିନ୍ଦୱାରା ନିଆଯିବ ବୋଲି ସେ କହିଛନ୍ତି। ତେବେ କଫ୍ ସିରପ୍ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଏବଂ ଭାରତରେ ଔଷଧ ସୁରକ୍ଷା ଢାଞ୍ଚାର ବ୍ୟାପକ ସଂସ୍କାର ପାଇଁ ଦାବି କରି ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ଗୁରୁତ୍ୱ ଦେଇ ଶୁକ୍ରବାର ଏହାର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍ ଏବଂ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଶୁକ୍ରବାର ଏହି ପିଟିଶନର ଶୁଣାଣି କରିବେ। ଅନ୍ୟପକ୍ଷେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ପକ୍ଷରୁ ଗୁରୁବାର କଫ୍ ସିରପ୍ ନିର୍ମାତାଙ୍କର ପରୀକ୍ଷା, ଯାଞ୍ଚ୍ ଏବଂ ଅଡିଟ୍ ପାଇଁ ଏକ ପ୍ୟାନ୍ ଇଣ୍ଡିଆ ଅଭିଯାନ ଆରମ୍ଭ କରାଯାଇଛି।

# ଭାରତକୁ ମିଶାଇଲ ଯୋଗାଇବ ବ୍ରିଟେନ୍

- ୪୬୮ ନିୟୁତ ଡଲାର ଚୁକ୍ତି
- ଆର୍ଥିକ ମହାଶକ୍ତି ହେବାକୁ ଯାଉଛି ଭାରତ: ଷ୍ଟାର୍ମର

ମୁମ୍ବାଇ, ୯।୧୦

ମୁମ୍ବାଇସ୍ଥିତ ରାଜଭବନଠାରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଦ୍ୱିପାକ୍ଷିକ ଆଲୋଚନା ହୋଇଯାଇଛି। ଏହି ଅବସରରେ ଭାରତ ଏବଂ ବ୍ରିଟେନ୍ ୪୬୮ ମିଲିୟନ ଡଲାର (ପ୍ରାୟ ୩୮୮୪ କୋଟି ଟଙ୍କା)ର ଏକ ପ୍ରମୁଖ ପ୍ରତିରକ୍ଷା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ବ୍ରିଟେନ୍ ଭାରତୀୟ ସେନାକୁ ବେଲଫାଷ୍ଟରେ ନିର୍ମିତ ଲାଇଟୱେଟ୍ ମଲ୍ଟିରୋଲ୍ ମିଶାଇଲ (ଏଲ୍‌ଏମ୍‌ଏମ୍) ଯୋଗାଇବ। ଏହାଦ୍ୱାରା ଭାରତୀୟ ସେନା ସଶକ୍ତ ହେବ। ଏହି ଅବସରରେ ଷ୍ଟାର୍ମର କହିଛନ୍ତି, ଗତ ଜୁଲାଇରେ ଭାରତ ଓ ବ୍ରିଟେନ୍ ମଧ୍ୟରେ ଟ୍ରେଡ୍ ଡିଲ୍ ହୋଇଥିଲା। ଏହା ୨ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ଓ ବ୍ରିଟେନ୍ ମଧ୍ୟରେ ବ୍ୟବସାୟ ପାଇଁ ଏହା ସୁଯୋଗ ପ୍ରଦାନ କରିଛି। ଏକ ବଡ଼ ବ୍ୟବସାୟିକ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଇ ଭାରତ ଗସ୍ତକୁ ଆସିଛି। ଏକ ଆର୍ଥିକ ମହାଶକ୍ତି ହେବା ଦିଗରେ ଭାରତ ଅଗ୍ରସର ହେଉଛି। ୨୦୨୮ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବେ ପରିଣତ ହେବ ବୋଲି ଷ୍ଟାର୍ମର କହିଛନ୍ତି।



ମୁମ୍ବାଇ ରାଜଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବ୍ରିଟେନ୍ ପ୍ରତିପକ୍ଷ କିର୍ ଷ୍ଟାର୍ମର।

# କଟକ ହିଂସା ପଛରେ ବଜରଙ୍ଗ ଦଳ, ଭାଜପା ସରକାର: ମମତା

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

**କଟକ ହିଂସାକୁ ନେଇ ମମତାଙ୍କ ପ୍ରତିକ୍ରିୟା ପରେ ରାଜନୀତି**

- ଓଡ଼ିଶାକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି ମମତା: ଆଇନ ମନ୍ତ୍ରୀ
- ସମସ୍ତେ ଦେଖୁଛନ୍ତି ପଶ୍ଚିମବଙ୍ଗରେ କ'ଣ ସବୁ ଚାଲିଛି: ମନମୋହନ

କଟକ ପ୍ରସଙ୍ଗକୁ ନେଇ ଏକ ନୂଆ ରାଜନୀତି ଜୋର୍ ଧରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଟକ ଘଟଣା ନେଇ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ମମତା କହିଛନ୍ତି, କଟକ ବର୍ତ୍ତମାନ ଜଳୁଛି। ସେଠାରେ କେମିତି ଆକ୍ରମଣ କରାଗଲା ତାହା ସମସ୍ତେ ଦେଖିଛନ୍ତି। ଭାଜପା ସରକାର କଟକରେ ସାମ୍ପ୍ରଦାୟିକ ହିଂସା ଭିଆଇଛି। ବଜରଙ୍ଗ ଦଳ ଏବଂ ଭାଜପା ସରକାର ସେହି ଘଟଣା ସାମ୍ପ୍ରଦାୟିକ ଦଙ୍ଗା ଘଟିବା ପଛରେ ଅଛନ୍ତି। ସେଠାକାର ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ନାହିଁ। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ସେହି ସରକାର ଦିନେ ଦେଶକୁ ଶେଷ କରିଦେବ। ବହୁ ସରକାର ଦେଖିଛି, କିନ୍ତୁ ଏମିତି ଅହଙ୍କାରୀ ଏବଂ ସ୍ୱେଚ୍ଛାଚାରୀ ସରକାର ଦେଖିନାହାନ୍ତି। ସେମାନେ ମନେ ରଖିବା ଦରକାର ଏବେ କ୍ଷମତା ଅଛି କାଲି କି ନ ଥିବ। କୌଣସି ଜିନିଷ ସ୍ଥାୟୀ ନୁହେଁ ବୋଲି ମମତା କହିଛନ୍ତି।

କଟକ ପ୍ରସଙ୍ଗରେ ମମତାଙ୍କ ଏଭଳି ପ୍ରତିକ୍ରିୟା ପରେ ରାଜ୍ୟ ଭାଜପାର ନେତା ଓ ମନ୍ତ୍ରୀମାନେ ପାଲଟା ଜବାବ ଦେବା ଆରମ୍ଭ କରିଦେଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ଜବାବ ଦେଇ କହିଛନ୍ତି, ପଶ୍ଚିମବଙ୍ଗରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମମତା ପ୍ରଥମେ ନିଜ କଥା ବୁଝନ୍ତୁ। କଟକରେ ଯାହା ଘଟିଥିଲା ସେଇଟା ଗୋଟେ ଦୁର୍ଘଟଣା। ସରକାର ଏହାକୁ ନିୟନ୍ତ୍ରଣକୁ ଆଣିଛନ୍ତି। କଟକର ପରିସ୍ଥିତି ସେଠାର ପରିବେଶ ଯେଉଁଭଳି ଆଗରୁ ଥିଲା ଏବେ ଶାନ୍ତ ଅଛି। ଶାନ୍ତ ଥିବା କଟକକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ କଥା। ପଶ୍ଚିମବଙ୍ଗରେ ପ୍ରତିଦିନ କ'ଣ ଘଟୁଛି ସେକଥା ମମତା ବାନାର୍ଜୀ ଠିକ୍ ଢଙ୍ଗରେ ଦେଖିଲେ ଅନୁଭବ କରିବେ ତାଙ୍କର ବିଫଳତା, ଅକ୍ଷମତାର କାରଣ। ପଶ୍ଚିମବଙ୍ଗରେ ବର୍ତ୍ତମାନ ଆଇନ ଶୃଙ୍ଖଳା ବିଗିଡ଼ିଯାଇଛି। ମମତାଙ୍କଠାରୁ କୌଣସି ଟିପ୍ପଣୀ ଆଶା କରାଯାଉନାହିଁ। ସରକାରଙ୍କ ଉପରେ ଓଡ଼ିଶାବାସୀଙ୍କ ଭରସା ଅଛି। ମମତା ଓଡ଼ିଶାକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି। ଓଡ଼ିଶାର ଭାଷା, ସଂସ୍କୃତିକୁ ବଦନାମ କରିବାକୁ ସେ କୌଣସି ସୁଯୋଗ ଛାଡୁନାହାନ୍ତି। ପଶ୍ଚିମବଙ୍ଗଠାରୁ ଆମେ କିଛି ଟିପ୍ପଣୀ ଆଶା କରୁନାହୁଁ ବୋଲି ଆଇନମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ମମତା ବାନାର୍ଜୀଙ୍କ ଉପରେ ପ୍ରତିକ୍ରିୟା ଦେବାକୁ ଠିକ୍ ଭାବୁନାହିଁ। ସମସ୍ତେ ଦେଖୁଛନ୍ତି ପଶ୍ଚିମବଙ୍ଗରେ କ'ଣ ସବୁ ଚାଲିଛି। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ପଶ୍ଚିମବଙ୍ଗରେ କ'ଣ ଚାଲିଛି ସେନେଇ ସେ ଅଧିକ ତଥ୍ୟ ସଂଗ୍ରହ କରନ୍ତୁ ବୋଲି ମନମୋହନ କହିଛନ୍ତି।

# ଉପର ପଡ଼ିଆରେ ହେବ ଐତିହାସିକ କଟକ ବାଲିଯାତ୍ରା

କଟକ,୯।୧୦(କାର୍ତ୍ତିକ ସାହୁ)

**ହାଇକୋର୍ଟ ଦେଲେ ଅନୁମତି**

ଚଳିତବର୍ଷ ଉପର ପଡ଼ିଆରେ ଐତିହାସିକ ବାଲିଯାତ୍ରା କଟକ ଅନୁଷ୍ଠିତ ହେବ। ଗୁରୁବାର ସହର ସମସ୍ୟାର ଶୁଣାଣି ବେଳେ ହାଇକୋର୍ଟ ଏ ନେଇ ଅନୁମତି ଦେଇଛନ୍ତି। ବାରବାଟୀ ଦୁର୍ଗ ସମ୍ମୁଖ ଉପର ପଡ଼ିଆରେ ବାଲିଯାତ୍ରା କରାଯିବା ସଂକ୍ରାନ୍ତରେ ଜିଲା ପ୍ରଶାସନ ପକ୍ଷରୁ ଦାଖଲ ସତ୍ୟପାଠକୁ ହାଇକୋର୍ଟ ଗ୍ରହଣ କରି ଏଥିପାଇଁ ଅନୁମତି ଦେଇଛନ୍ତି।

ସୂଚନାନୁସାରେ, ଚଳିତବର୍ଷ କେବଳ ମହାନଦୀ ପଠା ତଳପଡ଼ିଆରେ ବାଲିଯାତ୍ରା କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ହେଲେ ଉପର ପଡ଼ିଆରେ ବାଲିଯାତ୍ରା ବନ୍ଦ କରାଯିବାକୁ ନେଇ ବିଭିନ୍ନ ମହଲରୁ ଚାପ ପଡ଼ିବା ପରେ ନାନା ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହାପରେ ଜିଲା ପ୍ରଶାସନ ଗତ ସେପ୍ଟେମ୍ବର ୨୯ରେ ସହରର ନେତୃବର୍ଗଙ୍କୁ ନେଇ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ କରିଥିଲା। ସର୍ବସମ୍ମତିକ୍ରମେ ଉପର ପଡ଼ିଆରେ ବାଲିଯାତ୍ରା କରାଇବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତଦନୁସାରେ ଅକ୍ଟୋବର ୯ରେ ହାଇକୋର୍ଟରେ ହେବାକୁ ଥିବା ଶୁଣାଣିରେ ଜିଲା ପ୍ରଶାସନ ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଅବଗତ କରାଇବାକୁ ନିଷ୍ପତ୍ତି ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବୈଠକ ପରେ ସୂଚନା ଦେଇଥିଲେ। ଜିଲାପାଳ ଆହୁରି ମଧ୍ୟ କହିଥିଲେ ଯେ, ଉପର ପଡ଼ିଆରେ ବାଲିଯାତ୍ରା ଐତିହାସିକ ସ୍ମୃତି ହୋଇଥିବାରୁ ଏଠାରେ ବାଲିଯାତ୍ରା କରାଇବାକୁ ଦାବି ଉଠିଥିଲା। ସମସ୍ତ ପ୍ରସଙ୍ଗକୁ ଦୃଷ୍ଟି ଦେଇ ଉପରପଡ଼ିଆରେ ବାଲିଯାତ୍ରା କରିବା ନିମନ୍ତେ ପୁଣି ଜିଲା ପ୍ରଶାସନ ସ୍ଥିର କରିଛି। ତେବେ ଏଠାରେ ବାଲିଯାତ୍ରାର ସାଙ୍କେତିକତା ବହନ କରୁଥିବା କେତେକ ଷ୍ଟଲ ସହ ଆଉ କ'ଣ କରାଯାଇପାରିବ ତାହା ଉପରେ ଯୋଜନା ପ୍ରସ୍ତୁତ କରାଯିବ। ଟ୍ରାଫିକ୍ ସମସ୍ୟା, ତଳପଡ଼ିଆ–ଉପରପଡ଼ିଆ ମଧ୍ୟରେ ଯାତାୟାତ ବେଳେ ଅସ୍ୱସ୍ତିକର ପରିସ୍ଥିତିକୁ ତୁଲାଇବା ଭଳି ପଦକ୍ଷେପ ନିଆଯିବ। ସର୍ବୋପରି ପୂରା ଯୋଜନା ଉପରେ ହାଇକୋର୍ଟଙ୍କୁ ଅବଗତ କରାଯିବ। ହାଇକୋର୍ଟ ଏ ନେଇ ଅନୁମତି ଦେଲେ ସିଙ୍ଗଲ ୱିଣ୍ଡୋ ଜରିଆରେ ଉପରପଡ଼ିଆ ପାଇଁ ପ୍ଲଟ ଆବଣ୍ଟନ କରାଯିବ ବୋଲି ଜିଲାପାଳ ସ୍ପଷ୍ଟ କରିଥିଲେ।






# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ମହିଳା ଦକ୍ଷତା ସମିତିର ୩୩ତମ ବାର୍ଷିକୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସମୟ : ସକାଳ ୯ଟା ୩୦।
- ୭ମ ଗୋପୀକୃଷ୍ଣ ଉତ୍ସବ ୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳନ ; ଯୋଗ ଶିବିର, ସ୍ଥାନ: ଇନ୍ଦିରା ଗାନ୍ଧୀ ପାର୍କ, ସମୟ: ସକାଳ ୭ଟା। – ସ୍ୱାସ୍ଥ୍ୟ ପରୀକ୍ଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ୧୦ଟା। – ସଭା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଏସୀୟ ଟେବୁଲ୍ ଟେନିସ ଚାମ୍ପିୟନଶିପ୍ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଟେନିସ ସେଣ୍ଟର ଅଡିଟୋରିୟମ୍, କଳିଙ୍ଗ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ସେନାର ପ୍ରତିଷ୍ଠା ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଚଳଚ୍ଚିତ୍ର 'ଜୀବନଦାନ– ପୁନରୁଦ୍ଧାର' ଟ୍ରେଲର ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ଅହିଂସା ଉତ୍ସବ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

### ପୁରୀ
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ପୌର ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ରେଲୱେ ଷ୍ଟେସନ ଅଟୋ ଚାଳକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ରେଲୱେ ଷ୍ଟେଶନ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସ ପକ୍ଷରୁ ଭୋଟ ଚୋରି ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମେଡିକାଲ ଛକ, ସମୟ: ସନ୍ଧ୍ୟା ୬ଟା।
- ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜାଗେଶ୍ୱରୀ ଛକ, ବାଲିଘାଟ, ସମୟ: ସନ୍ଧ୍ୟା ୬ଟା।

### ବାଲେଶ୍ୱର
- ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଭଦ୍ରକ
- କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଚରମ୍ପା ଅବନ୍ତିକା ଆଇଟିଆଇ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି, ସ୍ଥାନ: ନୀଳମଣି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦୁଝର
- ସମାଜସେବୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ପାଟଣା ବ୍ଲକ ସଭାଗୃହ ,ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଉତ୍ତରାମୁଖୀ ଓ ଖୋଡାସିଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ବ୍ରହ୍ମପୁର ଆଇଟିଆଇ ସମ୍ମିଳନୀ ଗୃହ, ସମୟ: ସକାଳ ୮ଟା।
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ଏମ୍‌କେସିଜି ମେଡିକାଲ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସିପିଏମ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବ୍ରହ୍ମପୁର ଆରଡିସି ଅଫିସ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

### ଗଞ୍ଜାମ
- ଗଞ୍ଜାମ ଜିଲା ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା, ସ୍ଥାନ: ହିଞ୍ଜିଳିକାଟୁ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଆସିକା ପଞ୍ଚାୟତସମିତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପାତ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।
- ବଟେଶ୍ୱର ପୀଠରେ ପ୍ରସ୍ତୁତି ବୈଠକ, ସ୍ଥାନ: ଗଞ୍ଜାମ ବଟେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ନାମଯଜ୍ଞ ଅଧିବାସ ସ୍ଥାନ: ଛତ୍ରପୁର ଲୋୟାର ବସଷ୍ଟାଣ୍ଡ, ସମୟ: ଅପରାହ୍ନ ୫ଟା।

### କନ୍ଧମାଳ
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିତୀୟ ଦିଶା ଅଧିବେଶନ, ସ୍ଥାନ: ଫୁଲବାଣୀ ପଞ୍ଚାୟତ ଭବନ, ସମୟ: ଅପରାହ୍ନ ୩ଟା।
- ରାବଣ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୁମ୍ଭାରପଡ଼ା ଫୁଲବାଣୀ, ସମୟ: ରାତି ୮ ଟା।

### ଢେଙ୍କାନାଳ
- ବରିଷ୍ଠ ନାଗରିକ ଦିବସ ଓ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀର ଚତୁର୍ଥ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା ୩୦।

### ଅନୁଗୋଳ
- ଭିନ୍ନକ୍ଷମ ପ୍ରତିଭା ଉତ୍ସବ, ସ୍ଥାନ: ଅନୁଗୋଳ ସରକାରୀ ବାଳିକା ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା ୩୦।
- ଅନୁଗୋଳ ଗୋଶାଳାକୁ ନେଇ ଜିଲା କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲା ବଦଳି କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ବିସ୍ଥାପନ ନେଇ ଜିଲା କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ସାତକୋଶିଆ ବନଖଣ୍ଡରେ ପର୍ଯ୍ୟଟନ ନେଇ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।
- ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ କଲେଜ ଛକ, ସମୟ: ସନ୍ଧ୍ୟା ୬ଟା।
- ଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନାଲ୍‌କୋନଗର ଥାନା ଛକ, ସମୟ: ସନ୍ଧ୍ୟା ୭ଟା।

### ଜଗତ୍‌ସିଂହପୁର
- ପାରାଦୀପ ତୈଳ ବିଶୋଧନାଗାର ସିଆଇଏସ୍ଏଫ୍ ୟୁନିଟ୍ ପକ୍ଷରୁ ସ୍ୱଚ୍ଛତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଆଇଓସିଏଲ୍ ଟାଉନସିପ୍, ପାରାଦୀପ, ସମୟ: ସକାଳ ୭ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଶିଶୁ ଉତ୍ସବ ଉତ୍ସାହ ଓ ମହକ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଶିଶୁ ଆଶ୍ରମ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା।
- ନୂଆବଜାର ବଣିକସଂଘ ଗଜଲକ୍ଷ୍ମୀ ପୂଜା କମିଟିରେ ଭସାଣି କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ମଢ଼ିଆଳ, କେନ୍ଦ୍ରାପଡ଼ା ସହର, ଠାକୁରହାଟ, ତେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁଣ୍ଡୁଡି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

### ଯାଜପୁର
- ଧର୍ମଶାଳା ଗୋପବନ୍ଧୁ ଦାସ ଫାଉଣ୍ଡେଶନ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳନ, ସ୍ଥାନ: ଜାରକାସ୍ଥିତ ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ: ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ପ୍ରାତଃ ୫ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ଼ ବ୍ଲକ ରାମଚଣ୍ଡୀପ୍ରସାଦ, ଭୂତଡିହି,ଗମ୍ଭାରିଡିହି, ନୋତର ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା୩୦।
- ଶହୀଦ ଦିବସ ଓ ତୋପ ସଲାମି, ସ୍ଥାନ: ନୂଆଗାଁ ବ୍ଲକ ପାରାଡ଼ିପି ପଞ୍ଚାୟତ ଥୁଆବାରି ଓ ଗୌଡ ଥୁଆବାରି, ସମୟ:ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ: ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଦୁବାବାଙ୍କ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ:ନୟାଗଡ ବ୍ଲକ ନୂଆ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ କଷ୍ଟି ତାକୁଆଙ୍କ ୮୩ତମ ବଳିଦାନ ଦିବସ, ସ୍ଥାନ: ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ କୁର୍ସିବିଡା, ସମୟ: ମଧ୍ୟାହ୍ନ ୧୨ଟା।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସରେ ସଂକୀର୍ତ୍ତନ, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୨ଟା।
- ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ, ସ୍ଥାନ:ନୟାଗଡ ସହରର ବିଭିନ୍ନ ପୂଜା ମଣ୍ଡପ, ସମୟ:ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜାର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଡ଼ୋଳମରା କୃଷ୍ଣଚନ୍ଦ୍ରପୁର, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପନ ଦିବସ, ସ୍ଥାନ: ଗୋଡ଼ିପଡ଼ା ଷଡ଼ଙ୍ଗୀ ସାହି, ସମୟ:ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସ, ସ୍ଥାନ:ଦଶପଲ୍ଲା ମହାବୀର କ୍ଷେତ୍ର ପୂଜା ମଣ୍ଡପ, ସମୟ:ସନ୍ଧ୍ୟା ୭ଟା।

### ରାୟଗଡ଼ା
- ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବୟସ୍କ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ମୁନିଗୁଡ଼ା ବ୍ଲକ ସମ୍ମିଳନୀ କକ୍ଷ ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ନବରଙ୍ଗପୁର
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତି ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଉମରକୋଟ ଏବଂ ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଫଟାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ, ତେନ୍ତୁଲିଖୁଣ୍ଟି ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ
- ବୟସ୍କ ଦିବସ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦ ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ଷ୍ଟେଟ ବ୍ୟାଙ୍କ ଉଦ୍‌ଘାଟନ, ସ୍ଥାନ: କାକିରିଗୁମା, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

### ମାଲକାନଗିରି
- ଜିଲା ପ୍ରଶାସନର ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ମାଲକାନଗିରି ମାଲ୍ୟବନ୍ତ ଛାତ୍ରାବାସ ପରିସର, ସମୟ: ସକାଳ ୮ଟା।
- ଆସ ସ୍କୁଲ ଯିବା ସମ୍ବନ୍ଧୀୟ ପଦଯାତ୍ରା, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝରାପାଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ବୟସ୍କ ଦିବସ ପାଳନ, ସ୍ଥାନ: ବ୍ଲକ୍ ସଭାଗୃହ, ଚିତ୍ରକୋଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ବାଲିବନ୍ଧା ସ୍ଥିତ ଓଡିଆରସି କେନ୍ଦ୍ର, ସମୟ: ସକାଳ ୯ଟା ୩୦।
- ଶିଶୁଙ୍କ ପାଇଁ ନ୍ୟାୟ କାର୍ଯ୍ୟକ୍ରମ, ସ୍ଥାନ: ଧନୁପାଲି ସ୍ଥିତ ଆଦର୍ଶ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ରାଉରକେଲା
- ମସ୍ତିଷ୍କ ସୁସ୍ଥତା ସମ୍ପର୍କିତ କର୍ମଶାଳା, ସ୍ଥାନ: ସେକ୍ଟର–୧ ଖରିଆବାହାଲ ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ୱାଇସିଏ ପକ୍ଷରୁ କ୍ରିକେଟ ମ୍ୟାଚ୍, ସ୍ଥାନ: ଡିଏଭି ଖେଳ ପଡ଼ିଆ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ମଧୁବୈଶ୍ୟ ସମାଜ ପକ୍ଷରୁ ଶୋକସଭା, ସ୍ଥାନ: ସମାଜ କାର୍ଯ୍ୟାଳୟ, ଜଗଦା, ସମୟ: ଅପରାହ୍ନ ୫ଟା ୩୦।
- କର୍ମଜୀବୀ ମହିଳାଙ୍କ ସାମାଜିକ ସୁରକ୍ଷା ଆଲୋଚନାଚକ୍ର, ସ୍ଥାନ: କୋଏଲନଗର ସୁଭଦ୍ରା ବସ୍ତି, ସମୟ: ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସାମୂହିକ ପ୍ରାର୍ଥନା ସଭା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲାଲ୍ ବିଲ୍‌ଡିଙ୍ଗ, ସମୟ: ସନ୍ଧ୍ୟା ୬ଟା ୩୦।

### ବରଗଡ଼
- ଜିଲାସ୍ତରୀୟ ବିଜ୍ଞାନ ସେମିନାର,ସ୍ଥାନ: ବିଜ୍ଞାନ କେନ୍ଦ୍ର, ଗୁରୁଲା, ବରଗଡ଼, ସମୟ:ସକାଳ ୯ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୯ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

### କଳାହାଣ୍ଡି
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଜେଆଇଙ୍କୁ ଜୋତା ଫିଙ୍ଗିବା ଘଟଣାର ପ୍ରତିବାଦ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ:ଚନ୍ଦ୍ରଚୁଡ ମନ୍ଦିର ଆଳତି ଘାଟ, ବୌଦ୍ଧ, ସମୟ: ସକାଳ ୮ଟା।
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ରାଲି, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ ବୌଦ୍ଧ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସକାଳ ୯ଟା ୩୦।

### ଦେବଗଡ଼
- ମହାଲକ୍ଷ୍ମୀଙ୍କ ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ରିଆମାଳ ମୁଖ୍ୟ ବଜାର, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଭାଗବତ ସପ୍ତାହ ପାରାୟଣ, ସ୍ଥାନ:ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ବିନିକାରେ ରାମାୟଣ ପାରାୟଣ, ସ୍ଥାନ: ନୂଆପଡା ମଦନ ମୋହନ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଗଜଲକ୍ଷ୍ମୀ ପୂଜା ଭସାଣୀ ଉତ୍ସବ, ସ୍ଥାନ: ବାଘମାରି, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ରାମାୟଣ ନବାହ୍ନ ପାରାୟଣ, ସ୍ଥାନ: ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପଡ଼ିଆ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜାର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତୁଳସୀ ରାମାୟଣ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଅମରପାଲି ୟୁପି ସ୍କୁଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲୁତୁରପଙ୍କ କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ବଡ଼ମାଳ ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ହରଗୌରୀ ଯାତ୍ରା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଡେରାପଡା ସାଂସ୍କୃତିକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- କଂସ ଦରବାରର ତୃତୀୟ ସନ୍ଧ୍ୟା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ମୁରାସୁର ଦରବାରର ପଞ୍ଚମ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ସମୟ: ସନ୍ଧ୍ୟା ୭ଟା।ହ୍

### ନୂଆପଡ଼ା
- ବିଜେଡିର ଜନସମ୍ପର୍କ ପଦଯାତ୍ରା ଅଭିଯାନ, ସ୍ଥାନ: ଖରିଆର ରୋଡ ସହର, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ସାହସିକତାର ପଦକ୍ଷେପ ନେଇ ପାରିବାରିକ ଏବଂ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିପାରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ଆକସ୍ମିକ ସ୍ଥାନ ପରିବର୍ତ୍ତନର ଆଭାସ ପାଇପାରନ୍ତି। ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ କଳହ ଲାଗିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ। ପରିବାର ଭିତରେ ସମସ୍ୟା ଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବେ।

**ମିଥୁନ** ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବନାହିଁ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢି ବଢି ବଡ ଆକାର ଧାରଣ କରିବାର ସମ୍ଭାବନା ରହିଛି।

**କର୍କଟ** ଆପଣଙ୍କ ଯୁକ୍ତିଯୁକ୍ତ ଚିନ୍ତାଶୀଳ ବିଚାରଧାରା ପ୍ରଭାବରୁ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ କଳହଜନିତ ମନ ଅଶାନ୍ତ ରହିବ। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ପଡିପାରନ୍ତି।

**ସିଂହ** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ନ ହେଲେ ପରେ ଅନୁତାପ କରିବାକୁ ପଡିପାରେ। ଆଜି କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ଅଧିକାଂଶ ସମୟରେ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହିତ ଆଜିର ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

**କନ୍ୟା** ଆଜି କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରି ପାରିବ ନାହିଁ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ଆଜିର ସମୟଟି ଭଲରେ ଅତିବାହିତ ହେବ। ଅର୍ଥ ସଙ୍କଟକୁ ସହକର୍ମୀ ଦୂରେଇ ନେବାର ପ୍ରତିଶ୍ରୁତି ଦେବେ।

**ତୁଳା** ବିଭିନ୍ନ ପ୍ରକାର ଚିନ୍ତାରେ ମନ ବିବ୍ରତ ରହିବ ଅବଶ୍ୟ କୌଣସି କ୍ଷତି ହେବନାହିଁ। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ବନ୍ଧୁଙ୍କ ଆଗଭଳି ଆତ୍ମୀୟତାପୂର୍ଣ୍ଣ ମନୋଭାବ ନ ଥିବା ଅନୁଭବ କରିପାରନ୍ତି।

**ବିଛା** ଦୂରଯାତ୍ରା, ପରୋକ୍ଷ ଶତ୍ରୁତା, ଶଯ୍ୟାଶାୟୀ ସ୍ଥିତି ଏବଂ ଧନହାନିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ** ଆପଣଙ୍କ ମୁହଁରେ କଠୋରତା ପ୍ରକାଶ ପାଇଲେ ମଧ୍ୟ ଆନ୍ତରିକ ସହାନୁଭୂତି ପ୍ରିୟଜନଙ୍କ ଉପକାରରେ ଆସିବ। ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ସଭାସମିତିରୁ ଉପକୃତ ହେବେ। ବିବାଦୀୟ ପରିସ୍ଥିତିରେ ବିଶେଷତଃ ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ।

**ମକର** ବିବାଦୀୟ ଘଟଣାର ଦିଗ ବଦଳିଯାଇ ଆପଣଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବାରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ମୂଲ୍ୟବାନ୍ ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ସମ୍ପର୍କୀୟଙ୍କ ସହଯୋଗରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମରେ, ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲାରେ ତଥା ଜମିଜମା ବିବାଦରେ ଉପକୃତ ହେବେ।

**ମୀନ** ପ୍ରଶାସନିକ ସ୍ତରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ କଲେ ମଧ୍ୟ ସମସ୍ୟା ସମାଧାନ ସହ ରୋଜଗାର ପ୍ରତି ଧ୍ୟାନ ଦେବେ। ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଅକ୍ଟୋବର ୧୦ ତାରିଖ, ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଚରଖା ଦିବସ, କାର୍ତ୍ତିକ କୃଷ୍ଣ ଚତୁର୍ଥୀ ଶୁକ୍ରବାର। ରାଶିନକ୍ଷତ୍ର–କୃତ୍ତିକା/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୩ ଗତେ, ଘ.୦୬।୩୦ ମଧ୍ୟେ, ଘ.୦୭।୧୬ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୩ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରୁଆ ଭାତରେ ଦହି,**
**ଅଦା ଲେମ୍ବୁରସ ତହିଁ ପକାଇ,**
**ପଥୁରି ଥାଳିରେ ଖାଇ ।**

ପଥୁରିଥାଳି ଲେମ୍ବୁରସଦିଆ ଅରୁଆ ଦହି ପଖାଳ ଖାଇବା ପାଇଁ ଉପଯୁକ୍ତ ପାତ୍ର। ଏଥିରେ ଖଟା ଅଂଶ ମୋଟେ ଉକୁଟେ ନାହିଁ। ଏହି ଖାଦ୍ୟ ଖାଇବା ପାଇଁ ପାଟିକୁ ସୁଆଦ ଲାଗିବା ସଙ୍ଗେ ସଙ୍ଗେ ବୈଜ୍ଞାନିକ ମତରେ ଏହା ସ୍ୱାସ୍ଥ୍ୟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଖ ପଡ଼ିଥିଲେ ଚକ ବୁଲୁଥାଏ**
**ବୁଲି ପଡୁଥାଏ ମଇ**
**ସଂସାର ଭିତରେ ଘର କରିଥିଲେ**
**ପଥର ପଡ଼ିଲେ ସହି ।**

ତେଲଲୁଣର ସଂସାର ଭିତରେ ଘର କରିଥିଲେ ମଣିଷକୁ ଅନେକ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ମଣିଷ ସେସବୁକୁ ଭ୍ରୂକ୍ଷେପ ନ କରି ନିଜ କର୍ମପଥରେ ଆଗେଇ ଚାଲିବା ହିଁ ପ୍ରକୃତ ମାନବୀୟ ଧର୍ମର ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମଧ୍ୟପ୍ରାଚ୍ୟକୁ ଶାନ୍ତି...

ପ୍ରଥମ ପୃଷ୍ଠାରୁ...

୫ ସୀମା ଫାଟକ ଖୋଲାଯିବ। ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଡିଲ୍ ଅନୁଯାୟୀ ଗାଜା ସିଟି, ଖାନ୍ ୟୁନିସ୍, ରାଫାହ ଓ ଉତ୍ତର ଗାଜା ଭଳି ସବୁଠୁ ଜନବହୁଳ ଅଞ୍ଚଳରୁ ଇସ୍ରାଏଲୀ ସେନା ଫେରିଯିବ। ଇସ୍ରାଏଲ୍ ନିଜ ସଶସ୍ତ୍ର ବଳକୁ ଗୁରୁବାର ରାତି କିମ୍ବା ଶୁକ୍ରବାରଠାରୁ ପ୍ରତ୍ୟାହାର ଆରମ୍ଭ କରିପାରେ ବୋଲି ଆଶା କରାଯାଉଛି। ସେହିପରି ଇସ୍ରାଏଲ୍ ପ୍ରାୟ ୨,୦୦୦ ବନ୍ଦୀଙ୍କୁ ମୁକ୍ତ କରିବ। ସେମାନଙ୍କ ମଧ୍ୟରୁ ୨୫୦ ଜଣ ଦୀର୍ଘ ବର୍ଷ ପାଇଁ ଜେଲରେ ଦଣ୍ଡ ଭୋଗୁଥିବାବେଳେ ୧,୭୦୦ ଜଣଙ୍କୁ ଗାଜା ଯୁଦ୍ଧ ସମୟରେ ଇସ୍ରାଏଲ୍ ବନ୍ଦୀ କରିଥିଲା। ଆମେ ଚାହୁଁଥିବା କମାଣ୍ଡରମାନଙ୍କ ନାମ ତାଲିକା ସେମାନଙ୍କ ମୁକ୍ତି ପାଇଁ ଇସ୍ରାଏଲ୍‌କୁ ଦେଇସାରିଛୁ ବୋଲି ସେ କହିଛନ୍ତି।

ଇଜିପ୍ଟର ବିଚ୍ ରିସର୍ଟ ଶାର୍ମ ଏଲ୍–ଶେଖ୍‌ରେ ୦୯୦୦ ଜିଏମ୍‌ଟି ସମୟରେ ଇସ୍ରାଏଲ୍ ଓ ହମାସ୍ ଶାନ୍ତିଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ସେଥିରେ କେଉଁମାନେ ସ୍ୱାକ୍ଷର କରିଛନ୍ତି ସେନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନାହିଁ। ଅନ୍ୟପକ୍ଷେ ଯୁଦ୍ଧବିରତି ପାଇଁ ଉଭୟ ପକ୍ଷ ପ୍ରଥମ ପର୍ଯ୍ୟାୟ ଡିଲ୍‌ରେ ସ୍ୱାକ୍ଷର କରିଥିବା ନେଇ ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିବା ପରେ ଇସ୍ରାଏଲୀ ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ଖୁସିର ଲହର ଦେଖିବାକୁ ମିଳିଛି। ଉଭୟ ଶତ୍ରୁପକ୍ଷ ଉକ୍ତ ଡିଲ୍‌କୁ ଖୋଲାଖୋଲି ସମର୍ଥନକରି ଉତ୍ସବ ପାଳୁଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଅଫିସ ପକ୍ଷରୁ କୁହାଯାଇଛି ଯେ, ଇସ୍ରାଏଲୀ ସରକାର ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକରେ ଡିଲ୍‌କୁ ଅନୁଧ୍ୟାନ କରିବା ପରେ ଏନେଇ ଅଙ୍ଗୀକାର ପ୍ରକାଶ କରିବ। ଇସ୍ରାଏଲୀ ହୋଷ୍ଟେଜ୍ କୋଅର୍ଡିନେଟର ଗଲ୍ ହିର୍ସ୍କ କହିଛନ୍ତି, ପାଲେଷ୍ଟିନୀୟ ଜେଲଗୁଡ଼ିକରୁ କେଉଁ ବନ୍ଦୀମାନଙ୍କୁ ଛଡ଼ାଯିବ ତାହା ଉପରେ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ଡିଲ୍ ସ୍ୱାକ୍ଷର ପାଇଁ ଧାର୍ଯ୍ୟ ହୋଇଥିବା ସମୟରେ ଇସ୍ରାଏଲ୍ ପକ୍ଷରୁ ଆକାଶମାର୍ଗରୁ ଗାଜା ଉପରେ ଲଗାତର ରକେଟ ମାଡ଼ କରାଯାଇଥିବା ଗାଜାବାସୀ ଅଭିଯୋଗ ଆଣିଛନ୍ତି। ତେବେ ଏହି ଚୁକ୍ତି କେବଳ ଗାଜା ପାଇଁ ସୀମିତ ନୁହେଁ, ବରଂ ଏଥିଯୋଗୁ ସମଗ୍ର ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଛନ୍ତି।

## ଢୋଲକିଆ ଯିବେ...

ରାଜେନ୍ଦ୍ର ନିର୍ବାଚନରେ ଜିତନ୍ତୁ, ସେକଥା ଦିବ୍ୟଶଙ୍କର ଚାହୁଁ ନ ଥିଲେ। ଦିବ୍ୟଶଙ୍କରଙ୍କୁ ଏହି ଦାୟିତ୍ୱ ବବି ଦେବା ସହ ବାରମ୍ବାର ତାଙ୍କୁ ସାଙ୍ଗରେ ଧରି ନୂଆପଡ଼ା ଯାଉଥିଲେ, ଯେଉଁ କଥା ସ୍ଥାନୀୟ ବିଜେଡି ନେତାମାନେ ଭଲ ଭାବେ ଅବଗତ। ଏବେ ଯେତେବେଳେ ବବି ପହଞ୍ଚି ପୂର୍ବଭଳି ମାମଲତି କରିବାକୁ ଚେଷ୍ଟା ଆରମ୍ଭ କଲେ, ତାକୁ ନେଇ ଅସନ୍ତୋଷ ଚରମସୀମାରେ ପହଞ୍ଚିଗଲା। ହୁଏତ ସେଥିଲାଗି ନୂଆପଡ଼ା ପାଇଁ ବିଜେଡି ପକ୍ଷରୁ ବୁଧବାର ଜାରି କରାଯାଇଥିବା କମିଟିରେ ଦିବ୍ୟଶଙ୍କରଙ୍କ ନାମ ଦେଖିବାକୁ ମିଳିନାହିଁ। ଏଭଳି ସ୍ଥିତିରେ ଢୋଲକିଆଙ୍କ ପରିବାର କେଉଁ ଦଳରୁ ପ୍ରାର୍ଥୀ ହେବେ ତାକୁ ନେଇ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ ରାଜେନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଇ ପହଞ୍ଚିଥିଲେ। ଏଭଳି ଘଟଣାକ୍ରମକୁ ଦେଖିବା ପରେ ରାଜନୈତିକ ମହଲରେ ଭିନ୍ନ ଏକ ପ୍ରକାରର ଚର୍ଚ୍ଚା ଚାଲିଛି। ଅନ୍ୟପଟେ ୨୦୨୪ରେ ଯେତେବେଳେ ଭାଜପା ରାଜ୍ୟର ଅଧିକାଂଶ ଆସନରେ ବିଜୟୀ ହୋଇ ସରକାର କରିବାରେ ସକ୍ଷମ ହେଲା, ସେତେବେଳେ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ନୂଆପଡ଼ା ଆସନରେ ତୃତୀୟ ସ୍ଥାନରେ ରହିଲେ। ଫଳରେ ସେହି ନିର୍ବାଚନମଣ୍ଡଳୀରେ ସେମାନଙ୍କ ପରିବାର ପ୍ରତି ଲୋକଙ୍କ ସେତେଟା ଭଲପାଇବା ନ ଥିବା କଥା ଚର୍ଚ୍ଚା ହେଉଛି।

୨୦୨୪ ସାଧାରଣ ନିର୍ବାଚନରେ ଘାସିରାମ କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଚାହୁଁଥିବା ବେଳେ ତତ୍କାଳୀନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଦାୟିତ୍ୱରେ ଥିବା ଶରତ ପଟ୍ଟନାୟକ ନିଜେ ଏହି ଆସନରୁ ପ୍ରାର୍ଥୀ ହୋଇ ୪ର୍ଥ ସ୍ଥାନରେ ରହିଥିଲେ। ତାଙ୍କୁ ମୋଟ୍ ୧୫,୫୦୧ ଖଣ୍ଡ ଭୋଟ ମିଳିଥିଲା। ଏବେ ଭକ୍ତ ଚରଣ ଦାସ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଦାୟିତ୍ୱରେ ଅଛନ୍ତି। ଭକ୍ତଙ୍କ ସଭାପତିତ୍ୱ ସମୟରେ ଏହା ମଧ୍ୟ ରାଜ୍ୟର ପ୍ରଥମ ଉପନିର୍ବାଚନ ହେବାକୁ ଯାଉଛି। ଗତ ନିର୍ବାଚନରେ ଘାସିରାମ ସ୍ୱାଧୀନ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କୁ ଦଳ ପ୍ରାର୍ଥୀ କରିଛି। ତେଣୁ ଏହି ଉପନିର୍ବାଚନରେ ଯଦି କଂଗ୍ରେସ ପ୍ରାର୍ଥୀ ହୋଇ ଘାସିରାମ ଆଉ ତଳକୁ ଖସିଲେ ତେବେ ଏହା ଭକ୍ତଙ୍କ ନେତୃତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବ।

## ହଙ୍ଗେରୀୟ ଲେଖକଙ୍କୁ...

ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର କଥାକୁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ଚାଇନା ଓ ଜାପାନ ଯାତ୍ରା ବେଳେ ସେ ସାଉଁଟିଥିବା ଘଟଣାକୁ ନେଇ 'ଏ ମାଉଣ୍ଟେନ୍ ଟୁ ଦି ନର୍ଥ', 'ଏ ଲେକ୍ ଟୁ ଦି ସାଉଥ୍', 'ପାଥ୍‌ସ ଟୁ ଦି ୱେଷ୍ଟ', 'ଏ ରିଭର ଟୁ ଦି ଇଷ୍ଟ' ପୁସ୍ତକ ରଚନା କରିଥିଲେ।

୭୧ ବର୍ଷୀୟ ଲାସ୍‌ଜ୍ଲୋ ହଙ୍ଗେରୀର ଦକ୍ଷିଣ–ପୂର୍ବ ସହର ଗ୍ୟୁଲାରେ ଜନ୍ମଗ୍ରହଣ କରିଥିଲେ। ୧୯୭୦ ଦଶକରେ ସେ ସ୍କେଗେଡ୍ ଓ ବୁଦାପେଷ୍ଟ ବିଶ୍ୱବିଦ୍ୟାଳୟରେ ଆଇନ ବିଦ୍ୟା ଅଧ୍ୟୟନ କରିଥିଲେ। ହେଲେ ସାହିତ୍ୟ ତାଙ୍କୁ ବେଶି ଆକର୍ଷିତ କରିଥିଲା। ୨୦୧୫ରେ ମ୍ୟାନ୍ ବୁକର ଇଣ୍ଟରନ୍ୟାଶନାଲ ସମ୍ମାନ ସହ ସେ ଅନେକ ପୁରସ୍କାର ପାଇଛନ୍ତି। ୨୦୨୫ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବା ପରେ ସେ ବିଶିଷ୍ଟ ସାହିତ୍ୟିକ ଆର୍ନେଷ୍ଟ ହେମିଙ୍ଗୱେ, ଟୋନି ମୋରିସନ୍ ଏବଂ କାଜୁଓ ଇଶିଗୁରୋଙ୍କ ପରି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକଙ୍କ ତାଲିକାରେ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ, ସ୍ୱିଡିସ୍ ଏକାଡେମୀର ନୋବେଲ କମିଟି ଦ୍ୱାରା ୧୧୭ ଥର ୧୨୧ ଜଣ ବିଜେତାଙ୍କୁ ସାହିତ୍ୟ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଗତବର୍ଷ ଦକ୍ଷିଣ କୋରିଆର ଲେଖିକା ହାନ୍ କାଙ୍ଗ ଏହି ସମ୍ମାନ ହାସଲ କରିଥିଲେ। ନୋବେଲ ବିଜେତାଙ୍କୁ ୧୧ ମିଲିୟନ ସ୍ୱିଡିସ୍ କ୍ରୋନ୍(ପ୍ରାୟ ୧.୨ ମିଲିୟନ ଆମେରିକୀୟ ଡଲାର) ସହ ୧୮ କ୍ୟାରେଟର ସ୍ୱର୍ଣ୍ଣପଦକ ଓ ଡିପ୍ଲୋମା ପ୍ରଦାନ କରାଯାଇଥାଏ। ଶୁକ୍ରବାର ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା କରାଯିବାକୁ ଥିବା ବେଳେ ସୋମବାର ଅର୍ଥନୀତି ପାଇଁ ବିଜେତାଙ୍କ ନାମ ଘୋଷଣା କରାଯିବ। ୧୦ ଡିସେମ୍ବରରେ ଏକ ସ୍ୱତନ୍ତ୍ର ସମାରୋହରେ ବିଜେତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ।




# ୧୧ରେ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ଧନଧାନ୍ୟ କୃଷି ଯୋଜନା

## ଡାଲିରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଶିବରାଜଙ୍କ ଆହ୍ୱାନ

ଭୁବନେଶ୍ୱର,୯।୧୦
(ରବିନାରାୟଣ ଜେନା)

ଆସନ୍ତା ୧୧ ତାରିଖ(ଶନିବାର)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହାକୁ ନେଇ ଗୁରୁବାର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଦେଶର ସମସ୍ତ କୃଷିମନ୍ତ୍ରୀଙ୍କ ସହ ଏକ ଭିଡିଓ କନ୍‌ଫରେନ୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସାମିଲ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଚୌହାନ କହିଥିଲେ, ୧୧ରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧନ କରିବା ସହିତ ଧନ ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହାସହିତ ଭୁବନେଶ୍ୱରରେ ଷ୍ଟେଟ୍ ଅଫ ଦ ଆର୍ଟ ହୋଲସେଲ ମାଛ ମାର୍କେଟର ଶିଳାନ୍ୟାସ, ହୀରାକୁଦରେ ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କର ଭିସି ମାଧ୍ୟମରେ ଶିଳାନ୍ୟାସ କରିବେ। ଏହି ଅବସରରେ ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ ବାର୍ତ୍ତାଳାପ କରିବେ। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କରାଯିବ।

ଆଭାସି ବୈଠକର ସୂଚନା ଅନୁଯାୟୀ, ଦେଶରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଲୋକଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବା, ଚାଷୀଙ୍କ ଆୟ, ଉତ୍ପାଦନରେ ବୃଦ୍ଧି ନିମନ୍ତେ ସରକାର ଏହିସବୁ ଯୋଜନା ଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଦେଶର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ, କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ। ଦେଶରେ ବିଗତ ବର୍ଷ ତୁଳନାରେ ଚଳିତବର୍ଷ ରେକର୍ଡ ପରିମାଣର ପନିପରିବା ଓ ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି। ଡାଲି ଏବଂ ତୈଳବୀଜ ଉତ୍ପାଦନରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଚୌହାନ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବୈଠକରୁ ଜଣାଯାଇଛି। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, କୃଷି ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଭିଡିଓ କନ୍‌ଫରେନ୍ସ ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବିଭାଗୀୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ।

# ରାଉରକେଲା ଷ୍ଟେଶନରୁ ୨ ମାଓବାଦୀ ଗିରଫ

ରାଉରକେଲା, ୯।୧୦
(ସଙ୍ଗୀତା ଜେନା)



ରାଉରକେଲା ଷ୍ଟେଶନକୁ ଅପରାଧମୁକ୍ତ କରିବା ତଥା ସୁରକ୍ଷା ପାଇଁ ହେଉଥିବା ଯାଞ୍ଚ ବେଳେ ଗୁରୁବାର ଅପରାହ୍ନ ୩ଟାରେ ମାଓବାଦୀ ସଙ୍ଗଠନର ୨ମୋଷ୍ଟ ୱାଣ୍ଟେଡ୍ ସଦସ୍ୟ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଝାଡ଼ଖଣ୍ଡ ପାଲାମୁ ଜିଲା ଲେସଲିଗ ଥାନା ଅଧୀନ ଦେଓରା ଗ୍ରାମର ଅବଧେଶ କୁମାର ଯାଦବ(୨୬) ଓ ଲାତେହାର ଜିଲା ମାନିକା ଥାନା ଅଧୀନ ମାନିକା ଗ୍ରାମର ଉପେନ୍ଦ୍ର ଯାଦବ(୨୪)। ଉଭୟ ଦୀର୍ଘଦିନ ହେଲା ମାଓବାଦୀ ସଙ୍ଗଠନ ସହ ସମ୍ପୃକ୍ତ ଥିଲେ। ଝାଡ଼ଖଣ୍ଡୀ ପୋଲିସ ସେମାନଙ୍କୁ ଖୋଜୁଥିଲା। ରାଉରକେଲା ଏସ୍‌ପିଙ୍କ ନେତୃତ୍ୱରେ ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍), ଜିଆର୍‌ପି ତଥା ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଘଟଣାର ତନାଘନା କରୁଛି। ଝାଡ଼ଖଣ୍ଡର ଏହି ୨ ମାଓବାଦୀ ସଦସ୍ୟଙ୍କ ନାଁରେ ଲାତେହାର ଓ ପାଲାମୁ ଜିଲାରେ ଏକାଧିକ ଆପରାଧିକ ମାମଲା ରହିଛି। ଏ ନେଇ ଆର୍‌ପିଏଫ୍ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଅବଧେଶ ଓ ଉପେନ୍ଦ୍ର ଝାଡ଼ଖଣ୍ଡରୁ ଟ୍ରେନ୍ ଯୋଗେ ରାଉରକେଲା ଚାଲିଆସିଥିଲେ। ଗୁରୁବାର ସକାଳ ୮ଟାରେ ରାଉରକେଲା ଷ୍ଟେଶନରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ଆର୍‌ପିଏଫ୍ ଯାଞ୍ଚ କରି ଉଭୟ ମାଓବାଦୀଙ୍କୁ ପ୍ଲାଟଫର୍ମ ନଂ. ୫ରୁ ଧରିଥିଲା। ସେମାନଙ୍କଠାରୁ ୩ଟି ମୋବାଇଲ, ୪ଟି ସିମ୍‌କାର୍ଡ ଓ ନଗଦ ୧୭୮୦ ଟଙ୍କା ଜବତ ହୋଇଥିଲା। ମୋବାଇଲଗୁଡ଼ିକ ଫ୍ଲାଇଟ୍ ମୋଡ୍‌ରେ ଥିଲା। ସେଗୁଡ଼ିକ ଯାଞ୍ଚ କରିବାରୁ କିଛି ଗୋଳାବାରୁଦ ଓ ଅସ୍ତ୍ରଶସ୍ତ୍ର ବିବରଣୀ ଓ ଫଟୋ ମିଳିଥିଲା। ରାଉରକେଲା ଏସ୍‌ପି ୱାଧୱାନୀ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ଓ ପ୍ଲାଣ୍ଟସାଇଟ୍ ଥାନାଧିକାରୀ ବିବସ୍ୱ ପ୍ରଧାନଙ୍କ ସହ ଆର୍‌ପିଏଫ୍ ପୋଷ୍ଟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଗିରଫ ଅଭିଯୁକ୍ତ ଲାତେହାର ଜିଲା ମାଓବାଦୀ ସଙ୍ଗଠନ ୩ୟ ସମ୍ମିଳନୀ ପ୍ରସ୍ତୁତି କମିଟି (ଟିଏସ୍‌ପିଏସ୍)ର ସକ୍ରିୟ ସଦସ୍ୟ ଏବଂ ଦାଦାବଟି ଆଦାୟ, ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ଲାତେହାର ପୋଲିସ ରାଉରକେଲା ଆସି ସନ୍ଧ୍ୟାରେ ଉଭୟଙ୍କୁ ଝାଡ଼ଖଣ୍ଡ ନେଇଯାଇଥିବା ଜଣାପଡିଛି। ଏ ନେଇ ଆର୍‌ପିଏଫ୍‌ର କମଲେଶ ସମଦ୍ଦାରଙ୍କୁ ପଚରାଯିବାରୁ ଗିରଫ ଅଭିଯୁକ୍ତ ଦ୍ୱୟ ମାଓବାଦୀ ସଙ୍ଗଠନର ସକ୍ରିୟ ସଦସ୍ୟ ବୋଲି ସେ କହିଥିଲେ।

# ଗଣମାଧ୍ୟମରେ ରହିବାକୁ ଆନ୍ଦୋଳନ କରୁଛି କଂଗ୍ରେସ: ଭାଜପା

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

କଂଗ୍ରେସ ଦେଶ ଓ ରାଜ୍ୟବାସୀଙ୍କୁ ପ୍ରତାରଣାକରି ଏବେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏବଂ ଗଣମାଧ୍ୟମରେ ରହିବାକୁ ଆନ୍ଦୋଳନ କରୁଛି। କଂଗ୍ରେସ ପକ୍ଷରୁ ଯେଉଁ ପ୍ରତାରଣା ଦିବସ ପାଳନ କରାଯାଉଛି ତାହାର କୌଣସି ପ୍ରଭାବ ନାହିଁ। ସେମାନେ ଯେଉଁ ପ୍ରତାରଣା କଥା କହୁଛନ୍ତି ବାସ୍ତବରେ ଏହି ଦଳ କେନ୍ଦ୍ରରେ ୫୦ ବର୍ଷ ଓ ରାଜ୍ୟରେ ୪୦ ବର୍ଷ ଧରି ସରକାରରେ ରହି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରି ଦେଶର ଜନସାଧାରଣଙ୍କୁ ପ୍ରତାରଣା ଦେଇଆସିଛି। ଏଥିପାଇଁ ଦେଶର ସାଧାରଣ ଜନତା ସେମାନଙ୍କୁ ଜବାବ ଦେଇଛନ୍ତି ବୋଲି ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି।

ପ୍ରେସ୍ ବିଜ୍ଞପ୍ତି ଜରିଆରେ ମନୋଜ କହିଛନ୍ତି, କଂଗ୍ରେସର ଆଉ ସ୍ଥିତି ନାହିଁ। ଏବେ କଂଗ୍ରେସ ସାମାଜିକ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଅବା ଖବରକାଗଜରେ ରହିବା ପାଇଁ ଏଭଳି ଆନ୍ଦୋଳନ କରୁଛି। ଦଳ ବଞ୍ଚିଛି ବୋଲି ଦେଖାଇବା ପାଇଁ ଏଭଳି ଏକ ଟୋକନ ପ୍ରୋଗ୍ରାମ ଆୟୋଜନ କରାଯାଇଛି। ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସର ପ୍ରତିବାଦ ଜଗତେ କେବଳ ଜନେ ହସିବା ସଦୃଶ। କାରଣ ଯେଉଁଠି ଜିତିଲେ ତାହା ରାହୁଲ ଗାନ୍ଧୀଙ୍କ ଭୋଟ ବୋଲି କଂଗ୍ରେସ କହୁଥିବାବେଳେ ଆଉ ଯେଉଁଠି ହାରିଲେ ସେଠାରେ ଭୋଟ ଚୋରି ହୋଇଛି ବୋଲି କହୁଛନ୍ତି। ଏହି ଚାଲାକିକୁ ଜନସାଧାରଣ ଭଲଭାବେ ବୁଝିସାରିଛନ୍ତି ବୋଲି ମନୋଜ କହିଛନ୍ତି।




# ଅନୁଗୋଳ-ଛେଣ୍ଡିପଦା ରାଜପଥ ହେବ ୬ ଥାକିଆ

ଅନୁଗୋଳ,୯।୧୦
(ଦିବ୍ୟଶାନ୍ତନୁ ନାଥ)


ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜପଥ।

- ୨ଲେନ୍ ରାସ୍ତାରେ ହେବ କୋଇଲା ପରିବହନ
- ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି ମାଷ୍ଟରପ୍ଲାନ
- ଜନବସତି ଠାରୁ ଦୂରରେ ବାଇପାସ୍ କରି ନିଆଯିବ

ଅନୁଗୋଳ-ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥର ହେବ ସମ୍ପ୍ରସାରଣ। ଅନୁଗୋଳ ସହର ଠାରୁ ଛେଣ୍ଡିପଦା ପର୍ଯ୍ୟନ୍ତ ପ୍ରାୟ ୪୦ କିଲୋମିଟର ରାସ୍ତାକୁ ୬ ଥାକିଆ କରିବାକୁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି ଅନୁଗୋଳ ଜିଲା ପ୍ରଶାସନ। ସେଥିରୁ ୪ଟି ଲେନ୍‌ରେ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ରହିବ ଓ ଅନ୍ୟ ୨ଟି ଲେନ୍‌ରେ ଖଣିଖାଦାନ ଏବଂ ଶିଳ୍ପାୟନକୁ ଭାରିଯାନ ଯାତାୟାତ କରିବ। ଏ ନେଇ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ତତ୍ତ୍ୱାବଧାନରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳରେ କୋଇଲା ଖନନ ଆରମ୍ଭ ହୋଇଗଲାଣି। ଆଗାମୀ ଦିନରେ ଏହି ଅଞ୍ଚଳ କୋଇଲା ଖଣି ଓ ଶିଳ୍ପର ପେଣ୍ଠସ୍ଥଳୀ ପାଲଟିବାକୁ ଯାଉଛି। ଏଥିଯୋଗୁ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥ ଉପରେ ଅତିରିକ୍ତ ଚାପ ପଡ଼ିବ। ବର୍ତ୍ତମାନ ଏହି ରାଜପଥରେ ଦୈନିକ ସହସ୍ରାଧିକ ଗାଡ଼ି ଚଳାଚଳ କରୁଥିବା ବେଳେ ରାସ୍ତାର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ୁଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ରାଜପଥର ସମ୍ପ୍ରସାରଣ ନେଇ ମାଷ୍ଟରପ୍ଲାନ କରିଛି ଜିଲା ପ୍ରଶାସନ। ଜିଲାପାଳଙ୍କ କହିବା ମୁତାବକ, ଆଗାମୀ ଦିନରେ ଛେଣ୍ଡିପଦା ଅଞ୍ଚଳ ରାଜ୍ୟର ଏକ ପ୍ରମୁଖ ଅର୍ଥନୈତିକ ହବ୍ ହେବାକୁ ଯାଉଛି। ତେଣୁ ଏ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସର୍ବଦା ତତ୍ପର ଅଛନ୍ତି ବୋଲି ଜିଲାପାଳ କହିଛନ୍ତି।

# ତଦନ୍ତ ଭାର ସିବିଆଇକୁ ଦେବାକୁ ହାଇକୋର୍ଟରେ ପ୍ରାର୍ଥନା

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣା

କଟକ,୯।୧୦(କାର୍ତ୍ତିକ ସାହୁ)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାକୁ ନେଇ ରୁଜୁ ମାମଲାର ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଗୁରୁବାର ରୁଜୁ ହୋଇଛି। ଏ ନେଇ ଗୋଳନ୍ଥରା ଥାନା ମାମଲା (ନଂ. ୪୪୭/୨୦୨୫) ଓ ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ମାମଲା (ନଂ. ୭/୨୦୨୫) ସ୍ୱାଧୀନ ତଥା ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରାଯିବା ନିହାତି ଜରୁରୀ ବୋଲି ଆବେଦନକାରୀ ଆଇନଜୀବୀ ଶିବଶଙ୍କର ମହାନ୍ତି ପିଟିଶନ୍‌ରେ ଦର୍ଶାଇଛନ୍ତି। ଏଥିସହ ମାମଲାର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ପୋଲିସ ଡିଜି, ଏଡିଜି ଏବଂ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡର ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ରାଜଧାନୀର ଅସଜଡ଼ା ଡ୍ରେନେଜ

# ରୁର୍‌କୀ ପ୍ରସ୍ତୁତ କରିବ ମାଷ୍ଟରପ୍ଲାନ୍: ମନ୍ତ୍ରୀ

ଭୁବନେଶ୍ୱର,୯।୧୦(ରବିନାରାୟଣ ଜେନା)

ରାଜଧାନୀରେ କୃତ୍ରିମ ବନ୍ୟା କେବଳ ଡ୍ରେନେଜ୍ ସିଷ୍ଟମରେ ତ୍ରୁଟି ଯୋଗୁଁ ହେଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗୁରୁବାର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଠିକ୍ ଭାବରେ ପ୍ଲାନିଂ ହୋଇ ନ ଥିବାରୁ ରାଜଧାନୀରେ ଅସରାଏ ବର୍ଷା ହେଲେ ଏଭଳି ସମସ୍ୟା ଉପୁଜିଛି। ସେଥିରୁ ମୁକୁଳିବା ପାଇଁ ଆମେ କାମ ଆରମ୍ଭ କରିଛୁ। ସୁଧାର ଆଣାଯାଉଛି। ଆଇଆଇଟି ରୁର୍କୀ ଏନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛି। ଖୁବ୍ ଶୀଘ୍ର ସେ ଡିପିଆର୍ ଦେବ। ଏହାପରେ କେନାଲ କାମ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ରାଜଧାନୀର ବର୍ଷାଜଳ ନିଷ୍କାସନ ଲାଗି ଦୟାୱେଷ୍ଟ ଶାଖା କେନାଲ ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି।

# ସେବା ଉପଲବ୍ଧତା: ବିପର୍ଯ୍ୟୟ, ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ମାନସିକ ସୁସ୍ଥତା, ଶିକ୍ଷା ତଥା ମାନସିକ ରୋଗ ସମ୍ବନ୍ଧୀୟ ସଚେତନତା ଲାଗି ପ୍ରତିବର୍ଷ ଅକ୍ଟୋବର ୧୦ରେ ପାଳନ ହେଉଛି 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ'। ୧୯୯୨ ମସିହାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଫେଡେରେଶନ (ଡବ୍ଲ୍ୟୁଏଫ୍ଏମ୍ଏଚ୍) ଉଦ୍ୟମରେ ଏହି ଦିବସ ପ୍ରଥମେ ପାଳନ ହୋଇଥିଲା। ଏହାର ପ୍ରାରମ୍ଭିକ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କୁ ମାନସିକ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଶିକ୍ଷାଦେବା ଏବଂ ଏହି ପରିସ୍ଥିତିରେ ପୀଡ଼ିତ ଲୋକଙ୍କୁ ଆବଶ୍ୟକ ସମର୍ଥନ ଯୋଗାଇବା। ତେବେ ୧୯୯୪ ମସିହାରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଫେଡେରେଶନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହି ଦିବସରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ଗୁରୁତ୍ୱ ଦେବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଏହିକ୍ରମରେ ଚଳିତବର୍ଷ ଲାଗି ବିଷୟବସ୍ତୁ ରହିଛି- 'ସେବା ଉପଲବ୍ଧତା: ବିପର୍ଯ୍ୟୟ,ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ'। ଏହା ବିପର୍ଯ୍ୟୟ, ସଂଘର୍ଷ ଓ ଅନ୍ୟାନ୍ୟ ସଙ୍କଟ ଦ୍ୱାରା ପ୍ରଭାବିତ ବ୍ୟକ୍ତି ଏବଂ ସମ୍ପ୍ରଦାୟ ପାଇଁ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ ସହ ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରେ।

# ମତଦାନ ହେଲା, ଗଣତି ସ୍ଥଗିତ

## ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଅନାସ୍ଥା ପ୍ରସଙ୍ଗ

## ହାଇକୋର୍ଟଙ୍କ ପକ୍ଷରୁ ଶୁଭ୍ରାଙ୍କୁ ଅନ୍ତରୀଣ ରହିତାଦେଶ

ରାୟଗଡ଼ା,୯।୧୦
(ଆଶିଷ ରଞ୍ଜନ ପଣ୍ଡା)


ଭୋଟ ଦେବାକୁ ଆସିଥିବା କାଉନସିଲରମାନେ।

ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଗୁରୁବାର ପୌର କାର୍ଯ୍ୟାଳୟରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ରମେଶ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଭୋଟିଂ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ପୌର ପରିଷଦର ୨୪ଜଣ କାଉନସିଲରଙ୍କ ମଧ୍ୟରୁ ଭାଜପାର ୨ଜଣ ଏବଂ କଂଗ୍ରେସର ଜଣେ କାଉନସିଲରଙ୍କ ବ୍ୟତୀତ ଅନ୍ୟ ୨୧ଜଣ ବିଜେଡି କାଉନସିଲର ଭୋଟିଂ ପ୍ରକ୍ରିୟାରେ ଅଂଶଗ୍ରହଣକରି ମତଦାନ କରିଥିଲେ। ହେଲେ ଏହି ଅନାସ୍ଥା ପ୍ରସଙ୍ଗରେ ରହିତାଦେଶ ପାଇଁ ଉପାଧ୍ୟକ୍ଷା ଶୁଭ୍ରା ପୂର୍ବରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଗୁରୁବାର ହାଇକୋର୍ଟ ଜଷ୍ଟିସ୍ ଭି.ନରସିଂହ ଶୁଣାଣିକରି ନିର୍ବାଚନ ଫଳାଫଳ ଘୋଷଣା ଉପରେ ରହିତାଦେଶ ଜାରି କରିଛନ୍ତି। ଆସନ୍ତା ୧୫ତାରିଖରେ ପରବର୍ତ୍ତୀ ଶୁଣାଣି ହେବା ନେଇ ରାୟ ପ୍ରକାଶ ପାଇଛି। ଯେହେତୁ ନିର୍ବାଚନର ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇସାରିଛି, ତେଣୁ ଫଳାଫଳ ଘୋଷଣା ବ୍ୟତୀତ ଅନ୍ୟ ସମସ୍ତ ପ୍ରକ୍ରିୟା ଉପରେ ରହିତାଦେଶ ରାୟ ଦେଇନାହାନ୍ତି ଜଷ୍ଟିସ୍ ନରସିଂହ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ନିର୍ବାଚନ କାର୍ଯ୍ୟ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଜେନା କହିଛନ୍ତି। ନିର୍ବାଚନ ପରେ ସମସ୍ତ ବାଲଟ ବକ୍ସ ସିଲ୍‌କରି ଜିଲା କୋଷାଗାରଠାରେ ରଖାଯାଇଛି।

ଭୋଟିଂ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଫଳାଫଳକୁ ନେଇ ରାଜନୈତିକ ଉତ୍ସୁକତା ଆରମ୍ଭ ହୋଇଛି। ଭୋଟ ଗଣତି କାହିଁକି କରାଯିବ ନାହିଁ ବୋଲି କାଉନସିଲରମାନେ ନିର୍ବାଚନ ଅଧିକାରୀ ଜେନାଙ୍କୁ ପ୍ରଶ୍ନ କରିଥିଲେ। ଅଦାଲତ ନିର୍ଦ୍ଦେଶନାମା ଦେଖାଇବା ପାଇଁ ଦାବି କରିଥିଲେ। ତେବେ ନିୟମ ଅନୁସାରେ ଆମେ କାର୍ଯ୍ୟ କରିବୁ କହି ନିର୍ବାଚନ ଅଧିକାରୀ ସମସ୍ତ ବାଲଟ ବକ୍ସ ସିଲ୍ କରିଦେଇଥିଲେ। ଅନ୍ୟପକ୍ଷେ ଅଦାଲତ ନିର୍ଦ୍ଦେଶନାମା ଆସିବା ପରେ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏ ନେଇ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ସତ୍ୟର ଜୟ ହୋଇଛି ବୋଲି କହିଛନ୍ତି।

# ଆନ୍ଧ୍ର ବାଣ କାରଖାନାରେ ବିସ୍ଫୋରଣ: ଓଡ଼ିଆ ଶ୍ରମିକ ମୃତ

ଲୋଇସିଂହା,୯।୧୦(ସୁଶାନ୍ତ ବାରିକ)

ଆନ୍ଧ୍ରର ଏକ ବାଣ କାରଖାନାରେ ବୁଧବାର ବିସ୍ଫୋରଣ ଘଟିବାରୁ କାରଖାନା ଛାରଖାର ହୋଇଯାଇଛି। ଏଥିରେ କାରଖାନାରେ କାମ କରୁଥିବା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ(ଖ) ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଦାନନ୍ଦ କୁମ୍ଭାର(୫୩)। ଖବର ପାଇ ସମ୍ପର୍କୀୟମାନେ ସେଠାକୁ ଯାଇଛନ୍ତି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଆନ୍ଧ୍ରର ବି.ଆର୍. ଆମ୍ବେଡକର କୋନୁସୀମା ଜିଲା ରାୟଭରମ ଥାନା ଅନ୍ତର୍ଗତ ରାୟଭରମ୍ ମଣ୍ଡଳର ଏକ ବାଣ କାରଖାନାରେ ସଦାନନ୍ଦ କାମ କରୁଥିଲେ। ହେଲେ ବୁଧବାର ପୂର୍ବାହ୍ନ ସମୟରେ କାରଖାନାରେ ବିସ୍ଫୋରଣ ଘଟିଥିଲା। ସେହି ସମୟରେ କାରଖାନାରେ କାମ କରୁଥିବା ସଦାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏହି ବିସ୍ଫୋରଣରେ ସଦାନନ୍ଦଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ସେ ଲୋଇସିଂହାରେ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ବ୍ୟବସାୟରେ ମାନ୍ଦା ଓ ପାରିବାରିକ ଅସୁବିଧା କାରଣରୁ ଗତ ୨ବର୍ଷ ହେଲା କାମ ଅନ୍ୱେଷଣରେ ଆନ୍ଧ୍ରକୁ ଯାଇ ଉକ୍ତ ବାଣ କାରଖାନାରେ କାମ କରୁଥିଲେ। ଗତ ନୂଆଁଖାଇ ସମୟରେ ଗାଁକୁ ଆସି ପୁଣି କାମକୁ ଫେରିଥିବା ଗ୍ରାମବାସୀ କହିଛନ୍ତି। ମୃତ ଶ୍ରମିକଙ୍କ ପୁଅ ଆନ୍ଧ୍ରରେ ଦାଦନ ଖଟୁଛନ୍ତି।

# ଶକ୍ତିଶାଳୀ ଅଣ୍ଡା: ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ

## ଆଜି ବିଶ୍ୱ ଅଣ୍ଡା ଦିବସ



ଅଣ୍ଡା ଏକ ସାର୍ବଜନୀନ ଖାଦ୍ୟ। ଏହା ପୁଷ୍ଟିସାର, ଖଣିଜ ଲବଣ ଓ ଭିଟାମିନ୍‌ର ଗନ୍ତାଘର। ଏକ ଉତ୍ତମ ପୁଷ୍ଟିସାରଯୁକ୍ତ ଖାଦ୍ୟ ଭାବେ ବିବେଚିତ ଅଣ୍ଡା, ଆମ ସ୍ୱାସ୍ଥ୍ୟବର୍ଦ୍ଧନ ଲାଗି ସମସ୍ତ ଆବଶ୍ୟକତାକୁ ପୂରଣ କରିଥାଏ। ସାଧାରଣତଃ ଅଣ୍ଡାରେ ଉଚ୍ଚମାନର ପୁଷ୍ଟିସାର ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅତ୍ୟାବଶ୍ୟକ ଖାଦ୍ୟସାର ଯଥା- ସ୍ନେହସାର, ଶ୍ୱେତସାର, ସୋଡିୟମ୍, ପଟାସିୟମ୍, କୋଲେଷ୍ଟରଲ, ଲୌହ, ଭିଟାମିନ୍-ଏ, ଭିଟାମିନ୍- ବି, ଭିଟାମିନ୍-ଇ, ଭିଟାମିନ୍ ବି୨, ୫, ୧୨, ଫୋଲେଟ, ସେଲେନିୟମ୍, କୋଲିନ୍ ଆଦି ରହିଥିବାରୁ ଏହା ଆମ ଶରୀରକୁ ଆବଶ୍ୟକ ଶକ୍ତି ଯୋଗାଇବାରେ ସହାୟକ ହୋଇଥାଏ। ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ମାସର ଦ୍ୱିତୀୟ ଶୁକ୍ରବାରରେ ପାଳନ ହୋଇ ଆସୁଛି ବିଶ୍ୱ ଅଣ୍ଡା ଦିବସ। ୧୯୯୬ ମସିହାରେ ପ୍ରଥମେ ଏହି ଦିବସ ଅନ୍ତର୍ଜାତୀୟ ଅଣ୍ଡା କମିଶନ(ଆଇଇସି) ଦ୍ୱାରା ପାଳନ ହୋଇଥିଲା। ସେବେଠାରୁ ପୃଥିବୀର ଅନେକ ଦେଶରେ ପାଳନ ହୋଇ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଶକ୍ତିଶାଳୀ ଅଣ୍ଡା: ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ'। ଏହି ବିଷୟବସ୍ତୁ ଅଣ୍ଡାକୁ ଏକ ପୁଷ୍ଟିକର ଉତ୍ସ ଭାବରେ ଗୁରୁତ୍ୱାରୋପ କରେ, ଯାହା ବିଶ୍ୱ ପୁଷ୍ଟି ଏବଂ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ।

ପ୍ରତ୍ୟେକ ଭାଷା ହେଉଛି–ତାକୁ କହୁଥିବା ଲୋକମାନଙ୍କର ଆତ୍ମାର ଶକ୍ତି ଓ ଚିହ୍ନ। ତେଣୁ ପ୍ରତ୍ୟେକ ଭାଷା ନିଜର ବିଶିଷ୍ଟ ଚିତ୍ତବୃତ୍ତି, ଚିନ୍ତାବୃତ୍ତି ଓ ଜୀବନ ସହିତ ବ୍ୟବହାର କରିବାର ଭଙ୍ଗୀ, ଜ୍ଞାନ ଓ ଅଭିଜ୍ଞତାକୁ ବିକଶିତ କରନ୍ତି। ... ଗୋଟିଏ ଜାତି, ବଂଶ ବା ଜନସାଧାରଣ ଯଦି ତା'ର ମାତୃଭାଷାକୁ ହରାଏ– ତେବେ ସେ ତା'ର ସମ୍ପୂର୍ଣ୍ଣ ଜୀବନ ବା ପ୍ରକୃତ ଜୀବନକୁ ବଞ୍ଚି ପାରିବ ନାହିଁ। **–ଶ୍ରୀଅରବିନ୍ଦ**



# ଯନ୍ତ୍ରଣା ଲାଗି ରହିବ



ତୁଷାରା ସୁରପାନେନି

ଗତ ମାସରେ ଜାତିସଂଘ ସାଧାରଣ ସଭାରେ ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ, ଫ୍ରାନ୍ସ ଏବଂ ପର୍ତ୍ତୁଗାଲ ସମେତ ୧୫୦ରୁ ଅଧିକ ଦେଶ ପାଲେଷ୍ଟାଇନ୍‌କୁ ଏକ ଦେଶ ଭାବେ ସ୍ୱୀକୃତି ଦେଇଥିଲେ। ଏହି ପଦକ୍ଷେପ ସହିତ ୭ ଅକ୍ଟୋବର ୨୦୨୩ରେ ହମାସ୍ ଆକ୍ରମଣ ପରେ ଗାଜାରେ ଇସ୍ରାଏଲର ଆକ୍ରମଣାତ୍ମକ କାର୍ଯ୍ୟକାଳପକୁ ନେଇ ବିଶ୍ୱର ନେତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି, ଯାହା ଯୁକ୍ତିଯୁକ୍ତ ମନେହୁଏ। ଇସ୍ରାଏଲ ସରକାର ବିଶେଷକରି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରି ଅନ୍ତର୍ଜାତୀୟ ମାନବୀୟ ଆଇନକୁ ଉଲ୍ଲଂଘନ କରିଛି। କିନ୍ତୁ ପାଲେଷ୍ଟାଇନ୍‌ର ସାର୍ବଭୌମତ୍ୱ ପାଇଁ ସାଙ୍କେତିକ ସମର୍ଥନ ଇସ୍ରାଏଲକୁ ଉତ୍ତରଦାୟୀ କରାଇବା ପାଇଁ ଯଥେଷ୍ଟ ହେବ ନାହିଁ। ସେହିଭଳି ଅନ୍ତର୍ଜାତୀୟ ନିୟମକୁ ଇସ୍ରାଏଲର ଖୋଲାଖୋଲି ଉଲ୍ଲଂଘନ କରି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଇସ୍ରାଏଲ କରିଥିବା କ୍ଷତିକୁ ବିଶ୍ୱର ବିଭିନ୍ନ ଦେଶର ସରକାର ଭରଣା କରିବା ଦରକାର। ଯଦି ଏହା କରିବାରେ ବିଫଳ ହୁଅନ୍ତି, ତେବେ ଭବିଷ୍ୟତରେ ଯୁଦ୍ଧ ପାଇଁ ଏହା ଏକ ବିପଜ୍ଜନକ ଦୃଷ୍ଟାନ୍ତ ହୋଇ ରହିଯିବ।

ଦୁଇ ବର୍ଷରୁ ଅଧିକ ସମୟ ହେଲା ଇସ୍ରାଏଲ୍ ଗାଜାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ଆକ୍ରମଣ କରିଛି ଏବଂ ୱେଷ୍ଟ ବ୍ୟାଙ୍କରେ କିଛି ମାତ୍ରାରେ ଏହା ଘଟିଛି। ଜଣେ ଜରୁରିକାଳୀନ ମେଡିସିନ ଡାକ୍ତର ତଥା ବିଶ୍ୱ ସ୍ୱାସ୍ଥ୍ୟ ଗବେଷକ ଭାବେ ମୁଁ ଏହି ସ୍ଥିତିକୁ ଅତି ନିକଟରୁ ଅନୁଧ୍ୟାନ କରିଛି। ୭ ଅକ୍ଟୋବର ୨୦୨୩ରୁ ୩୦ ଜୁନ୍ ୨୦୨୪ ମଧ୍ୟରେ ମୋ ସହ–ଗବେଷକ ଏବଂ ମୁଁ ଗାଜାରେ ସ୍ୱାସ୍ଥ୍ୟସେବା ଉପରେ ହୋଇଥିବା ୮୦୦ରୁ ଅଧିକ ଆକ୍ରମଣ ଏବଂ ଆକ୍ରମଣସ୍ଥଳ ନିକଟବର୍ତ୍ତୀ ହସ୍ପିଟାଲଗୁଡ଼ିକ ଉପରେ ଅନୁଧ୍ୟାନ କରିଥିଲୁ। ଗାଜାରେ ହୋଇଥିବା ମୋଟ ଆକ୍ରମଣର ୫୦.୪%ରେ ଚିକିତ୍ସା ଭିତ୍ତିଭୂମି କ୍ଷତି ହୋଇଥିବାବେଳେ ୪୯.୬% ଆକ୍ରମଣରେ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ କ୍ଷତି ଘଟିଛି। ଇସ୍ରାଏଲ୍‌ର ଅନେକ ଆକ୍ରମଣ ଗାଜାର ତିନୋଟି ବୃହତ୍ ହସ୍ପିଟାଲ ଯଥା ଖାନ୍ ୟୁନିସର ନାସର ହସ୍ପିଟାଲ, ଗାଜା ସିଟିରେ ଅଲ୍–ସିଫା ହସ୍ପିଟାଲ ଏବଂ ଜବାଲିଆରେ ଅଲ୍–ଓ୍ୱଦା ହସ୍ପିଟାଲ ଚାରିପାଖରେ କେନ୍ଦ୍ରିତ ଥିଲା। ଅଗଷ୍ଟରେ ନାସର ହସ୍ପିଟାଲରେ ହୋଇଥିବା ଆକ୍ରମଣର ବହୁଳ ପ୍ରସାରିତ ଭିଡିଓ ହେଉଛି ଏହାର ଜ୍ୱଳନ୍ତ ପ୍ରମାଣ। ପ୍ରଥମ ପରେ ଦ୍ୱିତୀୟଥର ଆକ୍ରମଣରେ ଯେଉଁମାନଙ୍କର ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ଥିଲେ



ଅନେକ ସାମ୍ବାଦିକ ଏବଂ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ, ଯାହାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ 'ଦୁଃଖଦ ଦୁର୍ଘଟଣା' ବୋଲି କହିଛନ୍ତି।

ଯୁଦ୍ଧର ପରିଣାମ ଅତ୍ୟନ୍ତ ବିଧ୍ୱଂସକ ହୋଇଛି। ଗାଜାରେ ଥିବା ହସ୍ପିଟାଲଗୁଡ଼ିକ ମଧ୍ୟରୁ ଅଧାରୁ ସାମାନ୍ୟ ଅଧିକ ଆଂଶିକ କାମ କରୁଛି। ଏଯାବତ୍ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ୨୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଛି କିମ୍ବା ଆହତ ହୋଇଛନ୍ତି। ଏହା ବ୍ୟତୀତ ଇସ୍ରାଏଲ୍ ସେନା ଅନ୍ୟାୟ ଭାବେ ଅଟକ ରଖିଥିବା ଅତିକମ୍‌ରେ ୪୦୫ ପାଲେଷ୍ଟିନୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଯାତନା ଦିଆଯାଇଥିବା ଜଣାପଡ଼ିଛି। ଯୁଦ୍ଧ ବିରତି ହେଲେ ମଧ୍ୟ ତଥାପି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ପୁନର୍ଗଠନ ପାଇଁ ଅନେକ ଦଶନ୍ଧି ଲାଗିଯିବ। ଜଣେ ଡାକ୍ତର ଭାବେ ମୁଁ ଜାଣେ ଯେ, ନିର୍ଯାତନାର କୌଣସି ସ୍ତର ନାହିଁ। ହସ୍ପିଟାଲ ଓ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ନେଉଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ପାଇଁ ସ୍ପଷ୍ଟ ଭାବେ ଅନ୍ତର୍ଜାତୀୟ ଆଇନ ରହିଛି। ତେବେ ସେମାନଙ୍କ ମୃତ୍ୟୁ ଆକ୍ରମଣ ଯୋଗୁ ଘଟିନାହିଁ ବୋଲି କହିବା ଆମ ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ, ଶତ୍ରୁର କ୍ଷତି କରିବା ଭଳି ସେନା କାର୍ଯ୍ୟକଳାପ ପାଇଁ ଯଦି ହସ୍ପିଟାଲକୁ ବ୍ୟବହାର କରାଯାଏ, ତେବେ ହସ୍ପିଟାଲ ତାହାର ସୁରକ୍ଷିତ ସ୍ଥିତିକୁ ହରାଇଥାଏ। ମେଡିକାଲ ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣକୁ ଯୁକ୍ତିଯୁକ୍ତ ଦର୍ଶାଇବା ପାଇଁ ଇସ୍ରାଏଲ ଏହି ଯୁକ୍ତି ଉପରେ ବିଶ୍ୱାସ କରି ଦାବି କରିଛି ଯେ, ସେଗୁଡ଼ିକ ହମାସ୍ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଛି। କିନ୍ତୁ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ (ଆଇସିସି)ର ପୂର୍ବତନ ପ୍ରୋସିକ୍ୟୁଟର ପାଲେଷ୍ଟାଇନ କ୍ଷତିର ତଦନ୍ତ ସମୀକ୍ଷା କରୁଥିବା ଆଣ୍ଡ୍ରୁ କେଲେଙ୍କ ମତରେ ଏହିସବୁ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଇସ୍ରାଏଲ୍ ତା' ଦାବିକୁ ସିଦ୍ଧ କରିବା ପାଇଁ ପ୍ରମାଣକୁ ସ୍ୱାଧୀନ ଭାବେ ଯାଞ୍ଚ ନ କରି ହସ୍ପିଟାଲକୁ ମାଟିରେ ମିଶାଇଦେବା ଏବଂ ସାଧାରଣ ନାଗରିକଙ୍କୁ ହତ୍ୟା କରିବା ତା' ଅଧିକାର ବାହାରେ।

ବିଶ୍ୱର ନେତାମାନେ ଅନ୍ତର୍ଜାତୀୟ ମାନବୀୟ ଆଇନ ପ୍ରତି ସେମାନଙ୍କ ପ୍ରତିବଦ୍ଧତା ନିଶ୍ଚିତ କରିବା ଦରକାର। ୨୦୨୪ରେ ଆଇସିସି ୭ ଅକ୍ଟୋବର ଆକ୍ରମଣ ଓ ତା' ପରବର୍ତ୍ତୀ ଗାଜାରେ ଯୁଦ୍ଧ ଅପରାଧର ତଦନ୍ତ ପରେ ହମାସ୍ ଓ ଇସ୍ରାଏଲ୍ ନେତାମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲା। ଜାତିସଂଘ ସୁରକ୍ଷା ପରିଷଦ ଗାଜାର ସ୍ୱାସ୍ଥ୍ୟସେବା ଉପରେ ଇସ୍ରାଏଲ୍ ଆକ୍ରମଣ ଉପରେ ତଦନ୍ତ ଓ ବିଚାର ପାଇଁ ଆଇସିସିକୁ ସୁପାରିସ କରିଥିଲା। ସୁରକ୍ଷା ପରିଷଦର ଏହି ସୁପାରିସ୍‌କ୍ରମେ ଆଇସିସିର ଅଣ–ସଦସ୍ୟ ଦେଶ ଭାବେ ଇସ୍ରାଏଲ୍‌ର ତଦନ୍ତ ଓ ବିଚାର ପାଇଁ କୋର୍ଟର ନ୍ୟାୟିକ କ୍ଷେତ୍ର ରହିଛି, ଯାହା ୨୦୧୧ରେ ଡାର୍‌ଫୁର ଓ ଲିବ୍ୟା କ୍ଷେତ୍ରରେ ଘଟିଥିଲା। ହେଲେ ଏହି ବାଟରେ ବାଧା ଉପୁଜିଛି। କାରଣ ଇସ୍ରାଏଲକୁ ନେଇ ଆଇସିସି କରିଥିବା ସୁପାରିସ ଉପରେ ଆମେରିକା ଭିଟୋ ପ୍ରୟୋଗ କରିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ବିଶ୍ୱସ୍ତରରେ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣଗୁଡ଼ିକୁ ନିନ୍ଦା କରି ଏକ ପ୍ରସ୍ତାବ ଅଣାଗଲେ ତାହା ରାଜନୈତିକ ଗତିରୋଧକୁ ହଟାଇପାରିବ ଏବଂ ଅନ୍ତର୍ଜାତୀୟ ଆଇନକୁ ନିଶ୍ଚିତ କରିବା ଲାଗି ଏକ ଲମ୍ବା ପଥ ପ୍ରସ୍ତୁତ କରିପାରିବ। ୨୦୧୬ରେ ଏହି ସମସ୍ୟାର ସମାଧାନ ପାଇଁ ସୁରକ୍ଷା ପରିଷଦରେ ଶେଷ ପ୍ରସ୍ତାବ ପାସ୍ ହୋଇଥିଲା। ତା'ପରଠାରୁ ମିଲିଟାରି ଟେକ୍‌ନୋଲୋଜିରେ ବିକାଶ ଘଟିଛି ଏବଂ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣ ତୀବ୍ର ହୋଇଛି, ଯାହା ନିକଟରେ ୟୁକ୍ରେନ୍, ସୁଦାନ ଏବଂ ସିରିଆରେ ଘଟିଛି। ନାଗରିକଙ୍କ ମୃତ୍ୟୁକୁ ସକ୍ରିୟ ଭାବେ ସନ୍ଧାନ କରି ତାହାକୁ ଇନ୍‌ସିକ୍ୟୁରିଟି ଇନ୍‌ସାଇଟ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ଯାଞ୍ଚ କରାଯାଉଛି। ଆମ ସମକ୍ଷ ଅନ୍ୟ ଗବେଷକଙ୍କ ଗବେଷଣା, ସାଟେଲାଇଟ ଛବିର ବିଶ୍ଳେଷଣ ଏବଂ ଯୁଦ୍ଧ ସମୟରେ କାର୍ଯ୍ୟରତ ଡାକ୍ତରମାନଙ୍କ ସାକ୍ଷ୍ୟ ଏବକାର ଯୁଦ୍ଧ ପ୍ରପୀଡ଼ିତ ଅଞ୍ଚଳର ବାସ୍ତବତାକୁ ପ୍ରତିପାଦିତ କରୁଥିବା ଏକ ପ୍ରସ୍ତାବ ପାଇଁ ଅତ୍ୟନ୍ତ ଆବଶ୍ୟକ।

ପ୍ରମାଣକୁ ସ୍ୱୀକାର କରାଯିବା ଦରକାର ଏବଂ ଏହାକୁ ଭୁଲ୍ ପ୍ରମାଣିତ କରାଯାଇ ନପାରେ। ଗାଜା ଏବଂ ଏହା ବାହାରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଗୁଳି କରାଯାଇଛି। ନିରପେକ୍ଷ ଚିକିତ୍ସା ସେବା ଯୋଗାଇ ଦେବା ଯେଭଳି ଡାକ୍ତରଙ୍କ ନୈତିକ ଦାୟିତ୍ୱ, ସେହିଭଳି ଯୁଦ୍ଧର ନିୟମଗୁଡ଼ିକୁ ପାଳନ କରିବା ବିଶ୍ୱ ନେତାଗଣଙ୍କ ଦାୟିତ୍ୱ। ବିଶ୍ୱରେ ଯୁଦ୍ଧରେ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣ କରାଯାଉଥିବାରୁ ବନ୍ଧୁକ ନୀରବିଗଲା ପରେ ମଧ୍ୟ ଯନ୍ତ୍ରଣା ଦୀର୍ଘଦିନ ଧରି ଲାଗି ରହିବ।

**ଏମର୍ଜେନ୍ସି ମେଡିସିନ୍ ଫିଜିସିଆନ ଆଣ୍ଡ ଇନ୍‌ଷ୍ଟ୍ରକ୍ଟର,**
**ୟେଲ୍ ସ୍କୁଲ ଅଫ୍ ମେଡିସିନ, ଆମେରିକା**

# ଯୋଜନାର ଅପହରଣ



ଡ. ଚିନ୍ତାମଣି ପଣ୍ଡା

ଥରେ ଜଣେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏକ ଆଦିବାସୀ ଅଧ୍ୟୁଷିତ ଅଗମ୍ୟ ଇଲାକାକୁ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀମାନଙ୍କ ଆବେଦନ ଯାଞ୍ଚ କରିବାକୁ ପାଦରେ ଚାଲି ଚାଲି ପହଞ୍ଚିଗଲେ। ଉଦ୍ଦେଶ୍ୟ ଥାଏ, ଯଦି କିଏ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥାନ୍ତି ତାଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଇବା ତଥା ଅଯୋଗ୍ୟଙ୍କୁ ବାଦ୍‌ଦେବା। ଯାଞ୍ଚ ଚାଲିଥିବା ବେଳେ ଜଣେ ଅଶୀତିତମ ବୃଦ୍ଧ ଜରାଜୀର୍ଣ୍ଣ ଅବସ୍ଥାରେ ଆଶାବାଡ଼ି ସାହାରାରେ ହାକିମଙ୍କ ଇଜଲାସରେ ନାମ ପଞ୍ଜୀକରଣ ସକାଶେ ଦରଖାସ୍ତଟିଏ ଧରି ଧାଡ଼ିରେ ହାଜର ହେଲେ। ହାକିମଙ୍କ ନଜର ପଡ଼ନ୍ତେ ପିଆଦାଙ୍କ ଦ୍ୱାରା ଡକାଇ ଆଣିଲେ ତାଙ୍କ କାମଟି ଆଗ ସାରିଦେବା ପାଇଁ। ଏହି ସମୟରେ ହଠାତ୍ ଜଣେ ବଳିଷ୍ଠ ଯୁବକ ବୃଦ୍ଧଙ୍କୁ ସେଠାରୁ ଏକରକମ ଟେକି ଟେକି ନେଇଗଲେ। କିଛି ସମୟ ଉତ୍ତାରୁ ସେ ଉକ୍ତ ଦରଖାସ୍ତଟିକୁ ଫେରାଇବା ପାଇଁ ଆସନ୍ତେ ହାକିମ ଅବାକ୍ ହୋଇ କାରଣ କ'ଣ ପଚାରିଲେ। ଯୁବକ ଉତ୍ତରଦେଲେ, ''ହଜୁର, ମୋ ବାପାକୁ କ'ଣ ରୋଜଗାରକରି ପୋଷିବାକୁ ମୁଁ ଅକ୍ଷମ ଯେ ସରକାର ପୋଷିବ? ମୋତେ ଜାତି ଭାଇ ନିକ୍କମା ଅକ୍କମା କହି ଟାପରା କରିବେନାଇଁ?'' ସେଦିନର ଏ ଘଟଣାଟି ଅତି ସାଧାରଣ ଜଣାପଡୁଥିଲେ ବି ଏହା ପଛରେ ଯେଉଁ ଅସାଧାରଣ କର୍ତ୍ତବ୍ୟବୋଧ ଛପିରହିଛି ,ତାହା ପୁଣି ଜଣେ ଗାଉଁଲି ଅଶିକ୍ଷିତ ଯୁବକ ମନରେ, ତାହା ଆଜିର ଅତି ଶିକ୍ଷିତ ସଭ୍ୟ ସମାଜରେ କାହିଁ? ଆଜି ଆମେ କେମିତି କଳେ ବଳେ କୌଶଳେ ବିଭିନ୍ନ ମାଗଣା ସରକାରୀ ଯୋଜନାରେ ନିଜକୁ ତଥା ନିଜ ପରିବାରକୁ ସାମିଲ କରିହେବ ସେଇ ଦୌଡ଼ରେ। ଚତୁର ମଣିଷଟି ନିଜର ବିବେକକୁ ଜଳାଞ୍ଜଳି ଦେଇ ବିଭିନ୍ନ ପ୍ରକାର ଅସାଧୁ ଉପାୟରେ ଗରିବଙ୍କ ସହାୟତାକୁ ଲୁଟିନେଉଛି। ଓଡ଼ିଶା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଦ୍ୟତମ ତଥ୍ୟ ଅନୁଯାୟୀ ଏକାଅଶୀ ହଜାର ଛଅଶହ ଚୌରାଅଶୀଟି ନିରୁତା ଅଣଧାନ ଜମିକୁ ଧାନଚାଷ କରିଥିବା ଦର୍ଶାଇ ଧାନବିକ୍ରି କରିବା ପାଇଁ ରବିଋତୁରେ ସରକାରଙ୍କ ପାଖରେ ପଞ୍ଜୀକରଣ କରାଯାଇଛି। ଆଉ ଯେତେବେଳେ ଉପଗ୍ରହ ସର୍ବେକ୍ଷଣ ମାଧ୍ୟମରେ ଚଞ୍ଚକତା ଧରାପଡ଼ିଯାଇଛି ସେତେବେଳେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ଯାଇ ବିଭିନ୍ନ ବାହାନାର ଆଶ୍ରୟ ନେବା ଛଡ଼ା ଅନ୍ୟ ଗତି ବା କ'ଣ? ଥରେ ଭାବି ଦେଖନ୍ତୁ, ଅଜ୍ଞତାବଶତଃ କେହି କ'ଣ ଏପରି ଭୁଲ୍ କରିଥାଇପାରେ? ଯଦି ଧରା ନ ପଡ଼ିଥାନ୍ତେ ତା'ହେଲେ ଧାନ କୋଉଠୁ ଆଣିଥାନ୍ତେ ସେ କଥା ତାଙ୍କୁ ଜଣା। ଏ ତ ଭାତହାଣ୍ଡିରୁ ଗୋଟିଏ।

କିଛିଦିନ ତଳେ ଡେଲାଙ୍ଗ ଷ୍ଟେଶନ ପାଖ ରେଳଧାରଣା କଡ଼ରୁ ଗଦା ଗଦା ଖାଉଟି ପ୍ରମାଣପତ୍ର ଉଦ୍ଧାର କରାଯାଇଥିଲା। ତନଖି ପରେ ଏଗୁଡ଼ିକ ଭୂତକାର୍ଡ ବୋଲି ଜଣାପଡ଼ିଥିଲା। ଆଉ କେତେଜଣ ସହୃଦୟ ବ୍ୟକ୍ତି ମଧ୍ୟ ସଙ୍କୋଚପଣିଆ ଦେଖାଇବାକୁ ଯାଇ ହାତେଇଥିବା କାର୍ଡଗୁଡ଼ିକୁ ଭୟରେ ଫେରାଇଦେଇଥିଲେ। ସରକାରୀ ଚାକିରିରେ ଥିବା ଲୋକଟିଏ କିମ୍ବା ଲୋକ ପ୍ରତିନିଧିଟିଏ ନିଜ ନାମକୁ ଗରିବ ତାଲିକାରେ ଦରଜ କରାଇ ମାଗଣା ଆବାସ ଖଣ୍ଡିଏ ହାତେଇନେଇ ଭଡ଼ାରେ ଲଗାଇଦେଉଛି, ନ ହେଲେ ମାଗଣା ଚାଉଳକୁ ବଜାରରେ ବିକ୍ରିକରି ଦୁଇପଇସା ହାତଚିକ୍କଣ କରୁଛି। କୌତୂହଳର ବିଷୟ, ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଲଭିଥିବା ବାପର ଶବକୁ ହରିଶ୍ଚନ୍ଦ୍ର ଯୋଜନାରେ ଦାହ ସଂସ୍କାର ସାରି ଆମେ ସ୍ଥାନୀୟ ସରପଞ୍ଚଙ୍କୁ ହାତଗୁଞ୍ଜା ଦେଉ ଏହାକୁ ଆକସ୍ମିକ ଦୁର୍ଘଟଣା ଜନିତ ମୃତ୍ୟୁ ଦର୍ଶାଇଦେବା ପାଇଁ, ଯଦ୍ୱାରା ଚଞ୍ଚକତାକରି ପୁଣି କିଛି ସହାୟତା ବ୍ଲକ୍‌ରୁ ହାତେଇହେବ! ହାତୀ ସୁରକ୍ଷା ବାଡ଼କୁ ଆମେ କାଟିଦେଉ କିମ୍ବା ଟ୍ରେଞ୍ଚକୁ ପୋତି ପକାଉ ଯଦ୍ୱାରା କି ହାତୀ ଆସିଲେ କ୍ଷତିପୂରଣ ରାଶି ମିଳିବ। ନଦୀବନ୍ଧର ପଥର ପ୍ୟାକିଂକୁ ଖୋଲିଦେଲେ ଟ୍ରାକ୍ଟର ଅନାୟାସରେ ବାଲି ଚାଲାଣକରି ପଇସା ଦେବ ଆଉ ଏପଟେ ବନ୍ୟା ବେଳେ ଘଳିଆ ପଡ଼ି କିମ୍ବା ବନ୍ଧ ଭାଙ୍ଗି ଗାଆଁରେ ପାଣି ପଶିଲେ ବି କ୍ଷତିପୂରଣ ରାଶି ମିଳିବ। ଏହିପରି ସରକାରୀ ଯୋଜନାକୁ ଅପହରଣ କରିବା ପାଇଁ ଆମେ ବିଭିନ୍ନ କଳା କୌଶଳ ଆପଣେଇଥାଉ। ଆଗରୁ ଶୁଣୁଥିଲୁ ସରକାରୀ ବାବୁମାନେ ରାସ୍ତା ନ କରି, ପୋଖରୀ ନ ଖୋଳି କଣ୍ଟ୍ରାକ୍ଟରଙ୍କ ଜରିଆରେ ବିଲ୍ କରି ଅର୍ଥ ହଡ଼ପ କରିନେଉଥିଲେ। କିନ୍ତୁ ଏବେ ତ ଭୋଟଦାତାମାନେ ମଧ୍ୟ ଏ ବିଦ୍ୟାରେ ଧୁରନ୍ଧର। ଅତଏବ ନୂଆ ଯୋଜନାଟିଏ ପ୍ରଣୟନ ହେଲେ କେମିତି ତାକୁ ଅପହରଣ କରିହେବ ସେ ଜ୍ଞାନକୌଶଳ ମଧ୍ୟ ଆପେ ଆପେ ଆସିଯାଏ।

**ପ୍ରାକ୍ତନ ଅଧ୍ୟକ୍ଷ, କୃଷି**
**ମହାବିଦ୍ୟାଳୟ,ଭବାନୀପାଟଣା**
**ମୋ: ୮୧୪୦୬୬୦୧୬**

## ଏଇ ଭାରତରେ

ଅଂଶୁ ଜୟସ୍ୱାଲ ପେସାରେ ସାମ୍ବାଦିକ। ଏହି ଦାୟିତ୍ୱ ବହନ କରିବା ସହ ସେ ବିହାରରେ ଇଟାଭାଟିରେ କାମ କରୁଥିବା ପିଲାମାନଙ୍କୁ ଉଦ୍ଧାର କରି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ସେ ତାଙ୍କ ଦ୍ୱାରା ପରିଚାଳିତ 'ଅକ୍ଷର ଲର୍ନିଂ ସେଣ୍ଟର'ରେ ଏହି ପିଲାମାନଙ୍କୁ ଶିକ୍ଷା ଦେଉଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ନିଭ୍ କି ଏଣ୍ଟ ଫାଉଣ୍ଡେଶନ' ସହଯୋଗରେ ଏହି ଶିକ୍ଷା କାର୍ଯ୍ୟକ୍ରମ ଚାଲିଛି। ଝାଡ଼ଖଣ୍ଡରେ ଜନ୍ମିତ ଅଂଶୁ ନିଜର କର୍ମଭୂମି ବିହାରରେ ରହିଛନ୍ତି। ସେଠାରେ ସେ ବିଶେଷକରି ମୂଷାହାର ସମ୍ପ୍ରଦାୟର ଅଧିକାଂଶ ପିଲାଙ୍କୁ ଇଟାଭଟିରୁ ଉଦ୍ଧାର କରିଛନ୍ତି। ଉଦ୍ଧାର କରୁଥିବା ପିଲାମାନଙ୍କୁ ଅଂଶୁ ପଢ଼ାଇବା ସହ କୌଶଳ ବିକାଶ କ୍ଷେତ୍ରରେ ସହଯୋଗ କରୁଛନ୍ତି। ଗତବର୍ଷ ଅକ୍ଷର ଲର୍ନିଂ ସେଣ୍ଟରରେ ୪୦୦ପିଲାଙ୍କ ନାମ ଲେଖାଯାଇଥିଲା। କେବଳ ଏତିକି ନୁହେଁ ଇଟା ଭାଟିରେ କାମ କରୁଥିବା ୨୫୦ ପରିବାରକୁ ସେମାନଙ୍କ ପରିଚୟ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତ କରି ସେମାନଙ୍କୁ ସାମଜିକ ସୁରକ୍ଷା ଯୋଜନାଗୁଡ଼ିକରେ ସାମିଲ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୦ ଅକ୍ଟୋବର ୧୯୭୬

- ବେକାର ଗ୍ରାଜୁଏଟମାନଙ୍କୁ ଆୟନିଯୁକ୍ତିର ସୁବିଧା ଦେବା ଲାଗି ରେଳଷ୍ଟେଶନମାନଙ୍କରେ ବୁକ୍‌ଷ୍ଟଲ୍ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ।
- କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଶଙ୍କର ଦୟାଲ ଶର୍ମା ବମ୍ବେ ଏବଂ ଲଣ୍ଡନ ମଧ୍ୟରେ ଏସ୍‌ଟିଡି ଟେଲିଫୋନ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି।
- ଲାଇବିରିୟା ଓ ସାଇବେରିଆ ମଧ୍ୟରେ ପ୍ରଥମ ସାଟେଲାଇଟ୍ ଯୋଗାଯୋଗ ଉଦ୍‌ଘାଟିତ।

# କାହିଁକି ବଢୁଛି ଆତ୍ମହତ୍ୟା ପ୍ରବଣତା



ଡ. ସତ୍ୟକାମ ମହାପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ମୁତାବକ ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି। ଅର୍ଥାତ୍ ପ୍ରତି ଦିନ ୩୦୦୦ ଲୋକ ଆତ୍ମହତ୍ୟା କାରଣରୁ ମୃତ୍ୟୁମୁଖରେ ପଡୁଛନ୍ତି। ଯେତେ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି, ତାହାର କୋଡ଼ିଏ ଗୁଣ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଅର୍ଥାତ୍ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଥିଲା ବେଳେ ପ୍ରତି ୩ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଛି। ଭାରତ ବର୍ଷରେ ଆତ୍ମହତ୍ୟା ଏକ ଗମ୍ଭୀର ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ରୂପରେ ପରିଗଣିତ ହୋଇଛି।

ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ (୨୦୨୨) ରିପୋର୍ଟ ଅନୁସାରେ ଗତ ବର୍ଷ ପାଖାପାଖି ଏକ ଲକ୍ଷ ଏକସ୍ତରି ହଜାର ଲୋକ ଆତ୍ମହତ୍ୟା କରି ମୃତ୍ୟୁ ବରଣ କରିଛନ୍ତି। ଓଡିଶାରେ ୨୦୨୨ ମସିହାରେ ମୋଟ ୬୧୪୦ ଜଣ ଲୋକ ଆତ୍ମହତ୍ୟା କରିଛନ୍ତି। ଆମ ରାଜ୍ୟର ଆତ୍ମହତ୍ୟା ହାର (୧୩.୩) ଜାତୀୟ ହାର (୧୨.୪) ଠାରୁ ଅଧିକ। ପୂର୍ବ ବର୍ଷ ତୁଳନାରେ ୨୦୨୨ ମସିହାରେ ଆମ ରାଜ୍ୟରେ ଆତ୍ମହତ୍ୟା ସଂଖ୍ୟା ୮.୭% ବୃଦ୍ଧି ପାଇଛି।

ଏନ୍‌ସିଆର୍‌ବିର ଏହି ରିପୋର୍ଟ ଅନୁସାରେ ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣ ଗୁଡ଼ିକ ହେଲା ପାରିବାରିକ କଳହ (୩୧.୭%), ବିଭିନ୍ନ ରୋଗ (ମାନସିକ ରୋଗ, ବିଭିନ୍ନ ଦୁରାରୋଗ୍ୟ) (୧୮.୪%), ବିଭିନ୍ନ ନିଶାଦ୍ରବ୍ୟ ସେବନ(୬.୮%), ବୈବାହିକ ସମ୍ପର୍କରେ ତିକ୍ତତା (୪.୮%), ପ୍ରେମ ସମ୍ପର୍କରେ ବିଫଳତା(୪.୫%), ଆର୍ଥିକ ସଙ୍କଟ(୪.୧%), ବେରୋଜଗାରି(୧.୯%), ପରୀକ୍ଷାରେ ଖରାପ ପ୍ରଦର୍ଶନ, ଚାକିରିଜନିତ ସମସ୍ୟା ଓ ଆତ୍ମୀୟ ଲୋକର ହଠାତ ମୃତ୍ୟୁ ଆଦି।

ଏନ୍‌ସିଆର୍‌ବିର ରିପୋର୍ଟ ଅନୁସାରେ ୨୦୨୨ ମସିହାରେ ୧୩,୦୪୪ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଏହି ସଂଖ୍ୟା ଗତ କିଛିବର୍ଷ ହେବ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ଆତ୍ମହତ୍ୟାର ହାର ଗତ ୩ ବର୍ଷ ଭିତରେ ଦୁଇ ପ୍ରତିଶତ ବଢିଥିବା ବେଳେ ଛାତ୍ର ଆତ୍ମହତ୍ୟାର ହାର ଚାରି ପ୍ରତିଶତ ବଢ଼ିଛି। ପରସ୍ପର ମଧ୍ୟରେ ଅତ୍ୟଧିକ ପ୍ରତିଦ୍ୱନ୍ଦିତାମୂଳକ ମନୋଭାବ ନେଇ ପାଠ ପଢ଼ିବା, ପରୀକ୍ଷାରେ ଅଧିକ ମାର୍କ ରଖିବା, ର୍‍ୟାଙ୍କ ରଖିବାର ଚେଷ୍ଟା ମଧ୍ୟରେ ପିଲାମାନେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ପୂର୍ବ ଅପେକ୍ଷା ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ବର୍ତ୍ତମାନ ସଫଳତା ହାସଲ କରିବା ପିଲାଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହେଉଛି। ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ବହୁ ପରିମାଣରେ ବୃଦ୍ଧି ପାଇଛି। ଅନେକ ସମୟରେ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ଅଭିଭାବକ ମାନଙ୍କର ଅତ୍ୟଧିକ ଚାପ ଯୋଗୁ ପିଲାମାନେ ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହେଉଛନ୍ତି। ସେଥି ମଧ୍ୟରୁ କିଛି ଛାତ୍ରୀଛାତ୍ର ନିଜ ମନର ଭାବନା ଓ ଆବେଗକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରୁ ନାହାନ୍ତି, ଯାହା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି।

ତେବେ ପ୍ରଶ୍ନ ଉଠୁଛି ଆତ୍ମହତ୍ୟାର ସଂଖ୍ୟା ଆମ ସମାଜରେ କାହିଁକି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାର ଅନେକ କାରଣ ଅଛି। ଏଥି ମଧ୍ୟରୁ ପ୍ରଥମ କାରଣ ହେଲା ଆମର ସାମାଜିକ ସ୍ଥିତିରେ ପରିବର୍ତ୍ତନ। ଗତ କିଛିବର୍ଷ ହେଲା ସମାଜରେ ଆମର ବଞ୍ଚିବାର ଶୈଳୀରେ ପରିବର୍ତ୍ତନ ଆସିଛି। ସହର ହେଉ ବା ଗାଁ ହେଉ ସବୁଠାରେ ପାରମ୍ପରିକ ଜୀବନଶୈଳୀ ଠାରୁ ଲୋକେ ଦୂରେଇ ଯାଇ ଆଧୁନିକ ଜୀବନଶୈଳୀକୁ ଆପଣାଇ ସାରିଲେଣି।



ଆଧୁନିକ ଭାରତୀୟ ସମାଜରେ ଯୌଥ ପରିବାରର ପରମ୍ପରା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଲାଣି। ପରିବାରର ସଦସ୍ୟମାନେ ପରସ୍ପରର ନିକଟତର ହୋଇପାରୁ ନାହାନ୍ତି। ନିଜ ମନର ଭାବର ଆଦାନ ପ୍ରଦାନ କରିପାରୁ ନାହାନ୍ତି। ଆଗରୁ ଯେତେବେଳେ ଜୀବନରେ କୌଣସି ସମସ୍ୟା ଆସୁଥିଲା, ସେତେବେଳେ ଆମ ପରିବାରର ଲୋକମାନେ ଏ ସବୁ ସମସ୍ୟାର ସମାଧାନରେ ଅନେକ ସାହାଯ୍ୟ କରୁଥିଲେ। କିନ୍ତୁ ବର୍ତ୍ତମାନ ସେ ସହଯୋଗ ମିଳି ପାରୁନି, ଯାହାଫଳରେ ଜୀବନରେ କୌଣସି ସମସ୍ୟା ଦେଖାଦେଲେ ବ୍ୟକ୍ତି ଯଦି ତାହାର ଏକୁଟିଆ ସମାଧାନ କରି ପାରୁନାହିଁ, ତେବେ ସେ ମାନସିକ ରୂପରେ ଚାପଗ୍ରସ୍ତ ହୋଇଯାଉଛି। ଯେଉଁମାନେ ଏହି ମାନସିକ ଚାପର ଠିକ ମୁକାବିଲା କରି ପାରୁନାହାନ୍ତି, ସେମାନେ ଆତ୍ମହତ୍ୟାର ଉଦ୍ୟମ କରୁଛନ୍ତି। ଲୋକମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସହନଶୀଳତା ଓ ଧୈର୍ଯ୍ୟ ଧରିବାର କ୍ଷମତା କମି ଆସିଲାଣି। ଯାହାଫଳରେ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଅତି ଛୋଟ ଛୋଟ କଥାରେ ତିକ୍ତତା ଓ ପାରିବାରିକ କଳହ ସୃଷ୍ଟି ହେଉଛି, ଯାହା କି ଆତ୍ମହତ୍ୟାର ଅନ୍ୟ ଏକ ପ୍ରମୁଖ କାରଣ।

ଆତ୍ମହତ୍ୟାକୁ ରୋକିବାକୁ ହେଲେ ଆମ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସଞ୍ଜୀମତ୍ତା ବଢ଼ାଇବା ଉଚିତ। ଏହା ଛଡ଼ା ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରିବା ଦରକାର। ଜୀବନରେ ଦେଖା ଦେଉଥିବା ଅସୁବିଧା ଗୁଡ଼ିକୁ ସମାଧାନ କରିବାର କୌଶଳ ଶିଖନ୍ତୁ। ସମାଜରେ ଅନ୍ୟମାନଙ୍କ ସହିତ ଖାପ ଖୁଆଇ ଚଳିବା ଶିଖନ୍ତୁ। ସହନଶୀଳତା ଓ ଧୈର୍ଯ୍ୟ ଧରି ସବୁ କାମ କରିବାର କୌଶଳ ବୃଦ୍ଧି କରନ୍ତୁ।

ଯଦି ନିଜ ପରିବାର କିମ୍ବା ନିଜର କୌଣସି ନିକଟତର ବ୍ୟକ୍ତିଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖା ଯାଉ ଥାଏ, ତେବେ ତାଙ୍କ ପ୍ରତି ଧ୍ୟାନ ଦିଅନ୍ତୁ। ଏହି ଘଡ଼ି ସନ୍ଧି ମୁହୂର୍ତ୍ତରେ ବ୍ୟକ୍ତିକୁ ସାହାଯ୍ୟ ଓ ସହଯୋଗ କରିବାର ଗୁରୁ ଦାୟିତ୍ୱ ପରିବାର ଉପରେ ନ୍ୟସ୍ତ ଥାଏ। ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ। ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ, ତାଙ୍କ ମନର ଭାବନା ଓ ସମସ୍ୟା ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ତାଙ୍କୁ ସକାରାତ୍ମକ କାମ କରିବା ପାଇଁ ଉତ୍ସାହିତ କରନ୍ତୁ। ତାଙ୍କ ବ୍ୟବହାର ଉପରେ ନଜର ରଖନ୍ତୁ। ତାଙ୍କୁ ଗୋଟିଏ ବି ମୁହୂର୍ତ୍ତ ପାଇଁ ଏକୁଟିଆ ଛାଡ଼ନ୍ତୁ ନାହିଁ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଦେଶରେ ଆତ୍ମହତ୍ୟାର ହାର କମ୍ କରିବା ପାଇଁ ୨୦୨୨ରେ ଜାତୀୟ ଆତ୍ମହତ୍ୟା ନିରୋଧକ ରଣକୌଶଳ (ନ୍ୟାଶନାଲ ସୁଇସାଇଡ ପ୍ରିଭେନ୍‌ସନ ଷ୍ଟ୍ରାଟେଜି) ଗଠନ କରାଯାଇଛି। ଏହାର ଲକ୍ଷ୍ୟ ରହିଛି ୨୦୩୦ ସୁଦ୍ଧା ଦେଶରେ ଆତ୍ମହତ୍ୟାଜନିତ ମୃତ୍ୟୁକୁ ୧୦ ପ୍ରତିଶତ କମ୍ କରିବା। ଏଥିନିମନ୍ତେ ଭାରତର ସବୁ ଜିଲାରେ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଆତ୍ମହତ୍ୟା ନିରୋଧକ ସେବାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସେବାର ଲକ୍ଷ୍ୟ ରହିଛି ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା ସମ୍ବନ୍ଧରେ ସଚେତନତା ବଢ଼ାଇବା, ମାନସିକ ଚାପର ମୁକାବିଲା କରିବା ପାଇଁ ଉପଯୁକ୍ତ ତାଲିମ ଦେବା। ଏଥିସହିତ ଯୁବତୀ ଯୁବକ, ମହିଳା ଓ କୃଷକମାନେ ଜୀବନର ବିଭିନ୍ନ କଠିନ ପରିସ୍ଥିତିରେ କିଭଳି ଖାପ ଖୁଆଇ ଚଳିପାରିବେ ସେ ସମ୍ବନ୍ଧରେ ସେମାନଙ୍କୁ ତାଲିମ ଦେବା।

ଜନସଚେତନତା ଓ ଜନ ଜାଗରଣ ସୃଷ୍ଟି କରିବା ଜରୁରୀ। ଏହାହେଲେ ଆତ୍ମହତ୍ୟାକୁ ପ୍ରତିରୋଧ କରିବା ସମ୍ଭବ ହୋଇପାରିବ। ଏହାଛଡ଼ା ସ୍ୱାସ୍ଥ୍ୟସେବା, ସମାଜସେବା, ଗଣମାଧ୍ୟମର ବିଭିନ୍ନ ସଂସ୍ଥାମାନେ ଆତ୍ମହତ୍ୟା ସମ୍ବନ୍ଧରେ ଜନସାଧାରଣଙ୍କୁ ଠିକ ସୂଚନା ଦେବା ଜରୁରୀ। ଏହା ଦ୍ୱାରା ଆତ୍ମହତ୍ୟା ଜନିତ ମୃତ୍ୟୁସଂଖ୍ୟାକୁ ଅନେକାଂଶରେ ହ୍ରାସ କରାଯାଇପାରିବ।

**ମାନସିକ ରୋଗ ବିଶେଷଜ୍ଞ,**
**କଟକ, ମୋ:୮୪୫୬୯୧୫୫୦୬**

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 9 |
| | 6 | | | 8 | | 3 | | |
| | | 2 | | | | | 6 | |
| | 4 | | | 1 | | 6 | | |
| 7 | | 1 | 9 | | | | | 2 |
| | 8 | 9 | 5 | | | | | |
| | | | | | 1 | | | 4 |
| | 7 | 5 | 3 | | | 1 | | |
| | 2 | | | 9 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 9 | 6 | 5 | 1 | 3 | 4 | 7 |
| 4 | 1 | 3 | 7 | 2 | 8 | 6 | 5 | 9 |
| 6 | 7 | 5 | 3 | 9 | 4 | 1 | 8 | 2 |
| 3 | 6 | 8 | 1 | 4 | 7 | 2 | 9 | 5 |
| 9 | 4 | 7 | 5 | 3 | 2 | 8 | 6 | 1 |
| 1 | 5 | 2 | 8 | 6 | 9 | 4 | 7 | 3 |
| 5 | 2 | 4 | 9 | 1 | 6 | 7 | 3 | 8 |
| 7 | 9 | 6 | 2 | 8 | 3 | 5 | 1 | 4 |
| 8 | 3 | 1 | 4 | 7 | 5 | 9 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହିଂସା ସର୍ବଦା ବର୍ଜନୀୟ

ମହାଶୟ,
ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ଜାତୀୟ ଏକତା ବିଦ୍ୟମାନ। ଆମ୍ଭେମାନେ ସର୍ବଧର୍ମ ସମନ୍ୱୟର ଏକତାରେ ବନ୍ଧିହୋଇଛୁ, ଯାହାକୁ ଅସ୍ୱୀକାର କରିହେବନାହିଁ। ଆମ ପାଇଁ ସମୟର ଆହ୍ୱାନ, ଜାତିର ସମ୍ମାନକୁ ବଞ୍ଚାଇରଖିବା ଏବଂ ଦେଶ ତଥା ଜାତିର ଅକ୍ଷୟ କୀର୍ତ୍ତିକୁ ଚିର ଉଜ୍ଜୀବିତ କରିବାରେ ପ୍ରଚେଷ୍ଟା ସର୍ବଦା ବାଞ୍ଛନୀୟ। ଓଡ଼ିଶା ଏପରି ଏକ ରାଜ୍ୟ, ଯେଉଁଠି ବାରମାସରେ ତେରପର୍ବ ପାଳନ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନକରେ। ଜାତି, ଧର୍ମ ଓ ଭାଷାର ଭିନ୍ନତା ମଧ୍ୟରେ ଏକତା ଓ ଭାଇଚାରାର ବୈଶିଷ୍ଟ୍ୟ କେବଳ ଆମ୍ଭମାନଙ୍କ ଭିତରେ ସଂଶ୍ଳିଷ୍ଟ। ତେଣୁ ମନମାଳିନ୍ୟ ଓ ଗୋଷ୍ଠୀସଂଘର୍ଷର ପ୍ରଶ୍ନ ଉଠେନାହିଁ। କିନ୍ତୁ ଏବେ ପାର୍ବଣ ଉତ୍ସବ ପାଳନରେ ଗୋଷ୍ଠୀସଂଘର୍ଷ ଏବଂ ହିଂସା ଆଚରଣ ସମାଜ ପାଇଁ ଅଶୁଭ ସଙ୍କେତ। ସମାଜରେ ଶାନ୍ତି ଲାଗି ଏହା ସର୍ବଦା ବର୍ଜନୀୟ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୀରତି ବ୍ୟଥାରେ ଅଙ୍ଗ ଅବଶ
ନିବିଡ଼ ଧିଆନେ ଆଖି ମଦାଳସ
ଚନ୍ଦନସମ ଗନ୍ଧ ବିତରି ଯାଅ ପୁଣି ଅପସରି
ଚମ୍ପକ ଚାରୁ ହାସ ହସିଦିଅ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍

# ମଞ୍ଚ ସମ୍ଭାଳିବେ ୪ ଓଡ଼ିଆ

**ନୂଆଦିଲ୍ଲୀ ଓ କଲମ୍ବୋରେ ନଭେମ୍ବର ୧୧ରୁ ୨୩ ପର୍ଯ୍ୟନ୍ତ ହେବାକୁ ଯାଉଥିବା ସର୍ବପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଓଡ଼ିଶାର ୪ ଖେଳାଳି ମଞ୍ଚ ସମ୍ଭାଳିବେ। ସେମାନେ ହେଲେ ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡି। ଏହି ୪ ଦୃଷ୍ଟିବାଧିତ ଖେଳାଳିଙ୍କୁ ନେଇ ବିଶେଷ ଉପସ୍ଥାପନା...**



ବାସନ୍ତୀ ହାଁସଦା

ଯମୁନାରାଣୀ ଟୁଡୁ

ପାର୍ବତୀ ମାରାଣ୍ଡି

ଫୁଲ ସୋରେନ

ସର୍ବପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ନଭେମ୍ବର ୧୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ନୂଆଦିଲ୍ଲୀ ଓ କଲମ୍ବୋରେ ଆୟୋଜନ କରାଯିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଘୋଷିତ ୧୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି ଚ୍ୟାଲେଞ୍ଜ ସମ୍ଭାଳିବେ। ସେମାନେ ହେଲେ ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡି। ପୂର୍ବ ଜାତୀୟ ଟୁର୍ନାମେଣ୍ଟ ଏବଂ ଅଗଷ୍ଟରେ ଅନୁଷ୍ଠିତ ୨୦ ଦିନିକିଆ ଚୟନ ଟ୍ରାଏଲ୍ସରୁ ପ୍ରଦର୍ଶନ ଭିତ୍ତିରେ ଭାରତୀୟ ଦଳ ମନୋନୟନ କରାଯାଇଛି।

ନୂଆଦିଲ୍ଲୀରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ୧୧ରୁ ୧୩ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଏବଂ ୧୪ରୁ ୧୬ ପର୍ଯ୍ୟନ୍ତ ମ୍ୟାଚ ବେଙ୍ଗାଲୁରୁରେ ଖେଳାଯିବ। ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ କଲମ୍ବୋରେ ଅନୁଷ୍ଠିତ ହେବ। ସେମିଫାଇନାଲ ଓ ଫାଇନାଲକୁ ମିଶାଇ ସେଠାରେ ମୋଟ ୧୫ଟି ମ୍ୟାଚ ଅନୁଷ୍ଠିତ ହେବ। ନଭେମ୍ବର ୨୩ରେ ଉଦ୍‌ଯାପନୀ ଉତ୍ସବ ଆୟୋଜନ କରାଯିବ। ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଆମେରିକା ଆଦି ଦଳଗୁଡ଼ିକ ଅଂଶଗ୍ରହଣ କରିବେ। ୨୧ଟି ଲିଗ୍ ମ୍ୟାଚ ପରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ଏହି ଅବସରରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୪ ତାରକା ଖେଳାଳିଙ୍କ ସମ୍ପର୍କରେ ଆଲୋଚନା କରାଯାଇପାରେ...

### ଫୁଲ ସୋରେନ

ଫୁଲ ସୋରେନଙ୍କ ଘର ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ସାଲବଣୀ। ତାଙ୍କ ବାପାଙ୍କ ନାମ ସୁନା ସୋରେନ ଓ ମା' ସ୍ୱର୍ଗତା ଡେଗେ ସୋରେନ। ଫୁଲ ଓଡ଼ିଶା ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଦଳର ଅଧିନାୟିକା। ସେ ଜଣେ ଅଲ୍‌ରାଉଣ୍ଡର। ସେ ୨୦୨୩ଠାରୁ ଭାରତ ପାଇଁ ଖେଳୁଛନ୍ତି। ଏ ପର୍ଯ୍ୟନ୍ତ ସେ ୧୩ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ୨୦୨୩ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେ ଦଳର ଉପଅଧିନାୟିକା ଥିଲେ। ଫୁଲ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ବ୍ୟାଟର ଓ ଫାଷ୍ଟ ବୋଲର। "ଏପରି ଏକ ବଡ଼ ପ୍ରତିଯୋଗିତାରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ବହୁତ ଗର୍ବ ଲାଗୁଛି। ମୁଁ ମୋ ଅଭିଜ୍ଞତାର ଉପଯୋଗ କରି ଶ୍ରେଷ୍ଠ ପ୍ରଦର୍ଶନ ସହ ଟ୍ରଫି ଜିତିବାକୁ ସମ୍ପୂର୍ଣ୍ଣ ଉଦ୍ୟମ କରିବି" ବୋଲି ଫୁଲ ସୋରେନ ପ୍ରକାଶ କରିଛନ୍ତି।

### ବାସନ୍ତୀ ହାଁସଦା

ବାସନ୍ତୀଙ୍କ ଘର ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ମୁର୍ଗାପାଲି ଗାଁରେ। ତାଙ୍କ ବାପାଙ୍କ ନାମ ଛାକୁ ହାଁସଦା ଓ ମା'ଙ୍କ ନାମ ଯମୁନା ହାଁସଦା। ବାସନ୍ତୀ ଭାରତୀୟ ଦଳର ନିର୍ଭରଯୋଗ୍ୟ ଅଲ୍‌ରାଉଣ୍ଡର। ସେ ମୁଖ୍ୟତଃ ନିଜର ବ୍ୟାଟିଂ ଓ ଫିଲ୍ଡିଂ ଦକ୍ଷତା ପାଇଁ ପରିଚିତ। ସେ ୨୦୧୮ଠାରୁ ଓଡ଼ିଶା ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳର ଉପଅଧିନାୟିକା ଅଛନ୍ତି। ସେ ୨୦୨୩ଠାରୁ ଭାରତ ପାଇଁ ଖେଳିଆସୁଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସ ୨୦୨୩ରେ ସ୍ୱର୍ଣ୍ଣ ଜିତିଥିଲା। ସେ ଏପର୍ଯ୍ୟନ୍ତ ଭାରତ ପାଇଁ ୧୩ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। "ବିଶ୍ୱକପ୍ ପରି ଏକ ବଡ଼ ପ୍ରତିଯୋଗିତା ଲାଗି ପ୍ରସ୍ତୁତ ହେବାକୁ ଆମକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବାରୁ ମୁଁ ପ୍ରଥମେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘକୁ ଧନ୍ୟବାଦ ଦେବାକୁ ଚାହିଁବି। ମୁଁ ସମ୍ପୂର୍ଣ୍ଣଭାବେ ନିଜକୁ ପ୍ରସ୍ତୁତ କରିଛି ଏବଂ ଦେଶ ପାଇଁ ଟ୍ରଫି ଜିତିବାକୁ ଆତ୍ମବିଶ୍ୱାସରେ ରହିଛି" ବୋଲି ବାସନ୍ତୀ କହିଛନ୍ତି।

### ଯମୁନାରାଣୀ ଟୁଡୁ

ଯମୁନାଙ୍କ ଘର ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଅଧୀନ ହାଟିକୋଟେ ଗାଁରେ। ତାଙ୍କ ମା'ଙ୍କ ନାମ ମଙ୍ଗୁଳି ଓ ବାପାଙ୍କ ନାମ ମଦନ ଟୁଡୁ। ଯମୁନା ଜଣେ ପ୍ରତିଭାଶାଳୀ ମଧ୍ୟମଗତିର ବୋଲର। ଗତ ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଚୟନ ଶିବିରରେ ପ୍ରଦର୍ଶନ ଆଧାରରେ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ସେ ଜୁନିୟର ଆସିଷ୍ଟାଣ୍ଟ ଭାବେ ପଦ୍ମାବତୀ ସରକାରୀ ହାଇସ୍କୁଲରେ କାର୍ଯ୍ୟ କରୁଛନ୍ତି। "ଭାରତ ପାଇଁ ବିଶ୍ୱକପ୍ ଖେଳିବାକୁ ମୋର ସ୍ୱପ୍ନ ଥିଲା। ଏବେ ମୁଁ ବହୁତ ଖୁସି ଅଛି ଏବଂ ମୋ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସରକାରୀ ଚାକିରି ଯୋଗାଇ ଦେଇଥିବାରୁ ମୁଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଉଛି। ଏହା ବ୍ୟତୀତ ଉଚ୍ଚ ସ୍ତରରେ ପହଞ୍ଚିବା ପାଇଁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ମୁଁ ରାଜ୍ୟ ସଂଘକୁ ମଧ୍ୟ ଧନ୍ୟବାଦ ଦେବି" ବୋଲି ଯମୁନାରାଣୀ ପ୍ରକାଶ କରିଛନ୍ତି।

### ପାର୍ବତୀ ମାରାଣ୍ଡି

ପାର୍ବତୀଙ୍କ ଘର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଲିମୁଣ୍ଡୁଳି ଗାଁରେ। ତାଙ୍କ ମା'ଙ୍କ ନାମ ଶୋଭା ଓ ବାପାଙ୍କ ନାମ ଥୁମ୍ପୁ ମାରାଣ୍ଡି। ସେ ସ୍କୁଲ ଫର୍ ଦି ବ୍ଲାଇଣ୍ଡ ରାଣୀପାଟନା ବାଲେଶ୍ୱରରେ ଦଶମ ଶ୍ରେଣୀରେ ପଢୁଛନ୍ତି। ସେ ଜଣେ ଅଲ୍‌ରାଉଣ୍ଡର ଭାବେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଧୀରେ ଧୀରେ ସେ ଉଇକେଟ୍‌କିପର-ବ୍ୟାଟର ଭାବେ ନିଜକୁ ଗଢ଼ିତୋଳିଥିଲେ। ସେ ୨୦୨୨ଠାରୁ ଓଡ଼ିଶା ପାଇଁ ଖେଳୁଛନ୍ତି। ସେ ଜଣେ ବ୍ୟାଟର, ଯିଏକି ଇନିଂସ୍ ଓପନ୍ କରିବା ସହ ମଧ୍ୟକ୍ରମ ଏବଂ ଫିନିଶର ଭାବେ ମଧ୍ୟ ଖେଳିପାରନ୍ତି। ସେ ଅତ୍ୟଧିକ ଚାପ ପରିସ୍ଥିତିରେ ମଧ୍ୟ ଭଲ ବ୍ୟାଟିଂ କରିଥାନ୍ତି। ନିକଟରେ ଅନୁଷ୍ଠିତ ଚୟନ ଶିବିରରେ ସେ ନିଜର ବ୍ୟାଟିଂ ଓ କିପିଂ ଦକ୍ଷତା ବଳରେ ଚୟନ କମିଟିର ଧ୍ୟାନ ଆକର୍ଷଣ କରିଥିଲେ। "ଜଣେ ଉଇକେଟ କିପର/ବ୍ୟାଟର ଭାବରେ ଭାରତୀୟ ଦଳରେ ଚୟନ ହୋଇଥିବାରୁ ମୁଁ ବହୁତ ଖୁସି। ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ପାଇଁ ମୁଁ ନିଜକୁ ପ୍ରସ୍ତୁତ କରୁଛି। ଏପରି ସୁଯୋଗ ପାଇଥିବାରୁ ମୁଁ ମୋ ସ୍କୁଲ, କୋଚ୍ ଦେବାଶିଷ ଜେନା, ସୁଖରାମ ମାଝି ଏବଂ ଭାରତୀୟ ଦଳରେ ଖେଳିବାକୁ ଟ୍ରେନିଂ ସୁଯୋଗ ସହ ସମସ୍ତ ସହଯୋଗ କରିଥିବାରୁ ରାଜ୍ୟ ସଂଘକୁ ଧନ୍ୟବାଦ ଜଣାଉଛି" ବୋଲି ପାର୍ବତୀ କହିଛନ୍ତି।

ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୪ ଖେଳାଳିଙ୍କୁ ନିକଟରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନ(କାଭି) ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଏମ୍‌ପି ରବିନାରାୟଣ ବେହେରା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନର ପ୍ରତିଷ୍ଠାତା ସମ୍ପାଦକ ସନ୍ନ୍ୟାସୀ କୁମାର ବେହେରା, ସଭାପତି ଜାଫର ଇକ୍‌ବାଲ, ହାପି ଗ୍ଲିସ୍ ଫାଉଣ୍ଡେଶନର ସମ୍ପାଦକ ସିଏସ୍ ସୁନୀତା ମହାନ୍ତି, ପିଡିଏସ୍ ରୋଟାରୀ ଜୟଶ୍ରୀ ମହାନ୍ତି, ଶିଶୁ ଓ ମହିଳା ବିକାଶ ସୋସାଇଟି(ସିଡବ୍ଲୁଡିଏସ୍)ର ଚେୟାରମ୍ୟାନ କଳ୍ପନା ଦାସ, 'ୱି ଫର୍ ୟୁ'ର ଚେୟାରମ୍ୟାନ ଅଭୟ ମହନ୍ତ, ଟାଟା ପାୱାର ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଡବ୍ଲୁଓଡିଏଲ୍)ର ସିଏସ୍‌ଆର୍ ହରପ୍ରସାଦ ଦାସ, ସକ୍ଷମ ଫାଉଣ୍ଡେଶନର ସମ୍ପାଦକ ମନସ୍ୱିତା ପ୍ରଧାନ ଏବଂ 'ରେ ଅଫ୍ ହୋପ୍' ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସମ୍ପାଦକ ନିଶିକାନ୍ତ ତାରିଣିଆ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ସହ ୪ ଦୃଷ୍ଟିବାଧିତ ମହିଳା ଖେଳାଳି

---

# କଡ଼ା ପରୀକ୍ଷାରେ ଭାରତ



ନିର୍ମଳ କୁମାର ମିଶ୍ର

**ଚଳିତ ଆଇସିସି ଟି୨୦ ମହିଳା କ୍ରିକେଟ ବିଶ୍ୱକପ୍‌ରେ ଭାରତ ଯଦିଓ ପ୍ରଥମ ଦୁଇଟି ମ୍ୟାଚ ଜିତିଛି ତେବେ ଆଗକୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ କଡ଼ା ପରୀକ୍ଷାର ସମ୍ମୁଖୀନ ହେବା ଘରୋଇ ପରିବେଶରୁ ଫାଇଦା ଉଠାଇ ପ୍ରଦର୍ଶନରେ ସ୍ଥିରତା ରଖିପାରିଲେ ଦଳ ପାଇଁ ଆଗକୁ ବଢ଼ିବାକୁ ସୁଯୋଗ ରହିବ।**

ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇଛି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୧୩ଶ ସଂସ୍କରଣ। ଏଥର ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଏହି ବିଶ୍ୱକପ୍ ଆୟୋଜନ କରୁଛନ୍ତି। ପାକିସ୍ତାନ ଏହାର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳୁଛି। ଟୁର୍ନାମେଣ୍ଟରେ ମୋଟ ୨୮ଟି ଲିଗ୍ ମ୍ୟାଚ ଓ ୩ଟି ନକ୍ ଆଉଟ୍ ମ୍ୟାଚ ଖେଳାଯିବ। ୯ ତାରିଖ ସୁଦ୍ଧା ୧୦ଟି ମ୍ୟାଚ ଅନୁଷ୍ଠିତ ହୋଇସାରିଛି। ଆଇସିସି ୨୦୨୨ ସଂସ୍କରଣ ପରି ଏଥର ମଧ୍ୟ ଫର୍ମାଟ ଅପରିବର୍ତ୍ତିତ ରଖିଛି। ଭାଗ ନେଉଥିବା ୮ଟି ଦଳ ରାଉଣ୍ଡ ରବିନ୍ ଫର୍ମାଟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଖେଳୁଛନ୍ତି। ଆୟୋଜକ ଭାରତ ଓ ଶ୍ରୀଲଙ୍କା ସହିତ ବାଂଲାଦେଶ, ପାକିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଭାଗ ନେଉଛନ୍ତି। ଇତିହାସ ଦେଖିଲେ ଅଷ୍ଟ୍ରେଲିଆ ସର୍ବାଧିକ ୭ଥର ଏହି ଟ୍ରଫି ହାସଲ କରି ନିଜର ଆଧିପତ୍ୟ ସାବ୍ୟସ୍ତ କରିଛି। ବିଶ୍ୱକପ୍ ପୂର୍ବରୁ ୨୦୨୨ରୁ ୨୦୨୫ ମଧ୍ୟରେ ଅନୁଷ୍ଠିତ ମହିଳା ଦିନିକିଆରେ ମୋଟ ୩୪ଟି ମ୍ୟାଚରେ ଦଳଗୁଡ଼ିକ ୩ଶହରୁ ଅଧିକ ରନ ସଂଗ୍ରହ କରିବା ମହିଳା ଦଳର ସାମର୍ଥ୍ୟକୁ ସୂଚାଉଛି।

ଭାରତ ପାଇଁ ଏଥର ବଡ ସୁଯୋଗ ରହିଛି। ହରମନ୍‌ପ୍ରୀତ୍‌ଙ୍କ ନେତୃତ୍ୱରେ ଦଳ ଚଳିତ ଟୁର୍ନାମେଣ୍ଟରେ ଭଲ ଆରମ୍ଭ କରିଛି। ପ୍ରଥମ ୨ଟି ମ୍ୟାଚରେ ଶ୍ରୀଲଙ୍କାକୁ ଡିଏଲଏସ୍ ପଦ୍ଧତିରେ ୫୯ ରନ୍‌ରେ ପରାସ୍ତ କରିଥିବା ବେଳେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮୮ ରନ ବଡ ବ୍ୟବଧାନରେ ହରାଇ ସେମିଫାଇନାଲ ପାଇଁ ଆଶା ରଖିଛି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ହର୍ଲିନ ଦେଓଲ, ଅମନଜୋତ କୌର ଭଲ ବ୍ୟାଟିଂ କରିଥିବାବେଳେ ଦୀପ୍ତି ଶର୍ମା (୫୩ ରନ ଏବଂ ୩/୫୪) ଓ ସ୍ନେହ ରାଣା (୨୮* ରନ ଓ ୨/୩୨) ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେହିପରି ପାକିସ୍ତାନ ବିପକ୍ଷରେ କେହି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ଟପ୍ ଓ ମିଡିଲ ଅର୍ଡର ପ୍ରଭାବୀ ବ୍ୟାଟିଂ କରିଥିଲା। ଦୀପ୍ତି ଓ ସ୍ନେହଙ୍କ ଅଲ୍‌ରାଉଣ୍ଡ ସଫଳତା ମଧ୍ୟ ଏହି ମ୍ୟାଚରେ ଦେଖିବାକୁ ମିଳିଥିଲା। ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟପ୍ ଅର୍ଡରରେ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଦଳ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଭାରତୀୟ ଦଳର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।



ସାଥୀ ଖେଳାଳିଙ୍କ ସହ ଦୀପ୍ତି ଶର୍ମା (ମଝି)

୩ଥର ଟି୨୦ ଏସିଆ କପ୍ ୨୦୧୨, ୨୦୧୬, ୨୦୨୨ରେ ସଫଳ ହୋଇଥିବା ଏହି ଦଳ ନିକଟରେ ପ୍ରତିଭାର ଅଭାବ ନାହିଁ। ୧୯୭୮ରେ ୪ର୍ଥ ସ୍ଥାନ, ୧୯୯୭ ସେମିଫାଇନାଲ, ୨୦୧୩ରେ ୭ମ ସ୍ଥାନରେ ରହିଥିବା ବେଳେ ଅନ୍ୟ ସଂସ୍କରଣଗୁଡ଼ିକରେ ଭଲ ପ୍ରଦର୍ଶନ କରିପାରିନି। ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଦଳ ଅନେକ ଶକ୍ତିଶାଳୀ ଦଳ ବିପକ୍ଷରେ ସିରିଜ ବିଜୟୀ ହୋଇଛି। ତାଙ୍କ ପାଖରେ ସ୍ମୃତି ମନ୍ଧାନା, ହର୍ଲିନ ଦେଓଲ, ରିଚା ଘୋଷ, ଜେମିମା ରୋଡ୍ରିଗୁଏଜ, ପ୍ରତିକା ରାୱଲ, ଦୀପ୍ତି ଶର୍ମା ଓ ରେଣୁକା ସିଂ ଠାକୁର, କ୍ରାନ୍ତି ଗୌଡଙ୍କ ପରି ଦକ୍ଷ ଖେଳାଳି ରହିଛନ୍ତି। ଉତ୍ତମ ନେତୃତ୍ୱ ସହ ଘରୋଇ ପରିବେଶ ଓ ସ୍ପିନ୍ ଷ୍ଟ୍ରେଙ୍ଗ୍ଥ ନେଇ ଟାଇଟଲ ଜିତିବା ଆଶାରେ ରହିଛି ଭାରତୀୟ ଦଳ।

ପାକିସ୍ତାନ ଅଧିନାୟିକା ଫତିମା ସାନା ପ୍ରଥମ ଥର ପାଇଁ ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେଉଥିବାରୁ ଅତ୍ୟଧିକ ଚାପରେ ରହି ଟୁର୍ନାମେଣ୍ଟ ଖେଳୁଥିବା ନଜରକୁ ଆସୁଛି। ତାଙ୍କ ଲିଡରଶିପ୍ ଏବେ ପରୀକ୍ଷାରେ। ସେହିପରି ଦକ୍ଷିଣ ଆଫ୍ରିକା ଯଦିଓ ପ୍ରଦର୍ଶନରେ ସ୍ଥିରତା ରଖି ପାରିନାହିଁ ତେବେ ଟ୍ରଫି ଜିତିବାକୁ ଅନ୍ୟତମ ଦାବିଦାର ରହିଛି। ଅନ୍ୟତମ ଆୟୋଜକ ଶ୍ରୀଲଙ୍କାର ଅଧିନାୟିକା ଚାମରୀ ଆଟାପାଟ୍ଟୁ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିବା ଅପେକ୍ଷାରେ ଅଛନ୍ତି।

ଏଥର ବହୁ ସଂଖ୍ୟାରେ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିବା ଦେଖିବାକୁ ମିଳିଛି। ସେମାନେ ନିଜ ପସନ୍ଦର ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି। ମୋଟ ଉପରେ କହିବାକୁ ଗଲେ ମହିଳା କ୍ରିକେଟର ଗୁରୁତ୍ୱ ବଢ଼ିଛି। ବଡ କଥା ହେଲା ବିଶ୍ୱକପ୍ ପୂର୍ବରୁ ଆଇସିସି ଏକ ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ବିଜେତା ଦଳ ଲାଗି ରେକର୍ଡ ପରିମାଣର ଆର୍ଥିକ ପୁରସ୍କାର ଘୋଷଣା କରିଛି। ବିଜେତା ଦଳକୁ ମିଳିବ ପ୍ରାୟ ୪୦କୋଟି ଟଙ୍କା। ପୁରସ୍କାର ରାଶିକୁ ୩ଗୁଣା ବୃଦ୍ଧି କରିଛି। ପୁରସ୍କାର ବାବଦରେ ପ୍ରାୟ ୧୨୨.୫ କୋଟି ଖର୍ଚ୍ଚ ହେବ। ୨୦୨୩ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଏହି ପୁରସ୍କାର ରାଶି ମାତ୍ର ୩୧ କୋଟି ଥିଲା। ୨୦୨୩ ପୁରୁଷ ଦିନିକିଆ ବିଶ୍ୱକପ୍‌ରେ ପୁରସ୍କାର ବାବଦରେ ମୋଟ ୮୮କୋଟି ଖର୍ଚ୍ଚ ହୋଇଥିଲା। ଚଳିତ ମହିଳା ବିଶ୍ୱକପ୍‌ରେ ଚାମ୍ପିୟନ ଦଳ ପ୍ରାୟ ୪୦ ଏବଂ ରନର୍ସ ଅପ୍ ଦଳ ୨୦କୋଟି ପାଇବେ। ମହିଳା ବିଶ୍ୱକପ୍‌ର ଲୋକପ୍ରିୟତାକୁ ଏହା ସୂଚାଉଛି।

**ଭାରତର ଅବଶିଷ୍ଟ ମ୍ୟାଚ କାର୍ଯ୍ୟସୂଚୀ**

| | |
|---|---|
| ଅକ୍ଟୋବର ୧୨: | ବନାମ ଅଷ୍ଟ୍ରେଲିଆ |
| ଅକ୍ଟୋବର ୧୯: | ବନାମ ଇଂଲଣ୍ଡ |
| ଅକ୍ଟୋବର ୨୩: | ବନାମ ନ୍ୟୁଜିଲାଣ୍ଡ |
| ଅକ୍ଟୋବର ୨୬: | ବନାମ ବାଂଲାଦେଶ |

---

## ସୁପର

ଦୁବାଇ କ୍ରିକେଟ ଷ୍ଟାଡିୟମ କମ୍ପେ
ବିପକ୍ଷରେ ପାକିସ୍ତାନ
ସୂର୍ଯ୍ୟ ଯାଦବଙ୍କ ସେନା ସ୍ପିନରଙ୍କ
ବୋଲିଂ ରଖିଲା ମାନ
ଇଜି ଟାର୍ଗେଟ ରନ୍
ଏକ ଚାଳିଶ ବର୍ଷ ପରେ ବି ଇଣ୍ଡିଆ
ପାକ୍ ଠିଁ ମାରିଲା ଚୂନ....(୧)
ଶେଷ ଓଭରରେ ଓନ୍‌ଲି ଦଶ ରନ
ଇଣ୍ଡିଆକୁ ଦରକାର
ହାରିଶ ରୌଫ୍‌ର ଫୁଲ ଟସ୍ ବଲକୁ
ସ୍କୋୟାର ଲେଗ କରି ପାର
ବର୍ମାର ଏ ଛକା ତୀର
ସଲମାନ ଆଘାର କପାଳରେ ବାଜି
ଲେଖିଲା ରକତ ଗାର...(୨)



ତିଲକ ବର୍ମାର ସୁପର ଓଭର
ଦୁବେର ସୁପର ଛକା
ଟି ଟ୍ୱେଣ୍ଟି ଏସିଆ କପ୍‌ରେ ସୁପର
ହ୍ୟାଣ୍ଡସେକ୍ ବିବାଦ, ଧୋକା
ଇତିହାସ ହେଲା ଲେଖା
ଚାମ୍ପିୟନ ହୋଇ କପ୍ ନ ଆଣିବା
ପାକକୁ ସୁପର ଶିକ୍ଷା....(୩)

–ସୁବାସ ଚନ୍ଦ୍ର ପ୍ରଧାନ

# ଦକ୍ଷିଣ ଆଫ୍ରିକାର ରୋମାଞ୍ଚକ ବିଜୟ

**ବିଶାଖାପାଟଣା, ୯।୧୦**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩ ଉଇକେଟରେ ଭାରତକୁ ପରାସ୍ତ କରିଛି। ରିଚା ଘୋଷଙ୍କ ବିସ୍ଫୋରକ ୯୪ ରନର ଇନିଂସ ବଳରେ ଭାରତ ୨୫୨ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଛିଡ଼ା କରିଥିଲା। ଜବାବରେ ନାଦିନେ ଡି କ୍ଲର୍କ ଅପରାଜିତ ୮୪ ରନର ବିସ୍ଫୋରକ ପାଳି ଖେଳି ଭାରତଠାରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଏହା ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଭାରତର ଏହା ପ୍ରଥମ ପରାଜୟ। ପ୍ରଥମେ ବ୍ୟାଟିଂ କରିଥିବା

**ଆଇସିସି ମହିଳା ବିଶ୍ୱକପ୍**

ଭାରତୀୟ ଦଳକୁ ପ୍ରତିକା ରାଓ୍ୱଲ (୩୭ ରନ୍, ୫ ଚୌକା) ଓ ସ୍ମୃତି ମନ୍ଧାନା (୨୩ ରନ, ୧ ଲେଖାଏ ଚୌକା ଓ ଛକା) ଭଲ ଆରମ୍ଭ ଦେଇଥିଲେ। ଦୁହେଁ ଆଉଟ୍ ହେବା ପରେ ଗତ ଦୁଇ ମ୍ୟାଚ୍ ଭଳି ମିଡିଲ ଅର୍ଡର ଫେଲ ମାରିଥିଲା। ଦଳ ମାତ୍ର ୧୯ ରନ ମଧ୍ୟରେ ୫ ଉଇକେଟ ହରାଇଥିଲା। ଫଳରେ ଏକଦା ୮୩/୧ ସ୍କୋର କରିଥିବା ଭାରତ ୧୦୨ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅମନଜୋତ କୌର (୧୩)ଙ୍କ ସହ ମିଶି ରିଚା ଘୋଷ ଦଳୀୟ ସ୍କୋରକୁ ୧୫୦ ଅତିକ୍ରମ କରାଇଥିଲେ। ଶେଷ ଆଡ଼କୁ ରିଚା ଓ ସ୍ନେହ ରାଣା ଆଟାକିଂ ବ୍ୟାଟିଂ କରି


ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ନାଦିନେ ଡି କ୍ଲର୍କ।

ଅଷ୍ଟମ ଉଇକେଟ ପାଇଁ ୮୮ ରନ ଯୋଡ଼ିଥିଲେ। ସ୍ନେହ ୨୪ ବଲରେ ୬ ଚୌକା ସହିତ ୩୩ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ରିଚା ୭୭ ବଲରେ ୯୪ ରନର ବିସ୍ଫୋରକ ପାଳି ଖେଳି ଅନ୍ତିମ ଓଭରରେ ପାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଏହା ରିଚାଙ୍କର ଦିନିକିଆ କ୍ୟାରିୟରର ସର୍ବାଧିକ ସ୍କୋର। ଭାରତୀୟ ଦଳ ୪୯.୫ ଓଭରରେ ୨୫୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ଲୋ ଟ୍ରାଇଅନ ୩ ଉଇକେଟ ନେଇଥିବା ବେଳେ ନନକୁଲୁଲେକୋ ମଲାବା, ନାଦିନେ ଡି କ୍ଲର୍କ ଓ ମାରିଜନେ କାପ ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଭାରତ ଭଳି ଦକ୍ଷିଣ ଆଫ୍ରିକା ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଗୋଟିଏ ପଟେ ଅଧିନାୟିକା ଲୌରା ୱୋଲଭାର୍ଟ ଛିଡ଼ା ହୋଇଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ଦଳ ୨୦ ଓଭର ମଧ୍ୟରେ ୮୧ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟିକା ଲୌରାଙ୍କ ସହ କ୍ଲୋ ଟ୍ରାଇଅନ ସପ୍ତମ ଉଇକେଟରେ ୬୧ ରନ ଯୋଡ଼ିଥିଲେ। ଲୌରା ୮ ଚୌକା ସହିତ ୭୦ ଓ ଟ୍ରାଇଅନ ୫ ଚୌକା ସହିତ ୪୯ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ନାଡିନେ ଡି କ୍ଲର୍କ ୫୪ ବଲରେ ୮ ଚୌକା ଓ ୫ ଛକା ସହ ବିସ୍ଫୋରକ ୮୪ ରନର ପାଳି ଖେଳି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଦକ୍ଷିଣ ଆଫ୍ରିକା ୪୮.୫ ଓଭରରେ ୭ ଉଇକେଟ ହରାଇ ୨୫୨ ରନ କରି ନେଇଥିଲା। ଭାରତ ପାଇଁ କ୍ରାନ୍ତି ଗୌଡ଼ ଓ ସ୍ନେହ ରାଣା ୨ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୯.୫ ଓଭରରେ ୨୫୧/ଅଲଆଉଟ୍ (ରିଚା ଘୋଷ–୯୪, ପ୍ରତିକା ରାଓ୍ୱଲ–୩୭, ସ୍ନେହ ରାଣା–୩୩, କ୍ଲୋ ଟ୍ରାଇଅନ–୩/୩୨, ମାରିଜନେ କାପ–୨/୪୫, ନନକୁଲୁଲେକୋ ମଲାବା–୨/୪୬)। ଦକ୍ଷିଣ ଆଫ୍ରିକା: ୪୮.୫ ଓଭରରେ ୨୫୨/୭ (ନାଡିନେ ଡି କ୍ଲର୍କ–୮୪*, ଲୌରା ୱୋଲଭାର୍ଟ–୭୦, କ୍ଲୋ ଟ୍ରାଇଅନ–୪୯, ସ୍ନେହ ରାଣା–୨/୪୭, କ୍ରାନ୍ତି ଗୌଡ଼–୨/୫୯)।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୦/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, October 10/2025 | Page 16 | ₹ 7.00

୫୧ଶ ଭାଗ ୩୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 314 | ମୂଲ୍ୟ₹୭/-




ଭୋଟ ଚୋରି ଏବଂ ଚାକିରି ବିକ୍ରି ପ୍ରସଙ୍ଗରେ ଗୁରୁବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଯୁବ କଂଗ୍ରେସ ପକ୍ଷରୁ ପ୍ରତାରଣା ପ୍ରତିବାଦ ସଭା ଆୟୋଜିତ ହୋଇଛି। ଏହି ଅବସରରେ କଂଗ୍ରେସର ଯୁବ, ଛାତ୍ର ନେତାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଯିବାବେଳେ ସେମାନଙ୍କୁ ପୋଲିସ ଅଟକାଉଛି। **(ଫଟୋ–ମନୋରଞ୍ଜନ)**

# ବଣିକ୍ କୋଚିଂ ସେଣ୍ଟରରେ କ୍ରାଇମବ୍ରାଞ୍ଚ ଚଢ଼ାଉ

## ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ଜାଲିଆତି

- **ଗିରଫ ଆଶାୟୀଙ୍କ ମଧ୍ୟରୁ କିଛିଜଣ ବଣିକ୍‌ରେ ପଢୁଥିଲେ**
- **ବଣିକ୍‌ର ୫ ବର୍ଷର ତଥ୍ୟ ନେଲା ତଦନ୍ତକାରୀ ଟିମ୍**
- **ଘୋଷଣା କରି ଖବରଦାତା ସମ୍ମିଳନୀକୁ ସ୍ଥଗିତ କଲା ଓପିଆର୍‌ବି**

**ଟିକସ ହେରଫେରକୁ ନେଇ ପୂର୍ବରୁ ଜିଏସ୍‌ଟି ଓ ଆୟକର ବିଭାଗର ସ୍କାନରକୁ ଆସିଥିବା ବଣିକ୍ କୋଚିଂ ସେଣ୍ଟର ଏବେ ପୁଣି ଚର୍ଚ୍ଚାକୁ ଆସିଛି। ପୋଲିସ ଏସ୍ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାରେ ଏହି କୋଚିଂ ସଂସ୍ଥା କ୍ରାଇମବ୍ରାଞ୍ଚର ତଦନ୍ତ ଜାଲରେ ଛନ୍ଦି ହୋଇଛି। ଗିରଫ ଅଭିଯୁକ୍ତ ଆଶାୟୀଙ୍କ ମଧ୍ୟରୁ କେତେଜଣଙ୍କ ବଣିକ୍ ସହ ଲିଙ୍କ୍ ରହିଥିବା ତଦନ୍ତରୁ ଜଣାପଡ଼ିବା ପରେ ଏହି ଦିଗରେ କ୍ରାଇମବ୍ରାଞ୍ଚ ଅଧିକ ଖୋଳତାଡ଼ ଚଳାଇଛି। ତଦନ୍ତ ଆରମ୍ଭ ହୋଇଛି, ଯାହାବି ପ୍ରମାଣ ମିଳିବ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଅପରପକ୍ଷରେ ଏସ୍ଆଇ ପରୀକ୍ଷା ଜାଲିଆତିରେ ବଣିକ୍ କୋଚିଂ ସେଣ୍ଟରର କୌଣସି ସମ୍ପୃକ୍ତି ନାହିଁ ବୋଲି ଏହାର ପ୍ରତିଷ୍ଠାତା ସୁବ୍ରତ ଛାଟୋଇ କହିଛନ୍ତି।**

ଭୁବନେଶ୍ୱର,୯।୧୦(ସତ୍ୟଜିତ ରାଉତ)

ଭୁବନେଶ୍ୱର ସିଆର୍‌ପି ଛକ ନିକଟ ବଣିକ୍ କୋଚିଂ ଶାଖାରେ ଗୁରୁବାର ଅପରାହ୍ନରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ମାରାଥନ୍ ଚଢ଼ାଉ କରିଛି। ସଂସ୍ଥାର କର୍ମଚାରୀ ଓ ଅଧିକାରୀଙ୍କୁ ପୋଲିସ ଟିମ୍ ପଚରାଉଚରା କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଥିବା ସୂଚନା ମିଳିଛି। ତେବେ ଏହି ଚଢ଼ାଉବେଳେ ବଣିକ୍‌ର ମାଲିକ ସୁବ୍ରତ ଛାଟୋଇ ଅନୁପସ୍ଥିତ ଥିଲେ। ତେବେ ଚଢ଼ାଉରେ ନେତୃତ୍ୱ ନେଇଥିବା କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା କହିଛନ୍ତି, ଏହି ଜାଲିଆତି ଘଟଣାରେ ଯିଏ ବି ସମ୍ପୃକ୍ତ ଥିବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କିଛି ପିଲା ବଣିକ୍ କୋଚିଂ ସେଣ୍ଟରରେ ପଢୁଥିଲେ। ସେହି ସୂଚନା ଆଧାରରେ ବଣିକ୍‌ର ଗତ ୫ବର୍ଷର ତଥ୍ୟ ଦେଖୁଛୁ। କ୍ରାଇମବ୍ରାଞ୍ଚ ପାଖରେ ଯାହା ବିବରଣୀ ଅଛି, ତାହାକୁ ଆମେ ଯାଞ୍ଚ କରିବୁ। ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗିରଫ ଆଶାୟୀଙ୍କ ପଛରେ କେଉଁମାନେ ଅଛନ୍ତି, ତାହା ଜାଣିବାକୁ ପ୍ରୟାସ କରାଯାଉଛି ବୋଲି ଡିଏସ୍‌ପି ବେହେରା କହିଛନ୍ତି। ଅପରପକ୍ଷରେ ବଣିକ୍‌ର ମାଲିକ ତଥା ବିଜେଡି ନେତା ସୁବ୍ରତ ଛାଟୋଇ ଏହି ଘଟଣାରେ ମୁହଁ ଖୋଲି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସୁବ୍ରତ କହିଛନ୍ତି, କୋଚିଂ ସଂସ୍ଥା ପକ୍ଷରୁ ୧୨ବର୍ଷ ହେଲା ପିଲାଙ୍କୁ ଶିକ୍ଷା ଯୋଗାଇ ଆସୁଛୁ। କେମିତି ସେମାନେ ସରକାରୀ ଚାକିରି ପାଇପାରିବେ ସେହି ଦିଗରେ ଆମେ ପାଠ ପଢ଼ାଉଛୁ। ଏହି ଜାଲିଆତିରେ ବଣିକ୍‌ର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଟିକସ ଫାଙ୍କି ଅଭିଯୋଗରେ ୨୦୨୩ ମାର୍ଚ୍ଚ ୨୮ରେ ବଣିକ୍ ଉପରେ ଜିଏସ୍‌ଟି ରେଡ୍ ହୋଇଥିଲା। ସେହିପରି ୨୦୨୪ ଏପ୍ରିଲ ୧ରେ ଆୟକର ବିଭାଗ ପକ୍ଷରୁ ସୁବ୍ରତଙ୍କ ବିଭିନ୍ନ ସଂସ୍ଥା ଉପରେ ଚଢ଼ାଉ କରାଯାଇଥିଲା। ଏବେ ଏସ୍ଆଇ ପରୀକ୍ଷା କେଲେଙ୍କାରୀକୁ ନେଇ ବଣିକ୍‌ର ହାତ ଥିବା ଅଭିଯୋଗକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ନିଯୁକ୍ତି ପରିଚାଳନା ଦାୟିତ୍ୱରେ ଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ(ଓପିଆର୍‌ବି)ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ପରୀକ୍ଷାର୍ଥୀମାନେ ମଧ୍ୟ ଆଶା ଆଶଙ୍କାରେ ରହିଛନ୍ତି। ☞ପୃଷ୍ଠା–୪

# ପୋଲିସ–ଯୁବ କଂଗ୍ରେସ ମୁହାଁମୁହିଁ

## ଭୋଟ ଚୋରି, ଚାକିରି ବିକ୍ରି ପ୍ରସଙ୍ଗ

### ବ୍ୟାରିକେଡ୍ ଭାଙ୍ଗି ଶତାଧିକ ଗିରଫ

ଭୁବନେଶ୍ୱର,୯।୧୦ (ରବିନାରାୟଣ ଜେନା)

ଭୋଟ ଚୋରି ଏବଂ ଚାକିରି ବିକ୍ରି ପ୍ରସଙ୍ଗରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ପ୍ରତାରଣା ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଯାଇଛି। ଏହି ଅବସରରେ ଯୁବ କଂଗ୍ରେସର କର୍ମୀ ଓ କର୍ମକର୍ତ୍ତାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଥିବା ବେଳେ ଲୋୟର ପିଏମ୍‌ଜିଠାରେ ପୋଲିସ ଅବରୋଧ କରିଥିଲା। ଯୁବ କଂଗ୍ରେସ ପକ୍ଷରୁ ଦୁଇଟି ବାରିକେଡ୍ ଭାଙ୍ଗି ଦିଆଯାଇଥିଲା। ଏହି ସମୟରେ ପୋଲିସ ସହିତ କଂଗ୍ରେସ ଯୁବ ଓ ଛାତ୍ର ନେତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇ ପୋଲିସ ଘଟଣାସ୍ଥଳରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କ ସହ ଅନ୍ୟମାନଙ୍କୁ ଗିରଫ କରିଥିଲା। ସମାବେଶରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଯୋଗଦେଇ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ନିର୍ବାଚିତ ସରକାର ନୁହନ୍ତି ବୋଲି କହିଛନ୍ତି। ଉଦୟଭାନୁ ଉଦ୍‌ବୋଧନ ଦେଇ ☞ପୃଷ୍ଠା–୪


## KALINGA INSTITUTE OF INDUSTRIAL TECHNOLOGY

**KIIT Deemed to be University** (Declared U/S 3 of UGC Act, 1956), Bhubaneswar, Odisha, India

KIIT is only 28 years old as an institute (1997 – 2025) and 22 years old as a university.

Organisation in Special Consultative Status with the United Nations Economic & Social Council (UN-ECOSOC)

THE World University Rankings 2026

**KIIT** placed globally in the Top **501** Cohort

Ranked **259th** Globally in Academic Excellence

**5th Best** in India

### KIIT's Rank Over the Years




**Top Performer in India in Three Parameters**

- Industry Integration
- International Outlook
- Social Commitment — Strong alignment with SDG goals 4, 10 & 16

### Times Higher Education Summary Statement

"KIIT's performance in THE (Times Higher Education) World University Rankings 2026 reflects a decade of transformation from Local Excellence to Global Excellence. The institution has demonstrated that a socially inclusive university from Odisha can compete with the world's finest through innovation, compassion, and quality education."

"ପ୍ରତି ରାଜ୍ୟ ଚାହାନ୍ତି ସେହି ରାଜ୍ୟର ଏକ ଶିକ୍ଷାନୁଷ୍ଠାନ ବିଶ୍ୱର ୫୦୦ ର୍ୟାଙ୍କ ମଧ୍ୟରେ ଆସୁ। ମୁଁ ଅତ୍ୟନ୍ତ ଖୁସି ଯେ, ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ଯୋଗୁଁ କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇ ବିଶ୍ୱର ବହୁ ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧ କୋହର୍ଟ ମଧ୍ୟ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ଏହି ସଫଳତା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ।"

**ଅଚ୍ୟୁତ ସାମନ୍ତ**
ପ୍ରତିଷ୍ଠାତା, କିଟ୍, କିସ୍ ଓ କିମ୍‌ସ

**OTHER RANKINGS**

- 17th Among Indian Universities Ranked by NIRF, Govt. of India — nirf 2025
- A++ Grade Accredited by NAAC
- Tier 1 Re-accredited by NBA All Engineering Programs for 6 Years
- 5th in India, 101-200 global rank — Times Higher Education Impact Rankings 2025; SDGs Ranking in India: 1st, 1st, 3rd
- 1st in Odisha, 9th in India Among private universities — QS World University Rankings
- 8th Best in India Among Govt. & Pvt. Institutions — THE World University Rankings 2025 Asia
- ABET (US) Accreditation; IET The Institution of Engineering and Technology
- Special Consultative Status by the UN-ECOSOC; Partnership with UN Volunteers

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ମଣିଷ, ବନ୍ୟପ୍ରାଣୀ ପ୍ରାକୃତିକ ସମ୍ପନ୍ନୟର ଅବିଚ୍ଛେଦ୍ୟ ଅଂଶ



ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

### ଡ. ଶରତ ଚନ୍ଦ୍ର ମିଶ୍ରଙ୍କୁ 'ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର'

ଭୁବନେଶ୍ୱର, ୯।୧୦ (ବନ୍ଦନା ସେଠୀ)

ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱ ଏକାନ୍ତ ଆବଶ୍ୟକ। ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମ୍ପନ୍ନୟର ଅବିଚ୍ଛେଦ୍ୟ ଅଂଶ। ବନ୍ୟପ୍ରାଣୀ ସପ୍ତାହ ପାଳନ ଦେଶର ଜୀବନ୍ତ ଐତହ୍ୟର ସୁରକ୍ଷା ପାଇଁ ସମସ୍ତଙ୍କ ମିଳିତ କର୍ତ୍ତବ୍ୟକୁ ମନେ ପକାଇଦିଏ ବୋଲି ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି କହିଛନ୍ତି। ଗୁରୁବାର ଲୋକସେବା ଭବନଠାରେ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ପୂର୍ବଘାଟ ପର୍ବତମାଳା, ଘଞ୍ଚ ଜଙ୍ଗଲ, ହେନ୍ତାଳ ବନ, ନଦୀ ଏବଂ ସୁଦୀର୍ଘ ଉପକୂଳ ରାଜ୍ୟକୁ ବନ୍ୟପ୍ରାଣୀଙ୍କ ବିହାରସ୍ଥଳ କରିଛି। ଚିଲିକା ହ୍ରଦ ଓ ଭିତରକନିକାଠାରୁ ଆରମ୍ଭ କରି ଗହୀରମଥା ଓ ଋଷିକୂଲ୍ୟାରେ ଅଲିଭ ରିଡ୍ଲେ କଇଁଛଙ୍କ ଗଣ ଅଣ୍ଡାଦାନ ପର୍ଯ୍ୟନ୍ତ ଓଡ଼ିଶା ସଂରକ୍ଷଣ ସଫଳତାର ଏକ ମଡେଲ ଭାବେ ଛିଡ଼ା ହୋଇଛି। ତଥାପି ମାନବ ବସତି ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରାକୃତିକ ସମ୍ପଦ ପ୍ରଭାବିତ ହେଉଛି ବୋଲି ରାଜ୍ୟପାଳ କହିଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଯୋଗଦେଇ କହିଲେ, ରାଜ୍ୟ ସରକାର ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। 'ଆମ ଶିମିଳିପାଳ ଯୋଜନା' ଅଧୀନରେ ୫୦କୋଟି ଟଙ୍କାର ବ୍ୟୟ କରାଯାଇଛି। ୨୧ଟି ଜିଲାରେ ଅବସ୍ଥିତ ୫୩ଟି ପରିବେଶ ପର୍ଯ୍ୟଟନସ୍ଥଳୀ ବ୍ୟାପକ ରୋଜଗାର ଏବଂ ରାଜସ୍ୱ ସୃଷ୍ଟିରେ ସହାୟକ ହୋଇଛି। ଗତବର୍ଷ ୧.୭ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବିଭିନ୍ନ ପରିବେଶ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ପରିଭ୍ରମଣ କରିଛନ୍ତି ଏବଂ ଏହି ବାବଦକୁ ପାଖାପାଖି ୧୯ କୋଟିରୁ ଊର୍ଦ୍ଧ୍ୱ ଆୟ ସଂଗ୍ରହ ହୋଇଛି। ପର୍ଯ୍ୟଟକଙ୍କ ଅନୁଭୂତିକୁ ଆହୁରି ମନୋରମ କରିବା ଉଦ୍ଦେଶ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷରେ ମହେନ୍ଦ୍ରଗିରି, ଜାଖମ ଏବଂ ଶିମିଳିପାଳର ତଳବନ୍ଧଠାରେ ୩ଟି ନୂତନ ପରିବେଶ ପର୍ଯ୍ୟଟନ ସ୍ଥଳୀ ଉତ୍ସର୍ଗୀକୃତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଓଡିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ ବନ୍ୟପ୍ରାଣୀ ସଂରକ୍ଷଣର ଗୁରୁତ୍ୱ ଏବଂ ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ 'ୱାଇଲ୍ଡ ଲାଇଫ୍ ଓଡ଼ିଶା ୨୦୨୫', 'ୱାଇଲ୍ଡ ଲାଇଫ୍ କ୍ରାଇମ୍ ଇନ୍‌ଭେଷ୍ଟିଗେଶନ୍ ମାନୁଆଲ୍ ବାଏ ଜଏଣ୍ଟ ଟାସ୍କ ଫୋର୍ସ' ଏବଂ 'ଦେବ୍ରୀଗଡ଼: ଦି ୱାଇଲ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ବନ୍ୟପ୍ରାଣୀ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଶରତ ଚନ୍ଦ୍ର ମିଶ୍ରଙ୍କୁ 'ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ପରେ କୁଇଜ, ଫଟୋଗ୍ରାଫି ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଜଙ୍ଗଲ ଜମିରେ ଆବାସିକ ସ୍କୁଲ ନିର୍ମାଣ

### ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ସରକାରଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୯।୧୦ (ପି.ଟି.)

କେନ୍ଦୁଝର ଜିଲାର ପାଟଣା ତହସିଲ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମ ନିକଟସ୍ଥ ଜଙ୍ଗଲ ଜମିରେ ନିର୍ମାଣ ହୋଇଛି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍)। ବିନା ଫରେଷ୍ଟ କ୍ଲିଅରାନ୍ସରେ ଏହା ନିର୍ମାଣ ହୋଇଛି। ଏହି ନିର୍ମାଣ ପାଇଁ ଅନୁମତି ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗୁରୁବାର କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ ପରାମର୍ଶଦାତା କମିଟି (ଏଫ୍‌ଏସି)ର ରିପୋର୍ଟ ଅନୁଯାୟୀ, ପରିବେଶ ମନ୍ତ୍ରଣାଳୟର ବିନା ମଞ୍ଜୁରୀରେ ଡାଇଭର୍ସନ ପାଇଁ ପ୍ରସ୍ତାବିତ ଥିବା ୧.୮୦ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ଇଏମ୍‌ଆର୍‌ଏସ୍‌ର କୋଠାକୁ ନିର୍ମାଣ କରାଯାଇଛି। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ଅଭିଯାନ ଅନ୍ତର୍ଗତ ଏହି ସ୍କୁଲକୁ ନିର୍ମାଣ କରାଯାଇଥିଲା। ତେବେ ପରିବେଶ ମନ୍ତ୍ରଣାଳୟର ଅନୁମୋଦନ ବିନା ଏହି ସ୍କୁଲର ନିର୍ମାଣ ହୋଇଥିଲା, ଯାହା ଜଙ୍ଗଲ ସୁରକ୍ଷା ଆଇନର ଉଲ୍ଲଂଘନ ବୋଲି ଏଫ୍‌ଏସି ଦର୍ଶାଇଛି।

# ପ୍ରାର୍ଥୀଙ୍କ ଆପରାଧିକ ବିବରଣୀର ଘୋଷଣାନାମା ଜରୁରୀ: ସିଇଓ

- ନୂଆପଡ଼ା ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ
- ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ



ଭୁବନେଶ୍ୱର,୯।୧୦ (ରବିନାରାୟଣ ଜେନା)

ଆସନ୍ତା ନଭେମ୍ବର ୧୧ରେ ନୂଆପଡ଼ାରେ ହେବାକୁ ଥିବା ଉପନିର୍ବାଚନରେ ଯେଉଁ ପ୍ରାର୍ଥୀମାନେ ଛିଡ଼ା ହେବେ ସେମାନେ ଆପରାଧିକ ବିବରଣୀର ଘୋଷଣାନାମା ଦେବା ଜରୁରୀ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ସନ୍ଥ ଗୋପାଳନ କହିଛନ୍ତି। ଗୁରୁବାର ସିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଗୋପାଳନ କହିଛନ୍ତି, ଚଳିତ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏହି ନିର୍ବାଚନକୁ ସଫଳ କରିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସମସ୍ତ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ କରାଯିବ। ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଏଥିପ୍ରତି ଗୁରୁତ୍ୱ ଦେବାକୁ ହେବ। ଅନ୍ୟପକ୍ଷରେ ନୂଆପଡ଼ା ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି।

ସିଇଓ କହିଛନ୍ତି, ଚଳିତବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ରହିବ। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨,୫୩,୬୨୪ ଭୋଟର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛନ୍ତି। ସେଥିମଧ୍ୟରେ ୧,୨୪,୧୦୮ ପୁରୁଷ, ୧,୨୯,୪୯୫ ମହିଳା ଏବଂ ୨୧ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ୯,୪୨୯ ଯୁବ ଭୋଟର ରହିଥିବାବେଳେ ୩୯୮୮ ଜଣ ଦିବ୍ୟାଙ୍ଗ ଏବଂ ୧୭୮୬ ଜଣ ବରିଷ୍ଠ ନାଗରିକ (୮୫ ବର୍ଷରୁ ଊର୍ଦ୍ଧ୍ୱ) ରହିଛନ୍ତି। ଚଳିତ ଉପନିର୍ବାଚନ ପାଇଁ ୫୬ଟି ନୂତନ ବୁଥ୍ ପ୍ରତିଷ୍ଠା ହୋଇଛି। ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଏବଂ ୱେବ୍‌ମିଡିଆ ସମେତ ସିନେମାହଲ୍, ରେଡିଓ, ପୋଷ୍ଟର ଓ ହୋର୍ଡିଂ ଆଦି ଜରିଆରେ ବିଜ୍ଞାପନ ଜାରି ପୂର୍ବରୁ ଆୟୋଗଙ୍କ ଅନୁମତି ଜରୁରୀ। ଏଥିସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଆପରାଧିକ ସମ୍ପୃକ୍ତି ନେଇ ଘୋଷଣାନାମା ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ କରିବା ସହ ଆୟୋଗଙ୍କୁ ଏ ବାବଦରେ ଅବଗତ କରାଇବା ବାଧ୍ୟତାମୂଳକ। ଦଳ ଓ ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣୀ, ତାରକା ପ୍ରଚାରକଙ୍କ ତାଲିକା ଏବଂ ଆଦର୍ଶ ଆଚରଣ ବିଧିର ଠିକ୍ ଅନୁପାଳନ ନେଇ ବୈଠକରେ ଆଲୋଚନା ହୋଇଛି। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ ଓ ରାମଚନ୍ଦ୍ର କିସ୍କୁ, ଯୁଗ୍ମ ଶାସନ ସଚିବ ଗୋପୀନାଥ କୁଅଁର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଓ ଅନାମିକା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ତ୍ରିପରିଷଦ ସହ ବି. ଏଲ୍. ସନ୍ତୋଷଙ୍କ ଆଲୋଚନା

### ଜଣେ ଦରଦୀ ମଣିଷଙ୍କୁ ପ୍ରାର୍ଥୀ କରିବ ଦଳ: ପୂଜାରୀ

ଭୁବନେଶ୍ୱର,୯।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନରେ ଭାଜପା ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ, ସେ ନେଇ ଦଳରେ ଏକପ୍ରକାର ବିଚାର ବିମର୍ଶ କରାଯାଇଛି। ଓଡ଼ିଶା ଗସ୍ତରେ ଆସିଥିବା ଭାଜପାର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବି. ଏଲ୍. ସନ୍ତୋଷ ମନ୍ତ୍ରୀମାନଙ୍କ ସହିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏନେଇ ଚର୍ଚ୍ଚା କରିଛନ୍ତି। ବିଳମ୍ବିତ ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମନ୍ତ୍ରିପରିଷଦର ଅନ୍ୟ ସଦସ୍ୟମାନେ ଯୋଗ ଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ନୂଆପଡ଼ା ଉପନିର୍ବାଚନରେ ଜଣେ ଦରଦୀ ମଣିଷ ପ୍ରାର୍ଥୀ ହେବେ। ବର୍ତ୍ତମାନ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଦଳ ବିଚାର ବିମର୍ଶ କରୁଛି। ଦଳ ଭଲ ଲୋକଙ୍କୁ ସୁଯୋଗ ଦେବ। ବି.ଏଲ୍. ସନ୍ତୋଷ ମନ୍ତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବାବଦରେ ଫିଡ୍‌ବ୍ୟାକ୍ ନେଲେ ବୋଲି ପୂଜାରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ବି.ଏଲ୍. ସନ୍ତୋଷ ନୂଆଦିଲ୍ଲୀ ଫେରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ଆଲୋଚନା କରିବେ। ଦିଲ୍ଲୀସ୍ତରରେ ନୂଆପଡ଼ା ପ୍ରାର୍ଥୀ ଚୟନକୁ ନେଇ ଏକପ୍ରକାର ଉଦ୍ୟମ ଆରମ୍ଭ ହୋଇଥିବା ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟରେ ଶାସନକୁ ଆସିବା ପରେ ଭାଜପା ପ୍ରଥମ ଉପନିର୍ବାଚନ ଦେଖିବାକୁ ଯାଉଛି। ତେଣୁ ଏହି ଉପନିର୍ବାଚନରେ ଶାସକ ଦଳ ନୂଆପଡ଼ା ଆସନ ହରାଇବାକୁ ଚାହିଁବ ନାହିଁ। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ରସ୍ତରୀୟ ନେତା ଦଳର ସମ୍ମାନ ରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି।

# ଆରମ୍ଭ ହେଲା ବିଜେଡିର ପଦଯାତ୍ରା ଅଭିଯାନ



ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ଅବସରରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର/ସାକ୍ଷୀଗୋପାଳ, ୯।୧୦ (ସୁନିତ୍ ମିଶ୍ର/ଭରତ ରାଉତ/ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ତାଙ୍କର ଜନ୍ମମାଟି ସୁଆଣ୍ଡୋ ଗ୍ରାମରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣକରିବା ସହ ବିଜେଡିର ପଦଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗାନ୍ଧୀ ଜୟନ୍ତୀରେ ଅର୍ଥାତ୍ ଏହି ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ଦଳ ତରଫରୁ ସଙ୍କଳ୍ପ ନିଆଯାଇଥିଲା। ଉକ୍ତ ପଦଯାତ୍ରା କାର୍ଯ୍ୟକ୍ରମ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜାଗାରେ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ମାସେ ପର୍ଯ୍ୟନ୍ତ ଜାରି ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅରୁଣ କୁମାର ସାହୁ ଏବଂ ପୁରୀ ବିଜୁ ଜନତା ଦଳ ସଭାପତି ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମମାଟି ସୁଆଣ୍ଡୋରେ ଉପସ୍ଥିତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି। ସାକ୍ଷୀଗୋପାଳ ମନ୍ଦିର ନିକଟରୁ ସୁଆଣ୍ଡୋ ଗ୍ରାମ ଯାଏଁ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର କର୍ମୀ ଅଂଶଗ୍ରହଣ କରିଛନ୍ତି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦେବୀ କହିଛନ୍ତି, ରାଜ୍ୟବାସୀଙ୍କୁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ଭାଜପା କ୍ଷମତାକୁ ଆସିଥିବା ବେଳେ ଗତ ୧୫ ମାସର ଭାଜପା ଶାସନରେ ଯେଉଁଭଳି ସୁଶାସନ ପ୍ରଦାନ କରିବାରେ ଓ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି, ସେଥିରୁ ରାଜ୍ୟବାସୀ ଅତିଷ୍ଠ ହେଲେଣି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମଦମୁକ୍ତ ଓଡ଼ିଶା ଗଠନ ନାରା ଦେଇଥିବା ବେଳେ ସରକାର ରାଜ୍ୟରେ ନୂଆ ମଦଦୋକାନ ଓ ମଦ କାରଖାନା ଖୋଲୁଛନ୍ତି। ସେହିପରି ଭୁବନେଶ୍ୱରରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଛନ୍ତି।

# ହୀରାକୁଦ ପର୍ଯ୍ୟଟନ ପ୍ରକଳ୍ପ ତ୍ୱରାନ୍ୱିତ ଲାଗି ଉନ୍ନୟନ ଆୟୁକ୍ତଙ୍କ ନିର୍ଦ୍ଦେଶ

### ସାଂସ୍କୃତିକ କାର୍ଯ୍ୟକ୍ରମରେ ରହିବ ହୀରାକୁଦ ବନ୍ଧର ଇତିବୃତ୍ତ

ଭୁବନେଶ୍ୱର,୯।୧୦(ରବିନାରାୟଣ ଜେନା)

ମହାନଦୀ କେବଳ ଏକ ନଦୀ ନୁହେଁ, ସେ ଆମ ଅସ୍ତିତ୍ୱର ଅଂଶବିଶେଷ। ଏହି ଧାରଣାକୁ ନେଇ ହୀରାକୁଦ ପର୍ଯ୍ୟଟନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସଂପୃକ୍ତ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଲୋକସେବା ଭବନରେ ଉନ୍ନୟନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ହୀରାକୁଦ ପର୍ଯ୍ୟଟନ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅନୁ ଗର୍ଗ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ପ୍ରକଳ୍ପ କାର୍ଯ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଯେଭଳି ଠିକଣା ଭାବେ ପ୍ରତିଫଳିତ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉ। ଏହି ଅବସରରେ ପର୍ଯ୍ୟଟନ ବିଭାଗ ଆୟୁକ୍ତ ବଲୱନ୍ତ ସିଂହ ହୀରାକୁଦ ଅଞ୍ଚଳରେ ପର୍ଯ୍ୟଟନ ମାଷ୍ଟର ପ୍ଲାନର ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ବୈଠକରେ ଜଳ ଓ ଆଲୋକ ସିଂଫୋନି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କିଭଳି କାର୍ଯ୍ୟକାରୀ ହେବ ସେନେଇ 'ଓସିସି'କୁ ତାଗିଦ କରାଯାଇଛି। ବୈଠକରେ ହୀରାକୁଦ ବନ୍ଧର ଇତିହାସ, ବନ୍ୟା ଓ ଦୁର୍ଭିକ୍ଷ, ନିର୍ମାଣର ଦୃଷ୍ଟିକୋଣ ଏବଂ ବନ୍ଧ ନିର୍ମାଣ ପରବର୍ତ୍ତୀ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଡ଼ିବା ଲାଗି ଆଲୋଚନା ହୋଇଛି। ସେଥିପାଇଁ ଅନୁଭବ ଆଧାରିତ କାର୍ଯ୍ୟକଳାପ, ଦର୍ଶକମାନଙ୍କୁ ଘଟଣାକ୍ରମ, ଇତିହାସ ଓ ଦୃଶ୍ୟସମୂହ ସମ୍ପର୍କରେ ଡିଜିଟାଲ ଜଗତର ସହିତ ସକ୍ରିୟ ଭାବେ ଅଂଶଗ୍ରହଣ କରିବାର ଅନୁଭବ ଆଣିଦେବା ପାଇଁ ଏଆର୍,ଭିଆର ବ୍ୟବସ୍ଥା ଆପଣାଯିବ ବୋଲି ବୈଠକରେ ଆଲୋଚନା ହୋଇଛି।

# ଓପିଏସ୍ ଅଫିସର ସ୍ତରରେ ଅଦଳବଦଳ

- ବ୍ରହ୍ମପୁର ଅତିରିକ୍ତ ଏସ୍‌ପିଙ୍କୁ ବଦଳାଇଲା ଗୃହ ବିଭାଗ
- ବଲାଙ୍ଗୀର ଅତିରିକ୍ତ ଏସ୍‌ପିଙ୍କୁ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଦାୟିତ୍ୱ

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ସରକାର ଗୁରୁବାର ୧୯ ଜଣ ଓଡ଼ିଶା ପୋଲିସ ସେବା (ଓପିଏସ୍) ଅଧିକାରୀଙ୍କୁ ବଦଳି କରିଛନ୍ତି। ତଦନୁସାରେ ବଲାଙ୍ଗୀରର ଅତିରିକ୍ତ ଏସ୍‌ପି ଭାବେ ନିଯୁକ୍ତି ପାଇଥିବା ଆଲୋକ କୁମାର ଜେନାଙ୍କୁ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି। ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ବିଜ୍ଞପ୍ତି ଅନୁଯାୟୀ, ବ୍ରହ୍ମପୁରର ବର୍ତ୍ତମାନର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁଙ୍କୁ ତାଳଚେରକୁ ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ଆଇୟୁସିଏଡବ୍ଲ୍ୟୁ ବରଗଡ଼ର ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟାଙ୍କୁ ଢେଙ୍କାନାଳର ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି। ଏହା ବ୍ୟତୀତ ବାଲେଶ୍ୱରର ଡିଆଇବିର ଅତିରିକ୍ତ ଏସ୍‌ପି ଅଶ୍ୱିନୀ କୁମାର ନାୟକଙ୍କୁ ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି। କନ୍ଧମାଳର ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁଙ୍କୁ କେନ୍ଦୁଝରର ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି।

# ଅସ୍ତିତ୍ୱ ବଞ୍ଚାଇବାକୁ ପଦଯାତ୍ରା କରୁଛି ବିଜେଡି: ଭାଜପା

ଭୁବନେଶ୍ୱର, ୯।୧୦ (ସୁନିତ୍ ମିଶ୍ର)

ବିଜେଡି ବର୍ତ୍ତମାନ ଦଳୀୟ ସଙ୍କଟ ଦେଇ ଗତି କରୁଛି। ଏହି ସଙ୍କଟ ଏତେ ମାତ୍ରାରେ ବଢ଼ିଯାଇଛି ଯେ କିଏ କ'ଣ ନିଷ୍ପତ୍ତି ନେବେ ତାହାକୁ କେହି ଜାଣିପାରୁନାହାନ୍ତି। ସେମାନେ ନିଜର ଦାବି କ'ଣ ସେ ବିଷୟରେ କିଛି ନ ଜାଣି କେବଳ ଦଳର ଅସ୍ତିତ୍ୱ ବଞ୍ଚାଇବା ପାଇଁ ପଦଯାତ୍ରା କରୁଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ପ୍ରତିଥର ଦଳୀୟ ପଦଯାତ୍ରାରେ ପତାକା ଦେଖାଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥାଆନ୍ତି। ହେଲେ ଆଜି ସେ କୁଆଡ଼େ ଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତାଙ୍କ ଦଳର କର୍ମୀମାନେ ଏବେ ନବୀନଙ୍କୁ ଖୋଜୁଛନ୍ତି। ବିନା ନେତାରେ ଏହି ପଦଯାତ୍ରା ଚାଲିଛି। ବିଜେଡି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋଠାରେ 'ସେବା, ସ୍ୱାଭିମାନ ଓ ସଂଗ୍ରାମ ପଦଯାତ୍ରା' କରାଯାଉଛି। ମାତ୍ର ଗତ ୨୪ ବର୍ଷ ଧରି ବିଜେଡି ଓଡ଼ିଶା ପାଇଁ କି ସେବା କରିଛି ତାହାକୁ ଲୋକ ଦେଖିଛନ୍ତି। ବିଜେଡି ଶାସନରେ ବେକାରି, ଅପରାଧ, ଶିଶୁ ଓ ମାତୃ ମୃତ୍ୟୁ ହାରରେ ଓଡ଼ିଶା ଦେଶରେ ଏକ ନମ୍ବର ଥିଲା। ବିଜେଡି ଶାସନରେ ରାଜ୍ୟରେ ମହିଳା ହିଂସା ଓ ନିର୍ଯାତନା କଥା ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟରେ ଖୁଲାସା ହୋଇଛି ବୋଲି ଭାଜପା କହିଛି।

# ପ୍ରଦେଶ ମହିଳା କଂଗ୍ରେସର ନୂଆ କମିଟି

ଭୁବନେଶ୍ୱର,୯।୧୦(ରବିନାରାୟଣ ଜେନା)

ଅଖିଳ ଭାରତ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅଲକା ଲାମ୍ବାଙ୍କ ଅନୁମୋଦନକ୍ରମେ ଗୁରୁବାର ରାଜ୍ୟ ମହିଳା କଂଗ୍ରେସ କମିଟି ନୂତନ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି। ଉକ୍ତ କମିଟିରେ ଉପସଭାପତି ଭାବେ ଜୟଶ୍ରୀ ପଟ୍ଟନାୟକ, ଦେବସ୍ମିତା ସାମଲ, ଯବାମଣି ଟୁଡୁ, ସୁନିତା ବିଶ୍ୱାଳ, ବିଶ୍ୱକଲ୍ୟାଣୀ କର, ଦ୍ରୌପଦୀ ମାଝୀ, ପ୍ରତିମା ମଲ୍ଲିକ, ଅନିତା ନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ପ୍ରଣତୀ ମିଶ୍ର ରହିଛନ୍ତି।

ସେହିପରି ସାଧାରଣ ସମ୍ପାଦକ ଭାବେ ବାସନ୍ତୀ ସାମଲ, ହାରାବତୀ ଗଣ୍ଡ, ଶ୍ରୀୟାସ୍ମିତା ପଣ୍ଡା, ଗୋରେତୀ ଏକ୍କା, ପ୍ରୀତିଛନ୍ଦା କୈବଲ୍ୟ ନାୟକ, ଦୀପ୍ତିରାଣୀ ପ୍ରଧାନ, ଅମିଶା ସାମନ୍ତରାୟ, ଲିଜାରାଣୀ ରାଉତ, ନିରୁପମା ପାତ୍ର, ସୁପ୍ରଭା ବରାଇ, ଶ୍ରୀୟା ମହାନ୍ତି, ବନ୍ଦିତା ମହାନ୍ତି, ଶୁଭସ୍ମିତା ଦାସ, ଏଲିସ୍ ମିଞ୍ଜ, ପିଙ୍କି କଅଁର, ପ୍ରଗତୀ ନାୟକ, ସୁରଭି ବିଷୋୟୀ, ମଞ୍ଜୁଶ୍ରୀ ମିଶ୍ର, ମୀରା ମଣ୍ଡଳ, ଇସ୍ରାତ ଜାହାନ, ଲିଜାରାଣୀ ରାଉତ, ସୁନିତା ଲାକ୍ରା ରହିଥିବାବେଳେ ସମ୍ପାଦକ ଭାବେ ବିନତୀ ପଢ଼ିଆରୀ, ମୋତୀ କୈବର୍ତ୍ତ୍ୟ, ଦେବସ୍ମିତା ସାହୁ, ନନ୍ଦୀ ଗୌରୀ, ମାଳତୀ ନାୟକ, ଜ୍ୟୋତି ଲାକ୍ରା, ନନ୍ଦିନୀ ଲାକ୍ରା, ସବିତା ଚାନ୍ଦ, ରୀନା ବେହେରା, ମାମିନା ଭୂମିଆ, ସ୍ୱସ୍ତିକା ପଣ୍ଡା, ନମିତା ମାଝୀ, ମାମିନା ପାତ୍ର, ସୁଦୀପ୍ତା ଦାସ, ମହେନ୍ଦ୍ରୀ ସାହୁ, ଚୈତାଳି ପଟ୍ଟନାୟକ, ଗୌରୀ ବିଶୋୟୀ, କବିତା ପ୍ରିୟଦର୍ଶିନୀ ଦାସ, ମିନତୀ ରାଉତ, ପ୍ରଜ୍ଞା ପି. ବେହେରା, ପ୍ରତିମା ପଣ୍ଡା, ସିଲି ସେଠୀ, ସୁନିତା ବାଗ, ରଞ୍ଜିତା ଯୋଶୀ, ତ୍ରିଷ୍ଣା ରୟ, ମନୋରମା ଖଟୁଆ, ଉଷାରଞ୍ଜନ ମହନ୍ତ, ରଞ୍ଜିତା ନାୟକ, ଜ୍ୟୋତ୍ସ୍ନା ସେନାପତି, ବୁଲ୍କି ସେଠ, ମୀନାକ୍ଷୀ ପ୍ରଧାନୀ, ସ୍ୱର୍ଣ୍ଣଲତା ବାନାରା, ଲିପିକା ପାଲ, ନିରୁପମା ବେହେରା, ନଳିମା ଅଗ୍ରୱାଲ, ବଂଶୀଧର ସାମନ୍ତରାୟ, ରଞ୍ଜିତା ହେମ୍ବ୍ରମ୍, ନିନି ବୁଦ୍, ପ୍ରତିମା ନାୟକ, ଲକ୍ଷ୍ମୀ ସବର, ସୁଦେଷ୍ଣା ପଣ୍ଡା, ଜ୍ୟୋତି ତାଲୁଜା, ଜୟସ୍ମିତା ମହାନ୍ତି, ପୂର୍ଣ୍ଣିମା ବେହେରା, ରୀନା ବେହେରା ରହିଛନ୍ତି। ସେହିପରି ସ୍ୱତନ୍ତ୍ର ପରାମର୍ଶଦାତା ଭାବେ ବିଜୟଲକ୍ଷ୍ମୀ ସାହୁ, ସରସ୍ୱତୀ ହେମ୍ବ୍ରମ, ଗିରିବାଳା ବେହେରା, ରତ୍ନମଣୀ ଉଲ୍ଲାକା ପ୍ରମୁଖ ସ୍ଥାନ ପାଇଛନ୍ତି ବୋଲି ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଜଣାଇଛନ୍ତି।

# ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ସମାବେଶ କରିବ କେନ୍ଦୁପତ୍ର ସଂଘ

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବିଭିନ୍ନ ଦାବି ନେଇ କେନ୍ଦୁପତ୍ର ପିସିସିଏଫ୍ ଉମା ନନ୍ଦୁରୀଙ୍କ ସହ ଆଲୋଚନା କରାଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପିତ କରିଛନ୍ତି। ଉମା ନନ୍ଦୁରୀ ଚଳିତ ମାସ ମଧ୍ୟରେ ତୋଳାଳି ଓ ବନ୍ଧେଇ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ସହାୟତା ଦିଆଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ବର୍ଷ ତୋଳାଳିମାନଙ୍କ ପତ୍ର ଦର ବୃଦ୍ଧି ହୋଇପାରେ ବୋଲି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସରକାର ବଜେଟ ମଞ୍ଜୁରୀ ପ୍ରାପ୍ତ ୧୨୦ କୋଟି ଟଙ୍କା କେଏଲ୍‌ଡିଏଫ୍‌ରେ ଜମାହୋଇ ନ ଥିବା ଦର୍ଶାଇଛନ୍ତି। ସଂଘର କର୍ମକର୍ତ୍ତାମାନେ ଏହି ଅର୍ଥ ଶୀଘ୍ର ଉକ୍ତ ପାଣ୍ଠିରେ ଜମା କରିବାକୁ ଦାବି କରିଛନ୍ତି। ସେହିପରି ବୋନସ ପରିମାଣ ବୃଦ୍ଧି ପାଇଁ ମଧ୍ୟ ଦାବି କରାଯାଇଛି। ଏହିଭଳି ବିଭିନ୍ନ ଦାବି ଉପରେ ସକାରାତ୍ମକ ବିଚାରକରି ନିଷ୍ପତ୍ତି ଜଣାଇବାକୁ ସଂଘ ଦାବି କରିଛି। ନଚେତ୍ ଆସନ୍ତା ୨୯ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ସମାବେଶ ତଥା ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ କର୍ମକର୍ତ୍ତାମାନଙ୍କ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# କଂଗ୍ରେସର ମିଶ୍ରଣ ପର୍ବ

### ଅନ୍ୟ ଦଳର ଶତାଧିକ କର୍ମୀ ସାମିଲ



କଂଗ୍ରେସରେ ସାମିଲ ହେବା ପୂର୍ବରୁ ଯୁବ ଗୋଷ୍ଠୀଙ୍କ ଶୋଭାଯାତ୍ରା।

ନୂଆପଡ଼ା,୯।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟାଳୟ ପୋଲିସ ପଡିଆଠାରେ ଗୁରୁବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତେଲିପଡ଼ା ଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୋଲିସ ପଡ଼ିଆ ସଭାସ୍ଥଳଠାରେ ପହଞ୍ଚିଥିଲା। ବିଧାୟକ ପ୍ରାର୍ଥୀ ଘାସିରାମ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ, କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ନୂଆପଡ଼ା ଜିଲା ପର୍ଯ୍ୟବେକ୍ଷକ ମୁରଲୀଧର ନାଏକ, କମଳ ଚରଣ ତାଣ୍ଡି, ଜିଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ବରିଷ୍ଠ ନେତା ଫକୀର ଜଗତ, ରାଜ୍ୟ କିଷାନ ମୋର୍ଚ୍ଚା ଉପସଭାପତି ମୃତ୍ୟୁଞ୍ଜୟ ଗୁରୁ, ଦେବଦତ୍ତ ଦୀକ୍ଷିତ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ୟ ଦଳର ଶତାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ତନ୍ମଧ୍ୟରେ ଗରିବସେନା ଜିଲା ଆବାହକ ରବି ମଙ୍ଗରାଜ, ବିଜେଡିର ସକ୍ରିୟ ସଦସ୍ୟ ତଥା ପୂର୍ବତନ ନୂଆପଡ଼ା ଏନ୍‌ଏସି ଅଧକ୍ଷ ମହେଶ ନିଆଲ, ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ କାର୍ଯ୍ୟାଳୟରେ ୨୦ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ବରିଷ୍ଠ ସଦସ୍ୟ ରାମଲାଲ ହଂସ ଅନ୍ୟତମ। ବହୁ ସଂଖ୍ୟାରେ ଯୁବ ଗୋଷ୍ଠୀ ଦଳରେ ସାମିଲ ହେଉଥିବାରୁ ଉପ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରି ବିଜୟଲାଭ କରିବ ବୋଲି ପିସିସି ସଭାପତି ଦାସ କହିଛନ୍ତି ।

## ସଂକ୍ଷେପରେ

### ଘୂର୍ଣ୍ଣିବଳୟ ପ୍ରଭାବରେ ୪ଦିନ ବଜ୍ରପାତଜନିତ ବର୍ଷା

ଭୁବନେଶ୍ୱର,୯।୧୦(ବନ୍ଦନା ସେଠୀ)

ରାଜ୍ୟରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବାବେଳେ ସୁନ୍ଦରଗଡ଼ ଜିଲା ବରଗାଁଠାରେ ସର୍ବାଧିକ ୬୪.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ଇତିମଧ୍ୟରେ ଗୁରୁବାର ବଙ୍ଗୋପସାଗର ଓ ଦକ୍ଷିଣ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ କିଛି ସ୍ଥାନରେ ପ୍ରବଳ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ବିଶେଷକରି ଉପକୂଳ ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାରେ ବଜ୍ରପାତଜନିତ ବର୍ଷାର ତୀବ୍ରତା ଅଧିକ ରହିପାରେ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତ୍‌ସିଂହପୁର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ଏଥିସହ ବାଲେଶ୍ୱର, ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଏବଂ କୋରାପୁଟ ଜିଲାରେ ଘଡ଼ଘଡ଼ି ଓ ବିଜୁଳି ନେଇ ସତର୍କ କରାଯାଇଥିବା ଡ. ମହାନ୍ତି ସୂଚନା ଦେଇଛନ୍ତି।

### ନିକ୍ଷେପିତ ମଣିଷଙ୍କ ପାଇଁ ସମର୍ପିତ ଥିଲେ ନାଗଭୂଷଣ

ଭୁବନେଶ୍ୱର,୯।୧୦(ସୁଚିସ୍ମିତା ସାହୁ)

ବିପ୍ଳବୀ ନାଗଭୂଷଣଙ୍କ ୨୮ତମ ଶ୍ରଦ୍ଧାଞ୍ଜଳି ଦିବସ ଗୁରୁବାର ଅଶୋକନଗରସ୍ଥିତ ନାଗଭୂଷଣ ଭବନଠାରେ ପାଳିତ ହୋଇଯାଇଛି। ସିପିଆଇ(ଏମ-ଏଲ) କେନ୍ଦ୍ରୀୟ କମିଟି ସଦସ୍ୟ ରାଧାକାନ୍ତ ସେଠୀ ଯୋଗଦେଇ ନାଗଭୂଷଣଙ୍କ ଜୀବନୀ ଉପରେ ଆଲୋକପାତ କରିକହିଲେ, ସାରା ଭାରତରେ ନାଗଭୂଷଣ ବେଶ୍ ପରିଚିତ। ସେ ନିକ୍ଷେପିତ ମଣିଷଙ୍କ ଲାଗି ଜୀବନବ୍ୟାପୀ କାର୍ଯ୍ୟ କରିଛନ୍ତି। ସିପିଆଇ(ଏମ-ଏଲ) ଭଳି ଦଳକୁ ଗଢ଼ିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରାଜ୍ୟ କମିଟି ସଦସ୍ୟ ଅଶୋକ ପ୍ରଧାନ ସଭାପତିତ୍ୱ କରି କହିଲେ, ନାଗଭୂଷଣଙ୍କୁ ଷଡ଼ଯନ୍ତ୍ର କରି ଫାଶୀ ଦେବାକୁ ସରକାର କହିଲା ବେଳେ ଦେଶ ଓ ଶହେ ଏମ୍‌ପି ନାଗଭୂଷଣଙ୍କ ଫାଶୀ ଆଦେଶକୁ ବାତିଲ କରିବାକୁ ଦାବି କରିଥିଲେ। ମାତ୍ର ନାଗଭୂଷଣ ଏଭଳି କରିବା ସହିତ କାହାର ଦୟାର ପାତ୍ର ନ ହେବାକୁ କହିଥିଲେ। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ କିଷାନ ପଟ୍ଟନାୟକ, ବଂଶୀଧର ପରିଡ଼ା ଓ ଅକ୍ଷୟ ଦାସ ନାଗଭୂଷଣଙ୍କ ଉପରେ ବକ୍ତବ୍ୟ ରଖିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସର୍ବେଶ୍ୱର ଭାରତୀ ଧନ୍ୟବାଦ ଦେଇଥିଲେ।

# ଉତ୍କଳମଣି ସମଗ୍ର ଆର୍ଯ୍ୟାବର୍ତ୍ତର ମଣି



ପଣ୍ଡିତଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ।

### ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୯।୧୦ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ମାଟି ଏପରି କେତେଜଣ ମଣିଷଙ୍କୁ ଜନ୍ମ ଦେଇଛି, ଯେଉଁମାନେ ନିଜ ସ୍ୱାର୍ଥକୁ ଭୁଲି ଜନସେବାକୁ ନିଜ ଧର୍ମ ଭାବେ ଗ୍ରହଣ କରିଥିଲେ। ସେହିପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ସେ ଥିଲେ ମହାନ୍ ଦେଶଭକ୍ତ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଓ ସର୍ବୋପରି ନୀତିନିଷ୍ଠ ଜନନାୟକ। ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ। ଦୀନ, ଦୁଃଖୀ ଓ ବନ୍ୟା ମରୁଡ଼ିଗ୍ରସ୍ତ ଲୋକଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ସେହି ମହାନ୍ ଆତ୍ମାଙ୍କୁ ଆଜି ବି ସମଗ୍ର ଦେଶ ମନେରଖିଛି। ତାଙ୍କର ଜୀବନ ଓ ଆଦର୍ଶ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଗୁରୁବାର ସୂଚନା ଭବନଠାରେ ଆୟୋଜିତ ଗୋପବନ୍ଧୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ, ପୁଣ୍ୟାତ୍ମା ଗୋପବନ୍ଧୁଙ୍କୁ ଆମେ ଉତ୍କଳମଣି ବୋଲି କହୁଛେ, ମାତ୍ର ମୋ ମତରେ ସେ ସମଗ୍ର ଆର୍ଯ୍ୟାବର୍ତ୍ତର ମଣି। ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ। ବିପଦ ପାରି ହେବା ପାଇଁ ଆଜି ବି ଜନଗଣ ଖୋଜନ୍ତି ଗୋପବନ୍ଧୁଙ୍କୁ। ଦେଶ ପାଇଁ କିଛି କରିବା ଗୋପବନ୍ଧୁଙ୍କ ଜୀବନ କାହାଣୀ ଥିଲା ତ୍ୟାଗର ଅମଳିନ ମହାସ୍ରୋତ ବୋଲି ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଲେ, ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ, ଇତିହାସର ଅଂଶ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଶରତ ଚନ୍ଦ୍ର ରଥ ଯୋଗଦେଇ କହିଲେ, ଗୋପବନ୍ଧୁ ଏକାଧାରରେ ଜଣେ ଅଗ୍ରଣୀ ସମାଜ ସଂସ୍କାରକ, ସତ୍ୟନିଷ୍ଠ ଶିକ୍ଷକ, ନିର୍ଭୀକ ସାମ୍ବାଦିକ ଏବଂ ସମର୍ପିତ ସ୍ୱାଧୀନତା ସଂଗ୍ରାମୀ ଭାବରେ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଯାଇଛନ୍ତି। ଅସ୍ପୃଶ୍ୟତା ବିରୋଧରେ ସଂଗ୍ରାମ ପରି ସାମାଜିକ ସଂସ୍କାରକୁ ସେ ସମର୍ଥନ କରିଥିଲେ ଏବଂ ଅସହଯୋଗ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଡ. ରଥ ମତ ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅରୁଣ କୁମାର ଦାସପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଗୋପବନ୍ଧୁ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ମୃତ କନଷ୍ଟେବଲଙ୍କ ପରିବାରବର୍ଗଙ୍କୁ ମିଳିଲା ୧ କୋଟି ବୀମା ରାଶି



କଟକ,୯।୧୦(କାର୍ତ୍ତିକ ସାହୁ)

ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କନଷ୍ଟେବଲ ଲବଣି ଗାଣ୍ଡାଙ୍କ ପରିବାରବର୍ଗଙ୍କୁ ମିଳିଲା ୧ କୋଟି ଟଙ୍କାର ବୀମା ରାଶି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଗୁରୁବାର ଗାଣ୍ଡାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ୧ କୋଟି ଟଙ୍କାର ଦୁର୍ଘଟଣାଜନିତ ମୃତ୍ୟୁ ବୀମା ରାଶିର ଚେକ୍ ପ୍ରଦାନ କରିଛନ୍ତି। ତାଙ୍କ ବାପା ବୃନ୍ଦାବନ ଗାଣ୍ଡା ଡିଜିପିଙ୍କଠାରୁ ଏହି ଚେକ୍ ଗ୍ରହଣ କରିଛନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ବୀମା ରାଶି ପ୍ରଦାନ କରିଥିବାରୁ ଷ୍ଟେଟ ବ୍ୟାଙ୍କର ସମସ୍ତ ଅଧିକାରୀଙ୍କୁ ଡିଜିପି ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ମୃତ କନଷ୍ଟେବଲ ଲବଣି ରାୟଗଡ଼ା ଜିଲା ରିଜର୍ଭ କାର୍ଯ୍ୟାଳୟରେ କନଷ୍ଟେବଲ ଭାବେ ଚାକିରି କରୁଥିଲେ। ଗତ ଜୁଲାଇ ୫ ତାରିଖରେ ଥେରୁବାଲି ନିକଟରେ କର୍ତ୍ତବ୍ୟରତ ଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ପୂର୍ବରୁ ଓଡ଼ିଶା ପୋଲିସ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ବୁଝାମଣାପତ୍ର ଅନୁଯାୟୀ, କନଷ୍ଟେବଲଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିବାରୁ ତାଙ୍କ ପରିବାରକୁ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଷ୍ଟେଟ ବ୍ୟାଙ୍କ ଚିଫ୍ ଜେନେରାଲ ମ୍ୟାନେଜର ଏ. ଡି. ରତ୍ନାଡେକା, ଜେନେରାଲ ମ୍ୟାନେଜର କୌଶଲ କିଶୋର ସିଂ, ଡେପୁଟି ଜେନେରାଲ ମ୍ୟାନେଜର ଆଶିଷ କୁମାର ମିଶ୍ର, ରିଜିଓନାଲ ମ୍ୟାନେଜର ଉତ୍ତର କୁମାର ପଟେଲ, ଏଜିଏମ୍ ନଗେନ୍ଦ୍ର ସାହୁ, ଏଜିଏମ୍ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସେଞ୍ଚୁରିୟନ୍ ୟୁନିଭର୍ସିଟି ସହ ୟୁଡବ୍ଲ୍ୟୁଏର ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର,୯।୧୦ (ଅନୁରାଧା ମହାରଣା)

ଅଷ୍ଟ୍ରେଲିଆର ଗ୍ରୁପ୍ ଅଫ୍ ଏଇଟ୍ (ଜିଓ୮)ର ସଦସ୍ୟ ତଥା ଦି ୟୁନିଭର୍ସିଟି ଅଫ୍ ୱେଷ୍ଟର୍ନ ଅଷ୍ଟ୍ରେଲିଆ (ୟୁଡବ୍ଲ୍ୟୁଏ)ର ଡେପୁଟି ଭାଇସ୍ ଚାନସେଲର (ଏଜୁକେସନ ଆଣ୍ଡ ଷ୍ଟୁଡେଣ୍ଟ ଏକ୍ସପେରିଏନ୍ସ) ପ୍ରଫେସର ଗାଏ ଲିଟେଲଫେୟାରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଦୀର୍ଘସ୍ଥାୟୀ ଖଣି ଖନନରେ ସାମର୍ଥ୍ୟ ଗଠନ ନିମନ୍ତେ ଭୁବନେଶ୍ୱର ଗସ୍ତ କରିଥିଲେ। ଏହି ଅବସରରେ ଶିକ୍ଷାଦାନ, ଗବେଷଣା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପରେ


ସେଞ୍ଚୁରିୟନ୍ ୟୁନିଭର୍ସିଟି ପରିଦର୍ଶନ ଅବସରରେ ୟୁଡବ୍ଲ୍ୟୁଏ ପ୍ରତିନିଧିମଣ୍ଡଳୀ।

ଶିକ୍ଷାଗତ ଓ ସାଂସ୍କୃତିକ ଆନ୍ତଃ ଅଦଳବଦଳ ନିମନ୍ତେ ୟୁଡବ୍ଲ୍ୟୁଏ ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ପ୍ରଫେସର ଗାଏ ଲିଟେଲଫେୟାର କହିଲେ, ଓଡ଼ିଶା ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ସମ୍ବଳ ସାମର୍ଥ୍ୟଠାରୁ ଆରମ୍ଭ କରି ଶିଳ୍ପଭିତ୍ତିକ ଆକାଂକ୍ଷା କ୍ଷେତ୍ରରେ ଅନେକ ସାମଞ୍ଜସ୍ୟ ରଖୁଛନ୍ତି। ଏହି ଗସ୍ତ ଦୀର୍ଘସ୍ଥାୟୀ ଖଣିଖନନ କ୍ଷେତ୍ରରେ ଆମର ସାମର୍ଥ୍ୟକୁ ଗଠନ କରୁଛି ଏବଂ ଆମକୁ ନବସୃଜନ ନିମନ୍ତେ ଭାରତର ଅଭିଯାନ ସହିତ ଅଷ୍ଟ୍ରେଲିଆର ଅଭିଜ୍ଞତା ସମ୍ମିଶ୍ରଣ କରୁଥିବା କାର୍ଯ୍ୟକ୍ରମଗୁଡିକ ମିଳିତ ଭାବରେ ବିକଶିତ କରିବାକୁ ସୁଯୋଗ ଦେଉଛି।

# ଜୟକୃଷ୍ଣଙ୍କୁ 'ମୁଖ୍ୟମନ୍ତ୍ରୀ ବନ୍ୟଜୀବ ସଂରକ୍ଷଣ ପୁରସ୍କାର'

ଭୁବନେଶ୍ୱର,୯।୧୦(ସୁଚିସ୍ମିତା ସାହୁ)

ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟଠାରେ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଚଳିତବର୍ଷ ଭୁବନେଶ୍ୱର ବନଖଣ୍ଡ ପକ୍ଷରୁ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ 'ମୁଖ୍ୟମନ୍ତ୍ରୀ ବନ୍ୟଜୀବ ସଂରକ୍ଷଣ ପୁରସ୍କାର' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଲାଡ଼େ ଗଜାନନ ଅତିଥି ଭାବେ ଯୋଗଦେଇ ଡ. ପାଣିଗ୍ରାହୀଙ୍କୁ ଏହି ସମ୍ମାନ ଦେଇଥିଲେ। ପରିବେଶ କ୍ଷେତ୍ରରେ ତାଙ୍କର ନିରନ୍ତର ଅବଦାନ ପାଇଁ ପୂର୍ବରୁ ସେ ବିଜୁ ପଟ୍ଟନାୟକ ବନ୍ୟଜୀବ ପୁରସ୍କାର, ଜାନକୀ ବଲ୍ଲଭ ପଟ୍ଟନାୟକ ପରିବେଶ ପୁରସ୍କାର, ପ୍ରକୃତି ବନ୍ଧୁ ପୁରସ୍କାର, ନଗରବନ୍ଧୁ ପୁରସ୍କାର ସହ ୨୦ରୁ ଅଧିକ ପୁରସ୍କାର ଓ ସମ୍ମାନ ପାଇଛନ୍ତି।

# ୨୦ ସୁଦ୍ଧା ସରକାର ଆଲୋଚନା ନ କଲେ ଆନ୍ଦୋଳନକୁ ଓହ୍ଲାଇବ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ

ଭୁବନେଶ୍ୱର,୯।୧୦(ସୁଚିସ୍ମିତା ସାହୁ)

ବେସରକାରୀ, ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ରାଜ୍ୟ ସରକାର ଅବହେଳା କରୁଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୮ ମଧ୍ୟରେ ସେମାନେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ ସୁଦ୍ଧା ଏଯାବତ ସରକାରୀ ଅନୁଦାନ ପରିସରଭୁକ୍ତ ହୋଇନାହାନ୍ତି। ଏନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ(ଓଏସ୍‌ଏନ୍‌ଏଲ୍‌ଇଏ) ସରକାରଙ୍କ ସହ ବାରମ୍ବାର ଆଲୋଚନା କଲା ପରେ ମଧ୍ୟ କୌଣସି ନିଷ୍ପତ୍ତି ଓ ପଦକ୍ଷେପ ନିଆଯାଉନାହିଁ। ଯଦି ରାଜ୍ୟ ସରକାର ପ୍ରତିଶ୍ରୁତି ଅନୁଯାୟୀ ଆସନ୍ତା ୨୦ ତାରିଖ ମଧ୍ୟରେ ଆଲୋଚନା ନ କରନ୍ତି, ତେବେ ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ବିଶ୍ୱରଞ୍ଜନ ଦାସ ଚେତାବନୀ ଦେଇଛନ୍ତି। ବିଶ୍ୱରଞ୍ଜନ କହିଛନ୍ତି, ସଂଘ ପକ୍ଷରୁ ଅଗଷ୍ଟ ୧୬ରେ ଶିକ୍ଷକ ଦାବି ଦିବସ ପାଳିବା ସହିତ ମହାବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ୱରୂପ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେହିପରି ସେପ୍ଟେମ୍ବର ୧୮ରେ ଗାନ୍ଧୀମାର୍ଗରେ ଜରୁରୀ ମଉନ ସମାବେଶ ଅନୁଷ୍ଠିତ ହୋଇଥିଲା। ୧୯ ତାରିଖରେ ନିଜେ ସଂଘ ସଭାପତି ବିଶ୍ୱରଞ୍ଜନ ଆମରଣ ଅନଶନରେ ବସିଥିଲେ। ଘଟଣାସ୍ଥଳରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା ହୋଇ ଅକ୍ଟୋବର ୧୦ରୁ ୨୦ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ପାଇଁ ସରକାର ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ରଖି ସଂଘ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା।

# ଏକାମ୍ରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଢୁମ୍‌ଢୁମା କିଡ୍ସ ହସ୍ପିଟାଲ ଛକାରୁ ବାହାରିଥିବା ପଦଯାତ୍ରା।

ପୁରୁଣା ଭୁବନେଶ୍ୱର,୯।୧୦ (ସୁଭାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀରେ ଗୁରୁବାର ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଢୁମ୍‌ଢୁମା କିଡ୍ସ ହସ୍ପିଟାଲ ଛକଠାରୁ ଏହି ପଦଯାତ୍ରା ବାହାରି ପୁନ୍ ମଣ୍ଡପଠାରେ ପହଞ୍ଚିଥିଲା। ପରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରିବା ସହ ବର୍ତ୍ତମାନର ସରକାରଙ୍କ ସମୟରେ ରାଜ୍ୟରେ ଆଇନଶୃଙ୍ଖଳା ବିଗିଡ଼ିବା, ଅପରାଧ ବୃଦ୍ଧି, ନାରୀ ନିର୍ଯାତନା ବଢ଼ିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମନ୍ମଥ ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ନେତା ଅମିୟ ଦାସ, ପ୍ରକାଶ ବେହେରା, ବାଗରଥି ଗରାବଡ଼ୁ ପ୍ରମୁଖ ଯୋଗଦେଇ ପଦଯାତ୍ରାର ମହତ୍ୱ ଉପରେ ସଚେତନ କରାଇଥିଲେ। ସ୍ଥାନୀୟ କର୍ପୋରେଟର ଛବି ଦାସ, କର୍ପୋରେଟର ଚନ୍ଦ୍ର ଶେଖର ମଲିଆ, ଶିବ ସୁନ୍ଦର ରାୟ, ସକିନା ମୁସାରତ, ପୂର୍ବତନ କର୍ପୋରେଟର ମୁଜାହିଦ ହୁସେନ, ରାଜେଶ ପାତ୍ର, ସେଖ ଅମିରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।




## ସଂକ୍ଷେପରେ

### ୨ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା

ସାଲେପୁର,୯।୧୦(ଅରବିନ୍ଦ ଭୂୟାଁ): ବିଜୁ ଜନତା ଦଳ ପକ୍ଷରୁ ସାଲେପୁର ବ୍ଲକର ମାଳ ଏବଂ ନରଦା ପଞ୍ଚାୟତରେ ଗୁରୁବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଯୋଗଦେଇ ବିଭିନ୍ନ ଗାଁ ବୁଲିଥିଲେ। ସାରର ଅଭାବୀ ବିକ୍ରି, ମହିଳା ଓ କୃଷକମାନଙ୍କ କଲ୍ୟାଣ ନିମନ୍ତେ ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ପଦଯାତ୍ରା ପ୍ରଥମେ ମାଳ ପଞ୍ଚାୟତର ଲେଖନପୁର ବଜାର ସାହିରୁ ଆରମ୍ଭ ହୋଇ ହରିପୁର, ନାନପୁର, କୁକୁଡାଙ୍ଗ, ମାଳ ହୋଇ ନରଦା ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଶେଷ ହୋଇଥିଲା। ପଦଯାତ୍ରାରେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବିଜେଡି ବ୍ଲକ ସଭାପତି ଅନନ୍ତ ଚରଣ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ ଆମ୍ବା ସଭାପତି ଦିଲୀପ ଦାଶ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ବିରଞ୍ଚି ନାରାୟଣ କର, ଚିତ୍ତ ସାହୁ, ଗୁଲରେଜ ଅଲ୍ଲୀ, ରାଜେଶ ମହାନ୍ତି, ବ୍ଲକ ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା, ସୌମ୍ୟା ପତି, ତୃପ୍ତିରେଖା ପରିଡାଙ୍କ ସହ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।

# ଗଣ ଉତ୍ସବରେ ପରିଣତ ହୋଇଛି ବାଙ୍କୀ ମହୋତ୍ସବ



ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ବାଙ୍କୀ,୯।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ମହୋତ୍ସବର ତୃତୀୟ ସନ୍ଧ୍ୟା ଶୁକ୍ରବାର କଚେରି ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଇଷ୍ଟର୍ନ ମିଡିଆ ସଭାପତି ତଥା ପୂର୍ବତନ ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ବାଙ୍କୀ ମହୋତ୍ସବ ଏକ ଗଣପର୍ବରେ ପରିଣତ ହୋଇଛି ବୋଲି କହିଥିଲେ। ବାଙ୍କୀ ମହୋତ୍ସବକୁ ୨୫ ବର୍ଷ ପୂରିଲା। ଏହା ଅଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ଯୋଗ୍ୟ କରିବାରେ ସମର୍ଥ କରିପାରିଛି। ପ୍ରତ୍ୟେକ ବ୍ୟକ୍ତି ମା', ମାତୃଭାଷା ଓ ମାଟିକୁ ସମ୍ମାନ ଦେବା ସହ ମଦ ମୁକ୍ତ ଓଡିଶା ପାଇଁ ସଙ୍କଳ୍ପ ନେବା ଆବଶ୍ୟକ ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ସେ ପୂର୍ବ ସରକାର ୫-ଟିକୁ ସମାଲୋଚନା କରି କୌଣସି କାମକୁ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ମୃତ୍ୟୁଞ୍ଜୟ ରଥ ଯୋଗଦେଇ ବାଙ୍କୀର ଇଷ୍ଟଦେବୀ ମା'ଚର୍ଚ୍ଚିକାଙ୍କ କୃପାରୁ ବାଙ୍କୀରେ ବହୁ କୃତବିଦ୍ୟ ସନ୍ତାନ ଜନ୍ମ ହୋଇ ସାରା ରାଜ୍ୟରେ ପ୍ରତିଷ୍ଠା ଲାଭ କରିଛନ୍ତି ବୋଲି କହିଥିଲେ। ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ବାଙ୍କୀ ମହୋତ୍ସବର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ବିଡିଓ ସଂଗ୍ରାମ କେଶରୀ ଭୋଳ, ମହୋତ୍ସବ ଉପସଭାପତି ସନାତନ ବେହେରା, ଅନୁପ ବଥୁଆଲ ପ୍ରମୁଖ ଯୋଗଦେଇ ମହୋତ୍ସବର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

**ମହୋତ୍ସବର ତୃତୀୟ ସନ୍ଧ୍ୟା**

- ଗୋବିନ୍ଦପୁର ଛକରେ ସ୍ଥାପନ ହେବ ରାଣୀ ଶୁକଦେଈଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି

ଅନ୍ୟତମ ଉପସଭାପତି ତଥା ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ।

ବାଙ୍କୀ ଅସ୍ମିତାର ପ୍ରତୀକ ରାଣୀ ଶୁକଦେଈଙ୍କ ପୂର୍ଣାଙ୍ଗ ପ୍ରତିମୂର୍ତ୍ତି ବାଙ୍କୀ ପ୍ରବେଶ ଦ୍ୱାର ଗୋବିନ୍ଦ ପୁର ଛକରେ ସ୍ଥାପନ କରିବାକୁ ସଭାରେ ବାଙ୍କୀ ମହୋତ୍ସବର ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଘୋଷଣା କରିଥିଲେ। ଏଥିସହ ବାଙ୍କୀ ହରିହର ଭେଟ ନିକଟରେ ପଣ୍ଡିତ ଗୋବିନ୍ଦ ରଥ, ବାଙ୍କୀ ଟାଉନରେ କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ, ବୈଦେଶ୍ୱର ଛକ ନିକଟରେ ନୀଳମଣି ବିଦ୍ୟାରତ୍ନଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ନିର୍ମାଣ ଖୁବ୍‌ଶୀଘ୍ର ସମ୍ପନ୍ନ ହେବ ବୋଲି କହିଥିଲେ।

ବିଭିନ୍ନ ସାମାଜିକ କାର୍ଯ୍ୟ ନିମନ୍ତେ ରଞ୍ଜନକୁମାର ଦାଶ, ରୁଦ୍ର ନାରାୟଣ ଷଡ଼ଙ୍ଗୀ,ସୁରେନ୍ଦ୍ର କୁମାର ପରିଡା, ରଜତ କୁମାର ମାନସିଂ, ବିଜୟ କୃଷ୍ଣ ସାହୁ, ପ୍ରଫୁଲ୍ଲ କୁମାର ରଣା, ଡ. ସ୍ନିଗ୍ଧା ପ୍ରଧାନ, ସନ୍ତୋଷ କୁମାର ମିଶ୍ର, ସୁରେନ୍ଦ୍ର ପରିଡା,ଯୋଗୀନାଥ ମଲ୍ଲିକଙ୍କୁ ମହୋତ୍ସବ ମଞ୍ଚରେ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସଭା ପୂର୍ବରୁ ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମହୋତ୍ସବରେ କମିଟି ପକ୍ଷରୁ ସମସ୍ତ ଅତିଥିଙ୍କୁ ରୌପ୍ୟ ଜୟନ୍ତୀ ଉପଲକ୍ଷେ ରୌପ୍ୟ ମେଡାଲ ପ୍ରଦାନ କରାଯାଇଥିଲା। ଉପସଭାପତି ସୌମେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଙ୍କୀ -ଡମପଡ଼ା ଟିମ୍ ଚାମ୍ପିୟନ

**ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିୟନଶିପ ଉଦ୍‌ଯାପିତ**

ବଡମ୍ବା, ୯।୧୦(ମାୟାଧର ମଲ୍ଲିକ):

ବଡମ୍ବା ଟେନିସ ପଡିଆରେ ଚାଲିଥିବା କଟକ ଜିଲା ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବଡମ୍ବା ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ବଡ଼ମ୍ବା ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, କଟକ ଜିଲା ଶାରୀରିକ ପ୍ରଶିକ୍ଷକ ଅଧିକାରୀ ସୌଦାମିନୀ ଦାସ, ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାରଦା କବି ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚରେ ବାଙ୍କୀ ଡମପଡା ବ୍ଲକ ଭଲିବଲ ଦଳ ଚାମ୍ପିୟନ ହୋଇଥିବା ବେଳେ ମାହାଙ୍ଗା ବ୍ଲକ ରନର ଅପ୍ ହୋଇଥିଲା। ଶିକ୍ଷକ ଅଶୋକ କୁମାର ଧଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳର ଧାରା ବିବରଣୀ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡମ୍ବା ବ୍ଲକ କ୍ରୀଡା ସମ୍ପାଦକ ପ୍ରମୋଦ କୁମାର ନନ୍ଦ, କ୍ରୀଡା ଶିକ୍ଷକ ବିଜୟ କୁମାର ମୁଦୁଲି, ଗୋକୁଳାନନ୍ଦ ସାହୁ, ମହେଶ କୁମାର ରାଉତ, ବନଲତା ଶୁକ୍ଳ, ବଳରାମ ସାମନ୍ତରାୟ, ସୁରେଶ୍ୱର ପ୍ରଧାନ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ନଳିନୀପ୍ରଭା ମନ୍ତ୍ରୀଙ୍କ ସମେତ ୧୬ କ୍ଲଷ୍ଟରର ସାଧନ କେନ୍ଦ୍ର ସଂଯୋଜକ ଏବଂ ଜିଲାର ବିଭିନ୍ନ ବ୍ଲକର କ୍ରୀଡା ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଦଳବେହେରା ଚାମ୍ପିୟନ ଡମପଡା ଦଳକୁ ଚାମ୍ପିୟନ ଟ୍ରଫି ଓ ରନରଅପ ମାହାଙ୍ଗା ଦଳକୁ ରନରଅପ ଟ୍ରଫି ଦେଇଥିଲେ। ଶିକ୍ଷକ କଳିଙ୍ଗ କେଶରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# ମୃତ କନଷ୍ଟେବଲଙ୍କ ପରିବାରବର୍ଗଙ୍କୁ ମିଳିଲା ୧ କୋଟି ବୀମା ରାଶି



ଡିଜିପି ୱାଇ.ବି. ଖୁରାନିଆଙ୍କ ଉପସ୍ଥିତିରେ ମୃତ କନଷ୍ଟେବଲ ଲବଣି ଗାଣ୍ଡାଙ୍କ ପରିବାରବର୍ଗଙ୍କୁ ଏସ୍‌ବିଆଇ ପକ୍ଷରୁ ୧ କୋଟି ଦୁର୍ଘଟଣାଜନିତ ମୃତ୍ୟୁ ବୀମା ଚେକ୍ ପ୍ରଦାନ କରାଯାଉଛି।

କଟକ,୯।୧୦(କାର୍ତ୍ତିକ ସାହୁ):

ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କନଷ୍ଟେବଲ ଲବଣି ଗାଣ୍ଡାଙ୍କ ପରିବାରବର୍ଗଙ୍କୁ ମିଳିଲା ୧ କୋଟି ଟଙ୍କାର ବୀମା ରାଶି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଗୁରୁବାର ଗାଣ୍ଡାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ୧ କୋଟି ଟଙ୍କାର ଦୁର୍ଘଟଣାଜନିତ ମୃତ୍ୟୁ ବୀମା ରାଶିର ଚେକ୍ ପ୍ରଦାନ କରିଛନ୍ତି। ତାଙ୍କ ବାପା ବୃନ୍ଦାବନ ଗାଣ୍ଡା ଡିଜିପିଙ୍କଠାରୁ ଏହି ଚେକ୍ ଗ୍ରହଣ କରିଛନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ବୀମା ରାଶି ପ୍ରଦାନ କରିଥିବାରୁ ଷ୍ଟେଟ ବ୍ୟାଙ୍କର ସମସ୍ତ ଅଧିକାରୀଙ୍କୁ ଡିଜିପି ସାଧୁବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ, ମୃତ କନଷ୍ଟେବଲ ଲବଣି ରାୟଗଡ଼ା ଜିଲା ରିଜର୍ଭ କାର୍ଯ୍ୟାଳୟରେ କନଷ୍ଟେବଲ ଭାବେ ଚାକିରି କରୁଥିଲେ। ଗତ ଜୁଲାଇ ୫ ତାରିଖରେ ଥେରୁବାଲି ନିକଟରେ କର୍ତ୍ତବ୍ୟରତ ଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ପୂର୍ବରୁ ଓଡ଼ିଶା ପୋଲିସ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତିପତ୍ର ଅନୁଯାୟୀ, କନଷ୍ଟେବଲଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିବାରୁ ତାଙ୍କ ପରିବାରକୁ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଷ୍ଟେଟ ବ୍ୟାଙ୍କ ଚିଫ ଜେନେରାଲ ମ୍ୟାନେଜର ଏ. ଡି. ରତ୍ନାତେଜା, ଜେନେରାଲ ମ୍ୟାନେଜର କୌଶଲ କିଶୋର ସିଂ, ଡେପୁଟି ଜେନେରାଲ ମ୍ୟାନେଜର ଆଶିଷ କୁମାର ମିଶ୍ର, ରିଜିଅନାଲ ମ୍ୟାନେଜର ଉତ୍ତର କୁମାର ପଟେଲ, ଏଜିଏମ୍ ନଗେନ୍ଦ୍ର ସାହୁ, ଏଜିଏମ୍ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କାଳୀପୂଜା ପ୍ରସ୍ତୁତି ବୈଠକରେ ମାରପିଟ, ୨ ଆହତ

କଟକ,୯।୧୦(କାର୍ତ୍ତିକ ସାହୁ):

କଟକ ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ଘଟଣା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ବେଳେ ଗୁରୁବାର ରାତିରେ ପୁଣି ଶିଖରପୁର କାଳିଆବୁଦାସ୍ଥିତ ମା' ଶ୍ୟାମାକାଳୀଙ୍କ ମନ୍ଦିର ପରିସରରେ ବାର୍ଷିକ ଉତ୍ସବର ପରିଚାଳନା ଦାୟିତ୍ୱକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ମାରପିଟରେ ୨ଜଣ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି।

ସୂଚନା ଅନୁସାରେ, ଆଗାମୀ କାଳୀପୂଜା ଏବଂ ମା' ଶ୍ୟାମାକାଳୀ ମନ୍ଦିରର ବାର୍ଷିକ ଉତ୍ସବ ନିମନ୍ତେ ମଧ୍ୟାହ୍ନରେ ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନଦୀକୂଳ ସାହିର କେତେଜଣ ଯୁବଗୋଷ୍ଠୀ ପରିଚାଳନା କମିଟିର ଏକପାଖିଆ ନିଷ୍ପତ୍ତିକୁ ବିରୋଧ କରିଆସୁଥିଲେ। ଫଳରେ ନଦୀକୂଳ ସାହିର କେତେଜଣ ଲୋକ ସନ୍ଧ୍ୟାରେ ବାର୍ଷିକ ଉତ୍ସବ ନେଇ ଆଉ ଏକ ବୈଠକ କରିଥିଲେ। ବୈଠକ ଚାଲିଥିବା ବେଳେ ମନ୍ଦିରର ମୁଖ୍ୟ ପରିଚାଳକ ଅଶୋକ ମହାନ୍ତି ସେଠାରେ ପହଞ୍ଚିଥିଲେ। ତାଙ୍କୁ ହଠାତ ଦେଖି ବୈଠକ କରୁଥିବା ଗୋଷ୍ଠୀ ଉତ୍ତ୍ୟକ୍ତ ହୋଇପଡିଲେ। ଏହି ସମୟରେ ଜଣେ ଯୁବକ ଆସି ସେଠାକାର ଗୃହକାନ୍ଥରେ ଲାଗିଥିବା ପ୍ରଥମ ବୈଠକର ବ୍ୟାନର ଚିରିବାକୁ ଉଦ୍ୟମ କରିଥିଲେ। ମହାନ୍ତି ଏହାକୁ ବିରୋଧ କରିଥିଲେ। ଏହାପରେ ଦୁଇ ପକ୍ଷଙ୍କ ମଧ୍ୟରେ ମନ୍ଦିରର ପରିଚାଳନା ଦାୟିତ୍ୱକୁ ନେଇ ବଚସା ହୋଇଥିଲା। ଏହାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ରମେ ଦୁଇ ପକ୍ଷଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଖବର ପାଇ ଚାଉଳିଆଗଞ୍ଜ ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଚାଉଳିଆଗଞ୍ଜ ଥାନାରେ ୨ ଗୋଷ୍ଠୀ ପକ୍ଷରୁ ଏତଲା ଦିଆଯାଇଛି।




# 'ପଣ୍ଡିତ ଗୋପବନ୍ଧୁ ସମଗ୍ର ଓଡ଼ିଆ ଜାତିର ଆଦର୍ଶ'


ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଉଛି।

ବାଙ୍କୀ,୯।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ସୁନ୍ଦରୀ ଦେବୀ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପୂଜ୍ୟପୂଜା ଅନୁଷ୍ଠାନର ସଭାପତି କବି ସୁନୀଲ ମିଶ୍ର ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ସମଗ୍ର ଓଡ଼ିଆ ଜାତିର ଆଦର୍ଶ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଚିନ୍ମୟ କୁମାର ପଣ୍ଡା, ସୁଶାନ୍ତ କୁମାର ଦଳେଇ, ଉମାମଣି ମହାପାତ୍ର ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ଜୀବନଦର୍ଶନ ଓ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା। ଶେଷରେ ଉମାମଣି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ**

ସେହିପରି ପିଏମ୍‌ଶ୍ରୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଏଥିସହ ଉତ୍କଳମଣି ପଢୁଥିବା ସମୟରେ ବିଦ୍ୟାଳୟ ପରିସରରେ ୧୯୭୭ଠାରୁ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଏଠାରେ ସ୍ଥାପନ କରାଯାଇଥିଲା ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ଜଗଦୀଶ ପଣ୍ଡା ଯୋଗଦେଇଥିଲେ।

ଏଥିସହିତ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପରିଷଦର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ବାଙ୍କୀ ମହୋତ୍ସବ ସ୍ମରଣିକା ସମ୍ପାଦକ କବି କୌଶିକ ନାୟକ, ବୃନ୍ଦାବନ ପ୍ରଧାନ, ବିଜୟ କୁମାର ଦିକ୍ଷୀତ, ବେଣୁଧର କର ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ସମାଜସେବା ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ।

ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ଚକାପଦା ଆନୁକୂଲ୍ୟରେ ଯୁବବନ୍ଧୁ ଭବନଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ ଉତ୍କଳମଣିଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ ସହ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଜଣାଇଥିଲେ।


ଖୋର୍ଦ୍ଧା ଶ୍ରୀରାମ ନଗର ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।


ବିଜେବି ସ୍କୁଲ ନିକଟ, ଖୋର୍ଦ୍ଧା।


ଧଳାପଥର


ଟାଙ୍ଗୀ

# ମା'ଙ୍କ ଦର୍ଶନ, ପ୍ରସାଦ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଖୋର୍ଦ୍ଧା,୯।୧୦(ପ୍ରଭାତ ପାଣିଗ୍ରାହୀ)

ମା'ଗଜଲକ୍ଷ୍ମୀଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ସବୁଠି ରହିଛି ଉତ୍ସାହର ମାହୋଲ। ମନ୍ତ୍ର ଉଚ୍ଚାରଣ, ଘଣ୍ଟ କାହାଳି, ବାଦ୍ୟଯନ୍ତ୍ରରେ କମ୍ପୁଛି ପୂଜାମଣ୍ଡପ। ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ଗୁରୁବାର ସମସ୍ତ ପୂଜା ମଣ୍ଡପରେ ଖିରି, କାକରା, ପୋଡ଼ପିଠା ମା'ଙ୍କୁ ଅର୍ପଣ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଛି। ରାତିରେ ସବୁ ମଣ୍ଡପରେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରୁ ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ମଣ୍ଡପରେ ଅନ୍ନପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା। ଟିଏଲ୍‌ସିସ୍ଥିତ ପରିବା ହାଟରେ ୩ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସେହିପରି ଶ୍ରୀରାମ ନଗର, ନୟାଗଡ ରୋଡ, ଗୋପବନ୍ଧୁ ବାଣିଜ୍ୟ ପରିଷଦ, ପୁରୁଣା ମେଡିକାଲ ରୋଡ, ଗାନ୍ଧୀ ମାର୍କେଟ, ବାସେଳି ସାହି, କାମନାବର ସାହି, ଠେଙ୍ଗାହାଟ, ନବୀନାବାଗ, ଭାଲିଆବାଡି, ନୂଆ ବସ୍‌ଷ୍ଟାଣ୍ଡ ପରିସର, ମ୍ୟୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସ, ସଦ୍‌ଭାବନା ପୂଜା କମିଟି, ବିଡିଏ କଲୋନୀ ରୋଡ, ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ, ପଦ୍ମାଳୟା ପୂଜା କମିଟି କୋର୍ଟ ଛକ ଆଦି ସ୍ଥାନରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପ୍ରଶାସନ ପକ୍ଷରୁ ପ୍ରତି ପୂଜା ମଣ୍ଡପରେ ପୋଲିସ ମୁତୟନ କରାଯାଇଛି। ସହରରେ ୩ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୧୨ତାରିଖରେ ମିଳିତ ଭସାଣି ଅନୁଷ୍ଠିତ ହେବ।


ପଦ୍ମାଳୟା ପୂଜା ମଣ୍ଡପଠାରେ ପ୍ରସାଦସେବନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।

## ଦୁର୍ଘଟଣାରେ ଚିଲିକା ତହସିଲଦାର, ସ୍ତ୍ରୀ ଗୁରୁତର

ବାଲୁଗାଁ,୯।୧୦(ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ନାଚୁଣୀ ଥାନା ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ ଏବଂ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ତହସିଲଦାର ଘଡ଼େଇ ଏବଂ ତାଙ୍କ ସ୍ତ୍ରୀ କୌଣସି କାର୍ଯ୍ୟରେ ଯାଇ ସ୍କୁଟିରେ ବାଣପୁରସ୍ଥିତ ଭୀମପୁର ଗ୍ରାମକୁ ଫେରୁଥିଲେ। ନାଚୁଣୀ ଥାନା ନିକଟ କଉଡ଼ି ଖଣି ଛକଠାରେ ହଠାତ୍ ଏକ ଗାଈ ସମ୍ମୁଖକୁ ଆସିଯିବାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ପରିତ୍ୟକ୍ତ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର



ବେଗୁନିଆ,୯।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁରଠାରେ ଥିବା ଯାତ୍ରୀ ବିଶ୍ରାମାଗାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ବାଘମାରୀ–କଣ୍ଟିଲୋ ୪୮ନଂ. ରାଜ୍ୟ ରାଜପଥ ଉପରେ ଏହି ବସ୍‌ଷ୍ଟାଣ୍ଡଟି ଥିବାରୁ ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାତାୟାତ କରିବା ପାଇଁ ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଏଠାକୁ ଆସିଥାନ୍ତି। ତେବେ ଉକ୍ତ ବିଶ୍ରାମାଗାରର ଆଜ୍‌ବେଷ୍ଟସ ଭାଙ୍ଗିରୁଜି ଯାଇଥିବାରୁ କେହି ଯାତ୍ରୀ ଏଠାରେ ବିଶ୍ରାମ ନେଇପାରୁନାହାନ୍ତି। ଯାତ୍ରୀମାନେ ବର୍ଷା ଓ ଖରାରେ ଦୋକାନ ବାରଣ୍ଡା ଏବଂ ଗଛ ଛାଇ ଉପରେ ନିର୍ଭର କରୁଛନ୍ତି। ଫଳରେ ଉକ୍ତ ବିଶ୍ରାମାଗାର ବୁଲା କୁକୁର ଏବଂ ଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି। ବିଶ୍ରାମାଗାର ଚାରିପଟେ ଅନାବନା ଘାସ ଉଠିଥିବା ଦେଖିବାକୁ ମିଳିଛି। ବିଶ୍ରାମାଗାର ମରାମତି କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଏହାର ମରାମତି କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର।

ଖୋର୍ଦ୍ଧା,୯।୧୦(ପ୍ରଭାତ ପାଣିଗ୍ରାହୀ)

ବିଜେବି ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟର ଜଣେ ଲେଖାଏ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆଲୋଚନାଚକ୍ରର ମୁଖ୍ୟ ବିଷୟବସ୍ତୁ ଥିଲା 'କାଣ୍ଟମ ଯୁଗର ଆରମ୍ଭ: ସମ୍ଭାବନା ଓ ସମସ୍ୟା'। ଏହା ଉପରେ ସମସ୍ତ ପ୍ରତିଯୋଗୀ ତାଙ୍କର ତଥ୍ୟ ଉପସ୍ଥାପନ କରିଥିଲେ। ବିଚାରକଭାବେ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ଏବଂ ଅଧ୍ୟାପିକା ବୀଣାପାଣି ପାଢ଼ୀ ଯୋଗଦେଇଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ସଂଗ୍ରାମ ପୁହାଣ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଏଭି ଶିଆଳିଆର ରିତେଶ ଭୁଜବଳ ଦ୍ୱିତୀୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସନ୍ଧ୍ୟାଞ୍ଜଳି ସାହୁ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଶେଷରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ଓ ବିଚାରକମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ରାଉତ, ସୀମାରାଣୀ ବେହେରା ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨ ଭଉଣୀଙ୍କୁ ଆକ୍ରମଣ କରି ସୁନାଗହଣା ଲୁଟ୍

**ଝାଁଳା,୯।୧୦(ବୁଲା ବାରିକ):** ଦୁଇ ଭଉଣୀଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ କରି ସେମାନଙ୍କର ସୁନାଗହଣା ଲୁଟିନେବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଝାଁଳା ଅଞ୍ଚଳର ହରିବନ୍ଧୁ ପ୍ରଧାନ (୩୨)। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡିଛି। ଅଭିଯୋଗ ମୁତାବକ, ବୁଧବାର ସନ୍ଧ୍ୟାରେ ଦୁଇ ଭଉଣୀ ଓଗାଳପଡ଼ା ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ଯାଉଥିଲେ। ଏହି ସମୟରେ ହରିବନ୍ଧୁ ସେମାନଙ୍କୁ ବାଟରେ ଅଟକାଇ ଦୁର୍ବ୍ୟବହାର କରିଥିଲେ। ପରେ ଦୁଇ ଭଉଣୀ ପୂଜା ମଣ୍ଡପକୁ ଯାଇଥିଲେ। ଘରକୁ ଫେରିବା ସମୟରେ ଦୁଇ ଭଉଣୀଙ୍କୁ ପୁଣି ହରିବନ୍ଧୁ ଏବଂ ସହଯୋଗୀମାନେ ଓଗାଳପଡା ଅଙ୍ଗନୱାଡି ସ୍କୁଲ ନିକଟରେ ଅଟକାଇ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ଏପରିକି ସେମାନଙ୍କର ସୁନାଚେନ ଓ କାନଫୁଲ ଛଡ଼ାଇ ନେଇଥିଲେ। ଏହି ସମୟରେ ସୂରଜ ନାମକ ଯୁବକ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ ଛୁରିରେ ଆକ୍ରମଣ କରିଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପିସିଆର ପହଞ୍ଚି ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିଲା। ହେଲେ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ହରିବନ୍ଧୁଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ପୋଲିସ କହିଛି।

**ଜଣେ ଅଭିଯୁକ୍ତ ଗିରଫ**




## ଚିଲିକା ନିର୍ବାଚନମଣ୍ଡଳୀରେ କଂଗ୍ରେସର କର୍ମୀ ସମ୍ମିଳନୀ

ବାଣପୁର,୯।୧୦(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ରାଜୀବ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଚିଲିକା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରଦୀପ କୁମାର ସ୍ୱାଇଁ ଏବଂ କର୍ମୀମାନେ ଗୁରୁବାର ରାଜୀବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ବାଲୁଗାଁ ମାମୁଁଭଣଜା ପାହାଡ଼ଠାରୁ ବାଇକ୍ ଶୋଭାଯାତ୍ରାରେ ରାଜୀବଙ୍କୁ ପାଛୋଟି ଅଣାଯାଇଥିଲା। ସେ ପ୍ରଥମେ ବାଲୁଗାଁ ଗାନ୍ଧୀ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ରାଜୀବ ଯୋଗଦେଇ ରାଜ୍ୟ କଂଗ୍ରେସର ରଣନୀତି ଚିଲିକା ନିର୍ବାଚନମଣ୍ଡଳୀରୁ ଆରମ୍ଭ ହେବ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ସେହିପରି ଚିଲିକା ନିର୍ବାଚନମଣ୍ଡଳୀର ସମସ୍ୟା ନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସ ନେତା ପ୍ରଦୀପ ସ୍ୱାଇଁ। ମେଡିକାଲରେ ଡାକ୍ତରଙ୍କ ଅଭାବ ଏବଂ ରାଜ୍ୟରେ ମଦର ପ୍ରଚାର ପ୍ରସାର ଦୁର୍ଭାଗ୍ୟଜନକ। ଆଗାମୀ ଦିନରେ ନୂତନ ସଭାପତିଙ୍କ ନେତୃତ୍ୱରେ କଂଗ୍ରେସର ସ୍ୱରକୁ ଆହୁରି ଶାଣିତ କରାଯିବବୋଲି ସ୍ୱାଇଁ କହିଛନ୍ତି। ସଭାରେ ବାଣପୁର ବ୍ଲକ ସଭାପତି ଅକ୍ଷୟ ମହାପାତ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାପତି ବିଜୟ କୁମାର ରଥ, ଯୁବ କଂଗ୍ରେସ ସଭାପତି ଗୋପୀନାଥ ରଣା, ଛାତ୍ର କଂଗ୍ରେସ ସଭାପତି ଧର୍ମରାଜ ସାହୁ, ମହିଳା ସଭାପତି ଚିନୁ ବିଶୋଇ, ବବି ନାୟକ, ସୌଭାଗିନୀ ନାୟକ, ସୁକାନ୍ତି ନାୟକ, ସୁଦର୍ଶନ ନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।


ମା' ଭଗବତୀଙ୍କ ଦର୍ଶନ ଅବସରରେ ଜିଲ୍ଲା କଂଗ୍ରେସ କମିଟି ସଭାପତି, କଂଗ୍ରେସ ନେତା ଓ କର୍ମୀମାନେ।

# ବିକଶିତ ଓଡ଼ିଶାର ପ୍ରୟୋଗଶାଳା ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ

- ୨ୟ ବାର୍ଷିକ ପ୍ରତିଷ୍ଠା ଦିବସ
- ୫ ପ୍ରତିଭାଦୀପ୍ତଙ୍କୁ ପଞ୍ଚସଖା ସମ୍ମାନ

ସାକ୍ଷୀଗୋପାଳ,୯।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ଓଡ଼ିଆ ବିଶ୍ୱବିଦ୍ୟାଳୟର ୨ୟ ବାର୍ଷିକ ପ୍ରତିଷ୍ଠା ଦିବସ ସମାରୋହରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଅନ୍ୟ ଅତିଥିମାନେ ।

ଓଡ଼ିଆ ବିଶ୍ୱବିଦ୍ୟାଳୟର ୨ୟ ବାର୍ଷିକ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟର ଉତ୍ତରୋତ୍ତର ଗବେଷଣା ତଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଓ ପଞ୍ଚସଖାଙ୍କ ମଣିଷ ତିଆରି କାରଖାନା ସତ୍ୟବାଦୀ ବନବିଦ୍ୟାଳୟ ଅଲିଭା ସ୍ମୃତି ଉଜ୍ଜୀବିତ ରଖିବା ଲକ୍ଷ୍ୟରେ ପ୍ରତିଷ୍ଠା ହୋଇଥିଲା ଓଡ଼ିଆ ବିଶ୍ୱବିଦ୍ୟାଳୟ। ପରାଧୀନ ଭାରତରେ ନବଉତ୍କଳ ନିର୍ମାଣର ପ୍ରମୁଖ ଭୂମିକା ବହନ କରିଥିଲା ବନ ବିଦ୍ୟାଳୟ। ଭାଷାଭିତ୍ତିକ ରାଜ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ୨୦୩୬ ମସିହାରେ ପାଳନ କରାଯିବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଭାରେ ସୂଚନା ଦେଇଥିଲେ। ଆମ ଭାଷା ଆମ ଜୀବନ ଜୀବିକାର ମାଧ୍ୟମ ହେବାର ଆବଶ୍ୟକତା ରହିଛି। ଏଣୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ବିକଶିତ ଓଡ଼ିଶାର ପ୍ରମୁଖ ପ୍ରୟୋଗଶାଳା ହେବାକୁ ମନ୍ତ୍ରୀ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଓମ୍ ପ୍ରକାଶ ମିଶ୍ର ଓଡ଼ିଆ ବିଶ୍ୱବିଦ୍ୟାଳୟର କଳେବର ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

ମୁଖ୍ୟବକ୍ତା ଭାବେ ଦାଶରଥି ଭୂୟାଁ ଉପାନ୍ତ ଅଞ୍ଚଳରେ ରହୁଥିବା ଓଡ଼ିଆଙ୍କୁ ଓଡ଼ିଆ ଭାଷା ଶିକ୍ଷାଦାନ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଓ ଉତ୍କଳମଣିଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। କୁଳପତି ଶତ୍ରୁଘ୍ନ ପାଣିଗ୍ରାହୀ ପ୍ରତିଷ୍ଠା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କୁଳସଚିବ ରଶ୍ମିରେଖା ଦାସ ସଂକ୍ଷିପ୍ତ ବିବରଣୀ ଦେଇ ୨ବର୍ଷର ଶିଶୁ ଭଳି ବିଶ୍ୱବିଦ୍ୟାଳୟ ଚାଲି ଶିଖିବାରେ ଆଶୀର୍ବାଦର ହାତ ରଖିବାକୁ ଅତିଥିମାନଙ୍କୁ ଅନୁରୋଧ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶାର ୫ଜଣ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ଅତିଥିମାନେ ଉତ୍ତରୀୟ ଓ ସମ୍ମାନପତ୍ର ସହ ପଞ୍ଚସଖା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ସେମାନଙ୍କ ମଧ୍ୟରୁ ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କୁ ପଞ୍ଚସଖା ସେବା ସମ୍ମାନ, ପଦ୍ମଶ୍ରୀ ପ୍ରତିଭା ଶତପଥୀଙ୍କୁ ପଞ୍ଚସଖା ସାହିତ୍ୟ ସମ୍ମାନ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ପଞ୍ଚସଖା ସଂସ୍କୃତି ସମ୍ମାନ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ପଞ୍ଚସଖା କଳା ସମ୍ମାନ ଏବଂ ଡ. ସୁବ୍ରତ କୁମାର ପୃଷ୍ଟିଙ୍କୁ ପଞ୍ଚସଖା ଭାଷା ସମ୍ମାନ ପ୍ରଦାନ କରାଯାଇଥିଲା। ସତ୍ୟବାଦୀ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ହଜିଯାଉଥିବା ପାରମ୍ପରିକ ଖାଦ୍ୟ ଓ ସ୍ୱାଦର ସମ୍ଭାର ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ପରଷି ବୁଝାଇଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସେବା ପାଇଁ ପୁଅର ମୋହ ଛାଡ଼ି ଦେଇଥିଲେ ଉତ୍କଳମଣି


କାର୍ଯ୍ୟକ୍ରମରେ ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ ଏବଂ କୃଷକ ସଂଗଠନ ସଦସ୍ୟ ।

### ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳୀରେ ଜୟନ୍ତୀ

ଗୋପ,୯।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଦୁଃଖୀ ରଙ୍କୀଙ୍କ ସେବା ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଅନନ୍ୟ। ଗରିବଙ୍କ ସେବା ତାଙ୍କର ଥିଲା ମୂଳଲକ୍ଷ୍ୟ। କାହିଁକି ନା ଗରିବଙ୍କ ମୁହଁରେ ଟିକିଏ ହସ ଦେଖିବା ଓ ତାଙ୍କ ପେଟକୁ ମୁଠାଏ ଦାନାଦେବା ପାଇଁ ଗୋପ ବ୍ଲକ ଅନ୍ତର୍ଗତ ଡଭାର ଗାଁକୁ ନିଜର କର୍ମସ୍ଥଳୀ ରୂପେ ବାଛିନେବା ସହିତ ଜ୍ୱରରେ ପୀଡ଼ିତ ପୁଅର ମୋହ ଛାଡ଼ି ଦେଇଥିଲେ। ଗୁରୁବାର ଡଭାର ଗ୍ରାମରେ କୃଷକ ସଂଗଠନ ପକ୍ଷରୁ ଆୟୋଜିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ ଏପରି ସୂଚନା ଦେଇଥିଲେ। ଡଭାର ଗ୍ରାମ କମିଟି ସଭାପତି ଜିତେନ୍ଦ୍ରୀୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜ୍ୟୋତିରଞ୍ଜନ ମହାପାତ୍ର, ମାନସ ରଞ୍ଜନ ମହାପାତ୍ର, ନିରାକାର ଦାସ, ସୁଚିତ୍ରା ଦାସ, ଶୈଳବାଳା ମହାପାତ୍ର, ଆଲୋକ କୁମାର ପ୍ରଧାନ, ଶ୍ରାବଣୀ ଦାସ, ମନଦୀପ ପାଇକରାୟ, ଅନିରୁଦ୍ଧ ବରାଳ, ନିରଞ୍ଜନ ବରାଳ ଓ ଚନ୍ଦନ ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦୁଃଖୀ ମଣିଷଙ୍କ ସେବା, ଗ୍ରାମୀଣ ଶିକ୍ଷା ବ୍ୟବସ୍ଥା ସହିତ ବନ୍ୟା ପ୍ରପୀଡ଼ିତ ଗରିବ ଲୋକଙ୍କ ପାଇଁ ଭରା ନଦୀରେ ମୁଠିବୁଡ଼ା, ଚାଉଳ ଆଦାୟ କରି ସେବା ଯୋଗାଇଦେବା କିପରି ଥିଲା ତାର ବାସ୍ତବତା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳୀ ଭାବରେ ପରିଚିତ ଡଭାର ଗ୍ରାମକୁ ଐତିହ୍ୟ ଗ୍ରାମ ଭାବେ ଘୋଷଣା କରିବାକୁ ଦାବି କରାଇଯାଇଥିବା ବେଳେ ମୁଖ୍ୟ ଅତିଥି ଦାସ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେବାପାଇଁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମର ଯୁବକମାନେ ପରିଚାଳନା କରିଥିବା ବେଳେ ଶେଷରେ ଏକ କବିତା ଉତ୍ସବ ଆୟୋଜିତ ହୋଇଥିଲା।

## ୭୬୬ ବୁଥ୍‌ରେ ହେବ ପୋଲିଓ ଟିକାକରଣ

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)

ପଲ୍ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଜିଲା ଟାସ୍କ ଫୋର୍ସ କମିଟି ବୈଠକ ଗୁରୁବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ପୋଲିସ, ମହିଳା ଓ ଶିଶୁ ବିକାଶ, ଜିଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଗଣଯୋଗାଯୋଗ ତଥା ରେଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଜିଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପକେନ୍ଦ୍ର), ଜିଲାର ନିର୍ଦ୍ଦିଷ୍ଟ ସମସ୍ତ ବିଦ୍ୟାଳୟ ତଥା ଅଙ୍ଗନୱାଡ଼ି କେନ୍ଦ୍ରରେ ଆସନ୍ତା ୧୨ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିନିମନ୍ତେ ୫୬ଟି ଟ୍ରାନ୍‌-ଜିଟ୍ ପଏଣ୍ଟ ଚିହ୍ନଟ କରାଯାଇଛି ଓ ୨୪ଟି ମୋବାଇଲ୍ ଟିମ୍ ନିୟୋଜିତ ମଧ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନ୍ମିତ ଶିଶୁରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମୋଟ ୧ ଲକ୍ଷ ୮୬ ହଜାର ୮୫୯ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ୩ ଲକ୍ଷ ୮୫ ହଜାର ୬୮୫ଟି ଗୃହ ପରିଦର୍ଶନ କରାଯାଇ ସମସ୍ତ ଶିଶୁଙ୍କୁ ମଧ୍ୟ ଚିହ୍ନଟ କରାଯାଇ ପୋଲିଓ ବୁନ୍ଦା ଦିଆଯିବ। ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ୭୬୬ଟି ପୋଲିଓ ବୁଥ୍‌ରେ ଟୀକାକରଣ କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅକ୍ଷୟ କୁମାର ଶତପଥି ସୂଚନା ଦେଇଛନ୍ତି ।



ବଡ଼ଶଙ୍ଖ ମା' ଗଜଲକ୍ଷ୍ମୀ ଯୁବ ପରିଷଦ ପକ୍ଷରୁ ଗୁରୁବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ଡେଲାଙ୍ଗ,୯।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗରେ ବାର୍‌ହା ଆକ୍ରମଣରେ ଜେନାପୁର ପଞ୍ଚାୟତ ଅଧୀନ ତିରିପ ଗ୍ରାମର ଦେବାଶିଷ ମଲ୍ଲିକ (୩୦)ଗୁରତର ଆହତ ହୋଇଛନ୍ତି । ଘଟଣା ଅନୁଯାୟୀ, ତିରିପ ଗ୍ରାମରେ ଗତ ୨ଦିନ ହେଲା ଜଙ୍ଗଲୀ ବାର୍‌ହା ଧାନ ଗଛମୂଳକୁ ତାଡ଼ିବା ସହିତ ଧାନକ୍ଷେତକୁ ନଷ୍ଟ କରିଛନ୍ତି। କ୍ଷେତରେ ଏକାଧିକ ବାର୍‌ହା ହିଡ଼ ଓ ଧାନମୂଳ ତାଡୁଥିବାର ଦେଖି ଦେବାଶିଷ ଘଉଡ଼େଇବାକୁ ଯାଇଥିଲେ। ବାର୍‌ହାପଲ ମଧ୍ୟରୁ ଗୋଟିଏ ବାର୍‌ହା ତାଙ୍କୁ ଗୋଡ଼ାଇ ଆସି ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଜିଲା କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ଜିଲା କଂଗ୍ରେସ ସେବା ଦଳ ମୁଖ୍ୟ ସଙ୍ଗଠକ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ପୂର୍ବତନ ସଭାନେତ୍ରୀ ସରସ୍ୱତୀ ପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ଆଇନଜୀବୀ ବୈଦ୍ୟନାଥ ପାଣି, କାଳୀପ୍ରସାଦ ନାୟକ, ସୁକାନ୍ତ କୁମାର ପ୍ରଧାନ, ନଗର କଂଗ୍ରେସ ସଭାପତି ଅମରେନ୍ଦ୍ର ପାଇକରାୟ, ଉତ୍ତମ ଆଚାର୍ଯ୍ୟ, ଦୁର୍ଗାପ୍ରସାଦ ସାମନ୍ତରାୟ, ଉମାକାନ୍ତ ବେହେରା, ସୌମ୍ୟକାନ୍ତ ପ୍ରଧାନ, ମନୋଜ ମହାପାତ୍ରଙ୍କ ସମେତ ଅନେକ କର୍ମୀ ଓ ସାଧାରଣ ଜନତା ଶ୍ରୀମନ୍ଦିର ସମ୍ମୁଖସ୍ଥ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି ପୁରୀ ବାର୍ ଆସୋସିଏଶନ ସମ୍ମୁଖସ୍ଥ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

## ଏସ୍‌ସିଏସ୍ କଲେଜରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୧-୯୪ ବ୍ୟାଚ୍‌ର ବାଣିଜ୍ୟ ସ୍ନାତକ ଛାତ୍ରୀଛାତ୍ରଙ୍କ ପ୍ରୟାସରେ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ କଲେଜ ପରିସରରେ ଗୋପବନ୍ଧୁଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସାମନ୍ତ ଚନ୍ଦ୍ରଶେଖରଙ୍କ ପାଖରେ ଦୀପଦାନ ଓ ଚାରାରୋପଣ ପରେ ସାଧାରଣ ସଭା ଓ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡ. ଭକ୍ତରଞ୍ଜନ ଦ୍ୱିବେଦୀ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଦିଲ୍ଲୀପ ସ୍ୱାଇଁ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ପ୍ରାକ୍ତନ ଅଧ୍ୟାପକ ପ୍ରଫେସର ଡ. ବିମଳ ପ୍ରସାଦ ମହାପାତ୍ର, ପ୍ରଫେସର ନିମାଇଁ ଚରଣ ଜେନା, ପ୍ରଫେସର ଡ. ପ୍ରମୋଦ କୁମାର ପୃଷ୍ଟି ଏବଂ ପ୍ରଫେସର ଡ. ଭଗବାନ ଦାସଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରମାନେ ଗୁରୁମାନଙ୍କ ସ୍ମୃତିଚାରଣ ସହ ନିଜ ଅନୁଭୂତି ବଖାଣିଥିଲେ। ଡ. ଭଗବାନ ଦାସ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମକୁ ୧୯୯୧-୯୪ର ବାଣିଜ୍ୟ ସ୍ନାତକ ଛାତ୍ର ସଞ୍ଜୀବ କୁମାର ରଥଶର୍ମା ପରିଚାଳନା କରିଥିଲେ। ଶତାଧିକ ପୁରୁଣା ଛାତ୍ରୀଛାତ୍ର, କଲେଜର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


କଲେଜ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି ।

## ଗୋପବନ୍ଧୁଙ୍କ ପରି ସହୃଦୟ ମଣିଷ ହେବା ଆବଶ୍ୟକ

ନିମାପଡ଼ା,୯।୧୦(ବିଚିତ୍ରାନନ୍ଦ ସାହୁ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପରି ହେବାକୁ ହେଲେ ପ୍ରଥମେ ଦେଶ, ଜାତି, ମାଟି ଓ ସମସ୍ତ ଜନତାଙ୍କୁ ଭଲପାଇବା ଓ ଜଣେ ସହୃଦୟ ମଣିଷ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମାନବ ସେବା ମାଧବ ସେବା, ସେବାହିଁ ପରମ ଧର୍ମ, ତେଣୁ ଆଜିର ସମାଜରେ ପ୍ରତ୍ୟେକ ମଣିଷ ସେବା କରିବା ଦିଗରେ ବ୍ରତୀ ହୋଇ ନିଷ୍ଠାପର ଭାବେ କାର୍ଯ୍ୟ କଲେ ସମାଜର ମଙ୍ଗଳ ହେବ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ନିମାପଡ଼ା ଗୋପବନ୍ଧୁ ସେବା ସଂଘ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ ଠାରେ ଉତ୍କଳମଣୀ ପଣ୍ଡିତ ଗୋବବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ ସ୍ଥାନୀୟ ତହସିଲ୍‌ଦାର ମନୋଜ ପ୍ରଧାନ, ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ଶିକ୍ଷାବିତ୍ ନିରଦ ବରଣ ଖୁଣ୍ଟିଆ, ପ୍ରଭାତ ମିଶ୍ର, ପ୍ରତାପ ସାବୁତ, ସାମାଜିକ କର୍ମୀ ମଞ୍ଜୁ ମହାନ୍ତି, ସ୍ୱପ୍ନାନନ୍ଦ ମହାନ୍ତି, ଲିଙ୍ଗରାଜ ବାରିକ, ଗୋପବନ୍ଧୁ ସେବା ସଂଘର ଉପଦେଷ୍ଟା ରାଧାମୋହନ ଦାଶ, ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ଉପସଭାପତି ନିରଞ୍ଜନ ଓଝା ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତ୍ୟାଗପୂତ ଜୀବନ, ନୀତି, ଆଦର୍ଶ, ନିଷ୍ଠାପର ସେବା ଦିଗରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୋପବନ୍ଧୁ ଏକ ଅଦ୍ୱିତୀୟ ପ୍ରତିଭା ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତହସିଲ୍ ଅଫିସ ଛକ ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ କୃତୀ ପ୍ରତିଭା, ମଞ୍ଚାସୀନ ଅତିଥି, ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସେବାସଂଘ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସାମାଜିକକର୍ମୀ, ଯୁବନେତା, ଗୋପବନ୍ଧୁ ଦାସ ପ୍ରେମୀମାନେ ଯୋଗ ଦେଇଥିଲେ। ଯୁବ ସଂଗଠକ ସାମାଜିକ କର୍ମୀ ଆଦର୍ଶ ଦାଶ ଧନ୍ୟବାଦ ଦେଇଥିଲେ।


ସମାରୋହରେ ମଞ୍ଚାସୀନ ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ପ୍ରତିଭା।



## ଦିଲ୍ଲୀରେ ଆଜି



ଶୁକ୍ରବାର କରୱାଚୌଥ ପାଳନ ହେବାକୁ ଥିବାବେଳେ ଏହାର ପୂର୍ବ ସନ୍ଧ୍ୟାରେ ଦିଲ୍ଲୀର କନଟପ୍ଲେସ୍‌ସ୍ଥିତ ଏକ ଚୁଡ଼ି ଦୋକାନରେ ମହିଳାମାନଙ୍କ ଭିଡ଼। (ଫଟୋ–ଚମନ ଗୌତମ)

## ନନ୍ଦନକାନନରେ ମାକାଓ ବଂଶ ଲୋପ

ବାରଙ୍ଗ,୯।୧୦(ଲିଙ୍ଗରାଜ ରାଉତ) ପ୍ରାଣୀଉଦ୍ୟାନ ନନ୍ଦନକାନନର ୧୨ ନମ୍ବର ଖୁଆଡ଼ରେ ରହୁଥିବା ଏକମାତ୍ର ନାଲି ଓ ସବୁଜ ରଙ୍ଗ ମାକାଓର ବୁଧବାର ରାତିରେ ମୃତ୍ୟୁ ଘଟିଛି। ମାକାଓର ମୃତ୍ୟୁ ପରେ ଏହି ପ୍ରଜାତିର ବଂଶ ପ୍ରାଣୀଉଦ୍ୟାନରେ ଲୋପ ପାଇଯାଇଥିବା ଜଣାପଡ଼ିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଗତ କିଛିଦିନ ହେବ ଏହି ମାକାଓଟି ଅସୁସ୍ଥ ରହିଥିଲା। ଠିକଭାବେ ଖାଦ୍ୟ ଖାଉ ନଥିବାବେଳେ ପଜଳା ଖାଡ଼ାରେ ଆକ୍ରାନ୍ତ ରହି ଗୋଟେ ଜାଗାରେ ପଡି ରହୁଥିଲା।

## ପୋଲିସ-ଯୁବ ....

ପ୍ରଥମ ପୃଷ୍ଠାରୁ...

କହିଛନ୍ତି ଯେ, ସାଧାରଣ ଲୋକଙ୍କ ଭୋଟକୁ ଚୋରି କରି କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ କରିଛି। ଆଜିର ପ୍ରଚାରଣା ପ୍ରତିବାଦ ସମାବେଶ ମାଧ୍ୟମରେ ଓଡ଼ିଶାର ଯୁବ ସମାଜ କେବଳ ଭୋଟଚୋରି ଓ ଚାକିରି ବିକ୍ରି ନୁହେଁ, ଓଡ଼ିଶାରେ ଉଚ୍ଚୁତ ବେକାରି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ନିର୍ଯାତନା ବୃଦ୍ଧି ଓ ଦରଦାମ୍ ବୃଦ୍ଧି ପ୍ରତିବାଦରେ ସେମାନଙ୍କର ଅସନ୍ତୋଷକୁ ବ୍ୟକ୍ତ କରିଛନ୍ତି। ଭୋଟ ଗ୍ରହଣ ଦିନ ସନ୍ଧ୍ୟା ୫ଟାରୁ ରାତି ୮ଟା ମଧ୍ୟରେ ଓଡ଼ିଶାରେ ୪୨ ଲକ୍ଷ ଭୋଟ ଅଧିକ ପଡ଼ିଛି। ଏହା ଭୋଟ ଚୋରିକୁ ପ୍ରମାଣିତ କରୁଛି। ସେହିଭଳି ବିଜେଡି ସରକାରରେ ଥାଇ ମଧ୍ୟ ୨୧ଟି ଲୋକ ସଭା ଆସନରୁ ଗୋଟିଏ ବି ଆସନରେ ଜୟଲାଭ କରିପାରିଲା ନାହିଁ। କଂଗ୍ରେସ ଗୋଟିଏ ଆସନ ଜିତିଥିବା ବେଳେ ବାକି ୨୦ଟି ଆସନ ଭାଜପା କିଭଳି ପୋଛିନେଲା ତାହା ତଦନ୍ତସାପେକ୍ଷ। ରାଜ୍ୟରେ ବ୍ୟାପକ ଭୋଟ ଚୋରି ହୋଇଥିବାର ପ୍ରମାଣ ପାଇ ମଧ୍ୟ ବିଜେଡି ଚୁପ୍ ରହିବା, ଏ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ ନ କରିବା ଅର୍ଥ ଭୋଟ ଚୋରିକୁ ସମର୍ଥନ ଜଣାଇବା ସହ ସମାନ। ଭାଜପା ଓ ମୋଦିଙ୍କ ହାତରେ ନିର୍ବାଚନ କମିଶନର ଜଣେ କାଠ କଣ୍ଢେଇ ଭଳି କାମ କରିଛନ୍ତି। ଭାଜପା ଏବଂ ଏହାର ଛାତ୍ରୀଆ ସଂଗଠନ ଦେଶରେ ଏବଂ ଓଡ଼ିଶାରେ ବିଷମଞ୍ଜି ବୁଣିବାପାଇଁ ଲଗାତର ହୀନ ଚକ୍ରାନ୍ତ କରୁଛି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଉପରକୁ ଜୋତା ଫୋପାଡ଼ିବା ଅର୍ଥ ଗଣତନ୍ତ୍ର, ସମ୍ବିଧାନ ଏବଂ ଏ ଦେଶରେ ସାଧାରଣ ଜନତାଙ୍କ ଉପରକୁ ଜୋତା ଫୋପାଡ଼ିବା ସହ ସମାନ। ଭାଜପା ଏବଂ ଏହାର ସହଯୋଗୀ ଗୈରିକ ସଂଗଠନଗୁଡ଼ିକ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସାଂଘାତିକ ଅବକ୍ଷୟିତ କରୁଛନ୍ତି। ସେହିପରି ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ କେବଳ ଲୋକଦେଖାଣିଆ। ପୋଲିସରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ଏହି ଦୁର୍ନୀତିର ପରିସର ଭିତରକୁ ଆସୁଥିବାରୁ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରିବାକୁ ସକ୍ଷମ ହେବ ନାହିଁ। ସୁତରାଂ ଯୁବ କଂଗ୍ରେସ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରୁଛି ବୋଲି ଉଦବୋଧନରେ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ଯୁବକଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ ଯୋଗଦେଇ ଭୋଟ ଚୋରି ଓ ଚାକିରି ବିକ୍ରି ବିରୋଧରେ ନିର୍ବାଚନ କମିଶନର ଓ ମୋହନ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଓଡ଼ିଶାର ଯୁବତୀ ଯୁବକମାନଙ୍କର ଅଧିକାର ପାଇଁ ଯୁବ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ରମେଶ ଜେନା, ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ରିୟାନା ରାଜୁ ଓ ସହ ସମ୍ପାଦିକା ଖୁସି ଟିଗା ପ୍ରମୁଖ ସାମିଲ ହୋଇ ଥିଲେ।

## ବଣିକ୍ କୋଚିଂ ସେଣ୍ଟରରେ ...

ପ୍ରଥମ ପୃଷ୍ଠାରୁ...



କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା ବଣିକ୍ କୋଚିଂ ସେଣ୍ଟରରେ ତଦନ୍ତ କରୁଛନ୍ତି।

ଅପରପକ୍ଷରେ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଆଶାୟୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଅପରାହ୍ନ ୪ଟା ୩୦ରେ ଓପିଆରବି କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ପୂର୍ବାହ୍ନ ୧୧ଟା ୪୫ରେ ଘୋଷଣା ହୋଇଥିଲା। ହେଲେ ଅପରାହ୍ନ ୨ଟା ୫୦ରେ ଏହି ପ୍ରେସ୍‌ମିଟ୍‌କୁ ଅନିବାର୍ଯ୍ୟ କାରଣ ଦର୍ଶାଇ ସ୍ଥଗିତ ରଖାଗଲା ବୋଲି ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସୂଚନା ଦେଇଥିଲେ। ସେଥିରେ କୁହାଯାଇଛି, ପରବର୍ତ୍ତୀ ପ୍ରେସମିଟ୍ ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବଶୀଘ୍ର ସୂଚନା ପ୍ରଦାନ କରାଯିବ। ଓପିଆର୍‌ବି ପକ୍ଷରୁ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କୁ ଅବଗତ କରାଯାଉଛି ଯେ, କ୍ରାଇମବ୍ରାଞ୍ଚ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି ଏବଂ ମାମଲାରେ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ପ୍ରାର୍ଥୀଙ୍କୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ଅନୁରୋଧ କରାଯାଉଛି। ଯଥାଶୀଘ୍ର ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯାଇ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଓପିଆର୍‌ବି ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ଜାଲିଆତି ଘଟଣାରେ ୧୧୪ ପରୀକ୍ଷାର୍ଥୀ ଓ ୫ଜଣ ମଧ୍ୟସ୍ଥ (ଦଲାଲ) ଗିରଫ ହୋଇ ଜେଲରେ ଅଛନ୍ତି।


### Government of Odisha "e" procurement Notice
### OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL

No.MM-220

E-Procurement Bid Identification No. - 04-DFO/DKL of 2025-26

1. Name of the work : Construction of 02 Nos Building Work of different Ranges under Dhenkanal Forest Division
2. Estimate cost : Rs.15,70,798 & 15,70,838/- (Approximate)
3. Period of completion : 3 months
4. Date & time of availability of the Bid documents in the portal : From 10.00 A.M. of 10.10.2025 to 5.00 P.M. of 23.10.2025
5. Last date / Time of receipt of the bid in Portal : 23.10.2025 up to 5.00 P.M.
6. Date of Opening : 24.10.2025 at 11.00 A.M.
7. Class of Contractor : "D" & "C" Class Contractor
8. Name and Address of the Office : Office of the Divisional Forest Officer Dhenkanal Division, Dhenkanal

Further details can be seen from the e-procurement Portal "https:// tendersorissa.gov.in.

Sd./- Divisional Forest Officer
Dhenkanal Division

OIPR-08037/11/0023/2425

### GOVERNMENT OF ODISHA DEPARTMENT OF WATER RESOURCES

No.A-712

### OFFICE OF THE SUPERINTENDING ENGINEER U.K.HEAD WORKS DIVISION, KOLABNAGAR (K), PIN.764011

e-Procurement Notice-SE-UKHWD-06/2025-26
Dated 06.10.2025 (ONLINE)

1. Name of Work :: Civil Works
2. No. of Work :: 09 (Nine) Nos.
3. Approximate Value of Work :: 5.07 Lakhs to 13.70 Lakhs
4. Class of Contractor :: Registered & Licensed Contractors of 'C' & 'D' Class
5. Period of Completion :: 03 (Three) Calendar Months
6. Date & Time of availability of bid documents online :: 14.10.2025 at 11.00 Hours to 23.10.2025 upto 18.00 Hours
7. Date & Place of Opening of Bid Online :: 24.10.2025 (11.00 Hours) at Office of the Superintending Engineer UKHWD, Kolab Nagar
8. Name of the Officer Inviting Bids :: Superintending Engineer UKHWD, Kolab Nagar

**Further details can be seen from the e-procurement portal http:// tendersodisha.gov.in. Addendum/Corrigendum/Cancellation, if any, required will be published in Govt. website only.**

Sd./- Superintending Engineer,
Upper Kolab Head Works Division
Kolabnagar

OIPR-32015/11/0044/2526

### ପୌର ପରିଷଦ କାର୍ଯ୍ୟାଳୟ: ବ୍ରଜରାଜନଗର
### OFFICE OF MUNICIPAL COUNCIL BRAJRAJNAGAR

At/Po-Lamtibahal, Dist-Jharsuguda, Odisha
Phone No-8457812260, Mail: eobrjnmpl@gmail.com

Letter No.3678 Date:08.10.2025

No.C-1243: Quotations in sealed cover are invited from Agency/ Contractor/farms with valid PAN, GSTN etc for the work "Supplying, fitting fixing of child play equipment & Gym equipment at Brajrajnagar Municipality". The quotation is for conculsion of rates only.

The Bid documents to be downloaded from the official website of Jharsuguda District https://jharsuguda.odisha.gov.in. Last date and time of receipt of bid is 4.30 PM, 17.10.2025 through Speed Post/ Registered Post/ by Hand only. Brajrajnagar Municipality will in no way be responsible for any delay in receipt of the Bid documents.

Sd./- Executive Officer
Brajrajnagar Municipality

OIPR-13099/11/0071/2526

### ODISHA HYDRO POWER CORPORATION LIMITED
OHPC

BALIMELA HYDRO ELECTRIC PROJECT
POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-232581(O)/232659(O), Fax: 06861-232541
E-Mail: unit.head_balimela@yahoo.com

REGD. OFFICE: ODISHA HDYRO POWER CORPORATION LIMITED
BHOI NAGAR, JANAPATH, BHUBANESWAR - 22
Tel.: 91-0674-2542983, 2542802, 2545526, Fax: 2542102, GRAM: HYDROPOWER
E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com
CIN: U40101OR1995SGC003963

#### TENDER CALL NOTICE
TENDER CALL NOTICE NO.: BHEP/34/2025-26, DATED: 08.10.2025

No. CAD-1954: Sealed tenders are invited in two part bid basis (Part - A: Technical Bid & Part - B: Price Bid) from the reputed **Manufacturers/Authorized Dealer/ Channel Partner/Reputed Supplier** as per eligibility criteria for the supply of following measuring instruments.

| Sl. No. | Description of Supply | Cost of Tender Paper in Rs. |
|---|---|---|
| 1 | Procurement of 01 No. Earth Resistance Measurement Clamp Meter and 02 Nos. Digital Leakage Clamp Meter for BHEP, Balimela | Rs.4720/- (Rs.4,000/- + GST @ 18%) (Non-refundable) |

Availability of Tender Document will be : From 10.00 Hrs. of 13.10.2025 to 12.00 Hrs. of 27.10.2025
The last date & time for submission of tender document : Upto 12.00 Hrs. of 27.10.2025
The date & time of opening of Technical Bid : Onwards 12.30 Hrs. of 27.10.2025
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**.

OIPR-04019/11/0115/2526 Sd./- C&P Head, BHEP, Balimela

### OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST:NUAPADA, ODISHA

E-mail: eeroads.khr@rediffmail.com
No.5530, Date:08.10.2025

#### TENDER CANCELLED

No.B-589: The Tender Call Notice bearing E-Procurement Notice-14, Bid Identification No.SER&BKHR-14/2025-26 vide letter No.5171, dated 22.09.2025 is hereby cancelled due to administrative reasons/issues.

Sd./- Superintending Engineer
Khariar (R&B) Division

OIPR-34062/11/0045/2526

### GOVERNMENT OF ODISHA
No.L-76:
### OFFICE OF THE EXECUTIVE ENGINEER (AGRIL.), BOLANGIR DIVISION, BOLANGIR AT-ADARSHAPADA, POST/DIST-BOLANGIR 767001

e-mail: eea.blgr@gmail.com Notice No.1242, Dt.08.10.2025
NATIONAL COMPETITIVE BIDDING THROUGH e-Procurement
Identification No.02/Agril/EE(Blgr)/2025-26, Dt.08.10.2025

| | | |
|---|---|---|
| 01 | Nos. of Work | : 13 Nos. |
| 02 | Tendered amount in Rs. | : Rs.5,06,130/- to Rs.33,52,443/- |
| 03 | Period of Completion | : 90 days to 180 days |
| 04 | Date & Time of availability of bid document in the portal | : From 11.00 Hrs. of 15.10.2025 to 17.00 Hrs. of 23.10.2025 |
| 05 | Last date/time of receipt of copies of uploaded documents, drafts etc. in the tender box in the office of the undersigned at Adarsha Pada, Near Cold Storage, Bolangir, PIN-767001 | : Upto 17.00 Hrs. of 27.10.2025 |
| 06 | Date & Time of opening of bids | : 11.00 Hrs. of 28.10.2025 |
| 07 | Name and Address of the Officer Inviting Bid | : Executive Engineer (Agril.) Bolangir Division, Bolangir, AT/ POST- Bolangir, Pin-767001 |

Further details can be seen from the website:
**www. tendersodisha.gov.in**

Sd./- Executive Engineer (Agril.)
Agriculture Engineering Division,
Bolangir

OIPR-01462/11/0008/2526

### OFFICE OF THE NOTIFIED AREA COUNCIL, BARPALI

At/P.O.: Barpali, Dist.: Bargarh, PIN - 768029
Mail: barpalinac@gmail.com, website: nacbarpali.in

No. 2122 Dt.08.10.2025

No. C-1245: Sealed quotations are invited in prescribed format from the registered/reputed firm/manufactures/Govt. order supplier/private firm having uptodate GST Clearance Certificate/PAN Card etc. for supply of **"Non-Core Components in Extension of Administrative Building of FSTPs under FSTP 2.0"** with required specification mentioned in the quotation. The quotationer shall have to quote the price unit wise including all taxes. The rate quoted documents should be submitted to the undersigned on or before 17.10.2025 upto 03.00 P.M. during office hour through Registered Post/Speed Post or in person drop in tender box and the same will be opened on dated 18.10.2025 at 11.00 A.M. in presence of quotationers or their authorized representative. Beyond the date and time or any postal delay no quotation shall be entertained. The detailed specification of quotation will be available in district website of Bargarh i.e. http://bargarh.odisha.gov.in and official website of NAC, Barpali i.e. **www.barpali.nic.in**. The quotationer shall have to deposit Rs.4,000/- (Rupees four thousand) only towards paper cost (Non-refundable) in shape of Demand Draft in favour of Executive Officer Barpali NAC, payable at Barpali from any Nationalized Bank and EMD of Rs.10,000/- (Rupees Ten thousand) only in shape of TDR/FDR/NSC duly pledged in favour of Executive Officer, Barpali NAC which is refundable. The undersigned has the right to reject whole or part of the quotation without assign any reason thereof.

Sd./- Executive Officer, NAC, Barpali
OIPR-13127/11/0020/2526

### GOVERNMENT OF ODISHA DEPARTMENT OF HIGHER EDUCATION

EXTENSION OF DATELINE FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDHABI CHHATRA PROTSAHAN YOJANA" 2025-26 FROM FRESH STUDENTS

No.N-172

| Sl. No. | Scheme & sub-Scheme | | Extended dateline for submission of online application by students | Extended dateline for validation of scholarship application by heads of Institutions / Principals concerned |
|---|---|---|---|---|
| 1 | e-Medhabruti | UG merit | 10.10.25 to 24.10.25 | Up to 31.10.25 |
| 2 | | PG merit | 10.10.25 to 24.10.25 | Up to 31.10.25 |
| 3 | | Technical & Professional merit | 10.10.25 to 24.10.25 | Up to 31.10.25 |
| 4 | Vyasakabi Fakir Mohan Bhasabruti Scheme | | 10.10.25 to 24.10.25 | Up to 31.10.25 |
| 5 | Gopabandhu Shikhya Sahayata Yojana | | 10.10.25 to 24.10.25 | Up to 31.10.25 Up to 10.11.25 (only at DWO level) |
| | Important Note for Non-SAMS Students | | **Uploading of documents through DigiLocker has been made mandatory from the current academic year. Those who are unable to upload their documents through DigiLocker can opt for the "Skip DigiLocker option" available in the OSSP portal.** | **The "Skip DigiLocker Option" will remain available till 21.10.2025** |

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404) (on all working days from 10.30 A.M. to 5.30 P,.M.) or e-mail on scholarshiphed@gmail.com.

OIPR-11001/11/0110/2526 Sd./- Joint Secretary to Government

### THE ODISHA STATE POLICE HOUSING & WELFARE CORPORATION LTD.
OPHWC

(A Government of Odisha Undertaking)
Janapath, Bhoinagar, Bhubaneswar - 22
Ph.: 0674-2541545, 2542921
E-mail: ophwc.od@od.nic.in, Website: www.ophwc.com
e-Procurement Notice No. 15/OPHWC/2025-26

#### INVITATION FOR BIDS (IFB)

No. CAD-1963: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 27 Nos. |
| 3 | Value of Tender | Rs.67.65 Lakh to Rs.512.68 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.14.10.2025 to Dt.01.11.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.01.11.2025 upto 5.00 P.M. |
| 8 | Date of Opening Bid | Dt.03.11.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https:// tendersodisha.gov.in**. Any addendum/corrigendum/ cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

Sd./- Chief Engineer (OSPH&WC)

**N.B.:** The quoted rate should be all inclusive but excluding G.S.T. as applicable under works contract.

OIPR-12025/11/0050/2526

### NOTICE INVITING TENDER
### OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT - JHARSUGUDA - PHONE NO. - 9438200044
DISTRICT WEBSITE - jharsuguda.odisha.gov.in
Jharsuguda Block/Jharsuguda MPL/Brajarajnagar MPL/ Kirmira Block/Kolabira Block/Laikera Block/Lakhanpur Block/Belpahar MPL

TENDER NO. 3429/3431/3433/3435/3437 DT. 08.10.2025
Cost of Tender Document is Rs.1000/- Inclusive of GST for each BLOCK/ULB (through online mode).

**No.CAD-1958** : Online Tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/ Depots (within or outside district).

| | | |
|---|---|---|
| 1 | Availability of Tender Documents | From dt.09.10.2025 downloadable from website : www,oscsc.in & www. tendersodisha.gov.in |
| 2 | Date, Time & Venue for Pre-bid conference | On Dt.15.10.2025 at 04.00 P.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last Date and Time for online submission of completed tender documents with enclosures | Through e-Procurement Portal : www. tendersodisha.gov.in upto 05.30 P.M. on Dt.27.10.2025 |
| 4 | Date, Time and Venue for Opening of Technical Bid by the Tender Committee | On Dt.28.10.2025 at 11.00 A.M. in Mini Conference Hall of Collectorate, Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be Announced after Technical Bid |

NB :-
1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement portal www. tendersodisha.gov.in along with district website. Amendments / Corrigendum / Cancellation / retenders etc. if any shall be published only in above websites.

Sd./- CSO-cum-District Manager
OSCSC Ltd., Jharsuguda

OIPR-07011/11/0009/2526

### H&UD Department, Government of Odisha
### OFFICE OF THE MUNICIPAL COUNCIL, BARGARH

Pin: -768028 (Odisha) Tel. No- 06646-223355/ E. Mail: bargarhmuniciplity.eo@gmail.com
Letter No:4169/ SBM, Dated:06/10/2025

**No.C-1223** : Executive officer on behalf of Bargarh Municipality, Dist.: Bargarh inviting Request for Proposal from companies/Individuals/any other agency having relevant certificates and past experience for the following work.

**"SELECTION OF AGENCY FOR PROCESSING AND DISPOSAL OF BIO-REMEDIATION OF LEGACY WASTE FOR RECLAMATION OF LAND AT BARGARH MUNICIPALITY SITE SITUATED AT MUNDAPADA AT WARD NO 15 SITE IN SCIENTIFIC APPROACH."**

The RFP should furnish the rate for the work as mentioned above. Preference shall be given to the companies and agencies who have already rendered similar type of services to various ULBS of Govt. of Odisha. The sealed envelope indicating offer rate or RFP including paper cost Rs. 6000/-(need to be purchased from office) & EMD: 2,00,000/- (DD) & offer rate of the RFP should reach to Municipality office by Reg. post or Speed Post on or before dated: 22/10/2025 up to 2 PM and same will be opened on the same day at 4 PM in the presence of the quotations or their authorized representative. The quotation Received beyond the schedule date and time will not be considered.

| | | |
|---|---|---|
| 01 | Nature of Works | Selection of Agency For Processing and Disposal of Bio-remediation of legacy waste for reclamation of land at Bargarh municipality site situated at Mundapada at ward no. 15 site in scientific approach". |
| 02 | RFP (Bid) Cost | 6000/- (Rupees six Thousand only) (non-refundable) only |
| 03 | EMD | Rs.2,00,000/- (Rupees Two Lakh) only |
| 04 | Availability of RFP document in the office | 09/10/2025 |
| 05 | Last date of receipt of Bid | 22/10/2025 up to 2 P.M. |
| 06 | Mode of Receipt of Bids | Speed/Regd. Post/Courier |
| 07 | date of opening of Technical Bid & PPT (Methodology including Management) | 22/10/2025 at 04:00 P.M. |
| 08 | Financial Bid | To be intimated later to Technical qualified bidders |
| 09 | Address for Business query and correspondence | Bargarh Municipality, Ward No - 10, Dist : Bargarh, Pin - 768028 |

The bidders have to participate in OFF-LINE bidding only. Further details can be seen from the Bargarh District website https://bargarh.odisha.gov.in/tender & https://www.bargarhmunicipality.in/tender.php) Any addendum / corrigendum / cancellation of tender can also be seen in the said websites. If any query then contacts E-mail ID www.bargarhmunicipality.eo@gmail.com.

Sd./- Executive Officer
Bargarh Municipality

OIPR-13103/11/0020/2526

### GOVERNMENT OF ODISHA OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR

No.A-1234

E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding: From | Availability of Bid Document for online bidding: To | Name & adderss of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Supply of ISI marked Centrifugally Cast (Spun) Ductile Iron socket & spigot (DI K-7 & K-9) pipes required for the work-Procurement of 100mm to 350mm dia DI pipes inconnection with the water supply to Chatrapur, Chikiti & Buguda NAC under State Plan (BASUDHA) | Bid Identification No. 41/03/ SPH(C)/2025-26 dt.08.10.2025 | **316.68** | 60 (Sixty) days | 11.00 Hrs of **13.10.2025** | 17.30 Hrs of **30.10.2025** | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.31.10.2025 at 01.00 P.M.**
Further details can be seen from the e-procurement portal https://www.tenderorissa.gov.in

Sd./- Additional Chief Engineer (PH)
P.H. Division, Bhanjanagar at Chatrapur

OIPR-13013/11/0037/2526

### ପୌର ପରିଷଦ ହିଞ୍ଜିଳିକାଟୁ
### HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା-ଗଞ୍ଜାମ, ପିନ୍-୭୬୧୧୦୨
ଦୂରଭାଷ-୦୬୮୧୧-୨୮୦୦୨୫,ଟୋଲ ଫ୍ରି ୧୪୪୨୦
At-Hinjilicut, Dist-Ganjam, Pin-761102
Contact:06811-280025, Toll Free No.:14420
Email-hinjilicutmunicipality@gmail.com
hinjilimunicipality@gmail.com
Hinjilicut Municipality, Hinjilicutmunicipality

ପତ୍ର ସଂଖ୍ୟା-୨୫୪୭ ତା.୦୮.୧୦.୨୫

#### ବିଜ୍ଞାପନ

No.C-1229:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହିଞ୍ଜିଳିକାଟୁ ପୌର ପରିଷଦ ଅନ୍ତର୍ଗତ ନିମ୍ନରେ ଦିଆଯାଇଥିବା ବନ୍ଧଗୁଡିକ ଆସନ୍ତା ତିନି ବର୍ଷ ଅର୍ଥାତ୍ ୨୦୨୫-୨୬ ଠାରୁ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଆସନ୍ତା ତା.୨୩.୧୦.୨୦୨୫ ରିଖ ଦିବା ଘ ୧୧.୦୦ ମିନିଟ ସମୟରେ ମାଛ ଚାଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ (ମିନି କନ୍‌ଫରେନ୍ସ ହଲ୍) ନିଲାମ ଡକାଯିବ । ଯେଉଁମାନେ ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ ପୌରପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରିପାରିବେ । ପ୍ରକାଶଥାଉକି, ନିଲାମ ଡାକିବା ବ୍ୟକ୍ତି ପରିଷଦ ଦ୍ୱାରା ସ୍ଥିର ହୋଇଥିବା ସର୍ତ୍ତାବଳୀର ଏକ ନକଲ କାର୍ଯ୍ୟାଳୟର କୋଷାଧ୍ୟକ୍ଷଙ୍କଠାରୁ ନିମ୍ନରେ ଦର୍ଶାଯାଇଥିବା ପାଉଣା ଦାଖଲ କରି ପାଇପାରିବେ ଏବଂ ସର୍ତ୍ତାବଳୀ ମୁତାବକ ନିଲାମ ଡାକି ପାରିବେ । ଯାହାର ଡାକ ଗ୍ରହଣୀୟ ଯୋଗ୍ୟ ହେବ ସେ ଏକକାଳୀନ ନିଲାମ ରାଶି ପୈଠ କରିବେ । ଉକ୍ତ ସର୍ତ୍ତାବଳୀ ତା.୧୩.୧୦.୨୦୨୫ ରିଖ ଠାରୁ ତା.୨୦.୧୦.୨୦୨୫ ରିଖ ଦିନ ୧୦.୩୦ ଘଟିକାଠାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟରେ (ଛୁଟି ଦିବସ ବ୍ୟତୀତ) ଉପଲବ୍ଧ ହେବ । ଯେକୌଣସି ମୁହୂର୍ତ୍ତରେ କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉପରୋକ୍ତ ନିଲାମକୁ ଅଗ୍ରାହ୍ୟ ଓ ରଦ୍ଦ କରିପାରିବେ ।

| କ୍ର.ନଂ. | ବନ୍ଧର ନାମ | ନିଲାମ ଅବଧି | ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟ | ଅମାନତ ରାଶି | ଫର୍ମ ଓ ସର୍ତ୍ତାବଳୀ ଅଣଫେରସ୍ତ ଯୋଗ୍ୟ |
|---|---|---|---|---|---|
| ୧ | ବେବର୍ତା ଓ ହଂସଗାଡିଆ ବନ୍ଧ | ୨୦୨୫-୨୬ ଠାରୁ ୨୦୨୭-୨୮ | ଟ.୩,୧୯,୦୦୫/- | ୩୧୬୦୦/- | ଟ.୫୦୦/- |
| ୨ | ଯୋଗୀ ବନ୍ଧ, ଆଙ୍କୋରଡା | | ଟ.୧,୮୪,୩୪୫/- | ୧୮୫୦୦/- | ଟ.୫୦୦/- |
| ୩ | ଆଗୁଳ ବନ୍ଧ, ପି.ରାମଚନ୍ଦ୍ରପୁର | | ଟ.୩,୪୬,୦୬୦/- | ୩୪୬୫୦/- | ଟ.୫୦୦/- |
| ୪ | କଇଁ ବନ୍ଧ, ପି.ରାମଚନ୍ଦ୍ରପୁର | | ଟ.୧,୪୧,୮୫୮/- | ୧୪୨୦୦/- | ଟ.୫୦୦/- |
| ୫ | ସର, ଯୋକ ଓ ଲିଆଖାଇ ବନ୍ଧ | | ଟ.୨,୭୭,୭୨୦/- | ୨୭୮୦୦/- | ଟ.୫୦୦/- |
| ୬ | ଦେଉଳ ବନ୍ଧ ନୂଆଁଗଡ | | ଟ.୩,୬୮,୪୯୦/- | ୩୬୯୦୦/- | ଟ.୫୦୦/- |

ବି.ଦ୍ର.: ଯଦି କୌଣସି ଆର୍ଥିକ ବର୍ଷରେ ବନ୍ଧଗୁଡିକର ଖନନ ଓ ଉନ୍ନୟନ କାର୍ଯ୍ୟ କରାଯାଏ ତାହାହେଲେ ବନ୍ଧରୁ ପାଣି ଖାଲି କରାଯିବ ଓ ସେହି ସମ୍ପର୍କରେ ଗୁତାଦାରଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ଏବଂ ସେମାନେ ଏଥିପାଇଁ ନ୍ୟାୟାଳୟର ଆଶ୍ରୟ ନେଇପାରିବେ ନାହିଁ ।

OIPR-13105/11/0022/2526 ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ ହିଞ୍ଜିଳିକାଟୁ (ଗଞ୍ଜାମ)

# ଅଭିଯୁକ୍ତଙ୍କୁ ଖସାଇବାକୁ ଯୋଜନା ଚର୍ଚ୍ଚା

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା**



ବ୍ରହ୍ମପୁର,୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶିଷ୍ଟ ନଗରସ୍ଥିତ ନିଜ ଘର ନିକଟରେ ଆଇନଜୀବୀ ତଥା ଭାଜପାର ସକ୍ରିୟ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣାର ୭୨ ଘଣ୍ଟା ପରେ ବି ପୋଲିସ ହାତ ଖାଲି ରହିଛି। ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିନାହାନ୍ତି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ବାହାସୋଟ ମାରୁଛି ପୋଲିସ। ଅଭିଯୁକ୍ତ ଚିହ୍ନଟ ନ ହେବା ଘଟଣାକୁ ନେଇ ସହରରେ ଭିନ୍ନ ଚର୍ଚ୍ଚା ଚାଲିଛି। ପୀତବାସ ରାଜନୀତିରେ ଏକ ପ୍ରମୁଖ ଚେହେରା ହୋଇଥିବାରୁ ହତ୍ୟାକାଣ୍ଡରେ କୌଣସି ରାଜନେତାଙ୍କ ସମ୍ପୃକ୍ତି ଥାଇପାରେ ବୋଲି କେତେଜଣ ଆଲୋଚନା କରୁଛନ୍ତି। ଏପରିକି ଏହି ହତ୍ୟାକାଣ୍ଡରେ ବାଲି ମାଫିଆ ସମ୍ପୃକ୍ତ ଥାଇପାରନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି। ତାଙ୍କର ଯଦିଓ କେହି ଶତ୍ରୁ ନାହାନ୍ତି ବୋଲି ପରିବାର ପକ୍ଷରୁ କୁହାଯାଉଛି ତାକୁ ନେଇ ବି ଭିନ୍ନ ଭିନ୍ନ କଥା ଚର୍ଚ୍ଚା ହେଉଛି। ଏଣେଟେ ସମୟ ଗଡ଼ି ଚାଲିଥିବାରୁ ଅଭିଯୁକ୍ତଙ୍କୁ ଖସାଇବାକୁ ଯୋଜନା ହେଉଥିବା ନେଇ କେତେଜଣ କହୁଛନ୍ତି। ପୋଲିସ ୬ଟି ଟିମ ଗଠନ କରି ତଦନ୍ତ କରୁଥିବା କଥା କହୁଛି। ୬୦ରୁ ୭୦ ଫୁଟେଜ ସଂଗ୍ରହ କରିଛି। କିଏ କେଉଁ ଭଳି ଭାବେ ତଦନ୍ତ କରିବେ ତାହା ବି ସ୍ଥିର କରିଛି। କିନ୍ତୁ ଗୁରୁବାର ସନ୍ଧ୍ୟା ସୁଦ୍ଧା କୌଣସି ଅଗ୍ରଗତି ହେଉନଥିବାରୁ ଅପରାଧୀଙ୍କୁ ଖସାଇବାକୁ ଉଦ୍ୟମ ଚାଲିଥିବା ସନ୍ଦେହକୁ ସାଧାରଣରେ ଦୃଢ଼ୀଭୂତ କରିଛି। ସ୍ୱାମୀଙ୍କୁ ହରାଇ ପୀତବାସଙ୍କ ସ୍ତ୍ରୀ ନୀରବ ହୋଇଯାଇଥିବାବେଳେ ହତ୍ୟା ଘଟଣାକୁ ନେଇ ସେ କିଛି କହିପାରୁନାହାନ୍ତି। କେବଳ ତାଙ୍କର କେହି ଶତ୍ରୁ ନ ଥିବା କହୁଛନ୍ତି। ସେହିପରି ପୁଅ ସ୍ୱରୂପ ପଣ୍ଡା କହିଛନ୍ତି, ବାପା କେବେ ଚାପରେ ନ ଥିଲେ, ସେ ଜଣେ ଭଲ ମଣିଷ ଥିଲେ। ଭଲ ଆଇନଜୀବୀ ହିସାବରେ ସମସ୍ତଙ୍କୁ ନ୍ୟାୟ ଦେବା ପାଇଁ ଲଢୁଥିଲେ। କିନ୍ତୁ ତାଙ୍କ ହତ୍ୟା ଘଟଣାରେ ବର୍ତ୍ତମାନ ସୁଦ୍ଧା ନ୍ୟାୟ ନ ମିଳିବା ଆଶ୍ଚର୍ଯ୍ୟ କରିଛି। ତାଙ୍କୁ ଯିଏ ମାରିଛି, ଫାସି ଦିଆଯାଉ। ବାପା ଯେଉଁ ଖାଦ୍ୟ ଆଣିଥିଲେ ତାହା ଏବେ ସୁଦ୍ଧା ପଡିରହିଛି ବୋଲି ସ୍ୱରୂପ କହିଛନ୍ତି। ଅନ୍ୟପକ୍ଷରେ ପୀତବାସଙ୍କ ହତ୍ୟା ପରେ ପରିବାର ଲୋକେ ଏବେ ଭୟରେ ରହିଛନ୍ତି। ବାସ୍ତବରେ ଅପରାଧୀଙ୍କୁ ଧରାଯିବ ନା ତାଙ୍କୁ ଖସାଇ ଦିଆଯାଇ ଆଉ କାହାକୁ ଧରିଆଣି ଅପରାଧୀ ସଜାଯିବ ତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି।

ବ୍ରହ୍ମପୁର ପୋଲିସ ଜିଲାର କେବଳ ବ୍ରହ୍ମପୁର ସହରରେ ଜାନୁଆରୀରୁ ଅକ୍ଟୋବର ମଧ୍ୟରେ ୧୦ ଜଣଙ୍କୁ ହତ୍ୟା କରାଗଲାଣି। ଏସବୁ ହତ୍ୟା ଘଟଣା ଭିତରୁ ୩ଟି ଘଟଣାର ଅଭିଯୁକ୍ତଙ୍କୁ ଆଜି ସୁଦ୍ଧା ପୋଲିସ ଧରିପାରିନାହିଁ। ସେହିପରି ଗୋଟିଏ ହତ୍ୟା ଉଦ୍ୟମ ଘଟଣାରେ ମଧ୍ୟ କାହାକୁ ଗିରଫ କରିନାହିଁ। ବୈଦ୍ୟନାଥପୁର ଥାନା ଜେଲ କଡରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଥିଲା। ତାହା ଏକ ସୁପରିକଳ୍ପିତ ହତ୍ୟା ବୋଲି ପୋଲିସ ଜାଣିବାକୁ ପାଇଥିଲା। କିନ୍ତୁ ଏଯାଏଁ ସେହି ଘଟଣାରେ କାହାକୁ ଧରିପାରିନାହିଁ। ସେହିପରି କିଛିମାସ ତଳେ ବଡ଼ବଜାର ଥାନା ଲକ୍ଷ୍ମୀ ନୃସିଂହ ସାହିରେ ଜଣେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀଙ୍କୁ ହତ୍ୟା କରାଗଲା। ସେହି ଘଟଣାରେ ବି କେହି ଧରାପଡିନାହାନ୍ତି।

# ଜମି ବିବାଦରୁ ସାନଭାଇଙ୍କୁ ହତ୍ୟା

**ବଡ଼ଭାଇ, ପୁତୁରା ଗିରଫ**

କେନ୍ଦୁଝର, ୯।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅଧୀନ ପଦ୍ମପୁର ପଞ୍ଚାୟତର ପୁଟୁଲିଆ ଗାଁରେ ବୁଧବାର ଜମି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଛି। ସାନଭାଇଙ୍କୁ ହତ୍ୟା ଅଭିଯୋଗରେ ବଡ଼ଭାଇ ଓ ପୁତୁରାଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ମୃତକ ହେଲେ ଚନ୍ଦ୍ରଶେଖର ଦାସ(୪୩)। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି କିରଣ ଦାସ ଓ ତାଙ୍କ ପୁଅ ସତ୍ୟଜିତ ଦାସ(୨୦)।

ସୂଚନା ଅନୁଯାୟୀ, ଜମିବାଡ଼ିକୁ ନେଇ ବୁଧବାର ସନ୍ଧ୍ୟାରେ ଚନ୍ଦ୍ରଶେଖର ଏବଂ କିରଣଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ସତ୍ୟଜିତ ଓ କିରଣ ଗଇନ୍ତି, କୋଦାଳରେ ଚନ୍ଦ୍ରଶେଖରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଚନ୍ଦ୍ରଶେଖରଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତ ଚନ୍ଦ୍ରଶେଖରଙ୍କ ସ୍ତ୍ରୀ କମଳା ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୬୦୭/୨୫) ରୁଜୁ କରିଛି। ଆକ୍ରମଣରେ ବ୍ୟବହୃତ ଗଇନ୍ତି, କୋଦାଳ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଗୁରୁବାର ସକାଳେ ସାଇଣ୍ଟିଫିକ ଟିମ୍ ସମେତ ପୋଲିସ ୨ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିବା ପରେ କୋର୍ଟଚାଲାଣ କରାଯାଇଛି। ଚନ୍ଦ୍ରଶେଖରଙ୍କ ମୃତ୍ୟୁରେ ସ୍ତ୍ରୀ, ଦୁଇପୁଅ ଓ ଝିଅ ଅସହାୟ ହୋଇପଡ଼ିଛନ୍ତି।

# ଟଙ୍କା ନ ଦେବାରୁ ଭିକ୍ଷୁକଙ୍କୁ ପିଟି ମାରିଦେଲେ

ସୋରଡ଼ା,୯।୧୦
(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ଥାନା ଗୋଛା ପଞ୍ଚାୟତ ସ୍ୱର୍ଗଦ୍ୱାର ଗ୍ରାମ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ମଦ ପାଇଁ ଟଙ୍କା ନ ଦେବାରୁ ଜଣେ ଭିକ୍ଷୁକଙ୍କୁ ଠେଙ୍ଗାରେ ପିଟି ମାରି ଦିଆଯାଇଛି। ମୃତକ ହେଲେ ସିଙ୍ଗପୁର ଗ୍ରାମର ଶିଶିର ମୁନି (୫୫)। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସୋରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କେବଳ ମଦ ପାଇଁ ଏହି ହତ୍ୟାକାଣ୍ଡ ଘଟିଛି ନା ଏହା ପଛରେ ଆଉ କିଛି ରହସ୍ୟ ରହିଛି ସେ ଦେଇ ତଦନ୍ତ ଚାଲିଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଶିଶିର ବହୁ ଦିନ ହେଲା ଉକ୍ତ ଅଞ୍ଚଳରେ ଭିକ୍ଷା ବୃତ୍ତି କରି ଚଳୁଥିଲେ। ବୁଧବାର ରାତିରେ ଦୁଇ ଜଣ ଯୁବକ ମଦ ପିଇବା ପାଇଁ ତାଙ୍କୁ ଟଙ୍କା ମାଗିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯୁବକଦ୍ୱୟ ଉତ୍ତ୍ୟକ୍ତ ହୋଇ ଶିଶିରଙ୍କୁ ପିଟି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ସେମାନେ ମୃତଦେହକୁ ନିକଟସ୍ଥ ନାଳରେ ଫୋପାଡି ଦେବା ପାଇଁ ଚେଷ୍ଟା କରିଥିଲେ। ଗ୍ରାମର କେତେଜଣ ଏସବୁ ଦେଖି ସୋରଡା ଥାନାକୁ ଖବର ଦେଇଥିଲେ। ପୋଲିସ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ହତ୍ୟାକାଣ୍ଡ ପଛରେ ଆଉ କିଏ ସାମିଲ ଅଛନ୍ତି, ତଦନ୍ତ କରାଯାଉଛି ବୋଲି କହିଛି।

# କାର୍ଯ୍ୟାଳୟରେ ଯୁବତୀଙ୍କ ସହ ଅସଂଯତ ଅବସ୍ଥାରେ ପଦାଧିକାରୀ, ଭିଡିଓ ଭାଇରାଲ

କେନ୍ଦ୍ରାପଡ଼ା,୯।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରସ୍ଥିତ ଏକ ପ୍ରମୁଖ ସରକାରୀ କାର୍ଯ୍ୟାଳୟରେ ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କାରନାମା ପଦାରେ ପଡ଼ିଛି। ସମ୍ପୃକ୍ତ ଅଧିକାରୀ ଅଫିସ୍‌ରେ ଜଣେ ଯୁବତୀଙ୍କ ସହ ଅନୈତିକ କାର୍ଯ୍ୟ କରୁଥିବାର ଭିଡିଓ ଗୁରୁବାର ସନ୍ଧ୍ୟାରେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଅଧିକାରୀଙ୍କ ଏହି କାର୍ଯ୍ୟକୁ ନେଇ ଜିଲା ପ୍ରଶାସନିକ ଅଧିକାରୀ ମହଲରେ ହଇଚଇ ସୃଷ୍ଟି ହୋଇଛି। ତୁରନ୍ତ ଉକ୍ତ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ମତ ପ୍ରକାଶ ପାଇଛି। କାର୍ଯ୍ୟାଳୟ ପରିସରସ୍ଥ ଚାମ୍ବରରେ ପ୍ରଶାସନିକ ଅଧିକାରୀଙ୍କ ଅନୈତିକ କାର୍ଯ୍ୟକୁ ଘୋର ନିନ୍ଦା କରାଯାଉଛି। ତେବେ ଏ ନେଇ କେନ୍ଦ୍ରାପଡ଼ା ଟାଉନ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ନାବାଳିକାଙ୍କୁ ବଳାତ୍କାର: ୩୭ ଦିନରେ ଦଣ୍ଡାଦେଶ

**ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ, ୫୦ ହଜାର ଜରିମାନା**

ଭୁବନେଶ୍ୱର/ବାରଙ୍ଗ,୯।୧୦
(ସତ୍ୟଜିତ ରାଉତ/ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ୪ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ କମ୍ ସ୍ୱତନ୍ତ୍ର ଜଜ୍(ପୋକ୍ସୋ) କୋର୍ଟ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଥିବା ଭରତପୁର ଥାନା ଅଞ୍ଚଳର ମୁନା ବେହେରା(୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୫୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ସୁଭଞ୍ଜନ ମହାନ୍ତି ରାୟରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ କ୍ଷତିପୂରଣ ବାବଦକୁ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଯୋଗାଇଦେବାକୁ ଖୋର୍ଦ୍ଧାସ୍ଥିତ ଜିଲା ଆଇନଗତ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ଅଭିଯୁକ୍ତ ମୁନା ବେହେରା

ମାମଲାର ବିବରଣୀ ଅନୁଯାୟୀ, ୧୩ ବର୍ଷୀୟା ପୀଡ଼ିତା ଖୁଦୁରୁକୁଣୀ ଓଷା ପାଳିବାକୁ ପଡ଼ୋଶୀଙ୍କ ଘରକୁ ଯାଇଥିଲେ। ସେହି ସମୟରେ ମୁନା ତାଙ୍କୁ ବଳାତ୍କାର କରିବା ସହ ଘଟଣା ପ୍ରକାଶ ନ କରିବାକୁ ଧମକ ଦେଇଥିଲେ। ଏନେଇ ନାବାଳିକା ଜଣକ ଘରେ କହିବାରୁ ତାଙ୍କ ବାପା ଅଭିଯୁକ୍ତଙ୍କ ବିରୋଧରେ ଗତ ସେପ୍ଟେମ୍ବର ୨ରେ ଚନ୍ଦକା ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ.୩୪୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ମୁନାଙ୍କୁ ସେପ୍ଟେମ୍ବର ୩ରେ ପୋଲିସ ଗିରଫ କରିବା ସହ ସେପ୍ଟେମ୍ବର ୧୦ରେ ମାମଲାରେ ଚାର୍ଜଶିଟ୍ ଦାଖଲ କରିଥିଲା। ଘଟଣାସହିତ ସଂପୃକ୍ତ ୯ ଜଣଙ୍କ ସାକ୍ଷ୍ୟ, ୧୭ଟି ସାମଗ୍ରୀ ଯାଞ୍ଚ ଏବଂ ୫୦ ଦସ୍ତାବିଜ୍‌କୁ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରିଥିଲେ। କମିଶନରେଟ୍ ପୋଲିସର ଡେପୁଟି ପବ୍ଲିକ ପ୍ରୋସିକ୍ୟୁଟର ହେମନ୍ତ ସ୍ୱାଇଁ ମାମଲାରେ ତଦାରଖ କରିଥିଲେ। ମାମଲାର ରୁଜୁ ହେବାର ୩୭ ଦିନ ଭିତରେ ବିଚାର ଶେଷ ହୋଇଥିବାରୁ ତଦନ୍ତ ଟିମ୍ ଓ ପ୍ରସିକ୍ୟୁଶନ୍ ଟିମ୍‌କୁ କମିଶନରେଟ୍ ପୋଲିସ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ପଡ଼ୋଶୀଙ୍କ ସହ କଳହ ବେଳେ ବୃଦ୍ଧଙ୍କ ମୃତ୍ୟୁ

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

ଅନୁଗୋଳ,୯।୧୦
(ଜ୍ୟୋତିରଞ୍ଜନ ସାହୁ)

ପାଚେରି ନିର୍ମାଣକୁ ନେଇ କଳହ ବେଳେ ପଡ଼ୋଶୀ ଜିତୁ ବେହେରା ଚାପୁଡ଼ା ମାରିବାରୁ ଅନୁଗୋଳ ସଦର ଥାନା ଚନ୍ଦ୍ରବାହାଳ ଗାଁର ନନ୍ଦ ରାଉତ (୬୨)ଙ୍କ ମୃତ୍ୟୁ ହୋଇଥିବା ଗୁରୁବାର ସଦର ଥାନାରେ ଅଭିଯୋଗ ହୋଇଛି। ମୃତ ନନ୍ଦଙ୍କ ପୁଅ ସନାତନ ରାଉତଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂତ୍ରରୁ ପ୍ରକାଶ, ଚନ୍ଦ୍ରବାହାଳ ଗ୍ରାମର ନନ୍ଦ ଓ ଜିତୁଙ୍କ ଘର ମଝିରେ ଏକ ପାଚେରି ରହିଛି। କିଛି ଦିନ ତଳେ ନନ୍ଦଙ୍କ ଗାଡ଼ି ବାଜି ପାଚେରିର କିଛି ଅଂଶ ଭାଙ୍ଗି ଯାଇଥିଲା। ନନ୍ଦ ଏହାର ପୁନର୍ନିର୍ମାଣ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେ ପ୍ରତିଶ୍ରୁତି ରକ୍ଷା ନ କରିବାରୁ ଏହାକୁ ନେଇ ଗୁରୁବାର ସକାଳେ ଜିତୁ ଓ ନନ୍ଦଙ୍କ ଭିତରେ କଳହ ଲାଗିଥିଲା। ନନ୍ଦ ହୃଦ୍‌ରୋଗୀ ହୋଇଥିବାରୁ ଝଗଡ଼ା ନ କରିବାକୁ ପରିବାର ଲୋକେ ଜିତୁଙ୍କୁ ବାରଣ କରିଥିଲେ। ଏହି ସମୟରେ ଜିତୁଙ୍କ ଚାପୁଡ଼ା ମାଡ଼ରେ ନନ୍ଦ ତଳେ ପଡ଼ିଯାଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ଏକତରଫା ପ୍ରେମ, ସମ୍ପତ୍ତି ହଡ଼ପ ପାଇଁ ହତ୍ୟା ଯୋଜନା

**ଗାଡ଼ି ଧକ୍କାଦେଇ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା**

ବଲାଙ୍ଗୀର,୯।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ଜଣେ ହୋଟେଲ ବ୍ୟବସାୟୀଙ୍କୁ ଏକ ନମ୍ବରବିହୀନ ବୋଲେରୋ ଗାଡ଼ି ଧକ୍କାଦେଇ ହତ୍ୟା ଉଦ୍ୟମ କରିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ସେହି ହୋଟେଲ ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ଏକତରଫା ପ୍ରେମକରି ବିଫଳହେବା ଏବଂ ତାଙ୍କ ସମ୍ପତ୍ତି ହଡ଼ପ କରିବା ପାଇଁ ଟିଟିଲାଗଡ଼ ସହରର ଗିରଫ ଠିକାଦାର ତଥା ସଙ୍ଗଠକ ଅଙ୍କୁର ଅଗ୍ରୱାଲ ସୁପରିକଳ୍ପିତ ହତ୍ୟା ଯୋଜନା କରିଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜୀ ଗୁରୁବାର ସନ୍ଧ୍ୟାରେ ଏସ୍‌ପି ଅଫିସ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀକରି ସୂଚନା ଦେଇଛନ୍ତି। ଟିଟିଲାଗଡ଼ ସହରର ହୋଟେଲ ମାଲିକ ଶିବଦୟାଲ ଜୈନଙ୍କୁ ହତ୍ୟାକରିବା ପାଇଁ ମୁଖ୍ୟ ଅଭିଯୁକ୍ତ ଅଙ୍କୁର ୫ ଲକ୍ଷ ଟଙ୍କାରେ ୨ଜଣ ଯୁବକଙ୍କୁ ସୁପାରି ଦେଇ ହତ୍ୟା ଯୋଜନା କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏହି ଘଟଣାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଅଙ୍କୁର (୩୪) ଗିରଫ ହୋଇଥିବା ବେଳେ ଗୁରୁବାର ଅନ୍ୟ ୨ ଅଭିଯୁକ୍ତ ମୁରିବାହାଲ ଥାନା ଅନ୍ତର୍ଗତ ଡୁଙ୍ଗୁରିଗୁଡ଼ା ଗାଁର ଭକ୍ତବନ୍ଧୁ ଖରସେଲ (୨୬) ଓ ମୁରିବାହାଲ ହାଟପଦାପଡ଼ାର ନରେଶ କୁମାର ବେହେରା ଓରଫ୍ ଗୁନୁ (୧୯)ଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ଅଙ୍କୁରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ବିର୍‌ବାସା ବସ୍ତିରେ ଦେଶୀ ମଦଭାଟି ଠାବ

**୩୮୦୦ ଲିଟର ପୋଚ, ୧୮୦୦ ଲିଟର ମଦ ଜବତ, ଜଣେ ଗିରଫ**

ଭୁବନେଶ୍ୱର,୯।୧୦
(ସତ୍ୟଜିତ ରାଉତ)

ମୈତ୍ରୀ ବିହାର ଥାନା ବିର୍‌ବାସା ବସ୍ତିରେ ଏକ ଦେଶୀ ମଦଭାଟିକୁ ଗୁରୁବାର ଭୁବନେଶ୍ୱର ଅବକାରୀ ଟିମ୍ ଠାବ କରିଛି। ଏହି ମଦଭାଟିରେ ସହ ସିକ୍ରେଟ୍ ଚାମ୍ବର କରାଯାଇ ମଦ ପ୍ରସ୍ତୁତ କରାଯାଉଥିଲା। ଅବକାରୀ ଟିମ୍ ସେଠାରେ ୩,୮୦୦ ଲିଟର ମୋହୁଆ ପୋଚୋ ଓ ୧୮୦୦ ଲିଟର ଦେଶୀ ଦେଶୀ ମଦ ଜବତ କରିଛି। ମଦଭାଟିକୁ ଚଲାଉଥିବା ମୁଖ୍ୟ ଅଭିଯୁକ୍ତ ସମରାୟ ହାଂସାଦା (୩୬)ଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱର-୨ ଅବକାରୀ ଥାନା ପକ୍ଷରୁ ଏନେଇ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସମରାୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୀର୍ଘଦିନ ହେବ ଉକ୍ତ ମଦଭାଟିକୁ ସମରାୟ ଚଳାଉଥିଲେ। ଅବକାରୀ ଟିମ୍ ଖବର ପାଇ ରେଡ୍ କରିଥିଲା।

# ପଣ୍ଡାକୁଦିଆରେ ମଦ ଗୋଦାମ ଘର ମାଟିଲେ ମିଶିଲା



ଭୁବନେଶ୍ୱର,୯।୧୦
(ସତ୍ୟଜିତ ରାଉତ)

ଭରତପୁର ଥାନା ଅନ୍ତର୍ଗତ ପଣ୍ଡାକୁଦିଆ ଅଞ୍ଚଳର ଖଣ୍ଡିଆଳ ବସ୍ତିରେ ଏକ ଦେଶୀ ମଦ ଗୋଦାମ ଘରକୁ ଗୁରୁବାର ଅବକାରୀ ବିଭାଗ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଉଚ୍ଛେଦ କରାଯାଇଛି। ବୁଲଡୋଜର ସହାଯ୍ୟରେ ମିଳିତ ଟିମ୍ ଏହି ଘରକୁ ମାଟିରେ ମିଶାଇ ଦେଇଛି। ଏହି ଗୋଦାମକୁ ଚଲାଉଥିବା ମୁଖ୍ୟ ଅଭିଯୁକ୍ତ ବିରେନ୍ଦ୍ର ଗୌଡ଼ ଫେରାର ଥିବାବେଳେ ତାଙ୍କୁ ଧରିବାକୁ ଅବକାରୀ ଟିମ୍ ଖୋଜାଖୋଜି ଚଳାଇଛି। ମଙ୍ଗଳବାର ଏହି ମଦ ଗୋଦାମରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଘରୁ ୭ହଜାର ଲିଟର ଦେଶୀ ମଦ ଜବତ ହେବା ସହ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ବିରେନ୍ଦ୍ର ଏହି ସମୟରେ ଅବକାରୀ ଟିମ୍‌ରୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ। ତେବେ ବେଆଇନ ମଦ ବେପାରୀଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଜିଲା ଅବକାରୀ ଏସ୍‌ପି ଦେବାଶିଷ ପଟେଲ କହିଛନ୍ତି।


## OFFICE OF THE EXECUTIVE ENGINEER, RURAL WORKS DIVISION, BARGARH
### e-Procurement Notice No. ONLINE-BGH-09 of 2025-26

No. O-830

| | | | |
|---|---|---|---|
| 1 | Name of the Work | : | Construction of Building works for the year 2025-26 |
| 2 | EMD | : | @1% of the Estimated Cost |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender in R.W. Division, Bargarh | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bargarh | ONLINE-BGH-05 of 2025-26 | 13.10.2025 at 11.00 A.M. | 24.10.2025 upto 5.00 P.M. | 24.10.2025 upto 4.00 P.M. | 27.10.2025 at 11.00 A.M. | 30.10.2025 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25062/11/0035/2526 Sd./- Executive Engineer, R.W. Division, Bargarh

GOVERNMENT OF ODISHA No. O-837
## OFFICE OF THE SUPERINTENDING ENGINEER, RURAL WORKS DIVISION - I, MALKANGIRI
NATIONAL COMPETITIVE BIDDING THROUGH e-Procurement
Identification No. Online Tender 03/RWD-I, MKG/2025-26 Dt.23.09.2025

| | | | |
|---|---|---|---|
| 01. | Name of the Work | : | Repair & Maintenance Works (Detailed in Annexure) |
| 02. | Total Number of Works | : | 33 Nos. (Thirty Three) |
| 03. | Estimated Cost | : | Rs.5.88 lakhs to Rs.75.63 lakhs |
| 04. | Class of Contractor | : | "D", "C" & "B" Class |
| 05. | Period of Completion | : | (As per Detailed in Annexure) |
| 06. | Other Details | : | |

| Procurement Officer | Bid Identification No. | No. of Works | Availability of Tender Online for Bidding | | Last date & time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 03/RWD-I, MKG/2025-26 | Total 33 Nos. (Single Cover & Double Cover) | 15.10.2025 from 11.00 A.M. | 31.10.2025 upto 5.00 P.M. | 30.10.2025 upto 5.00 P.M. | Tech Bid Opening (Single Cover & Double Cover Tech. Bid) 01.11.2025 at 11.00 A.M. |

Further details can be seen from the website www.tendersorissa.gov.in.
Sd./- Sujata Dishari
OIPR-25058/11/0019/2526 Executive Engineer, R.W. Division-I, Malkangiri

## NCC GROUP HEADQUARTERS, CUTTACK
Advertisement No. 01 Dated: Oct. 2025
### FILLING UP OF POSTS AT CSD CANTEEN, CUTTACK ON CONTRACTUAL BASIS

1. Applications are invited for various categories mentioned below on contractual basis. Details are as under:

| S. No. | Post | Vacancy | Eligibility | Age Limit |
|---|---|---|---|---|
| (a) | Assistant Manger | 01 (One) | ESM Only | Upto 60 years |
| (b) | Account Clerk | 01 (One) | ESM Only | |
| (c) | MTS (Multi Tasking Staff) | 25 (Twenty Five) | (Open for all) 10+2 Pass with adequate Computer Knowledge | Upto 50 years |
| (d) | Safaiwala | 02 (Two) | (Open for all) 10th Class Pass | |

2. Interested eligible candidates are requested to submit their application by 31st Oct. 2025 at NCC Group Headquarters, SO - 15, Cantonment Road, Cuttack - 753001 alongwith photo copy of necessary documents (for MTS & Safaiwala) and proof of retirement documents issued by the respective offices for (ESM). An interview for the same will be held on 17/18 Nov. 2025 at 10.30 A.M. at NCC Group Headquarters, Cuttack with original documents. The pay will be as per Govt. of Odisha Letter No. 6432/LC, Bhubaneswar dated 30 Sep. 2024.

NCC Group Headquarters, Cuttack

सीएमपीडीआई cmpdi
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया लिमिटेड की एक अनुषंगी कंपनी) (A Subsidiary of Coal India Limited)
गोन्दवाना प्लेस, काँके रोड, राँची-834008, झारखण्ड, भारत

सूचना / NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कंपनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट www.coalindia.in/संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेन्ट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है"। "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurment Portal https://eprocure.gov.in In addition, procurement is also done through GeM portal https://gem.gov.in".

## ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.35-SBP-TRD-OT-2025-26, ତା.03.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ TRR, TSR ଏବଂ CTR କାର୍ଯ୍ୟ ସମ୍ବନ୍ଧୀୟ ବଣ୍ଡିଙ୍ଗ୍ କାର୍ଯ୍ୟ।
**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 34,30,647.32, EMD (ଟଙ୍କାରେ) : 68,600/-, ଶେଷ ହେବା ଅବଧି : 08 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର କାଗଜପତ୍ର ସହିତ ସମସ୍ତ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-670/Q/25-26

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)
NATIONAL COMPETITIVE BIDDING THROUGH e-Procurement
No. O-841 Bid Identification No. Online Tender / 32-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 32-2025-26/ BPR | Road Works under MMSY-CMRL | 14 Nos. | From Rs.128.07 Lakhs to Rs.837.99 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 32-2025-26/BPR | 17.10.2025 at 10.00 A.M. | 31.10.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: www.tendersodisha.gov.in.
OIPR-25071/11/0138/2526 Sd./- Chief Construction Engineer, R.W. Circle, Berhampur

## OFFICE OF THE EXECUTIVE ENGINEER
National Highway Division, RCD, Deoghar
Circular Road, Near D.C. Residence, Deoghar, Jharkhand (814112)
E-mail ID : eenhdeoghar@gmail.com

NOTICE INVITING TENDER

Bid/Package no. - NH/DEOGHAR /STMC/01/2025-26 Date: 09.10.2025

1. Application in the prescribed format from experienced firms/organizations for Request for Proposal Short Term Maintenance Contracts (STMC), the Executive Engineer, National Highway Division, Deoghar hereby invites Single Percentage Rate Bids through e-tendering for maintenance works and activities for the following sections of the National\ Highways.

| Sl. No. | Section | Length (km) | Estimated Cost (Incl. GST & Labour cess) (Rs. Lakhs) | Bid Security (Rs. Lakhs) | ContractDuration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 456.00 | 4.56 | 12 months |

Important Dates.

| | | |
|---|---|---|
| 1. | Date of Issue of Notice Inviting RFP | 09.10.2025 |
| 2. | Period of Sale of Bid Document | From 16.10.2025 12:00 HRS to 06.11.2025 upto 17:00 HRS Through official portal of : [https:// eprocure.gov.in] |
| 3. | Pre Bid meeting | 30.10.2025 (12:30 HRS) |
| 4. | BID Due Date | 06.11.2025 Upto 17:00 HRS Through official portal of : [https:// eprocure.gov.in] |
| 5. | Last date of physical submission of bid security, POA and other documents in original | 07.11.2025, up to 17.00 HRS |
| 6 | Time and Date of Opening Technical Bid (RFP) | 10.11.2025 15:00 HRS Through official portal of : [https:// eprocure.gov.in] |
| 7. | Time and Date Opening Financial Bid | To be notify. Through official portal of : [https:// eprocure.gov.in] |
| 8. | Place of Opening of Bids | Office of the Chief Engineer, NH Wing, Jharkhand, Ranchi Through official portal of: [https:// eprocure.gov.in/] |
| 9. | Bid Validity | 120 Days From the Bid Due Date. |
| 10. | Officer Inviting Bids | Executive Engineer NH Division, Deoghar RCD Jharkhand. |

PR 363764 Deoghar (25-26)_D
Sd/- Executive Engineer
NH Division Deoghar

# ଅଜ୍ଞାନ ଅନ୍ଧକାର ଦୂରକରେ ଶିକ୍ଷା

## ଆସ ସ୍କୁଲ ଯିବା ଜିଲାସ୍ତରୀୟ ପଦଯାତ୍ରା, ପୁସ୍ତକ ଉନ୍ମୋଚିତ

ଖୋର୍ଦ୍ଧା,୯ା୧୦(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହଯୋଗରେ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ବିଜେବି ହାଇସ୍କୁଲ ସମ୍ମିଳନୀ କକ୍ଷରେ ଆସ ସ୍କୁଲ ଯିବା ଜିଲାସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ବେଗୁନିଆ ବିଧାୟକ ପ୍ରଦୀପ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଜଗଦ୍ଦେବ କହିଥିଲେ ଯେ, ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଭାରତ ସରକାରଙ୍କ ନୂତନ ଶିକ୍ଷାନୀତି ଏବଂ ଓଡ଼ିଶା ସରକାରଙ୍କ ଏକ ଅଭିନବ ଯୋଜନା। ପ୍ରତ୍ୟେକ ଶିଶୁର ଶିକ୍ଷା ଅବିଚ୍ଛେଦ୍ୟ ଅଙ୍ଗ। ମାନବ ସମ୍ବଳକୁ ଶକ୍ତିଶାଳୀ କରିବାକୁ ହେଲେ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ। ସରକାରୀ ସାହାଯ୍ୟ ସହ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥା, ଜନପ୍ରତିନିଧି ସମସ୍ତେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ସାକାର କରନ୍ତୁ। ମାନବ ସମ୍ବଳକୁ ଶକ୍ତିଶାଳୀ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେଉ ସେଥିପାଇଁ ସମ୍ବେଦନଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ସାହୁ କହିଥିଲେ ଯେ, ଶିକ୍ଷା ସଫଳତାର ମାପକାଠି। ଶିକ୍ଷା ବିନା କୌଣସି କାର୍ଯ୍ୟ ସମ୍ଭବ ନୁହେଁ। ଏହି ଯୋଜନା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବ। ଶିକ୍ଷାର ଅଗ୍ରଗତି ହେବାର ଆବଶ୍ୟକତା ଅଛି। ସମ୍ମାନିତ ଅତିଥି ଜିଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନସିଂହ କହିଥିଲେ ଯେ, ଶିକ୍ଷା ବିକାଶର ଚାବିକାଠି। ଶିକ୍ଷା ସମାଜରେ ସମସ୍ତେ କିପରି ପାଇପାରିବେ, ପ୍ରତ୍ୟେକ ପିଲା ଶିକ୍ଷାଦାନରେ ସାମିଲ ହୋଇ ମୁଖ୍ୟସ୍ରୋତରେ କିପରି ସାମିଲ ହେବେ ସେଥିପାଇଁ ସାମଗ୍ରିକ ଉଦ୍ୟମ ଜରୁରୀ। ଶିକ୍ଷା ସମସ୍ତଙ୍କ ମୌଳିକ ଅଧିକାର। ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଥିଲେ ଯେ. ଶିକ୍ଷାର ଅର୍ଥ ଅନ୍ଧକାର ବା ଅଜ୍ଞାନ ଦୂର କରି ଆଲୋକ ବା ଜ୍ଞାନ ପ୍ରଦାନ କରି ନିଜର, ପରିବାରର, ସମାଜର, ରାଜ୍ୟ, ରାଷ୍ଟ୍ର ଓ ବିଶ୍ୱର କଲ୍ୟାଣ ସାଧିତ କରିବା। ବିଦ୍ୟା ଅର୍ଜନ କରିବା ଦ୍ୱାରା ବ୍ୟକ୍ତିର ସର୍ବାଙ୍ଗୀନ ଉନ୍ନତି ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱର ପରିପ୍ରକାଶ ହୋଇଥାଏ। ଯାହା ଦ୍ୱାରା ସେ ସମସ୍ତ ଅନ୍ଧକାରକୁ ଦୂର କରିବା ପାଇଁ ସମ୍ଭବ ଓ ସକ୍ଷମ ହୋଇଥାଏ। ଅନ୍ୟତମ ଅତିଥି ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା କହିଥିଲେ ଯେ, ଶିକ୍ଷା ଅଧିକାର ଆଇନରେ ସମସ୍ତେ ଶିକ୍ଷା ଗ୍ରହଣ କରିବା ପ୍ରାବଧାନତା ଅଛି। କେତେଜଣ ଅଭାବ ଅସୁବିଧା ପାଇଁ ପ୍ରାଥମିକ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ସମସ୍ତେ ଯେପରି ଆସ ସ୍କୁଲ ଯିବା ଅଭିଯାନରେ ସାମିଲ ହୋଇପାରିବେ ସେଥିପାଇଁ ସମସ୍ତେ ଉଦ୍ୟମ ଜାରି ରଖିବାକୁ କହିଥିଲେ। ସେହିପରି ପୌରପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି କହିଥିଲେ ଯେ, ମାତାପିତା ହେଉଛନ୍ତି ପ୍ରଥମ ଗୁରୁ। ଯେଉଁ ପିଲାମାନେ ନିଜର ଆଗ୍ରହ ଥାଇ କୌଣସି କାରଣରୁ ଶିକ୍ଷାଦାନରୁ ବଞ୍ଚିତ ହୋଇଥିଲେ ସେମାନଙ୍କ ପାଇଁ ଆସ ସ୍କୁଲ ଯିବା ଏକ ଅଭିନବ ଯୋଜନା ଓ ସୁଯୋଗ। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଭବିଷ୍ୟତ ଗଢ଼ିବା ସହ ରାଜ୍ୟ ଓ ରାଷ୍ଟ୍ରର ବିକାଶରେ ନିଜକୁ ସାମିଲ କରିପାରିବ। ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ସଭାରେ ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣରେ କହିଥିଲେ ଯେ, ଏହି ଅଭିଯାନର ଲକ୍ଷ୍ୟ ହେଉଛି ସ୍କୁଲ ଛାଡ଼ିଦେଇଥିବା ପିଲାମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କ ପରିବାରକୁ ସରକାରଙ୍କ ଆଭିମୁଖ୍ୟ ଏବଂ ଶିକ୍ଷାର ମୂଲ୍ୟବୋଧକୁ ହୃଦୟଙ୍ଗମ କରାଇ ସେମାନଙ୍କୁ ପୁଣି ଥରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟରେ ପ୍ରବେଶ କରିଥିବା ୬ଜଣ ଛାତ୍ରୀଛାତ୍ର ମନିଷା ବିଶ୍ୱାଳ, ଟୁଇଁକିଲ ପ୍ରଧାନ, ପୂର୍ଣ୍ଣିମା ଦେହୁରି, ଶ୍ରାବଣୀ ବେହେରା, ଅମିତ୍ ନାୟକ ଓ ଦିନେଶ ବେହେରାଙ୍କୁ ବ୍ୟାଗ ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଆସ ସ୍କୁଲ ଯିବା ପୁସ୍ତକ ଉନ୍ମୋଚନ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ ସାଧନକେନ୍ଦ୍ର ସଂଯୋଜକ, ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ଆସ ସ୍କୁଲ ଯିବା ପଦଯାତ୍ରାକୁ ବିଦ୍ୟାଳୟ ପରିସରରୁ ବିଧାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ବିଜେବି ବିଦ୍ୟାଳୟରୁ ବାହାରି ବ୍ୟାଙ୍କ ଛକ, କୋର୍ଟ ଛକ ଦେଇ ପୁଣି ବିଜେବି ବିଦ୍ୟାଳୟରେ ପହଞ୍ଚିଥିଲା।


କାର୍ଯ୍ୟକ୍ରମରେ ଅତିଥିମାନେ ଆସ ସ୍କୁଲ ଯିବା ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବାର୍‌ରୁ ୭୦ପେଟି ଏକ୍ସପାଏରି ବିଦେଶୀ ମଦ ଜବତ

ଖୋର୍ଦ୍ଧା/ନିରାକାରପୁର,୯ା୧୦
(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଅବକାରୀ ବିଭାଗ ଅଧୀନରେ ଥିବା ଡିଆ ମୌଜାର ନିରାକାରପୁର ଓ ଲେଣ୍ଡୋ ମଧ୍ୟବର୍ତ୍ତୀ ଅଞ୍ଚଳ ନୂଆ ଜଗନ୍ନାଥ ସଡ଼କରେ ଥିବା ପ୍ରଧାନ ବାର୍‌ରୁ ଖୋର୍ଦ୍ଧା, ଟାଙ୍ଗୀ ଅବକାରୀ ବିଭାଗ ମିଳିତ ଉଦ୍ୟମରେ ୭୦ପେଟି ଏକ୍ସପାଏରି ବିଦେଶୀ ମଦ (ବିୟର)ଜବତ ହୋଇଛି। ସୂଚନା ମୁତାବକ, ଗତ ୭ତାରିଖ ଅପରାହ୍ଣ ସାଢ଼େ ୨ଟାରୁ ୩ଟା ମଧ୍ୟରେ କେତେଜଣ ବ୍ୟକ୍ତି ଉକ୍ତ ବାର୍‌ରେ ମଦ ପିଉଥିଲେ। ତେବେ ମଦଗୁଡ଼ିକ ଏକ୍ସପାଏରି ଦେଖି ତାର ଫଟୋ ଉଠାଇ ଅବକାରୀ ବିଭାଗକୁ ଜଣାଇଥିଲେ। ଅବକାରୀ ବିଭାଗ ବାର୍‌ରେ ପହଞ୍ଚି ଚଢ଼ାଉ କରି ସେଠାରେ ଥିବା ୭୦ପେଟି ଏକ୍ସପାଏରି ବିୟର ଜବତ କରଥିଲା। ଏନେଇ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ କହିଛନ୍ତି ଯେ, ମଦଗୁଡ଼ିକ ଚଳିତ ମାସ ୬ତାରିଖରୁ ଏକ୍ସପାଏରି ହୋଇଯାଥିଲା। ୭ତାରିଖରେ ବାରରେ ବିକ୍ରି ହେଉଥିବାରୁ ଜବତ କରାଯାଇଛି। ଏନେଇ କମିଶନରଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୩୧୪ ପଞ୍ଜୀକୃତ


ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

କୃଷ୍ଣପ୍ରସାଦ,୯ା୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ସାମାଜିକ ସୁରକ୍ଷା ବିଭାଗ ଏବଂ କୃଷ୍ଣପ୍ରସାଦ ବ୍ଲକ୍ ପ୍ରଶାସନ ସହାୟତାରେ ସାତପଡ଼ାସ୍ଥିତ ବାସୁଦେବ ନୋଡାଲ ହାଇସ୍କୁଲ ବାଘମୁଣ୍ଡା ନୂଆଗାଁ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଶକୁନ୍ତଳା ଗଡୁ ଉଦ୍‌ଘାଟନ କରିଥିଲେ। ବିଡିଓ ଅମିୟ କୁମାର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ ବେହେରା, ସାମାଜିକକର୍ମୀ ଦେବାଶିଷ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାତ କୁମାର ଜେନା ଏହାକୁ ପରିଚାଳନା କରିଥିଲେ। ଓଡ଼ିଶା ତାଳଗୁଡ଼ ନିଗମ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଜେନା ଶିବିର ପରିଦର୍ଶନ କରିଥିଲେ। ଶିବିରରେ ମୋଟ୍ ୩୧୪ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ପରେ ଉପସ୍ଥିତ ବିଶେଷଜ୍ଞଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ବ୍ଲକ୍ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ, କନିଷ୍ଠ ଯନ୍ତ୍ରୀ ଅମିୟ କୁମାର ପଣ୍ଡା, ଜିତେନ୍ଦ୍ର ଦାସ, ବେଗା ହାଁସଦା, ବିପିନ ବିହାରୀ ମଙ୍ଗରାଜ, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ସନ୍ନ୍ୟ ଭୂଷଣ ପରିଡା, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ଏପିଓ ଅଭିନ୍ନ କୁମାର ପଲାଇ, ସୌଭାଗ୍ୟ କୁମାର ବଳିୟାରସିଂହ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ରଶ୍ମି ରଞ୍ଜନ ପଟ୍ଟନାୟକ, ଆଲୋକ କୁମାର ଖୁଣ୍ଟିଆ, ରତ୍ନାକର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଗୋପବନ୍ଧୁଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବାକୁ ଆହ୍ୱାନ

ଜଟଣୀ,୯ା୧୦(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋପବନ୍ଧୁ ଉଦ୍ୟାନ ପରିସରରେ ଉଭୟ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେବା ସଂଘର ସଭାପତି ଅବନୀ ରାଉତରାୟ ପୌରୋହିତ୍ୟ କରିଥିଲେ। ଆଜିର ଯୁବ ଓ ଛାତ୍ର ସମାଜ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଗୋପବନ୍ଧୁ କିପରି ଭାବେ ନିଃସ୍ୱାର୍ଥରେ ଦୀନ ଦରିଦ୍ରଙ୍କ ସେବା କରିଥିଲେ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନଗରପାଳ ଅନନ୍ତ ବେହେରା, ସେବା ସଂଘର ସାଧାରଣ ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ନୀଳାମ୍ବର ମିଶ୍ର, ରବି ସ୍ୱାଇଁ, ହବିବୁର ରହମାନ, ଆଦିନାରାୟଣ ଖଣ୍ଡୁଆଳ, ନଟବର ସ୍ୱାଇଁ, ସୁଶାନ୍ତ ରାଉତ, କିଶୋର ଚନ୍ଦ୍ର ପାଇକରାୟ, ଆଇନଜୀବୀ ଦେବାଶିଷ ଦାସ, ବାସୁଦେବ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଶିବପ୍ରସାଦ ରଥ ଧନ୍ୟବାଦ ଦେଇଥିଲେ।

# ଗୋପବନ୍ଧୁ ଥିଲେ ସେବାର ପୂଜାରୀ

ଖୋର୍ଦ୍ଧା,୯ା୧୦(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପରିଚାଳନା କମିଟି ଉପଦେଷ୍ଟା ତଥା ପୂର୍ବତନ କୁଳପତି ମେଜର କ୍ଷିରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଗୋପବନ୍ଧୁ ଥିଲେ ସେବାର ପୂଜାରୀ। ଦୀନ ଦରିଦ୍ର, ଦୁଃଖିଜନଙ୍କ ସେବା ପାଇଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜ୍ୱରରେ ପୀଡ଼ିତ ନିଜକୁ ପୁତ୍ରକୁ ମଧ୍ୟ ଛାଡି ସେବା କାର୍ଯ୍ୟକୁ ଯାଇଥିଲେ। ଜୀବନବ୍ୟାପୀ ସମାଜ କଲ୍ୟାଣ ଦିଗରେ କାର୍ଯ୍ୟ କରିଛନ୍ତି। ଜଣେ ସାରସ୍ୱତ ସାଧକ ଭାବେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ଗୋପବନ୍ଧୁ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଆଜିର ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକାର୍ଯ୍ୟରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ମିଶ୍ର ଗୋପବନ୍ଧୁଙ୍କ ଜୀବନୀ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଡ.ପ୍ରିୟବ୍ରତ ମହାନ୍ତି, ଅଧ୍ୟାପକ ସୁବୋଧ ଜଗଦ୍ଦେବ, ସୁକୁମାର ପଟ୍ଟନାୟକ, ଗଦାଧର ସାହୁ, ଲକ୍ଷ୍ମୀ ପ୍ରସନ୍ନ ପଟ୍ଟନାୟକଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ପିଏନ୍ କଲେଜରେ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

**ବେଗୁନିଆ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ସଦର ମହକୁମା ସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଅବସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ମାଲ୍ୟାର୍ପଣ କରିଥିଲେ। ପରେ ସଭା ହୋଇଥିଲା। ଏଥିରେ ଉତ୍କଳମଣିଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଛି। ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶୁଭଲକ୍ଷ୍ମୀ ପ୍ରଧାନ, ଚିନ୍ମୟୀ ବିଶ୍ୱାଳ, ଶ୍ରୀୟା ଆଚାର୍ଯ୍ୟ, ଶୁଭ୍ରାଜ୍ୟୋତି ରଥ, ସ୍ମୃତି ରଞ୍ଜନ ପଣ୍ଡା, ସିପୁନ କୁମାର ନିଶଙ୍କ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷାବିତ୍ ବଳରାମ ରଣସିଂହ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ମୋହିନୀ କାନ୍ତି ଦାସ, ଆଶା ମୁର୍ମୁ, ଶୁଭଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି, ସସ୍ମିତା ସାହୁ, ରେଶ୍ମାରଶ୍ମୀ ପାଇକରାୟ ଏବଂ ଶିକ୍ଷକ ସୌମ୍ୟ ରଞ୍ଜନ ସାହୁ, ଅଜିତ କୁମାର ପୁରୀ, ପ୍ରହଲ୍ଲାଦ ପାଣିଗ୍ରାହୀ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ସିସି ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ଟାଙ୍ଗୀ (ରଘୁନାଥ ସାହୁ):** ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବଳରାମ ଦେବ ମନ୍ଦିରଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଜୟ ରାଉତ, ଉପସଭାପତି ସୁରେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ, ସହ ଶିକ୍ଷାବିତ୍ ସମ୍ପାଦକ ରବୀନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ବାଳକୃଷ୍ଣ ମିଶ୍ର, ମହେଶ୍ୱର ସେନାପତି, ରମେଶ ରାଉତ, ସାରଙ୍ଗଧର ପାଲଟାସିଂ, ମନୋଜ ପାତ୍ର, ବିଚ୍ଛେଦ ଜୟ ସିଂ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମଙ୍ଗଳାଯୋଡ଼ି ପଞ୍ଚାୟତର ସମାଜସେବୀ ଗୋପୀନାଥ ବଳିୟାରସିଂହ ଏବଂ ନୂଆଗଡ଼ ପଞ୍ଚାୟତର ସମାଜସେବୀ କୈଳାସ ପାଟଶାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ରଘୁନାଥ ସାହୁ, ଦିଲୀପ ନାଥ, ଅଧିକାରୀ ସୁବୁଦ୍ଧି, ଲକ୍ଷ୍ମୀଧର ପାଇକରାୟ, ଦୁର୍ଗା ଚରଣ ପାତ୍ର, ତାରା ପ୍ରସାଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନିରାକାରପୁର (ମାନସ ଚନ୍ଦ୍ର ପଟ୍ଟନାୟକ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ଗାନ୍ଧୀଶାନ୍ତି ପ୍ରତିଷ୍ଠାନ, ଗୋପବନ୍ଧୁ ସେବା ସମାଜ, ନିରାକାରପୁର ସାହିତ୍ୟ ସମାଜ ଏବଂ ସହଯୋଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ.ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସହିତ ସହଯୋଗର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଗୋପବନ୍ଧୁ ସମାଜ ସେବାର ଆବାହକ ପ୍ରସାଦ ଦାସ, ପ୍ରଫୁଲ୍ଲ ବାରିକ, ଈଶ୍ୱର ଚନ୍ଦ୍ର ନାଥ, ଗୋବିନ୍ଦ ଚନ୍ଦ୍ର ବିଶୋୟୀ, ପଦିଆ କାଣ୍ଡି, ରବୀନ୍ଦ୍ର କାଣ୍ଡି, ସତ୍ୟବାଦୀ ସାହୁ, ବୈନେତେୟ ନାରାୟଣ ଦାଶ, ସୁରେଖା ଦାଶ, ନାଗେଶ୍ୱରୀ ପ୍ରଧାନ, ତେଜସ୍ୱିନୀ ଦାଶ, ଇନ୍ଦିରା ପ୍ରିୟଦର୍ଶିନୀ, ସାଇଶ୍ରୀ ଅନୁରାଗ ଯୋଗଦେଇ ଉତ୍କଳମଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗୋପବନ୍ଧୁ କିପରି ଭାବରେ ନିଃସ୍ୱାର୍ଥରେ ଦୀନ ଦରିଦ୍ରଙ୍କ ସେବା କରିଥିଲେ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

**ବୋଲଗଡ଼ (ଦେବବ୍ରତ ହୋତା):** ବୋଲଗଡ଼ ସଦର ମୁଖ୍ୟାଳୟଠାରେ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ତହସିଲ ଛକ ନିକଟରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସାମାଜିକକର୍ମୀ ଗୋପୀନାଥ ଖାଡଙ୍ଗାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ରବୀନ୍ଦ୍ର ପରିଡା, ପ୍ରଫୁଲ୍ଲ ମହାପାତ୍ର, ଫକିର ମୋହନ ଫତେସିଂହ, ଲଛମନ ପରିଡା, ଲଲାଟେନ୍ଦୁ କେଶରୀ ସିଂହ, ପୁରେନ୍ଦ୍ର ବେହେରା, ରଘୁନାଥ ଦଳବେହେରା, ପ୍ରଭାକର ସାହୁ, କୈଳାସ ତ୍ରିପାଠୀ, ସୁରେନ୍ଦ୍ର ବେହେରା,ଡ.ଅଚ୍ୟୁତ ସାହୁ, ଅଜୟ ସୁବୁଦ୍ଧି, ଶିଶିର ସାହୁ, ଇନ୍ଦୁମତି ବେହେରା ପ୍ରମୁଖ ଯୋଗଦେଇଥିଲେ। ଭକ୍ତବତ୍ସଳ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମନୋରଞ୍ଜନ


@ ପପୁନି


@ ରଞ୍ଜିତା


@ ରଶ୍ମିରଞ୍ଜନ


@ ବିଭୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସେମିଫାଇନାଲରେ ଅଠାରଙ୍ଗ, ଗୁରୁଜଙ୍ଗ

ଯାଁଳା,୯ା୧୦(ବୁଲା ବାରିକ)

ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଯାଁଳା କପ୍‌ର ଗୁରୁବାର ପ୍ରଥମ କ୍ୱାର୍ଟର ଫାଇନାଲରେ କୁରାଢ଼ମଲ୍ଲ ଟିମ୍‌କୁ ୫୨ ରନରେ ହରାଇ ଅଠାରଙ୍ଗ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅଠାରଙ୍ଗ ଟିମ୍‌ର ପ୍ରବୀଣ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପାନବରଜ ଟିମ୍‌କୁ ୫ ଉଇକେଟରେ ହରାଇ ଗୁରୁଜଙ୍ଗ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁଜଙ୍ଗ ଟିମ୍‌ର ଅସିତ୍ ପରିଡ଼ା ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସନ୍ତୋଷ ସ୍ୱାଇଁ, ପ୍ରତାପ ବେହେରା ଏବଂ ଅନିଲ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ।

## ୧୭ରୁ ବାଘମାରୀରେ ନାଟକ ମହୋତ୍ସବ

ବାଘମାରୀ,୯ା୧୦(ମିହିର ରଞ୍ଜନ ମହାପାତ୍ର)

ଗ୍ରାମାଞ୍ଚଳ ଲୋକମାନଙ୍କ ମଧ୍ୟରେ ନାଟକକୁ ନେଇ ଆଗ୍ରହ ବଢ଼ାଇବା ଏବଂ ନାଟକ ମାଧ୍ୟମରେ ସମାଜରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାଘମାରୀଠାରେ ଆସନ୍ତା ୧୭ରୁ ତିନିଦିନ ଧରି ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ପ୍ରଥମ ରାତିରେ ଭାଗବତ ଯୁବ ପରିଷଦର ଜ୍ୟୋତି ପଣ୍ଡାଙ୍କ ନିର୍ଦ୍ଦେଶନାରେ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା', ଦ୍ୱିତୀୟ ରାତିରେ ଭାଗବତ ନାଟ୍ୟ ସାଂସଦର ନାଟକ 'କୋଟିଏ ତାରାରେ ଗୋଟିଏ ଜହ୍ନ' ଏବଂ ତୃତୀୟ ରାତିରେ ରଘୁନାଥ ଦେବ ନାଟ୍ୟ ସଂସଦର ପ୍ରକାଶ କୁମାର ସେଠୀଙ୍କ ନିର୍ଦ୍ଦେଶନାରେ ନାଟକ 'କହ୍ନେଇ ରାଜା ମୋ ବାଇଦ ବଜା' ପରିବେଷଣ କରାଯିବ ବୋଲି ଅନୁଷ୍ଠାନର ଉପଦେଷ୍ଟା ମାନସ ରଞ୍ଜନ ବିଶ୍ୱାଳ ଏବଂ ସୁକାନ୍ତ ପରିଡ଼ା ସୂଚନା ଦେଇଛନ୍ତି।

# ଲାଇଟିଂ ଆରେଷ୍ଟର ପାଇଁ ବର୍ତ୍ତିଲା ମନ୍ଦିର

## ଶ୍ରୀଲିଙ୍ଗରାଜ ମନ୍ଦିର ଚୂଡ଼ାରେ ବଜ୍ରପାତ ଘଟଣା

■ପତାକା ପୋଡ଼ିନାହିଁ: ଏଏସ୍ଆଇ

ପୁରୁଣା ଭୁବନେଶ୍ୱର,୯।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଭୁବନେଶ୍ୱରରେ ବୁଧବାର ଅପରାହ୍ନରେ ପ୍ରାୟ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ଜନଜୀବନ ଏକ ପ୍ରକାର ଠପ୍ ହୋଇଯାଇଥିଲା। ତେବେ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଚୂଡ଼ାରେ ବଜ୍ରପାତ ହୋଇଥିବା ଜଣାପଡ଼ିଥିଲା। ଫଳରେ ଚୂଡ଼ାରେ ଲାଗିଥିବା ପତାକା ପୋଡ଼ିଯିବା ସହ ମନ୍ଦିରରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିଲା। ଏପରି କି ମନ୍ଦିରରେ ଲାଗିଥିବା କେତେକ ବଲ୍ବ ଏବଂ ଇନଭର୍ଟର ଅଚଳ ହୋଇପଡ଼ିଥିଲା। କିଛି ସିସିଟିଭି ମଧ୍ୟ ପୋଡ଼ିଯାଇଥିବା ଅଭିଯୋଗ ହୋଇଥିଲା। ମନ୍ଦିରକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଲାଗି ସେବାୟତମାନେ ଦାବି କରିଥିଲେ। ତେବେ ବଜ୍ରପାତ ଯୋଗୁ ମନ୍ଦିରର କୌଣସି କ୍ଷତି ହୋଇ ନ ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ କୁହାଯାଇଛି। ଅତ୍ୟାଧୁନିକ ଲାଇଟିଂ ଆରେଷ୍ଟର(ବିଦ୍ୟୁତ୍ କୁପରିବାହୀ ପ୍ରତିରୋଧକ ଯନ୍ତ୍ର) ପାଇଁ ମନ୍ଦିରଟି ବର୍ତ୍ତିଯାଇଛି। ମନ୍ଦିରରେ ଲାଗିଥିବା ପତାକା ପୋଡ଼ି ନାହିଁ, ପବନରେ ଏହା ଆଂଶିକ ଚିରିଛି ବୋଲି ଗୁରୁବାର ଏଏସ୍ଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ନନ୍ଦ କିଶୋର ସ୍ୱାଇଁ କହିଛନ୍ତି ଯେ, ଶ୍ରୀଲିଙ୍ଗରାଜ ମନ୍ଦିରର ସୁରକ୍ଷା ନେଇ ଗତ ମାର୍ଚ୍ଚ-ଏପ୍ରିଲରେ ଷ୍ଟ୍ରଙ୍ଗ



ଲାଇଟିଂ ଆରେଷ୍ଟର ଲଗାଯାଇଥିଲା, ଯାହା ଭାରତ ସରକାରଙ୍କ ସିଭିଲ ଇଲେକ୍ଟ୍ରିକାଲ ଅର୍ଗାନାଇଜେଶନ ସିପିଡବ୍ଲ୍ୟୁଡି ଦ୍ୱାରା ଲଗାଯାଇଥିଲା।

ସୂଚନା ମୁତାବକ, ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ବଜ୍ରପାତ ଘଟିଥିବା ଖବର ପ୍ରଚାରିତ ହେବା ପରେ ଗୁରୁବାର ସକାଳେ ଏଏସ୍ଆଇର ୪ ଜଣିଆ ପ୍ରତିନିଧିଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରତିଦିନ ମନ୍ଦିର ଚୂଡ଼ାକୁ ଚଢ଼ି ପତାକା ଲାଗାଉଥିବା ସେବାୟତଙ୍କୁ ଡକାଇ ପୁନଃ ମନ୍ଦିରକୁ ଚଢ଼ାଇଥିଲେ। ସେମାନେ ଚୂଡ଼ାରୁ ପତାକା ଆଣିବା ପରେ ପତାକାଟି ପୋଡ଼ି ନ ଥିବା ଦେଖିବାକୁ ମିଳିଥିଲା, କେବଳ ପବନରେ ଏହା ଆଂଶିକ ଚିରିଯାଇଥିଲା। ମନ୍ଦିର ଚୂଡ଼ାରେ ଥିବା କଳସ ଏବଂ ଅନ୍ୟ ପାରିପାର୍ଶ୍ୱିକ ଅଞ୍ଚଳ ସୁରକ୍ଷିତ ରହିଛି। ଏହି ପ୍ରତିନିଧି ଦଳରେ ଏଏସ୍ଆଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଆର୍କୋଲୋଜିକାଲ ଇଞ୍ଜିନିୟର ଚିତ୍ତ ରଞ୍ଜନ ଦାସ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଆର୍କୋଲୋଜି ସଞ୍ଜୟ ପଣ୍ଡା ଏବଂ ମାନସ ସାହୁ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତି କହିଛନ୍ତି ଯେ, ବଜ୍ରପାତ ଯୋଗୁ ମନ୍ଦିରରେ ଲାଗିଥିବା ୪ରୁ ୫ଟି ବଲବ ଏବଂ ଇନଭର୍ଟର ଅଚଳ ହୋଇପଡ଼ିଛି। ୧୨ଟି ସିସିଟିଭି ଯାଞ୍ଚ ପାଇଁ ଏଜେନ୍ସି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି




ଗୋପବନ୍ଧୁ ଛକସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୯।୧୦(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଗୁରୁବାର ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁଛକସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମିଳନୀର ଉପଦେଷ୍ଟା ପଦ୍ମଚରଣ ନାୟକ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କୁ ସେବା ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ଏଥିରେ ସଭାପତିତ୍ୱ କରିଥିଲାବେଳେ ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମା ପରିଚାଳନା କରିଥିଲେ। ଉତ୍କଳ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଅକ୍ଷୟ ଜେଠୀ, ରୁଷୀ ପଟ୍ଟନାୟକ, ମହେଶ୍ୱର ବିଶ୍ୱାଳ, ରାମଚନ୍ଦ୍ର ସାମଲ ଓ ସୁରଜିତ ପରିଡ଼ା ପ୍ରମୁଖ ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ବାଲିପାଟଣା,୯।୧୦(ଅଭିମନ୍ୟୁ ନାୟକ)



ବନମାଳିପୁରସ୍ଥିତ ଗୋପବନ୍ଧୁ ପାଠାଗାର ପକ୍ଷରୁ ଗୁରୁବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଦେବପ୍ରସାଦ ରାୟ, ପିତାମ୍ବର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସମାଜସେବୀ ଡ.ବିଶ୍ୱଜିତ୍ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ସାମ୍ବାଦିକ ଦିଲୀପ କୁମାର ଓଝା, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଚେୟାରମେନ ସୌମେନ୍ଦ୍ର କୁମାର ରାୟ, ପ୍ରଧାନ ଶିକ୍ଷକ ଅର୍ଣ୍ଣବ ବେହୁରା ପ୍ରମୁଖ ଗୋପବନ୍ଧୁଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଅଧ୍ୟାପକ ରମେଶ ସାହୁ ସ୍ୱାଗତ ଭାଷଣ ଓ ଉପସଭାପତି ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଉତ୍ତମ ଦାସ, ସମାଜସେବୀ ସ୍ୱର୍ଗତ ଖୁର୍ଶିଦ ହୋସେନଙ୍କ ପକ୍ଷରୁ ତାଙ୍କ ସ୍ତ୍ରୀ କଲିମା ବିବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତ କୁଅାଁର, କାଶୀନାଥ ବାରିକ, ମୁରଲୀଧର ସାହୁ, ମୁକ୍ତାର୍ ଅଲ୍ଲୀ, ଲକ୍ଷ୍ମଣ ମଣ୍ଡଳ,ବନବିହାରୀ ଦାସ, ଜମ୍ବେଶ୍ୱର ପାତ୍ର, ମୀନକେତନ ମହାନ୍ତିଙ୍କ ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସେହିପରି ବାଲିପାଟଣା ଛକଠାରେ ହକର ସଂଘ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ସାମ୍ବାଦିକ ପୂର୍ଣ୍ଣ ଚନ୍ଦ୍ର ଜେନା ଏବଂ ଗଙ୍ଗାଧର ଓଝା ଅତିଥିଭାବେ ଯୋଗଦେଇଥିଲେ।

# ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୯।୧୦ (ସୌମ୍ୟରଞ୍ଜନ ରାଉତ)

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗରେ ଗୁରୁବାର ବଡ଼ଗଡ଼ ବ୍ରିଟ୍ କଲୋନିରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଭୁବନେଶର ମହାନଗର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ମହିଳା ପ୍ରମୁଖ ସସ୍ମିତା ମଙ୍ଗରାଜଙ୍କ ସହ ଗ୍ରାହକ ପଞ୍ଚାୟତର ଅନ୍ୟ ପ୍ରମୁଖ ଓ ସାଧାରଣ ନାଗରିକ ଯୋଗଦେଇଥିଲେ। ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ବର୍ତ୍ତମାନ ସପ୍ତାହରେ ୨ ଦିନ ସୋମବାର ଓ ଶୁକ୍ରବାର ଅପରାହ୍ନ ୫ଟା ରୁ ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଠାରେ ଯେକୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟାର ସରଳ ସମାଧାନ ପାଇଁ ପରାମର୍ଶ ନିଃଶୁଳ୍କ ଭାବେ ପ୍ରଦାନ କରାଯିବ ବୋଲି ସଂଗଠନର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଭୁବନେଶରର ଅନ୍ୟ ସ୍ଥାନରେ ମଧ୍ୟ ମାର୍ଗଦର୍ଶନ ସେବା କେନ୍ଦ୍ର ଖୋଲାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।




ବଡ଼ଗଡ଼ ବ୍ରିଟ୍ କଲୋନିରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

# ସୋଆ ଛାତ୍ରୀଛାତ୍ରଙ୍କ ଗ୍ରାଜୁଏଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୯।୧୦(ଅନୁରାଧା ମହାରଣା)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପାଇଁ ଗ୍ରାଜୁଏଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧୬ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଥିବା ବେଳେ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଡିଗ୍ରୀ ଗ୍ରହଣ କରିଛନ୍ତି। ବିଭିନ୍ନ ଦିନରେ ସୋଆ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ'(ଏସ୍ଏନ୍ଆଇଏଲ୍), ସୋଆ କୃଷି ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ ଏଗ୍ରିକଲ୍ଚରାଲ ସାଇନ୍ସେସ (ଆଇଏଏସ), ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ ଆଣ୍ଡ୍ ସମ ହସ୍ପିଟାଲର ପୋଷ୍ଟଗ୍ରାଜୁଏଟ ଏବଂ ସୁପରସ୍ପେଶିଆଲିଟି ବିଭାଗ, ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡେଣ୍ଟାଲ ସାଇନ୍ସେସ (ଆଇଡିଏସ), ଇନଷ୍ଟିଚ୍ୟୁଟ ଅଫ୍ ବିଜିନେସ ଆଣ୍ଡ୍ କମ୍ପ୍ୟୁଟର ଷ୍ଟଡିଜ ଏବଂ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଇନଷ୍ଟିଚ୍ୟୁଟ ଅଫ ଟେକ୍ନିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର), ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ ଷ୍ଟଡିଜ (ଏସପିଏସ) ଓ ସମ ନର୍ସିଂ କଲେଜ (ଏସ୍ଏନ୍ସି)ର ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ସହ ବିଭିନ୍ନ ବିଭାଗର ଡିନ୍ ଓ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ପ୍ରଫେସର ନନ୍ଦ କହିଲେ, ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱର୍କ (ଏନଆଇଆର୍ଏଫ) ର୍‍ୟାଙ୍କିଙ୍ଗ ଅନୁଯାୟୀ ସୋଆ ହେଉଛି ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ। ତେଣୁ ସୋଆର ମାନ ବୃଦ୍ଧି ନିମନ୍ତେ କଠିନ ପରିଶ୍ରମ, ଅଧ୍ୟାବସାୟ, ସମୟାନୁବର୍ତ୍ତିତା ଓ ସଚ୍ଚୋଟତା ଦ୍ୱାରା ସଫଳତା ହାସଲ ସମ୍ଭବ ହୋଇପାରିବ ବୋଲି କୁଳପତି କହିଥିଲେ।



ୟୁନିଟ୍-୨ସ୍ଥିତ ବାୟାବାବା ଗଜଲକ୍ଷ୍ମୀ ପୂଜା ସମିତି ଓ ୟୁନିଟ୍-୮ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଶାନ୍ତିନିକେତନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ।

# ଶିଳ୍ପ, ନବସୃଜନରେ ଓଡ଼ିଶା ବୃହତ୍ ଶକ୍ତିରେ ପରିଣତ ହୋଇଛି

ଭୁବନେଶ୍ୱର,୯।୧୦(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଶିଳ୍ପ ଓ ନବସୃଜନ କ୍ଷେତ୍ରରେ ଏକ ବୃହତ୍ ଶକ୍ତିରେ ପରିଣତ ହୋଇପାରିଛି। ଓଡ଼ିଶା ସରକାରଙ୍କ ଇଣ୍ଡଷ୍ଟ୍ରି ଫ୍ରେଣ୍ଡଲି ୱାର୍କ, ଷ୍ଟ୍ରିମ୍‌ଲାଇନ୍ଡ ପ୍ରୋସେସେସ୍, ଲ୍ୟାଣ୍ଡ୍ ବ୍ୟାଙ୍କ୍ ଏବଂ ସେକ୍ଟର-ସ୍ପେସିଫିକ୍ ଇନିସିଏଟିଭ୍ ଦ୍ୱାରା ରାଜ୍ୟରେ ପୁଞ୍ଜିନିବେଶ ପୂର୍ବାପେକ୍ଷା ଆହୁରି ସହଜ ହୋଇପାରିଛି। ଆମେ ପାରମ୍ପରିକ ତଥା ପରିବେଶ ଅନୁକୂଳ ଶିଳ୍ପ ଓ ନ୍ୟୁ-ଏଜ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ତଥା ଦୀର୍ଘ ସ୍ଥାୟୀ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛୁ ବୋଲି ଶିଳ୍ପ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ କହିଛନ୍ତି। ଓଟିଭି ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ-୨୦୨୫ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଲେ, ବିଶ୍ୱସ୍ତରୀୟ ବନ୍ଦର, ଏକ୍ସପ୍ରେସ୍ ୱେ, ଲଜିଷ୍ଟିକ୍ ହବ୍ ଏବଂ ଇଣ୍ଡଷ୍ଟ୍ରିଆଲ କରିଡର ଭଳି ଭିତ୍ତିଭୂମି ଓଡ଼ିଶାକୁ ବିଶ୍ୱ ବଜାରରେ ବ୍ୟବସାୟ ପାଇଁ ଏକ ମୁଖଶାଳାରେ ପରିଣତ କରିପାରିଛି। ସ୍କିଲ୍ଡ-ଇନ୍-ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଇଣ୍ଡଷ୍ଟ୍ରିରେଡି ୱାର୍କଫୋର୍ସ ସୃଷ୍ଟିକରିବା ସହ ଆଇଟିଆଇ, ପଲିଟେକ୍ନିକ୍ ଏବଂ ଇଞ୍ଜିନିୟରିଂ କଲେଜଗୁଡ଼ିକର ଆଧୁନିକୀକରଣ କରୁଛୁ ଏବଂ ଜିଲାସ୍ତରରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରୁଛୁ। ତେଣୁ ଓଡ଼ିଆ ଯୁବବର୍ଗ ଚାକିରି ପଛରେ ନ ଧାଇଁ ନିଜେ ଆତ୍ମନିର୍ଭର ତଥା ଉଦ୍ୟୋଗୀ ହେବା ସହ ଅନ୍ୟକୁ ନିଯୁକ୍ତିଦେବା ପାଇଁ ଆଗେଇ ଆସିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୁଏଲେରି, ମାନୁଫାକଚରିଂ, ରିୟଲ ଇଷ୍ଟେଟ, ଷ୍ଟାର୍ଟ ଅପ୍ ଆଣ୍ଡ ଏଣ୍ଟରପ୍ରେନ୍ୟୁରଶିପ୍ ଏବଂ ବ୍ୟବସାୟ ଆଦି ୭ଟି ବିଭାଗରେ ଶ୍ରେଷ୍ଠ ସଂସ୍ଥାକୁ ପୁରସ୍କୃତ କରାଯାଇଥିଲା। ରାଜ୍ୟର ଦୁଗ୍ଧ ବ୍ୟବସାୟ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସମବାୟ ସଂସ୍ଥା ଓମ୍‌ଫେଡ୍‌କୁ 'ବିଶ୍ୱସ୍ତ ଦୁଗ୍ଧ ଓ ଦୁଗ୍ଧଜାତ ବ୍ରାଣ୍ଡ ପୁରସ୍କାର' ଦିଆଯାଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଟିଭିର ପରିଚାଳନା ନିର୍ଦ୍ଦେଶକ ନୀତୀଶା ମଙ୍ଗତ ପଣ୍ଡାଙ୍କ ଉପସ୍ଥିତିରେ ଶିଳ୍ପମନ୍ତ୍ରୀ ସ୍ୱାଇଁଙ୍କଠାରୁ ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଓ ସାଧାରଣ ପରିଚାଳକ (ଅର୍ଥ) ସୁରେଶ କୁମାର ଅଲଟିଆ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଜୁରି ଥିବା ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ସାବତ, ପଦ୍ମଶ୍ରୀ ଡ. ପ୍ରଫେସର ଅଶୋକ ପଟ୍ଟନାୟକ ଓ ନାଲ୍‌କୋର ପୂର୍ବତନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତପନ ଚାନ୍ଦ ଓମ୍‌ଫେଡ୍‌କୁ ଏହି ପୁରସ୍କାର ପାଇଁ ଚୟନ କରିଥିଲେ।

## ଓମ୍‌ଫେଡ୍‌କୁ 'ବିଶ୍ୱସ୍ତ ଦୁଗ୍ଧ ଓ ଦୁଗ୍ଧଜାତ ବ୍ରାଣ୍ଡ ପୁରସ୍କାର'




## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନୋରଞ୍ଜନ



@ ପପୁନି



@ ରଞ୍ଜିତା



@ ରଶ୍ମିରଞ୍ଜନ



@ ବିଭୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧୦।୨୦୨୫

| | |
|---|---|
| ୩,୭୪,୪୮୭ ଟଙ୍କା | |
| ସୁନା | ୨.୦୫୦ ଗ୍ରାମ୍ |
| ରୁପା | ୧୦ ଗ୍ରାମ୍ |

# ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ, ଆଦର୍ଶ ଅନୁକରଣୀୟ

### ସୁଆଣ୍ଡୋ ସମେତ ବିଭିନ୍ନ ସ୍ଥାନରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ପୁରୀ/ସାକ୍ଷୀଗୋପାଳ,୯।୧୦
(ଅଜିତ୍ ମହାନ୍ତି/ଭରତ ରାଉତ/
କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ)



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ଓ ଆଦର୍ଶ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ସକାଳେ ଶ୍ରୀମନ୍ଦିର ସିଂହଦ୍ୱାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୁରୀ ଜିଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସର୍ବୋଦୟ ମେଳା ସଭାପତି ଉମାବଲ୍ଲଭ ମହାପାତ୍ର, ସମ୍ପାଦକ ଶିବପ୍ରସାଦ ମିଶ୍ର, ପୁରୀ ସେବା ସମିତିର ସମ୍ପାଦକ ସୌମେନ୍ଦ୍ର ଦାସ, ବରିଷ୍ଠ ନାଗରିକ ବିଶ୍ୱନାଥ ବେହେରା, ସାମାଜିକ କର୍ମୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡସ୍ଥିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି, ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଓ ବକୁଳବନରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ସମାଧିସ୍ଥଳର ସ୍ମୃତିସ୍ତମ୍ଭ, କାଦୁଆସ୍ଥିତ ଗୋପବନ୍ଧୁ ଓ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଐତିହ୍ୟ ବିକାଶ ପ୍ରକଳ୍ପର ସଂଗ୍ରହାଳୟ ଓ ସଂକଳ୍ପ ପୀଠ, ସୁଆଣ୍ଡୋ ଷଠିଘରେ, ପ୍ରାଥମିକ ବିଦ୍ୟାଳୟ ପରିସର ଓ ଗୋପବନ୍ଧୁ ପାର୍କସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ପୃଥକ୍ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ସାକ୍ଷୀଗୋପାଳ ମନ୍ଦିର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ, ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ବିଜେଡି ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, କଂଗ୍ରେସ ନେତା ମନୋଜ ରଥ, ପ୍ରୟାସ ସଭାପତି କୃଷ୍ଣ ଜଗଦେବ, ଯୁବନେତା କାମାକ୍ଷା ପ୍ରଧାନ, ଭାରତ ବିକାଶ ପରିଷଦ ସଭାପତି ସତ୍ୟବାଦୀ ଦାସ ପ୍ରମୁଖ ସାମିଲହୋଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତ୍ୟବାଦୀ କଳାକାର ସଂଘ କର୍ମକର୍ତ୍ତାଙ୍କ ସହ ଲୋକକଳା ଗ୍ରାମର କଳାକାରମାନେ ଆଧ୍ୟାତ୍ମିକ ସାଂସ୍କୃତିକ ଶୋଭାଯାତ୍ରାରେ ସାରଙ୍ଗଯୋଡ଼ିରୁ ସୁଆଣ୍ଡୋ ଅଭିମୁଖେ ଯାତ୍ରା କରିଥିଲେ। ପ୍ରଭୁ ବିନୋଦ ବିହାରୀଙ୍କ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଥାନା ଆଇଆଇସି ବିଜୟ କେତନ ବେହେରା, ଗୋପବନ୍ଧୁ ସ୍ମୃତି ପରିଷଦ ସଭାପତି ଧୀରେନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### କାଦୁଆ ଆଶ୍ରମରେ ଗୋପବନ୍ଧୁ ଜୟନ୍ତୀ

ପୁରୀ/ସାକ୍ଷୀଗୋପାଳ,୯।୧୦
(ଅଜିତ୍ ମହାନ୍ତି/କିଶୋର ମହାପାତ୍ର/
ପ୍ରଶାନ୍ତ ବାରିକ/ ଭରତ ରାଉତ)

ସତ୍ୟବାଦୀ କାଦୁଆ ଆଶ୍ରମରେ ସତ୍ୟବାଦୀ ବିକାଶ ପରିଷଦ ଏବଂ ପୁରୀ ଜିଲା ସିନିୟର ସିଟିଜେନ୍‌ସ ଫୋରମ ସହଯୋଗରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ଅନୁଭବ ସମାଜକୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁ ଦାସଙ୍କ ଜୀବନୀ, ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କ,ଦେଶ ସ୍ୱାଧୀନତା ପାଇଁ ଓ ସମାଜ ସଂସ୍କାର ପାଇଁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସତ୍ୟବାଦୀ ବିକାଶ ପରିଷଦର ସଭାପତି ଗୁଣ୍ଡିଚା ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ସମ୍ପାଦକ ଅମର ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରାମର୍ଶଦାତା ହୃଷୀକେଶ ମିଶ୍ର, ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଦେବେନ୍ଦ୍ର ଦାଶ, ଶିକ୍ଷାବିତ ବନମାଳୀ ବେହେରା ଓ ଭୀମସେନ ମହାପାତ୍ର ପ୍ରମୁଖ ବରିଷ୍ଠ ନାଗରିକଙ୍କ ବିବିଧ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

### ଗଜଲକ୍ଷ୍ମୀ ପୂଜା: ୩ ଦିନ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ବାଲିଘାଟ ଜାଗେଶ୍ୱରୀଛକସ୍ଥିତ ଶ୍ରୀ ଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୮ତମ ମା' ଗଜଲକ୍ଷ୍ମୀ ଦେବୀଙ୍କ ପୂଜା ଉତ୍ସବ ଚଳିତ ମାସ ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ଅବସରରେ ୧୦, ୧୧, ୧୨ ତାରିଖ ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଗୁରୁବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ୧୦ ତାରିଖ ସନ୍ଧ୍ୟାରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଓ ତାଙ୍କ ଗ୍ରୁପ୍ ଏବଂ ୧୧ ତାରିଖ ସନ୍ଧ୍ୟାରେ ନାଭିୟା ଜେଟୀ ଓ ତାଙ୍କ ଗ୍ରୁପ୍ ସଙ୍ଗୀତ ପରିବେଷଣ କରିବେ। ୧୨ ତାରିଖ ସନ୍ଧ୍ୟାରେ ମହାରାଜା ବ୍ୟାଣ୍ଡ୍ ପକ୍ଷରୁ ସଙ୍ଗୀତ ପରିବେଷଣ ହେବ। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ବିଭୂତି ଭୂଷଣ ସେଠୀ, ଉପସଭାପତି ସୁନିଲ ମହାରଣା, ସମ୍ପାଦକ ସୁଜିତ୍ ସାହୁ, ମୁଖ୍ୟ ଉପଦେଷ୍ଟା ଭାଗିରଥି ପ୍ରଧାନ, ଅଶୋକ କୁମାର ସୁବୁଦ୍ଧି, ସଞ୍ଜିତ୍ କୁମାର ସାହୁ, ହିମାଂଶୁ ମୁଦୁଲି, ଭିକାରି ସାହୁ, ରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପବନ୍ଧୁ ଜୟନ୍ତୀ ପାଳିତ

ପିପିଲି,୯।୧୦(ଦୁର୍ଗାମାଧବ ମିଶ୍ର)

ସଚେତନ ନାଗରିକ ମଞ୍ଚ, ପିପିଲି ପକ୍ଷରୁ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ସଭାପତି ଆଇନଜୀବୀ ସୁରେଶ ରଥଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କର୍ମକର୍ତ୍ତାମାନେ ସକାଳୁ ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମଞ୍ଚର ଉପଦେଷ୍ଟା ଭଗବାନ ସେଠୀ, ଶିକ୍ଷାବିତ୍ ସନ୍ତୋଷ ମିଶ୍ର ଏବଂ ରାମଚନ୍ଦ୍ର ଦାସ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନୁ ସିଂ, ସୁଦାମ ଖୁଣ୍ଟିଆ, କଳ୍ପନା ମିଶ୍ର, ପ୍ରମିଳା ପଣ୍ଡା, ଗୀତାରାଣୀ ସ୍ୱାଇଁ, ଅସୀମା ଦାଶ, ଶାନ୍ତିଲତା ସିଂ ଓ ବିଭୂତି ଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀ ବେଳାଭୂମିରେ ଗୁରୁବାର ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବାଲୁକା କଳା ମାଧ୍ୟମରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ-୨୦୨୫ ପାଳନ ଅବସରରେ ସଚେତନତା ବାର୍ତ୍ତା ଦିଆଯାଉଛି ।

### ସାନଓରାରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

କଣାସ,୯।୧୦(ବିଭୂତି ଭୂଷଣ ତ୍ରିପାଠୀ)

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କଣାସ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପ୍ରୟାସ ସଂଗଠନର ସଭାପତି କୃଷ୍ଣଚନ୍ଦ୍ର ଜଗଦେବ, ମୁଖ୍ୟ ସଂଗଠକ ବିଶ୍ୱଜିତ୍ ବଡଜେନା, ବିଷ୍ଣୁଜୟ ମଉଗଜସିଂହ, ଦୁର୍ଗାବାହିନୀର ସଭାନେତ୍ରୀ ମେନକା ପ୍ରଧାନ, ୫ନଂ ଜୋନ୍‌ର ସଭାପତି ରାମଚନ୍ଦ୍ର ପରିଡ଼ା, ୩ ନଂ. ଜୋନ୍‌ର ସଭାପତି କିଶୋର ମାର୍ଥା, ୪ନଂ. ଜୋନ୍‌ର ସଂଯୋଜକ ଜିତା ପାଇକରାୟ, ରଘୁନାଥ ବେହେରା, ଗଡ଼ସାହି ପଞ୍ଚାୟତର ସଭାପତି ନଗେନ୍ଦ୍ରନାଥ ସୁନ୍ଦରାୟ ମାଲ୍ୟାର୍ପଣ କରିଥିଲେ। ସତ୍ୟ, ଧର୍ମ, ନ୍ୟାୟକୁ ପାଥେୟକରି ଜନପ୍ରତିନିଧିମାନେ ଜନସେବାରେ ନିଜକୁ ନିୟୋଜିତ କରିବା ପାଇଁ ଅତିଥିମାନେ କହିଥିଲେ। ସେହିପରି କାଦୁଆ ପଞ୍ଚାୟତ ଅନ୍ତର୍ଗତ ସାନଓରାରେ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ନୂଆବସ୍ତ୍ର, ଫୁଲମାଳ ଦିଆଯାଇ ପୂଜା କରାଯାଇଥିଲା। ସାନଓରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଂଗ୍ରାମ ପ୍ରତାପସିଂହ, ବାଲେଶ୍ୱର ଶବର, ହେମ୍ବ୍ରମ ପ୍ରଧାନ ପ୍ରମୁଖ ଉତ୍କଳମଣିଙ୍କ ସେବା, ତ୍ୟାଗ, ସାହିତ୍ୟ, ସାମ୍ବାଦିକତା ଓ ସମାଜସେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାନଓରା ପ୍ରାଥମିକ ବିଦ୍ୟାଳୟ ଏବଂ ହରଚଣ୍ଡୀ ଉ.ପ୍ରା. ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରାରମ୍ଭରେ ଜାତୀୟ ସଂଗୀତ, ଗୀତାପାଠ କରି ପୁଷ୍ପାଞ୍ଜଳି ଦେଇଥିଲେ। ଗାୟତ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## ପଞ୍ଚସଖା ସମାଧି ପୀଠର ସୁରକ୍ଷା: ପେନ୍‌ସନ ଅର୍ଥରୁ ବ୍ୟୟ କରିବେ 'ପ୍ରସାଦ'

ସାକ୍ଷୀଗୋପାଳ,୯।୧୦(ଭରତ ରାଉତ/
କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

### ଗୋପବନ୍ଧୁ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଅବସରରେ ଗୁରୁବାର ସତ୍ୟବାଦୀ ଯୁବ ସଂଗଠନ ପକ୍ଷରୁ ପଞ୍ଚସଖା ସମାଧି ପୀଠରେ ପ୍ରାର୍ଥନା ସଭା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ସମାଧି ପୀଠରେ ପ୍ରଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପଞ୍ଚସଖାଙ୍କ ସ୍ମୃତି ସମାଧି ପୀଠର ପୁନରୁଦ୍ଧାର କରାଯାଇଥିଲା। ଏହାକୁ ଆକର୍ଷଣୀୟ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଅସ୍ଥାୟୀ କର୍ମଚାରୀଙ୍କୁ ସୁରକ୍ଷା ଦାୟିତ୍ୱରେ ରଖାଯାଇଥିଲା। ମାତ୍ର ସ୍ୱଳ୍ପ ମଜୁରି ପାଉଥିବା କର୍ମଚାରୀଙ୍କୁ ଅପସାରଣ କରିବାପରେ ପୁଣ୍ୟପୀଠ ଜରାଜୀର୍ଣ୍ଣ ହୋଇଗଲାଣି। ସରକାରୀ ସ୍ତରରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ସେ ପାଉଥିବା ବିଧାୟକ ପେନ୍‌ସନ୍ ଅର୍ଥରୁ କିଛି ପ୍ରାପ୍ୟ ଦେଇ ସ୍ମୃତି ସମାଧି ପୀଠର ସୁରକ୍ଷା କରିବାକୁ ପ୍ରସାଦ ହରିଚନ୍ଦନ କହିଛନ୍ତି। ଏଥିପାଇଁ ସେ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କୁ ସୁରକ୍ଷା ଦାୟିତ୍ୱ ଦେଇଥିବା ଘୋଷଣା କରିଥିଲେ। ଏହି ଅବସରରେ ଗୋପବନ୍ଧୁଙ୍କ ରଚିତ କବିତା, ବେଦ, ବାଇବେଲ୍, ବାହାଇ, ଅଲେଖ ଭଜନ, ହରିନାମ କୀର୍ତ୍ତନ ଓ ଭାଗବତ ପାଠ କରାଯାଇଥିଲା। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଜୟନ୍ତ ହୋତା, ବ୍ଲକ କଂଗ୍ରେସ ସଭାପତି ସୁବାସ ମହାପାତ୍ର, ଯୁବ ସଭାପତି ଲିପ୍ସି ରଞ୍ଜନ ପ୍ରଧାନ, ଛାତ୍ର ସଭାପତି ଆଦର୍ଶ ମିଶ୍ର, କାହ୍ନୁ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ପଞ୍ଚସଖା ସମାଧି ପୀଠରେ ସତ୍ୟବାଦୀ ଯୁବ ସଂଗଠନ ପକ୍ଷରୁ ଆୟୋଜିତ ପ୍ରାର୍ଥନା ସଭା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନୋରଞ୍ଜନ



@ ପପୁନି



@ ରଞ୍ଜିତା



@ ରଶ୍ମିରଞ୍ଜନ



@ ବିଭୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## 'ହବିଷିଆଳିଙ୍କୁ ସ୍ୱେଚ୍ଛାସେବୀଙ୍କ ସେବା ଅନନ୍ୟ'

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)

ବିଗତ ବର୍ଷଗୁଡ଼ିକ ଭଳି ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ହବିଷିଆଳିଙ୍କ ରହଣି ନିମନ୍ତେ ହବିଷିଆଳି ଶିବିର କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷିଆଳିମାନେ ପୁରୀ ଆସି ସମ୍ପୃକ୍ତ ଶିବିରରେ ରହି ହବିଷ ପାଳନ କରୁଛନ୍ତି। ହବିଷିଆଳି ମା'ମାନଙ୍କର ବିବିଧ ସେବା କାର୍ଯ୍ୟରେ ସ୍ୱେଚ୍ଛାସେବୀମାନେ ସହଯୋଗ କରୁଛନ୍ତି। ସେମାନଙ୍କ ସେବା ଅନନ୍ୟ ଓ ଅତୁଳନୀୟ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଚଳିତବର୍ଷ ହବିଷିଆଳି ବ୍ରତ ବା ରାଇଦାମୋଦର ବ୍ରତରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସ୍ୱେଚ୍ଛାସେବୀମାନେ କାର୍ଯ୍ୟ କରୁଛନ୍ତି। ହବିଷିଆଳି କେନ୍ଦ୍ରରେ ହବିଷିଆଳିମାନଙ୍କ ପଞ୍ଜୀକରଣ ସମୟରେ ଶୃଙ୍ଖଳା ରକ୍ଷା ସହ ସେମାନଙ୍କୁ ନିଜ ନିଜ କୋଠରିକୁ ନେବା ଆଣିବା, ସାମଗ୍ରୀ ନେଇ ରଖିବା, ସେମାନଙ୍କୁ ସାହାଯ୍ୟ କରିବା, ମନ୍ଦିର ଦର୍ଶନ ପାଇଁ ନେବା, ମହାପ୍ରସାଦ ସେବନରେ ସହଯୋଗ କରିବା ଏବଂ ଅସୁସ୍ଥ ହେଲେ ଚିକିତ୍ସା ସେବା ଯୋଗାଇବା ଇତ୍ୟାଦି କାର୍ଯ୍ୟ ପରିଚାଳନା କରିଥାନ୍ତି। ପୂର୍ବରୁ ଜିଲାପାଳ ପରିଡ଼ା ଏକାଧିକ ଥର ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା ବୈଠକ କରି ହବିଷିଆଳି ସେବା କାର୍ଯ୍ୟରେ ସହଯୋଗ ପାଇଁ ସେମାନଙ୍କୁ ଅନୁରୋଧ କରିଥିଲେ। ହବିଷିଆଳିଙ୍କ ଏହି ପବିତ୍ର ବ୍ରତରେ ସେବା ଏକ ମହତ କାମ। ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ସେମାନଙ୍କୁ ଆଶ୍ୱସ୍ତି ଦେଇଛି ଓ ଭରସାକୁ ବଢାଇଛି। ହବିଷିଆଳି କାର୍ଯ୍ୟକୁ ମିଳିତ ଭାବେ ସଫଳ କରିବା ବୋଲି ଜିଲାପାଳ କହିବା ସହ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା କରିଛନ୍ତି। ହବିଷିଆଳି କାର୍ଯ୍ୟରେ ରେଡ୍‌କ୍ରସ୍, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ମିଶନ ଓଡ଼ିଶା, ଭାରତ ବିକାଶ ପରିଷଦ, ବିବେକାନନ୍ଦ ଯୁବଶକ୍ତି, ହାପିନେସ୍ ଫାଉଣ୍ଡେଶନ, ସମ୍ପର୍କ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ଆଶାକର୍ମୀ ଓ ସ୍ୱେଚ୍ଛାସେବୀମାନେ ସହାୟତା କରୁଛନ୍ତି।

## ବିଭୋର କଲା ନୃତ୍ୟ ସଙ୍ଗୀତ, ନାଟକ 'କଳାପାହାଡ଼'

### ଶରଧାବାଲିରେ ୫୮ତମ କୁମାର ଉତ୍ସବ

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)

କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ଶରଧାବାଲି ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୫୮ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଅତିଥି ଭାବେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଅତିରିକ୍ତ ଅଧୀକ୍ଷକ ଡା. ପ୍ରସନ୍ନ ପ୍ରଧାନ, ପୁରୀ ବାର୍ ଆସୋସିଏଶନର ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ, ଆଠଗଡ଼ ପୌର ସଦସ୍ୟ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ବିଭୁପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଉପସଭାପତି ଅମରେନ୍ଦ୍ର ପାଇକରାୟ, ବରିଷ୍ଠ ସଦସ୍ୟ ବିଶ୍ୱନାଥ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ତମ୍ଭକାର ସତୀଶ କୁମାର ମିଶ୍ର, ସାମାଜିକ କର୍ମୀ ବିଜୟ କୁମାର ଚିନାରା, ଟେଲି ଧାରାବାହିକ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ମହାନ୍ତି, ଅଭିନେତା ରଶ୍ମିରଞ୍ଜନ ପଣ୍ଡା, ରାକେଶ କୁମାର ସାହୁଙ୍କୁ ସମ୍ମାନିତ କରାଯିବା ସହ ସାଂସ୍କୃତିକ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବୈଭବୀ କଳାକେନ୍ଦ୍ର ପକ୍ଷରୁ ମାହାରୀ ନୃତ୍ୟ, ରୋଜ୍ ଟ୍ରି ନୃତ୍ୟଶାଳା କଟକ ପକ୍ଷରୁ ଶ୍ରୀମନ୍ଦିର ଓ ଆମ ପରମ୍ପରା, ମା'ଭୁଆସୁଣୀ ନୃତ୍ୟକେନ୍ଦ୍ର ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଲିଙ୍ଗରାଜ ନୃତ୍ୟାଳୟ ପକ୍ଷରୁ ଶ୍ରୀଜଗନ୍ନାଥାଷ୍ଟକମ୍ ଏବଂ ରେବେଣା ନୂଆଗାଁ ପକ୍ଷରୁ ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା। ଶେଷରେ ନାଟ୍ୟଭୂଷଣ ଚିନ୍ତାମଣି ଜେନାଙ୍କ ରଚିତ ଓ ସନ୍ତୋଷ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ କୁମାର ଉତ୍ସବ ସମିତି ଦ୍ୱାରା ପ୍ରସ୍ତୁତ ନାଟକ 'କଳା ପାହାଡ଼' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କମିଟି ଅଧ୍ୟକ୍ଷ ଭରତ କୁମାର ନାୟକ ଓ ମଞ୍ଚ ସଂଯୋଜକ ଅଧ୍ୟକ୍ଷ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ।



କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ଶରଧାବାଲି ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷିତ ନାଟକ 'କଳାପାହାଡ଼'ର ଏକ ଦୃଶ୍ୟ ।

# ହାତୀପୋଖରୀ ଅଞ୍ଚଳରେ ଯାଞ୍ଚ କଲା ପୋଲିସ

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)



ହାତୀପୋଖରୀ ଅଞ୍ଚଳରେ ପୋଲିସ ଯାଞ୍ଚ କରୁଛି।

## କଟକରେ ଭସାଣି ଗଣ୍ଡଗୋଳ ଘଟଣା

- ଆଉ ୩ ଗିରଫ, ଗିରଫଦାରି ସଂଖ୍ୟା ୯ରେ ପହଞ୍ଚିଲା
- ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍ସଆପ୍ ନମ୍ବର ଜାରି
- ରାତି ୧୦ ସୁଦ୍ଧା ଦୋକାନ ବଜାର ବନ୍ଦ, ସହର ଶୂନଶାନ

କଟକ ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ କଡାକଡି ଭାବେ ଯାଞ୍ଚ ଆରମ୍ଭ କରାଯାଇଛି। ଗୁରୁବାର ଦରଘାବଜାର ଥାନା ଅଧୀନ ହାତୀପୋଖରୀ ଅଞ୍ଚଳରେ ଘରେ ଘରେ ପୋଲିସ ଯାଞ୍ଚ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫ଜଣଙ୍କ ଘରେ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ୨ ଏସିପି ଓ ୩ ଆଇଆଇସି ସହ ପୋଲିସ ଫୋର୍ସ ଓ କେନ୍ଦ୍ରୀୟ ଟିମ୍ ନିୟୋଜିତ ଅଛନ୍ତି। ଗଣ୍ଡଗୋଳ ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୩ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫଦାରି ସଂଖ୍ୟା ଏବେ ୯ରେ ପହଞ୍ଚିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, କମିଶନରେଟ ପୋଲିସ ଏହି ଘଟଣାକୁ ଗୁରୁତର ଭାବେ ନେଇଛି। ପ୍ରଥମ ପର୍ଯ୍ୟାୟରେ ଘରେ ଘରେ ଯାଞ୍ଚ କରାଯାଉଛି ଏବଂ ଯାଞ୍ଚ ସମୟରେ ଏମାନେ କଟକରେ କେବେଠୁ ରହିଛନ୍ତି, ପ୍ରକୃତରେ କେଉଁଠିକାର ବାସିନ୍ଦା, ସେମାନଙ୍କ ପରିଚୟ ନେଇ ପଚରାଉଚରା କରାଯାଇଛି। ଯାଞ୍ଚ ସମୟରେ ସମସ୍ତ ପ୍ରକାରର ସହଯୋଗ ମିଳିଛି କିନ୍ତୁ କୌଣସି ସାମଗ୍ରୀ ହସ୍ତଗତ ହୋଇନାହିଁ। ଏହି ଘଟଣାରେ ଲିପ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟ୍ରାକ୍ କରାଯାଉଛି ଏବଂ ଗିରଫ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ତେବେ ସହରରେ ଏବେ ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ହେଲେ କୌଣସି ଅପ୍ରୀତିକାର ପରିସ୍ଥିତିକୁ ସମ୍ଭାଳିବାକୁ ପୋଲିସ ସଜାଗ ରହିବା ସହ ସତର୍କମୂଳକ ବ୍ୟବସ୍ଥା ଭାବେ ରାତି କଟକଣା ଲାଗୁ କରିଛି। ଏପରିକି ରାତି ୯ଟାରୁ ୧୦ଟା ସୁଦ୍ଧା ସହରର ସମସ୍ତ ଦୋକାନ ବଜାର ବନ୍ଦ କରାଯିବାକୁ ପୋଲିସ ପକ୍ଷରୁ କୁହାଯାଉଛି। ରାସ୍ତାଘାଟରେ ଛିଡା ହୋଇଥିବା ଲୋକଙ୍କୁ ମଧ୍ୟ ପୋଲିସ ଘଉଡାଇ ଦେବା ସହ ରାତି ୧୦ଟା ପରେ କାମ ନ ଥିଲେ ରାସ୍ତାକୁ ଆସିବାକୁ ବାରଣ କରିଛି। ଏହିକ୍ରମରେ କଟକରେ ଏକପ୍ରକାରର ରାତ୍ରିକାଳୀନ କଟକଣା ଜାରି କରାଯାଇଛି। ଔପଚାରିକ ଭାବେ ଘୋଷଣା କରାଯାଇନି, ହେଲେ କର୍ଫ୍ୟୁ ଭଳି କଟକଣା ପୋଲିସ ଜାରି କରିଛି। ଅନ୍ୟପଟେ ଏବେ ଯାଏଁ ଦଶହରା ଭସାଣିର ଗଣ୍ଡଗୋଳ ସମାଧାନ ହୋଇ ନ ଥିବାବେଳେ କାଳୀପୂଜାକୁ ଆଉ ମାତ୍ର ୧୦ ଦିନ ରହିଛି। ଦଶହରା ଭଳି କାଳୀପୂଜାରେ ଲାଇଟ୍, ସାଉଣ୍ଡ ଅନୁମତି ପାଇଁ ଆବଶ୍ୟକ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ପ୍ରକ୍ରିୟା ଆରମ୍ଭ କରାଯାଇ ନାହିଁ। ସ୍ଥିତିକୁ ନଜରରେ ରଖି ଆଗକୁ ଯେପରି ସାମ୍ପ୍ରଦାୟିକ ସଦଭାବନା ପ୍ରଭାବିତ ନ ହେବ, ସେଥିପାଇଁ କୌଣସି ଗୁଜବ କିମ୍ବା ମିଥ୍ୟା ସୂଚନାରେ ବିଶ୍ୱାସ ନ କରିବାକୁ ଅପିଲ କରିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ। ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍ସ ଆପ୍ ନମ୍ବର ୭୩୨୮୦୭୭୩୪୨ ଏବଂ ୮୪୮୦୫୧୩୦୦୭ ପୋଲିସ ଜାରି କରିଛି।

ସୂଚନାଥାଉକି, ଗତ ଶୁକ୍ରବାର ଭସାଣି ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ଦୁଇ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ପରେ ଏହାର ପ୍ରତିବାଦ କରି ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସମୟରେ ପୋଲିସ ଅଟକାଇବାରୁ ଏହାକୁ ଶୋଭାଯାତ୍ରାକାରୀ ବିରୋଧ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହି ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଏକ ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଚୌଦ୍ୱାର ଜେଲରେ ଗିରଫଙ୍କୁ ଭେଟିଲେ ଭାଜପା ନେତା

ମଙ୍ଗୁଳି-ଜଗତପୁର,୯।୧୦(ମାନସ ସାମଲ)

କଟକ ଦଶହରା ଭସାଣି ଗଣ୍ଡଗୋଳ ଘଟଣାରେ ଗିରଫ ହୋଇ ଚୌଦାର ଜେଲରେ ଥିବା ୨୨ଜଣ ଅଭିଯୁକ୍ତଙ୍କୁ ଭେଟିଛନ୍ତି ଜିଲା ଭାଜପାର ଏକ ଟିମ୍। ଏହି ଟିମ୍‌ରେ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସମେତ କଟକ ସଦର ବିଧାୟକ ପ୍ରକାଶ ସେଠୀ, ନୟନ କିଶୋର ମହାନ୍ତି ଓ ଯୁବ ନେତା ଲଲାଟେନ୍ଦୁ ବଡୁଙ୍କ ସେମାନଙ୍କୁ ଭେଟି ଧର୍ଯ୍ୟ ହରା ନ ହେବା ପାଇଁ ପରାମର୍ଶ ଦେଇଛନ୍ତି ବୋଲି ଗଣମାଧମରେ ସୂଚନା ଦେଇଥିଲେ। କଟକ ଏବେ ଶାନ୍ତ ପଡିଥିବା ବେଳେ ଆଗକୁ କାଳୀ ପୂଜା ଆସୁଥିବାରୁ ଏ ନେଇ ସମସ୍ତେ ଚିନ୍ତିତ ଅଛନ୍ତି। ମାତ୍ର ପୋଲିସ ଠିକ ଭାବେ କାମ କରୁଛି ଓ ଆଇନ ବ୍ୟବସ୍ଥା ଉପରେ ବିଶ୍ୱାସ ଥିବା ଭାଜପା ଜିଲା ସଭାପତି ବିଶ୍ୱାଳ କହିଛନ୍ତି। ଆଗକୁ ଭାଇଚାରା ଜାରି ରହିବା ସହିତ ସବୁ କିଛି ଠିକ ଢଙ୍ଗରେ ଚାଲିବ ବୋଲି କଟକ ସଦର ବିଧାୟକ ସେଠୀ କହିଥିଲେ।

### ପ୍ରଧାନମନ୍ତ୍ରୀଙ୍କ ବୀମା ସଖୀ ଯୋଜନା କର୍ମଶାଳା

ମଙ୍ଗୁଳି-ଜଗତପୁର,୯।୧୦(ମାନସ ସାମଲ)

ଜଗତପୁର ଥାନା ଅଧୀନ ମହାଜନପୁର ପଞ୍ଚାୟତ କାର୍ଯ୍ୟାଳୟସ୍ଥିତ କଲ୍ୟାଣମଣ୍ଡପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ଜୀବନ ବିମା ନିଗମ ଦ୍ୱାରା କେବଳ ମହିଳାମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ବୀମା ସଖୀ ଯୋଜନା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ଶାଖା ଜୀବନ ବୀମା ବ୍ରାଞ୍ଚ ମ୍ୟାନେଜର ଦୀପ୍ତିରଞ୍ଜନ ନାୟକ ଓ ପରାମର୍ଶଦାତା ଶ୍ରୀକାନ୍ତ କୁମାର ମହାନ୍ତିଙ୍କ ଉଦ୍ୟମରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତି ଯୋଗଦେଇ 'ବୀମା ସଖୀ' ପ୍ରୟାସ ମହିଳାଙ୍କୁ ସଶକ୍ତିକରଣର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି କହିଥିଲେ।

# ୨୦ରେ କାଳୀପୂଜା, ୨୪ରେ ଭସାଣି



ମଙ୍ଗଳାବାଗସ୍ଥିତ ଏକ ମଣ୍ଡପରେ ମହାନଗର ଶାନ୍ତି କମିଟି ପକ୍ଷରୁ କାଳୀ ପୂଜା ପାଇଁ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

## କଟକ ମହାନଗର ଶାନ୍ତି କମିଟିର ବୈଠକ

ଆସନ୍ତା ୨୦ରେ ମହାକାଳୀଙ୍କ ପୂଜା, ୨୧ରେ ଦୀପାବଳୀ, ୨୨ ଓ ୨୩ ତାରିଖ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ଏବଂ ୨୪ ତାରିଖ (ଶୁକ୍ରବାର) ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି କଟକ ମହାନଗର ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି କରାଯାଇଛି। ଗୁରୁବାର ମଙ୍ଗଳାବାଗସ୍ଥିତି ମୋହନ ମଣ୍ଡପରେ ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକ କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଭିକାରୀ ଦାସ କାଳୀପୂଜା ଓ ଭସାଣି ଉତ୍ସବ ସଂକ୍ରାନ୍ତୀୟ ଏକ ପ୍ରସ୍ତାବ ଆଗତ କରିଥିବାବେଳେ ଏହା ସର୍ବସମ୍ମତକ୍ରମେ ଗୃହିତ ହୋଇଥିଲା। ଚଳିତ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରାରେ ଉପୁଜିଥିବା ଗୋଷ୍ଠୀ ସଂଘର୍ଷ ଏବଂ ଏହାକୁ କେନ୍ଦ୍ର କରି କଟକ ସହରରେ ଯେଉଁ ଅଭାବନୀୟ ଘଟଣା ଘଟିଲା, ସେଥିରେ କମିଟି ଗଭୀର ଭାବେ ମର୍ମାହତ ହେବା ସହ ଦୁଃଖ ପ୍ରକାଶ କରିଛି। ଭବିଷ୍ୟତରେ ଯେପରି ଏଭଳି ଘଟଣା ନ ଉପୁଯେ, ସେଥିପାଇଁ ସମସ୍ତ ସମ୍ପ୍ରଦାୟକୁ କମିଟି ପକ୍ଷରୁ ବୈଠକରେ ନିବେଦନ କରାଯାଇଛି। ଶେଷରେ କମିଟି ଉପସଭାପତି ଶିବେନ୍ଦ୍ର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ନରେଶ ସାହୁ, ଆଇନଜୀବୀ ଧରଣୀଧର ନାୟକ, ତାପସ ପ୍ରହରାଜ, ଜ୍ୟୋତିପ୍ରକାଶ ଘୋଷ, ଧର୍ମେଶ ନାୟକ ଓ ରମାନାଥ ଆଚାର୍ଯ୍ୟ, ବିଜୟ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ମାଲଗୋଦାମରେ ଜଳିଗଲା ଡାଲି ବୋଝେଇ ଟ୍ରକ୍

କଟକ,୯।୧୦(କାର୍ତ୍ତିକ ସାହୁ)

କଟକସ୍ଥିତ ମାଲଗୋଦାମରେ ଏକ ଡାଲି ବୋଝେଇ ଟ୍ରକ୍ (ନଂ. ଓଡି୨୯-ଏଫ-୯୦୭୭) ଗୁରୁବାର ଭୋର ପ୍ରାୟ ୪ଟାରେ ନିଆଁ ଲାଗି ଜଳିଯାଇଛି। ବକ୍ସିବଜାର ଓ ଚାଉଳିଆଗଞ୍ଜ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଛନ୍ତି। ଏହି ଅଗ୍ନିକାଣ୍ଡରେ ଟ୍ରକ୍‌ର ଇଞ୍ଜିନ ସମେତ ଡ୍ରାଇଭର କ୍ୟାବିନ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅଳ୍ପ ପରିମାଣର ଡାଲି ନଷ୍ଟ ହୋଇଥିବା ବେଳେ ଅବଶିଷ୍ଟ ଡାଲି ଅଗ୍ନି ପ୍ରକୋପରୁ ବର୍ତ୍ତି ଯାଇଛି। ତେବେ ମଶାଧୂପ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଚାଉଳିଆଗଞ୍ଜ ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ କହିଛନ୍ତି। ଟ୍ରକ୍ ଡ୍ରାଇଭର ଜୀବନ ବଞ୍ଚାଇବାକୁ ଡେଇଁ ପଡ଼ିବା ବେଳେ ଗୋଡ଼ରେ ଆଘାତ ଲାଗି ଆହତ ହୋଇଛନ୍ତି। ତାଙ୍କର ପରିଚୟ ଜଣାପଡ଼ିନାହିଁ। ମାତ୍ର ଟ୍ରକ୍ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାଯାଇଛି। ସୂଚନାନୁସାରେ, ଟ୍ରକ୍ ପାରାଦୀପ ବନ୍ଦରରୁ ଡାଲି ବୋଝେଇ କରି କଟକ ମାଲଗୋଦାମରେ ବୁଧବାର ରାତିରେ ପହଞ୍ଚିଥିଲା। ରାତି ପାହିଥିଲେ ଡାଲି ଅନ୍‌ଲୋଡ୍ ହୋଇଥାନ୍ତା। ରାସ୍ତା ପାର୍ଶ୍ୱରେ ଅଟକି ଥିବା ଟ୍ରକ କ୍ୟାବିନ ଭିତରେ ମଶାଧୂପ ଦେଇ ଡ୍ରାଇଭର ଶୋଇଥିଲେ। ନିଆଁର ପ୍ରକୋପ ଅନୁଭୂତ ହେବାରୁ ତାଙ୍କ ନିଦ ଭାଙ୍ଗି ଯାଇଥିଲା। ସେ ଉଠିପଡ଼ି ତତ୍‌କ୍ଷଣାତ୍ କ୍ୟାବିନ ମଧ୍ୟରୁ ତଳକୁ ଡେଇଁ ପଡ଼ିଥିଲେ। ଦମକଳ ବାହିନୀ ସୂଚନା ପାଇବା ପରେ ୨ଟି ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ବକ୍ସିବଜାର ଓ ଚାଉଳିଆଗଞ୍ଜ ଦମକଳ ବାହିନୀର ଅଗ୍ନିଶମାନେ ପାଣିମାଡ଼ କରି ନିଆଁ ଲିଭାଇଥିଲେ। ମାତ୍ର କ୍ୟାବିନ ଭିତରେ ଥିବା ଏକ ୫ ଲିଟର ଗ୍ୟାସ୍ ଟାଙ୍କି ଫାଟିଯାଇ ନିଆଁର ପ୍ରକୋପକୁ ବଢ଼ାଇ ଦେଇଥିଲା। ଗ୍ୟାସ୍ ଟାଙ୍କି ରୋଷେଇ କରିବା ପାଇଁ ଉଦ୍ଦିଷ୍ଟ ଥିବା ଜଣାପଡ଼ିଛି। ଅଗ୍ନିଶମାନଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁ ଟ୍ରକ୍‌ର ପଛ ଭାଗକୁ ନିଆଁ ବ୍ୟାପିବାରୁ ରକ୍ଷା କରାଯାଇପାରିଛି।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

କଟକ/ଚୌଦ୍ୱାର,୯।୧୦
(ଶିଳ୍ପା ପ୍ରିୟଦର୍ଶିନୀ/ ଆଶୁତୋଷ ଦାସ)

ବିଜେଡି ବାରବାଟୀ କଟକ ନିର୍ବାଚନମଣ୍ଡଳୀ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ମେୟର ସୁବାସ ସିଂଙ୍କ ନେତୃତ୍ୱରେ ବକ୍ସିବଜାରସ୍ଥିତ ଗୋପବନ୍ଧୁ ପାର୍କରେ ଶତାଧିକ କର୍ମୀ ଓ ନେତା ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରାଜ୍ୟରେ ଚାଲିଥିବା ଦୁର୍ନୀତି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୋଧରେ ଜନସାଧାରଣ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, କଟକ ଜିଲା ସଭାପତି ପ୍ରଫୁଲ୍ଲ ସିଂ, ବରିଷ୍ଠ ନେତା ମଧୁସୂଦନ ସାହୁ, ବରିଷ୍ଠ ଆଇନଜୀବୀ ଶଶୀଭୂଷଣ ଦାସ, ମହିଳା ନେତ୍ରୀ ପୂର୍ବତନ ମେୟର ଅନିତା ବେହେରା, ପୂର୍ଣ୍ଣିମା ସିଂ, ମହମ୍ମଦ ଶକିଲ୍, ପ୍ରକାଶ ସିଂ, ରମଜାନ୍ ଖାନ୍, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀଙ୍କ ସମେତ ସମସ୍ତ ୱାର୍ଡର ସଭାପତି, କର୍ପୋରେଟର, ବୁଦ୍ଧିଜୀବୀ, ଯୁବ ଏବଂ ଛାତ୍ର ବିଜେଡି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଚୌଦ୍ୱାରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଅତିଥି ଭାବେ ଓଟିଏମ୍ ବଜାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବୈଷ୍ଣବ ଚରଣ ପ୍ରଧାନ, ଲକ୍ଷ୍ମୀଧର ଖୁଣ୍ଟିଆ, ଭାଗୀରଥି ମିଶ୍ର, ଅଶୋକ କୁମାର ନାୟକ, ଅକ୍ଷୟ ଭୂୟାଁ, ଭାଗବତ ରାଉତ, ଅକ୍ଷୟ କୁମାର ମିଶ୍ର, କେ.ସି.ପ୍ରତାପସିଂହ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାଉନସିଲର ଆଶୁତୋଷ ଦାସ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିମଳ କୁମାର ବେଉରା, ତପନ କୁମାର ସାହୁଙ୍କ ସମେତ ପୌର କର୍ମଚାରୀମାନେ ଯୋଗଦେଇଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମାନସ କୁମାର ସାହୁ, ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକ ପ୍ରମୁଖ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।





@ ମନୋରଞ୍ଜନ



@ ପପୁନି



@ ରଞ୍ଜିତା



@ ରଶ୍ମିରଞ୍ଜନ



@ ବିଭୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଭିନ୍ନ ସ୍ଥାନରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

କଟକ ସଦର/ମଙ୍ଗୁଳି-ଜଗତପୁର,
୯।୧୦(ସୁଶାନ୍ତ କୁମାର ଜେନା/ ମାନସ ସାମଲ)

କଟକ ସଦର ବିଜେଡି ପକ୍ଷରୁ ଗୁରୁବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେଣ୍ଟକାରଠାରୁ କଳପଡ଼ା କଦ ମ୍ବେଶ୍ୱର୍ ମନ୍ଦିର ପର୍ଯ୍ୟନ୍ତ ଆୟୋଜିତ କାର୍ଯ୍ୟକ୍ରମର ନେତୃତ୍ୱ କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା ନେଇଥିଲେ। ବହୁସଂଖ୍ୟକ କର୍ମୀଙ୍କ ଗହଣରେ ପଦଯାତ୍ରା କନ୍ଦୁଣିଆ, ଗୋବିନ୍ଦ ପୁର, ରାଉତ୍ରାପୁର, ଦହିଗାଁ, ଦେଉଳି ଗ୍ରାମ ପରିକ୍ରମା କରିଥିଲା। ଓଡ଼ିଶା ସରକାର କେବଳ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବା ଶିଖିଛି ବୋଲି ପୂର୍ବତନ ବିଧାୟକ ବେହେରା କହିଥିଲେ। ଶୋଭାଯାତ୍ରାରେ ପ୍ରମୋଦ ମହାପାତ୍ର, ଜୀବନ ସାମନ୍ତରାୟ, ବିଭୂତି ଭୂଷଣ ପରିଡ଼ା, ଶରତ କୁମାର ରାୟ, ବୀରବର ଲେଙ୍କା, ସରୋଜ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା, ଆଶାଲତା ବେହେରା, ସରପଞ୍ଚ ଅଭିଷେକ ବେହେରା, ଶିଶିର ରାଉତ, ସମିତି ସଭ୍ୟା ପିଙ୍କି ଭୋଇ, ମୀନା ସିଂ, ସମିତି ସଭ୍ୟ ଶାରଦା ପ୍ରସନ୍ନ ସ୍ୱାଇଁ, ବିନୋଦ ବେହେରା, ଦିଲୀପ ବିହାରୀ, ଅଜୟ ଦଲାଇ, ସମର ବେହେରା, ରଜନୀ କାନ୍ତ ସାହୁ, କିଶୋର ସାହୁ, ବାବୁଲି ସାହୁ, ଶେଖର ଷଡଙ୍ଗୀ, ଚନ୍ଦ୍ରମଣି ଦେବତା, ଜିତେନ୍ଦ୍ର ସ୍ୱାଇଁ, ଅନୁପମା ଦାସ, ହିମାଂଶୁ ଦାସ, ରବି ନାରାୟଣ ଦାଶଙ୍କ ସମେତ ଅନେକ କର୍ମୀ ଯୋଗଦେଇଥିଲେ।

ଟାଙ୍ଗି ଥାନା ଅଞ୍ଚଳରେ ଟାଙ୍ଗୀ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର କୁମାର ଜେଠୀଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଭାବେ ଯୋଗଦେଇ ଟାଙ୍ଗି ଥାନା ଅଧୀନ କୋସାହି ଓ କନ୍ହେଇପୁର ପଞ୍ଚାୟତ ସମସ୍ତ ଗ୍ରାମ ପରିକ୍ରମା କରି ସରକାରଙ୍କ ବିଫଳତା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇଥିଲେ। ପଦଯାତ୍ରାରେ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, କୋଟସାହି ନାରୀନେତ୍ରୀ ଦେବକୀ ସ୍ୱାଇଁ, ନ୍ରଜୟ ଖିଲାର, ରାଜେଶ ରଞ୍ଜନ ଷଡଙ୍ଗୀ, ଆଶିଷ ରଞ୍ଜନ ଷଡଙ୍ଗୀ, ପରମାନନ୍ଦ ନାୟକ, ବାବାଜୀ ଚରଣ ମହାନ୍ତି, ସରପଞ୍ଚ ଭରତ ବେହେରା, ସମିତି ସଭ୍ୟା ସୁନନ୍ଦା ସାମଲ, ସୁବୋଧ ସାମଲ, ନିବାସ ପାଣ୍ଡବ, ମାନସ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିବା ବେଳେ ଶତାଧିକ ମହିଳା ଓ ପୁରୁଷ କର୍ମୀ ସାମିଲ ଥିଲେ।

# ୧୨ରୁ ତିନିଦିନିଆ ପୋଲିଓ ବୁନ୍ଦା ଅଭିଯାନ

କଟକ,୯।୧୦(କାର୍ତ୍ତିକ ସାହୁ)



ସହରାଞ୍ଚଳ ଟାସ୍କ ଫୋର୍ସ ବୈଠକରେ ଆଲୋଚନା କରାଯାଉଛି।

୨୦୧୪ ପରଠାରୁ ଭାରତ ପୋଲିଓମୁକ୍ତ ହୋଇଛି। କିନ୍ତୁ ପଡ଼ୋଶୀ ଦେଶଗୁଡ଼ିକରେ ଏବେ ବି ପୋଲିଓ ଦେଖାଦେଉଥିବା ସୂଚନା ମିଳୁଛି। ପୁର୍ନବାର ପୋଲିଓ ଫେରିବାର ଆଶଙ୍କା କରି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୧୭ଟି ଜିଲାରେ ପୋଲିଓ ବୁନ୍ଦା କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ମହାନଗର ନିଗମ ଆୟୁକ୍ତ କିରନଦୀପ କୌର ସହୋତାଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ ବୈଠକ ବିଜୁ ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ସହରାଞ୍ଚଳ ତଥା ମହାନଗର ନିଗମର ସମସ୍ତ ୱାର୍ଡରେ ଶିଶୁମାନଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ପୋଲିଓ ବୁନ୍ଦା କାର୍ଯ୍ୟକ୍ରମ ଅକ୍ଟୋବର ୧୨, ୧୩ ଓ ୧୪ ତାରିଖ ୩ ଦିନ ଧରି କରାଯିବ। ଅକ୍ଟୋବର ୧୨ରେ ୨୨୧ଟି ବୁଥରେ ୦-୫୯ ମାସ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ସୁରକ୍ଷା ନିମନ୍ତେ ପୋଲିଓ ବୁନ୍ଦା କାର୍ଯ୍ୟକ୍ରମ କରାଯିବ। ଏଥିସହ ଅକ୍ଟୋବର ୧୩ ଓ ୧୪ ତାରିଖରେ ଆଶାକର୍ମୀ, ଅଙ୍ଗନୱାଡ଼ି, ସହଯୋଗୀ ସେବିକା (ଏଏନଏମ)ମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ।

## ସହରାଞ୍ଚଳ ଟାସ୍କ ଫୋର୍ସ ବୈଠକ

ଡା. ସତ୍ୟବ୍ରତ ମହାପାତ୍ର କାର୍ଯ୍ୟକ୍ରମ ସଫଳ କରିବା ପାଇଁ କାର୍ଯ୍ୟପନ୍ଥା ଅବଗତ କରାଇବା ସହ ୫୫୨୮୦ଜଣ ଶିଶୁଙ୍କୁ ପୋଲିଓ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ସହରାଞ୍ଚଳ କାର୍ଯ୍ୟକ୍ରମ ପରିଚାଳକ ନେହା ରାଜପୁତ ପୋଲିଓ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ସହ କାର୍ଯ୍ୟକ୍ରମ ପରିଚାଳକ ଗୌତମ ସାମଲଙ୍କ ସମେତ ବିଭିନ୍ନ ଜନସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ, ସିଡିପିଓ, ସ୍ୱାସ୍ଥ୍ୟ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତରେ ଗୁଗଲ୍‌ର ଏଆଇ ମୋଡ୍, ସର୍ଚ୍ଚ ଲାଇଭ ଫିଚର୍

**ଭୁବନେଶ୍ୱର,୯।୧୦**

ଭାରତରେ ଗୁଗଲ ଏକ ବଡ଼ ଅପ୍‌ଡେଟ୍ ଆଣିଛି, ଯାହାଦ୍ୱାରା ଏହାର ଏଆଇ ମୋଡ୍ ଏବେ ଇଂରାଜୀ ଓ ହିନ୍ଦୀ ବ୍ୟତୀତ ୭ଟି ଅନ୍ୟ ଭାରତୀୟ ଭାଷାରେ ଉପଲବ୍ଧ ହେବ। ଏହି ଭାଷାଗୁଡ଼ିକ ହେଉଛି ବଙ୍ଗଳା, କନ୍ନଡ, ମାଲୟାଲମ, ମରାଠୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ। ଏହା ପୂର୍ବରୁ କେବଳ ଇଂରାଜୀ ଓ ହିନ୍ଦୀରେ ଥିଲା। ଏବେ ଲକ୍ଷ ଲକ୍ଷ ଲୋକ ନିଜ ଭାଷାରେ ଏଆଇ ସହ କଥାବାର୍ତ୍ତା କରିପାରିବେ, କଠିନ ପ୍ରଶ୍ନର ଉତ୍ତର ପାଇପାରିବେ ଏବଂ ଯେକୌଣସି ବିଷୟରେ ଗଭୀର ଆଲୋଚନା କରିପାରିବେ। ଏହା ସୂଚନା ପ୍ରାପ୍ତିକୁ ଆହୁରି ସହଜ କରିବ। ଗୁଗଲ କହିଛି ଯେ, ଏହି ନୂଆ ଭାଷାଗୁଡ଼ିକ ସେମାନଙ୍କର ଜେମିନି ମଡେଲ ଉପରେ କାର୍ଯ୍ୟ କରିବ। ଏହି ମଡେଲ କେବଳ ଶବ୍ଦର ଅନୁବାଦ କରିବ ନାହିଁ, ବରଂ ଭାରତୀୟ ଭାଷାଗୁଡ଼ିକର ସୂକ୍ଷ୍ମତା ଓ ଶୈଳୀକୁ ବୁଝିବ। ଫଳରେ ଆପଣଙ୍କର କଥାର ପ୍ରକୃତ ଅର୍ଥ ବୁଝି ଉତ୍ତର ଦେବ। ଏହି ଭାଷାଗୁଡ଼ିକ ଆସନ୍ତା ସପ୍ତାହରୁ ଧୀରେ ଧୀରେ ରୋଲ ଆଉଟ୍ ହେବ।




ଭାରତରେ ଏଆଇ ମୋଡ୍ ଲଞ୍ଚ ହେବା ପରଠାରୁ ଲୋକମାନେ ଏହାକୁ ବହୁତ ପସନ୍ଦ କରିଛନ୍ତି। ସେମାନେ ଏହାକୁ ପଢ଼ାଲେଖା, ଲେଖାଲେଖି, ଉତ୍ପାଦର ତୁଳନା ଏବଂ ଛୁଟି ଯୋଜନା ଭଳି କାମରେ ବ୍ୟବହାର କରୁଛନ୍ତି। ନୂଆ ଭାଷାଗୁଡ଼ିକ ସହିତ ଏହାର ପହଞ୍ଚ ଆହୁରି ବଢ଼ିବ। ଏହି ଅପ୍‌ଡେଟ୍‌ର ସବୁଠୁ ରୋମାଞ୍ଚକର ଅଂଶ ହେଉଛି 'ସର୍ଚ୍ଚ ଲାଇଭ' ଫିଚର। ଏହା ଆମେରିକା ବାହାରେ ଭାରତରେ ପ୍ରଥମେ ଉପଲବ୍ଧ ହେବ। ଏହାଦ୍ୱାରା ଉପଭୋକ୍ତା କଥା କହି କିମ୍ବା କ୍ୟାମେରା ଦେଖାଇ ପ୍ରଶ୍ନ ପଚାରିପାରିବେ। ବ୍ୟବହାର କରିବାକୁ ଗୁଗଲ ଆପ୍ ଖୋଲି, ସର୍ଚ୍ଚ ବାର୍ ତଳେ ଲାଇଭ ଆଇକନ ବାର୍‌ରେ କ୍ଲିକ୍ କରନ୍ତୁ କିମ୍ବା ଗୁଗଲ ଲେନ୍ସରେ ଯାଇ 'ଲାଇଭ' ଚୟନ କରନ୍ତୁ। ଏହା ସର୍ଚ୍ଚକୁ ଆହୁରି ସହଜ କରିବ, ଯାହା ଡିଜିଟାଲ ଇଣ୍ଡିଆର ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ଆଶା କରାଯାଉଛି।

# ଜିଓ ପକ୍ଷରୁ ନିଃଶୁଳ୍କ 'ଏଆଇ କ୍ଲାସ୍‌ରୁମ୍' ପାଠ୍ୟକ୍ରମ ଆରମ୍ଭ




**ଭୁବନେଶ୍ୱର,୯।୧୦**

କିଛି ମାସ ପୂର୍ବେ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ 'ସମସ୍ତଙ୍କ ପାଇଁ ଏଆଇ' ବାର୍ତ୍ତା ଦେଇଥିବା ବେଳେ ଏହାର କିଛି ମାସ ମଧ୍ୟରେ ଜିଓ ପକ୍ଷରୁ 'ଏଆଇ କ୍ଲାସ୍‌ରୁମ୍ ଫାଉଣ୍ଡେଶନ କୋର୍ସ' ଆରମ୍ଭ କରାଯାଇଛି। ଏହି ୪ସପ୍ତାହର ପାଠ୍ୟକ୍ରମ ନିଃଶୁଳ୍କ ଏବଂ ଏଆଇରେ ନିଜ ପକ୍ଷରୁ ଚେଷ୍ଟା କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଉନ୍ମୁକ୍ତ ରହିଛି। ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୫ରେ ଉଦ୍‌ଘାଟନୀ ଉତ୍ସବରେ ଏହି ଶୁଭାରମ୍ଭ ଘୋଷଣା କରାଯାଇଛି। ଭାରତକୁ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ସୁପରପାୱାର କରିବା ମିଶନକୁ ଆଗକୁ ବଢ଼ାଇବା ପାଇଁ ଜିଓ ପିସି ଏବଂ ଜିଓ ଇନ୍‌ଷ୍ଟିଚ୍ୟୁଟ୍ ଏଆଇ କ୍ଲାସ୍‌ରୁମ୍ ଆରମ୍ଭ କରିଛନ୍ତି। ବ୍ୟକ୍ତିଗତ କମ୍ପ୍ୟୁଟର, ଡେସ୍କଟପ୍ କିମ୍ବା ଲାପ୍‌ଟପ୍ ବ୍ୟବହାର କରୁଥିବା ଯେକୌଣସି ବ୍ୟକ୍ତି ଏହି କୋର୍ସର ଲାଭ ନେଇପାରିବେ। ତେବେ ପ୍ରମାଣପତ୍ର କେବଳ ଜିଓ ପିସି ବ୍ୟବହାରକରି କୋର୍ସ ସମାପ୍ତ କରୁଥିବା ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେବ। ଅନ୍ୟମାନଙ୍କୁ ଏକ ସମାପ୍ତି ବ୍ୟାଜ୍ ପ୍ରଦାନ କରାଯିବ। ଏହି ପାଠ୍ୟକ୍ରମଟି http://www.jio.com/ai-classroomରେ ଉପଲବ୍ଧ। ଏଆଇ କ୍ଲାସ୍‌ରୁମ୍ ପାଠ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଏଆଇ ଟୁଲସ୍ ଶିଖିବା ଏବଂ ବୁଝିବାର ସୁଯୋଗ ପ୍ରଦାନ କରିବ। ଏହି ଅବସରରେ, ରିଲାଏନ୍ସ ଜିଓର ମୁଖପାତ୍ର କହିଛନ୍ତି, ଜିଓ ଏଆଇ କ୍ଲାସ୍‌ରୁମ୍ ଆରମ୍ଭ ହେବା ସହ ଆମେ ଯୁବପିଢ଼ି ତଥା ଛାତ୍ରୀଛାତ୍ରମାନଙ୍କୁ ଏଆଇ ପାଇଁ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛୁ। ଏହି ପଦକ୍ଷେପ ସ୍କୁଲ ପିଲାମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସହ ପରିଚିତ କରାଇବ। ଆମେ ଏଆଇ ଶିକ୍ଷାରେ ଜିଓ ପିସି ଏବଂ ଜିଓ ଇନ୍‌ଷ୍ଟିଚ୍ୟୁଟର ଉପଲବ୍ଧତା ଏବଂ ଶୈକ୍ଷିକ ଉତ୍କର୍ଷକୁ ବ୍ୟବହାର କରିବାକୁ ପ୍ରତିବଦ୍ଧ।

# ସିପିଏମ୍‌ପିଡିଆଇ ପକ୍ଷରୁ ସତର୍କତା ସଚେତନତା ଅଭିଯାନ

**ଭୁବନେଶ୍ୱର,୯।୧୦ (ଅନୁରାଧା ମହାରଣା)**

ରାଞ୍ଚିର ସିସିଏଲ୍ ଗାନ୍ଧୀନଗର ହସ୍ପିଟାଲ ଏବଂ ରାଞ୍ଚିର ଆର୍‌ଆଇଏମ୍‌ଏସ୍ ହସ୍ପିଟାଲ ସହିତ ସହଭାଗିତାରେ ସିପିଏମ୍‌ପିଡିଆଇ ସତର୍କତା ସଚେତନତା ଅଭିଯାନ ୨୦୨୫ ଅନ୍ତର୍ଗତ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲା। ଏହି ଶିବିରକୁ ସିପିଏମ୍‌ପିଡିଆଇର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର, ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଅଜୟ କୁମାର, ନିର୍ଦ୍ଦେଶକ (ଟେକ୍ନିକାଲ), ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ସିପିଏମ୍‌ପିଡିଆଇ ମୁଖ୍ୟାଳୟ, ଆଞ୍ଚଳିକ ପ୍ରତିଷ୍ଠାନ-୩ ଏବଂ ତଦନ୍ତ ଶିବିରର କର୍ମଚାରୀ, ପରିମଳ କର୍ମଚାରୀ ଏବଂ



ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋଣ୍ଡୱାନା ପ୍ଲେସ୍‌ର କର୍ମଚାରୀଙ୍କ ସମେତ ମୋଟ ୧୦୪ ଜଣ ରକ୍ତଦାତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପ ସିପିଏମ୍‌ପିଡିଆଇର ସମାଜ କଲ୍ୟାଣ, ମାନବିକ ସେବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଥିବା ସିପିଏମ୍‌ପିଡିଆଇ ପକ୍ଷରୁ କୁହାଯାଇଛି।

# ପ୍ରଥମ 'ସେଫ୍ଟି ଫାଷ୍ଟ' ମୋବାଇଲ ଫୋନ ଜିଓଭାରତ

**ଭୁବନେଶ୍ୱର,୯।୧୦**

ଲୋକପ୍ରିୟ ଜିଓଭାରତ ସିରିଜ ମୋବାଇଲ ଫୋନ ଏକ ନୂତନ ସେଫ୍ଟି ସିଲ୍ଡ ଫିଚର ସହିତ ବଜାରକୁ ଆସିବାକୁ ପ୍ରସ୍ତୁତ। ରିଲାଏନ୍ସ ଜିଓ ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୫ ରେ ଏହି ଶକ୍ତିଶାଳୀ ମୋବାଇଲ ଫୋନର ବୈଶିଷ୍ଟ୍ୟଗୁଡ଼ିକ ଉନ୍ମୋଚନ କରିଛି। ଫୋନର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହା ଉପଭୋକ୍ତାଙ୍କୁ ଠକେଇ ଏବଂ ଠକେଇ ଉଦ୍ୟମରୁ ରକ୍ଷା କରିବାରେ ସହାୟକ ହେବ। ଏହାକୁ ବିଶେଷ ଭାବରେ ପିଲା, ମହିଳା ଏବଂ ବୟସ୍କଙ୍କ ସୁରକ୍ଷା ଓ ସଂଯୋଗ ପାଇଁ ଏକ ସ୍ମାର୍ଟ ସମାଧାନ ଭାବରେ ଡିଜାଇନ କରାଯାଇଛି। ଦେଶର ସବୁଠାରୁ ସୁଲଭ ଫୋନ ମଧ୍ୟରୁ ଅନ୍ୟତମ, ଜିଓଭାରତ ଫୋନର ମୂଲ୍ୟ ମାତ୍ର ୭୯୯ ଟଙ୍କା ରହିଛି। ଜିଓଭାରତ ଫୋନର ସୁରକ୍ଷା ଫିଚର ବା ବୈଶିଷ୍ଟ୍ୟଗୁଡ଼ିକ ଏହି ଚିନ୍ତାକୁ ଦୂର କରୁଛି। ଉପଭୋକ୍ତା ଯେଉଁଠାରେ ଥାଆନ୍ତୁ ନା କାହିଁକି ଜିଓଭାରତ ସେମାନଙ୍କର ସ୍ଥାନ ବା ଲୋକେସନ ବିଷୟରେ ସଠିକ ସୂଚନା ପ୍ରଦାନ କରିବାର କ୍ଷମତା ରଖିଛି। ଏହି ଫୋନ ବ୍ୟବହାର କରିବା ବୟସ୍କମାନଙ୍କ ପାଇଁ ସହଜ ହୋଇଥାଏ। ଅଜଣା ବ୍ୟକ୍ତିମାନଙ୍କ ଦ୍ୱାରା ଠକେଇ ଉଦ୍ୟମ କରାଯାଉଛି କି ନାହିଁ ତାହା ମଧ୍ୟ ନିୟନ୍ତ୍ରଣ କରିପାରିବ। ୭ ଦିନ ପର୍ଯ୍ୟନ୍ତ ବ୍ୟାଟେରୀ ଲାଇଫ ସହିତ ଜିଓଭାରତ ଫୋନର ବ୍ୟାଟେରୀ ଏବଂ ଫୋନ ସ୍ୱାସ୍ଥ୍ୟ ବିଷୟରେ ବାସ୍ତବ-ସମୟ ସୂଚନା ମଧ୍ୟ ପ୍ରଦାନ କରେ। ରିଲାଏନ୍ସ ଜିଓର ସଭାପତି ସୁନୀଲ ଦତ୍ତ କହିଛନ୍ତି, ଏହା କେବଳ ଏକ ଫୋନ ବୈଶିଷ୍ଟ୍ୟ ନୁହେଁ, ବରଂ ଏକ ସୁରକ୍ଷା ନବସୃଜନ ଯାହା ପରିବାରକୁ ଏକ ସରଳ ଏବଂ ସୁଲଭ ଉପାୟରେ ମାନସିକ ଶାନ୍ତି ଦେବ।

# ଏମ୍‌ସିଏଲ୍ କୋଲ୍ ଇଣ୍ଡିଆର ୪ର୍ଥ ସିଏସ୍‌ଆର୍ କନ୍‌କ୍ଲେଭ୍




**ଭୁବନେଶ୍ୱର,୯।୧୦**

ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଓଡ଼ିଶାର ଗୋପାଳପୁରରେ କୋଲ୍ ଇଣ୍ଡିଆର ୪ର୍ଥ ସିଏସ୍‌ଆର୍ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ଏହି କନ୍‌କ୍ଲେଭରେ କୋଲ୍ ଇଣ୍ଡିଆ ଏବଂ ତା'ର ସହାୟକ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀ ଓ ସିଏସ୍‌ଆର୍ ବିଶେଷଜ୍ଞମାନେ ଯୋଗଦେଇ ନୂଆ ଦୃଷ୍ଟିକୋଣ, ଉତ୍ତମ ଅଭ୍ୟାସ ଏବଂ ପ୍ରଭାବଶାଳୀ ସିଏସ୍‌ଆର୍ କାର୍ଯ୍ୟକ୍ରମ ପାଇଁ ରଣନୀତି ଉପରେ ଆଲୋଚନା କରିଛନ୍ତି। କୋଲ ଇଣ୍ଡିଆର ଅଧ୍ୟକ୍ଷ ପି. ଏମ୍. ପ୍ରସାଦ, ନିର୍ଦ୍ଦେଶକ (ଏଚ୍‌ଆର୍) ଡା. ବିନୟ ରଞ୍ଜନ, ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ବ୍ୟବସ୍ଥାପନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପ୍ରମୁଖ କନ୍‌କ୍ଲେଭର ଉଦ୍‌ଘାଟନ କରିଥିଲେ। କୋଲ୍ ଇଣ୍ଡିଆର ସିଭିଓ, ଏମ୍‌ସିଏଲ୍‌ର ଫଙ୍କ୍‌ଶନାଲ ନିର୍ଦ୍ଦେଶକମାନେ ଏବଂ ଅନ୍ୟ ସହାୟକ କମ୍ପାନୀର ନିର୍ଦ୍ଦେଶକମାନେ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ। କୋଲ୍ ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଭର୍ଚ୍ୟୁଆଲରେ ଯୋଗଦାନକରି କୋଲ୍ ଇଣ୍ଡିଆର ବିଭିନ୍ନ ପ୍ରଭାବଶାଳୀ ସିଏସ୍‌ଆର୍ ପ୍ରୋଜେକ୍ଟ ମାଧ୍ୟମରେ ସମାଜ ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ। ଅଧ୍ୟକ୍ଷ ପ୍ରସାଦ କହିଥିଲେ , କୋଲ୍ ଇଣ୍ଡିଆ ଏବଂ ବିଶେଷକରି ଏମ୍‌ସିଏଲ୍ ସମାଜରେ ସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟିକରି ଭାରତର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେ ଲୋକ, ଲାଭ ଏବଂ ଗ୍ରହର ମୂଳ ନୀତିଗୁଡ଼ିକୁ ମାର୍ଗଦର୍ଶକ ଭାବେ ବର୍ଣ୍ଣନାକରି ଅନେକ ପ୍ରମୁଖ ସିଏସ୍‌ଆର୍ କାର୍ଯ୍ୟକ୍ରମର ଉଲ୍ଲେଖ କରିଥିଲେ। ଡା. ରଞ୍ଜନ କହିଥିଲେ, ସିଏସଆର୍ କାର୍ଯ୍ୟକ୍ରମ ଆବଶ୍ୟକତା ଆଧାରିତ ହେବା ଉଚିତ ଯାହା ସମାଜ ସହ ଗଭୀର ସମ୍ପର୍କ ସ୍ଥାପନ କରିବ ଏବଂ ବ୍ରାଣ୍ଡିଙ୍ଗ ବଢ଼ାଇବା ଉପର ଗୁରୁତ୍ୱାରୋପ କରିଥିଲେ। ଡା. ଭାସ୍କର ଚାଟାର୍ଜୀ ଏବଂ ପ୍ରଫେସର ଏସ. ଶିବ ରାଜୁ ସିଏସ୍‌ଆର୍‌ର ନୂଆ ପ୍ରବଣତା ଏବଂ ବୈଜ୍ଞାନିକ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଶେଷରେ ଉତ୍କୃଷ୍ଟ ସିଏସଆର୍ ପର୍ଫର୍ମର ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଏଚ୍‌ଆର୍) କେଶବ ରାଓ ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁର ବଜାରକୁ ଆସିଲା ମାରୁତି ସୁଜୁକି ଭିକ୍ଟୋରିଜ୍




**ଭୁବନେଶ୍ୱର,୯।୧୦**

ସମ୍ବଲପୁର ଓଡ଼ିଶୀ ମୋଟର୍ସ ପକ୍ଷରୁ ଗୁରୁବାର ମାରୁତି ସୁଜୁକିର ନୂତନ ଏସ୍‌ୟୁଭି ଭିକ୍ଟୋରିଜ୍ ସମ୍ବଲପୁର ବଜାରରେ ପ୍ରବେଶ କରିଛି। ସମ୍ବଲପୁର ଅଇଁଠାପାଲି ଛକ ନିକଟସ୍ଥ ମାରୁତି ସୁଜୁକି ଆରେନା ଶୋ' ରୁମ୍‌ରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶୀ ମୋଟସ ନିର୍ଦ୍ଦେଶିକା ରଚି ଜଲାନ, ଏସ୍‌ବିଆଇ ମୁଖ୍ୟ ଚିଫ୍ ମ୍ୟାନେଜର ଶ୍ୟାମନନ୍ଦ ତାଣ୍ଡି, ବୁଢ଼ାରଜା ଶାଖା ପରିଚାଳକ ଜୟ ପ୍ରକାଶ ଦାସ, ସୁନ୍ଦରମ ଫାଇନାନ୍ସ ଶାଖା ପରିଚାଳକ ସୁଶୀଲ କୁମାର ଦାସ, ଏସ୍‌ବିଆଇ ଡିବିଏମ୍ କାଦମ୍ବିନୀ ପ୍ରଧାନ, ଓରିଏଣ୍ଟ ନିର୍ଦ୍ଦେଶକ ହରେଶ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଓଡ଼ିଶୀ ମୋଟର୍ସ ଜେନେରାଲ ମ୍ୟାନେଜର ଉଦୟ ଶଙ୍କର ତିୱାରୀ ନୂଆ ଗାଡ଼ି ବିଷୟରେ ସୂଚନା ଦେଇଥିଲେ । ଶୋ'ରୁମ୍ ମ୍ୟାନେଜର ନିତ୍ୟାନନ୍ଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାରୁତି ଭିକ୍ଟୋରିଜ୍‌ର ଡିଜାଇନ ବିଷୟରେ କହିବାକୁ ଗଲେ ଏଥିରେ ପତଳା ଏବଂ ଚଉଡା ହେଡ୍‌ଲ୍ୟାମ୍ପ ଏବଂ ୧୭ ଇଞ୍ଚ ଆଲଏ ହୁଇଲ ରହିଛି। ଯଦିଓ ଆକାର ଗ୍ରାଣ୍ଡ ଭିଟାରା ସହ ସମାନ ଦେଖାଯାଉଛି, କିନ୍ତୁ ନୂତନ ଷ୍ଟାଇଲିଂ ଏହାକୁ ଅଧିକ ଆକର୍ଷଣୀୟ କରିଛି। ମାରୁତି ସୁଜୁକି ଅନେକ ପାୱାରଟ୍ରେନ୍ ବିକଳ୍ପ ସହ ଭିକ୍ଟୋରିଜ୍ ପ୍ରଚଳନ କରିଛି। ଏଥିରେ ୧.୫ ଲିଟର ମାଇଲ୍ଡ ହାଇବ୍ରିଡ୍ ପେଟ୍ରୋଲ ଇଞ୍ଜିନ ରହିଛି, ଯାହା ମାନୁଆଲ ଏବଂ ସ୍ୱୟଂଚାଳିତ ଗିଅର ବକ୍ସ ବିକଳ୍ପ ସହ ଆସିଛି। ଏହାସହ ଏଥିରେ ଏକ ଶକ୍ତିଶାଳୀ ହାଇବ୍ରିଡ୍ ପାୱାରଟ୍ରେନ୍ ମଧ୍ୟ ଅଛି। ଏହା ଇସିଭିଟି ଗିଅର ବକ୍ସ ସହ ଉପଲବ୍ଧ ବୋଲି ସୂଚନା ଦିଆଯାଇଛି ।

# ରୟାଲ ଷ୍ଟାଗ୍ ପ୍ୟାକେଜ୍‌ଡ ଡ୍ରିଙ୍କିଙ୍ଗ୍ ୱାଟର ପକ୍ଷରୁ ଉତ୍ସବ ଅଭିଯାନ

**ଭୁବନେଶ୍ୱର,୯।୧୦**

ସୀଗ୍ରାମର ରୟାଲ ଷ୍ଟାଗ୍ ପ୍ୟାକେଜ୍‌ଡ ଡ୍ରିଙ୍କିଙ୍ଗ୍ ୱାଟର ଏହାର ଉତ୍ସବ ଅଭିଯାନ, ହାସ୍‌ଟ୍ୟାଗ୍ ସେଲିବ୍ରେଟ୍ ଲାର୍ଜ- ହମ୍ ହେ ଜେନେରେଶନ ଲାର୍ଜ, ହମାରା ହର୍ ସେଲିବ୍ରେଶନ ଲାର୍ଜର ଶୁଭାରମ୍ଭ ଘୋଷଣା କରିଛି। ଏହି ବର୍ଷର ଅଭିଯାନ ଏକ ଟେକ୍- ଅଗ୍ରଗାମୀ, ଏଆଇ-ନେତୃତ୍ୱାଧୀନ ଅଭିଜ୍ଞତାକୁ ଉନ୍ମୋଚନ କରିଛି ଯାହା ବ୍ରାଣ୍ଡର ଲିଭ୍ ଇଟ୍ ଲାର୍ଜ ଦର୍ଶନ ସହ ଯୁବ ପିଢ଼ିର ଆଗ୍ରହକୁ ଆକର୍ଷଣୀୟ ଭାବରେ ଉପସ୍ଥାପିତ କରୁଛି। ରିଜେନେରେଟିଭ ଏଆଇ ଏବଂ ଉନ୍ନତ ଭଏସ୍ ସିନ୍ଥେସିସ୍‌ର ବ୍ୟବହାରକରି, ରୟାଲ ଷ୍ଟାଗ୍‌ର ନୂତନ ଉତ୍ସବ ଅଭିଜ୍ଞତା ପ୍ରଶଂସକମାନଙ୍କୁ ରୋହିତ ଶର୍ମାଙ୍କ ସହିତ ବ୍ୟକ୍ତିଗତ ଭିଡିଓ ଶୁଭେଚ୍ଛା ସୃଷ୍ଟି କରିବାକୁ ସୁଯୋଗ ଦେଉଛି। ଏକ ଅର୍ଗାନିକ୍ କନ୍‌ଭର୍ସେସନାଲ ଫର୍ମାଟରେ ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ଅଭିଯାନ ଭାରତର ଟି୨୦ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କଠାରୁ ବିଶେଷଜ୍ଞ ଭାବରେ ସଂଗୃହୀତ ପରାମର୍ଶ ମଧ୍ୟ ପ୍ରଦାନ କରୁଛି। ଏ ସମ୍ପର୍କରେ ଇଏନ୍‌ଆଇଏଲ୍‌ର ସିଇଓ ଯତୀଶ ମେହରିଶି କହିଛନ୍ତି, ଭାରତରେ ଉତ୍ସବଗୁଡ଼ିକ ସଂସ୍କୃତି, ପ୍ରକାଶନ ଏବଂ ଏକତା ବିଷୟରେ ଏବଂ ସଙ୍ଗୀତ ହିଁ ଏହି ମୁହୂର୍ତ୍ତଗୁଡ଼ିକୁ ଆହୁରି ସ୍ୱତନ୍ତ୍ର କରିଥାଏ।


# Classified Everyday
0674-2580101, 9692975378



REAL ESTATE
SALE

5000 sqft plot(bounded) for sale in Sambalpur town near Jail Khana Chowk. with 3-storey building. Site excellent for commercial venture. Call- 7978499399/ 7978038331. D-76078

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

Resort at Puri, Investment- 20Lakhs Rental- 3Lakhs, Bhubaneswar/ Cuttack, Investment- 1Crore, Rental- 3Lakhs/ Year. 8917622925. D-2012

**Gharabari residential Plot 2100sft (60x35) 7km from Phulnakhara, 12km from Bhubaneswar, middle of Cuttack & Bhubaneswar, no broker please cost 25lakhs including Registration charge, Compound wall. 7809525452.** D-76497

ଖୋର୍ଦ୍ଧା ମଳିପଡ଼ା NH ପାଖରେ Low cost ପ୍ଲଟ୍ ବିକ୍ରିହେବ। 9692213354. D-76496

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




The massage felt totally professional & comfortable at all times-7978109255. D-76495

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**AFFIDAVIT**

ମୁଁ, ପବନ କୁମାର ପୂର୍ବାୟ, (Pawan Kumar Purbay), ପିତା- ସ୍ୱର୍ଗତ ବିନ୍ଦେଶ୍ୱରୀ ପୂର୍ବାୟ, ଘର- ୧୪, ରାଜବଲ୍ଲଭ ସାହା ଦ୍ୱିତୀୟ ବାଇଲେନ୍, ସନ୍ଧ୍ୟା ବଜାର, ହାଓଡା- ୭୧୧୧୦୧, ପଶ୍ଚିମବଙ୍ଗ, ଏହି ଆଭିଡେଭିଟ୍ ନଂ୮୪୬୨୭ ତାରିଖ- ୦୮।୦୯।୨୦୨୫ ଦ୍ୱାରା ଘୋଷଣା କରୁଛି ଯେ ଏବେଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ପବନ କୁମାର ପୂର୍ବେ (Pawan Kumar Purbey) ନାମରେ ପରିଚିତ ହେବି। ଧ-୨୨୨୦

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ମୃତ୍ୟୁଞ୍ଜୟ ଦାଶ**
ଆବିର୍ଭାବ:୧୮।୦୩।୧୯୪୧
ତିରୋଧାନ: ୨୯।୦୯।୨୦୨୫

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

ଶୋକସନ୍ତପ୍ତ- ପୁଅ-ମିହିର, ପୁତ୍ରବୋହୂ-ଜ୍ୟୋତ୍ସ୍ନାମୟୀ, ସ୍ତ୍ରୀ- ଅନ୍ନପୂର୍ଣ୍ଣା, ଭାଇ, ଝିଅ, ଜ୍ୱାଇଁ , ବନ୍ଧୁ ତଥା ଆତ୍ମୀୟସ୍ୱଜନ। ଧ-୨୨୧୬

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୦/୨୦୨୫ Bhubaneswar, Friday, October 10/ 2025

# ଆଜିଠୁ କଳିଙ୍ଗରେ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୯।୧୦ (ଅନାଦି କର)

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଆରମ୍ଭ ହେବ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ), ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ମିଳିତ ଉଦ୍ୟମରେ

## ଭାଗ ନେବେ ୨ ହଜାରରୁ ଊର୍ଦ୍ଧ୍ୱ ଆଥ୍‌ଲେଟ

ଆୟୋଜିତ ଏହି ପ୍ରତିଯୋଗିତା ୫ ଦିନ ଧରି ଚାଲିବ ଓ ଏଥିରେ ୯୫୦ ମହିଳାଙ୍କ ସମେତ ୨୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗ ନେବେ। ଓମ୍କାର ନନ୍ଦ (ଥ୍ରୋସ), ପ୍ରତୀକ ମହାରଣା (୧୦୦ ଓ ୨୦୦ ମି.), ଅଙ୍କିତା ମହାପାତ୍ର (ଥ୍ରୋସ), ବାପି ହାଂସଦା (୧୦୦, ୨୦୦ ଓ ୪X୧୦୦ ମି.)ଙ୍କ ଭଳି ଉଦୀୟମାନ ଆଥଲେଟ୍‌ଙ୍କ ସମେତ ଓଡ଼ିଶାରୁ ୭୫ ଆଥଲେଟ୍ ଭାଗ ନେଉଛନ୍ତି। ଏ ନେଇ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ସଭାପତି ଆଦିଲ ସୁମାରିୱାଲା କହିଛନ୍ତି।

ସାଉଥ ଏସିଆନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଏହି ଉଦୀୟମାନ ଜୁନିୟର ଆଥ୍‌ଲେଟ୍ସଙ୍କୁ ନିଜକୁ ପରୀକ୍ଷା କରିବା ପାଇଁ ଭଲ ସୁଯୋଗ ଯୋଗାଇବ। ସିନିୟର ଆଥଲେଟ୍ସଙ୍କ ସହିତ ଏଏଫ୍ଆଇ ସିଲେକ୍ସନ ପ୍ୟାନେଲ ଜାତୀୟ ଦଳରେ ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦେବ। ଜୁନିୟର ଆଥଲେଟିକ୍ସ ପ୍ରତିଯୋଗିତାରୁ ଭବିଷ୍ୟତରେ ଉତ୍କର୍ଷ ପ୍ରଦର୍ଶନ କରିବାର ଦକ୍ଷତା ରଖିଥିବା ଆଥଲେଟ୍‌ଙ୍କୁ ଚିହ୍ନଟ କରାଯିବ। ଏଥିଲାଗି ଏଏଫ୍ଆଇର ପ୍ରତିଭା ଚିହ୍ନଟକାରୀ ଦଳ ଉପସ୍ଥିତ ରହିବେ ବୋଲି ସୁମାରିୱାଲା କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଧାର୍ଯ୍ୟଠାରୁ ଅଧିକ ବୟସର ଆଥଲେଟ୍‌ଙ୍କୁ ଧରିବା ପାଇଁ ଏଏଫ୍ଆଇ ପକ୍ଷରୁ ୟୁଆଇଡି (ୟୁନିକ ଆଇଡେଣ୍ଟିଫିକେଶନ ନମ୍ବର) ଓ ବିଭିନ୍ନ ବୟସ ବର୍ଗର ପ୍ରତିଯୋଗିତାରେ ଆଥଲେଟ୍‌ଙ୍କ ବିବ ନମ୍ବରରେ କ୍ୟୁଆର୍ କୋଡ୍ ଦିଆଯାଇଛି। ଏହି ଅବସରରେ କମିଶନର କମ୍ ସେକ୍ରେଟାରୀ ସ୍ପୋର୍ଟ୍ସ ସଚିନ ଆର ଯାଦବ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ୨୪ରୁ ୨୬ ପର୍ଯ୍ୟନ୍ତ ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମରେ ସାଉଥ ଏସିଆନ ଆଥ୍‌ଲେଟିକ୍ସ ଫେଡେରେଶନ (ସାଫ) ଆନୁକୂଲ୍ୟରେ ସାଉଥ ଏସିଆନ ସିନିୟର ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ।



ଖବରଦାତା ସମ୍ମିଳନୀରେ ଏଏଫ୍ଆଇ ସଭାପତି ଆଦିଲ ସୁମାରିୱାଲା, ଷ୍ଟାନଲି ଜୋନ୍ସ, କମିଶନର ତଥା କ୍ରୀଡ଼ା ସଚିବ ସଚିନ ଆର୍ ଯାଦବ, କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ ଡ. ୟେଦ୍ଦୁଲା ବିଜୟଙ୍କ ସହ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

# ଭାରତୀୟ ଦଳରେ ଓଡ଼ିଶାର ଭିକି ଓରାମ

## ୨୩ ବର୍ଷରୁ କମ୍ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

ଫିଫାର ଅନ୍ତର୍ଜାତୀୟ ମ୍ୟାଚ ୱିଣ୍ଡୋ ଅନୁସାରେ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ୨୩ ବର୍ଷରୁ କମ୍ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ୨୩ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ଭିକି ଓରାମ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁଠାରେ କିଛିଦିନ ଟ୍ରେନିଂ ପରେ ଭାରତୀୟ ଦଳ ଇଣ୍ଡୋନେସିଆ ବିପକ୍ଷରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବାକୁ ଜାକର୍ତ୍ତା ଯାଇଛି। ଜାକର୍ତ୍ତାର ଗେଲୋରା ବୁଙ୍ଗ କାର୍ନୋ ମଦ୍ୟା ଷ୍ଟାଡିୟମରେ ଏହି ୨ଟି ମ୍ୟାଚ ଶୁକ୍ରବାର ଏବଂ ୧୩ ତାରିଖରେ




ଅନୁଷ୍ଠିତ ହେବ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଭିକି ଓରାମଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତିତଥା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ପଦକ ନିଶ୍ଚିତ କଲା ଭାରତ

ଗୁଆହାଟୀ, ୯।୧୦ (ପି.ଟି.)

କୋରିଆକୁ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ମିକ୍ସଡ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପଦକ ନିଶ୍ଚିତ କରିଛି। ଆୟୋଜକ ଦଳ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ୱାର୍ଟରଫାଇନାଲରେ କୋରିଆକୁ ୪୪-୪୫, ୪୫-୩୦, ୪୫-୩୩ରେ ହରାଇ ଦେଇଛି। ଇଭେଣ୍ଟର ଇତିହାସରେ ଭାରତ ପ୍ରଥମ ଥର ମିକ୍ସଡ-ଟିମ୍ ପଦକ ହାସଲ କରିବାକୁ ଯାଉଛି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ବର୍ତ୍ତମାନ ସେମିଫାଇନାଲରେ ୧୯ ବର୍ଷରୁ କମ୍ ଏସିଆନ ମିକ୍ସଡ ଟିମ୍ ଚାମ୍ପିୟନ ଇଣ୍ଡୋନେସିଆକୁ ଭେଟିବେ।

# ସିଙ୍ଗାପୁର ବିପକ୍ଷ ମ୍ୟାଚ୍‌କୁ ଡ୍ର’ ରଖିଲା ଭାରତ

ସିଙ୍ଗାପୁର, ୯।୧୦ (ପି.ଟି.)

ଭାରତ ଓ ସିଙ୍ଗାପୁର ମଧ୍ୟରେ ଗୁରୁବାର ଖେଳାଯାଇଥିବା ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଙ୍ଗ ଗ୍ରୁପ୍ ସି’ ମ୍ୟାଚ୍ ୧-୧ ଗୋଲରେ ଡ୍ର’ ରହିଛି। ମ୍ୟାଚ୍‌ଟି ଡ୍ର’ ଭାବେ ଶେଷ ହୋଇଥିବାରୁ ୨୦୨୭ ଏଏଫ୍‌ସି ଏସିଆନ କପ୍ ମୁଖ୍ୟ ଇଭେଣ୍ଟ ଲାଗି ଭାରତର ଯୋଗ୍ୟତା ହାସଲ କରିବାର ଆଶା ଉଜ୍ଜୀବିତ ରହିଛି।

ସିଙ୍ଗାପୁର ଲାଗି ଇଖସାନ ଫାଣ୍ଡି (୪୫+୧) ଓ ଭାରତର ରହିମ ଅଲୀ (୯୦ତମ) ଗୋଲ କରିଥିଲେ। ଭାରତ ୪ ଦଳ ବିଶିଷ୍ଟ ଗ୍ରୁପ୍ ସି’ରେ ୩ ମ୍ୟାଚ୍‌ରେ ୨ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି।

# କଟକ ଜିଲା ସିନିୟର ଚେସ୍ ୧୮ରୁ

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

ରାଜ୍ୟର ଅନ୍ୟତମ ସର୍ବପୁରାତନ ଚେସ୍ ଅନୁଷ୍ଠାନ କଟକ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷଗେଟ୍ ସମ୍ମିଳନୀ କକ୍ଷରେ ମର୍ଯ୍ୟାଦାଜନକ କଟକ ଜିଲା ସିନିୟର୍ ଓ ରାଜ୍ୟସ୍ତରୀୟ ଜୁନିୟର୍ ଚେସ୍ ପ୍ରତିଯୋଗିତା ଚଳିତ ମାସ ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ସିନିୟର ଓ ଜୁନିୟର ଟୁର୍ନାମେଣ୍ଟ ପାଇଁ ମୋଟ ୩୧,୦୦୦/- ଟଙ୍କାର ଅର୍ଥ ପୁରସ୍କାର ରାଶି ଓ ୫୦ରୁ ଊର୍ଦ୍ଧ୍ୱ ଆକର୍ଷଣୀୟ ଟ୍ରଫି ରଖାଯାଇଛି। ସିନିୟର୍ ବିଭାଗରେ କେବଳ କଟକ ଜିଲାର ଯେକୌଣସି ସ୍ୱୀକୃତିପ୍ରାପ୍ତ ଖେଳାଳି ଭାଗ ନେବାକୁ ଉପଯୁକ୍ତ ହେବେ। ଅନ୍ୟପକ୍ଷରେ ଜୁନିୟର ବିଭାଗରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ରାଜ୍ୟର ଯେକୌଣସି ଚେସ୍ ଖେଳାଳି ୫୦୦ ଟଙ୍କା ପ୍ରବେଶିକା ଦେୟ ଦେଇ ସିଧାସଳଖ ଅଂଶଗ୍ରହଣ କରିପାରିବେ ବୋଲି ଜିଲା ଚେସ୍ ସଂଘର ସଭାପତି ବିବେକ କୁମାର ତିବରୱାଲ ପ୍ରକାଶ କରିଛନ୍ତି। ଉଭୟ ବର୍ଗର ଶ୍ରେଷ୍ଠ ୧୦ ଜଣଙ୍କୁ ଅର୍ଥ ପୁରସ୍କାର ଓ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଏହାବାଦ୍ ଏଥିରେ ଭାଗ ନେଇଥିବା ଶ୍ରେଷ୍ଠ ମହିଳା, ଶ୍ରେଷ୍ଠ ଭେଟେରାନ ଓ ଶ୍ରେଷ୍ଠ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କାର ଦିଆଯିବ। ପ୍ରତିଯୋଗିତାରେ ସର୍ବକନିଷ୍ଠ ବାଳିକା ଓ ବାଳକଙ୍କ ସହ ୬ ବର୍ଷରୁ ୧୫ ବର୍ଷ ପର୍ଯ୍ୟନ୍ତ ଉଭୟ ବାଳକ ଓ ବାଳିକାଙ୍କୁ ସ୍ୱତନ୍ତ୍ର ଭାବେ ବୟସଗତ ପୁରସ୍କାର ଦିଆଯିବ।

# ରକ୍‌ଷ୍ଟାର ଜିତିଲା କଳିଙ୍ଗ କପ୍



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ରକ ଷ୍ଟାର ଦଳ।

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୪ର୍ଥ କଳିଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ରକ ଷ୍ଟାର ଦଳ ଚାମ୍ପିୟନ ହୋଇଛି। ଗୁରୁବାର ଫାଇନାଲ ମ୍ୟାଚ ଥାର୍ଡ ଆଇ ବିଦ୍ୟୁତ୍ ଓ ରକ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗତ ୨ ତାରିଖରୁ ମ୍ୟାଚଗୁଡ଼ିକ ସ୍ଥାନୀୟ ଗୋପବନ୍ଧୁ ପଡିଆରେ ଖେଳାଯାଇଥିଲା। ଏଥର ପ୍ରତିଯୋଗିତା ପାଇଁ ଆୟୋଜକଙ୍କ ପକ୍ଷରୁ କୌଣସି ଏଣ୍ଟ୍ରି ଫି ନିଆଯାଇ ନ ଥିଲା। ଚାମ୍ପିୟନ ଦଳକୁ ୧.୫ ଲକ୍ଷ, ରନରଅପକୁ ୧ ଲକ୍ଷ ଏବଂ ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ଶୃଙ୍ଖଳିତ ଦଳକୁ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଏବଂ ଗୌତମ କୁମାର ବେହେରା ଓ ଯୁବ ସମାଜସେବୀ ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୋପବନ୍ଧୁ କ୍ଲବର ସଭାପତି ଦେବ ପ୍ରସାଦ ଜେନା, ସମ୍ପାଦକ ଅବିନାଶ ସାହୁ, ଉପ ସଭାପତି ରଞ୍ଜିତ ଜେନା ଉପସ୍ଥିତ ଥିଲେ। ଜ୍ଞାନ ଓ ବାବୁଲ ମ୍ୟାଚ ପରିଚାଳନା କରିଥିଲେ। ବ୍ରାଣ୍ଡଆମ୍ବାସାଡର ଅଭିନେତ୍ରୀ ଭୂମିକା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

# ଓଡ଼ିଶା ମହିଳାଙ୍କୁ ୧ ରୌପ୍ୟ, ୧ ବ୍ରୋଞ୍ଜ


ପଦକ ବିଜେତା ଓଡ଼ିଶାର ଦୁଇ ମହିଳା ଦଳ।

## ଜାତୀୟ ବାସ୍କେଟବଲ ଚାମ୍ପିୟନଶିପ

ଭୁବନେଶ୍ୱର, ୯।୧୦ (ବିଜୟ ରଣା)

ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଚାଲିଥିବା ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ବାସ୍କେଟବଲ ମହିଳା ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଏହି ଜାତୀୟ ଚାମ୍ପିୟନଶିପରେ ସେମାନେ ଗୋଟିଏ ଲେଖାଏଁ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ଜିତିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ‘ଏ’ ୟୁନିଫାଏଡ ମହିଳା ଦଳ ପଞ୍ଜାବ ବିପକ୍ଷରେ ୨୩-୮ ଏବଂ ଗୁଜରାଟ ବିପକ୍ଷରେ ୨୬-୬ରେ ବିଜୟୀ ହୋଇଥିବା ବେଳେ କର୍ନାଟକଠାରୁ ପରାଜିତ ହୋଇଥିଲା। ଫଳତଃ ଓଡ଼ିଶା ‘ଏ’ ଗୋଟିଏ ରୌପ୍ୟ ପଦକ ଜିତିଥିଲା। ସରିତା ରାଉତରାୟ ଅଧିନାୟକତ୍ୱରେ ଅରିଦିତା ଚକ୍ରବର୍ତ୍ତୀ, ସଂଗୀତା ନାୟକ, ଆଦ୍ୟାଶା ଅଦିତି ବେହେରା, ସୁନ୍ୟାସକ୍ତା ବାରିକ ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ସସ୍ମିତା ମହାପାତ୍ର ଦଳର କୋଚ୍ ରହିଥିଲେ। ଗ୍ରୁପ ‘ବି’ରେ, ଓଡ଼ିଶା ମହିଳା ଦଳ ପୁଡୁଚେରୀ ଏବଂ ତାମିଲନାଡୁ ବିପକ୍ଷରେପରାଜିତ ହୋଇଥିଲେ। କିନ୍ତୁ ରାଜସ୍ଥାନ ବିପକ୍ଷ ମ୍ୟାଚ୍ ୨୮-୮ରେ ଜିତି ଦଳ ବ୍ରୋଞ୍ଜ ପଦକ ସୁନିଶ୍ଚିତ କରିଥିଲା। ଦଳରେ ରାଜଶ୍ରୀ ମହାପାତ୍ର (ଅଧିନାୟିକା), ସାଗରିକା, ଅସୀମା ଐଶ୍ୱର୍ଯ୍ୟ, ଦୀପ୍ତିମୟୀ ଦାସ, ଶୁଭଶ୍ରୀ ଦାସ ଏବଂ ଅର୍ପିତା ମହାପାତ୍ର (ପ୍ରଶିକ୍ଷକ) ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ବାସ୍କେଟବଲ ଜାତୀୟ ଚାମ୍ପିୟନଶିପରେ ସେମାନଙ୍କର ପ୍ରଥମ ପ୍ରବେଶ ଥିଲା। ଉଭୟ ପ୍ରଶିକ୍ଷକଙ୍କ କଠିନ ପରିଶ୍ରମ ଏବଂ ଖେଳାଳିଙ୍କ ଦୃଢ଼ ପ୍ରୟାସ ଯୋଗୁଁ ଏହି ସଫଳତା ମିଳିଛି। ଦିଲୀପ ହିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା ମୁଖ୍ୟ ଅତିଥି ଭାବରେ ବିଜେତାମାନଙ୍କୁ ପଦକ ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଉପସ୍ଥିତ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କର୍ଣ୍ଣେଲ (ଅବସରପ୍ରାପ୍ତ) ଡକ୍ଟର କେଦାରନାଥ ଦାଶ ଏବଂ ରୀତା ଦାଶ, ଗୋକୁଳାନନ୍ଦ ଦାଶ, ଅବସରପ୍ରାପ୍ତ ଏସ୍‌ବିଆଇ ଡିଜିଏମ୍ ଏବଂ ରାଣୀ ଦାଶ ପ୍ରମୁଖ ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ।

# ଭିନୁ ମଙ୍କଡ଼ ଟ୍ରଫି: ଓଡ଼ିଶା ବିପକ୍ଷରେ ଗୁଜରାଟ ବିଜୟୀ

ଭୁବନେଶ୍ୱର, ୯।୧୦ (ବିଜୟ ରଣା)

ଲାହିଲସ୍ଥିତ ଚୌଧରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫିର ଏକ ମ୍ୟାଚରେ ମୌଲ୍ୟରାଜ ସିଂ ଛାବଡ଼ାଙ୍କ ଶତକ ସହାୟତାରେ ଗୁଜରାଟ ୪ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଓଡ଼ିଶା ଟସ୍ ଜିତି ବ୍ୟାଟିଂ ନେଇଥିଲା। ଦଳ ୪୩.୧ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପୀୟୁଷ ରଞ୍ଜନ ମନ୍ତ୍ରୀ ୨୬ ଓ ବିଶ୍ୱଜିତ୍ ପ୍ରଧାନ ୨୫ ରନ କରିଥିଲେ। ଗୁଜରାଟର ଦୁଇ ସଫଳ ବୋଲର କାବ୍ୟ ପଟେଲ (୩/୨୫) ଓ ତୁଷାର ମକୱାନା (୩/୨୯) ତିନୋଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଗୁଜରାଟ ୩୭.୧ ଓଭରରେ ୬ଉଇକେଟ ବିନିମୟରେ୧୫୨ ରନ କରି ମ୍ୟାଚ ଜିତି ନେଇଥିଲା। ଦଳର ଟପ୍ ସ୍କୋରର ମୌଲ୍ୟରାଜ ୧୦୩ (୧୦୦ ବଲ୍, ୧୧ ଚୌକା ଓ ୫ ଛକା) ରନ କରିଥିବା ବେଳେ ମଳୟ ଶାହା ୨୮ ରନ କରିଥିଲେ। ଓଡ଼ିଶା ତରଫରୁ ପୀୟୂଷ ରଞ୍ଜନ ମନ୍ତ୍ରୀ (୨/୨୯) ଓ ସମ୍ବିତ ବେଜା (୨/୩୪) ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

# ସେମିଫାଇନାଲକୁ ଯାଇପାରିଲାନି ଓଡ଼ିଶା

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

ଓଡ଼ିଶାରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବଡ଼ ଟୁର୍ନାମେଣ୍ଟମାନ ଆୟୋଜନ ହେଉଛି। ମାତ୍ର ଓଡ଼ିଶା ଦଳ କିମ୍ବା ଖେଳାଳିଙ୍କ ପ୍ରଦର୍ଶନରେ ସେପରି ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ। ଏହାର ସଦ୍ୟତମ ଉଦାହରଣ ହେଉଛି ଓଡ଼ିଶା ମହିଳା ଫୁଟବଲ ଦଳ। ଏକଦା ଜାତୀୟ ସ୍ତରରେ ଏକ ମହିଳା ଫୁଟବଲ ଶକ୍ତିଭାବେ ଉଭା ହୋଇଥିବା ଓଡ଼ିଶା ଗତ ସିଜନରେ ରନରଅପ୍ ହୋଇଥିଲା। ମାତ୍ର ଏଥର ଦଳ ଜାତୀୟ ପ୍ରତିଯୋଗିତାର ସେମିଫାଇନାଲରେ ମଧ୍ୟ ପ୍ରବେଶ କରିପାରିନାହିଁ। ଏହା ରାଜ୍ୟ ଫୁଟବଲ ପ୍ରେମୀଙ୍କୁ ନିରାଶ କରିଛି। ଛତିଶଗଡ଼ର ନରେନପୁରଠାରେ ରାଜମାତା ଜୀଜାବାଈ ଟ୍ରଫି ପାଇଁ ଚାଲିଥିବା ୩୦ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ଓଡ଼ିଶା ଗୁରୁବାର ଏହାର ତାମିଲନାଡୁ ବିପକ୍ଷ ମ୍ୟାଚକୁ ନୈରାଶ୍ୟଜନକ ଭାବେ ୧-୧ ଗୋଲରେ ଡ୍ର ରଖିଛି। ଫଳରେ ୪ ମ୍ୟାଚରୁ ଓଡ଼ିଶା ୨ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୭ ପଏଣ୍ଟ ପାଇ ନିଜ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଛି। ପଶ୍ଚିମବଙ୍ଗ ଓ ତାମିଲନାଡୁ ପ୍ରଥମ ୨ ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୪ଟି ଲେଖାଏ ମ୍ୟାଚ ଶେଷରେ ଓଡ଼ିଶା ଓ ତାମିଲନାଡୁର ପଏଣ୍ଟ ଏବଂ ଗୋଲ ବ୍ୟବଧାନ ସମାନ ରହିଥିଲା। ଫଳରେ ଟସ୍ ମାଧ୍ୟମରେ ଯୋଗ୍ୟତା ହାସଲକାରୀ ନିର୍ଣ୍ଣୟ ହୋଇଥିଲା। ଏଥିରେ ତାମିଲନାଡୁ ଆଗକୁ ବଢ଼ିଥିଲା। ମ୍ୟାଚର ୧୦ମ ମିନିଟରେ ପ୍ରିୟଦର୍ଶିନୀ ଏକ ଗୋଲ ଦେଇ ତାମିଲନାଡୁକୁ ଅଗ୍ରଣୀ କରିଥିଲେ। ଓଡ଼ିଶା ଅଧିନାୟିକା ପ୍ୟାରୀ ଖାଖା ୫୫ତମ ମିନିଟରେ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିରେ ଶେଷ ହୋଇଥିଲା।

ପ୍ରକାଶଯୋଗ୍ୟ, ୨୦୧୦-୧୧ରେ ଚାମ୍ପିୟନ ଓଡ଼ିଶା ୨୦୦୧-୦୨, ୨୦୦୭-୦୮, ୨୦୦୯-୧୦, ୨୦୧୩-୧୪, ୨୦୧୮-୧୯ ଓ ୨୦୨୪-୨୫ରେ ୬ ଥର ରନରଅପ୍ ହୋଇ ଜାତୀୟ ସ୍ତରରେ ପ୍ରଭାବ ବିସ୍ତାର କରିଥିଲା। ଗତ ସିଜନର ରନରଅପ୍ ଭାବେ ସିଧାସଳଖ ଫାଇନାଲ ରାଉଣ୍ଡ ଖେଳିଥିବା ଓଡ଼ିଶା ଏଥର ପଶ୍ଚିମବଙ୍ଗଠାରୁ ୦-୧ ଗୋଲରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିଲା। ତେବେ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ଗୋଆକୁ ୪-୨ ଓ ଛତିଶଗଡ଼କୁ ୩-୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ତାମିଲନାଡୁ ବିପକ୍ଷରେ ମ୍ୟାଚ ଡ୍ର ରଖିବା ଦଳକୁ ମହଙ୍ଗା ପଡ଼ିଛି। ପଶ୍ଚିମବଙ୍ଗ ୪ ମ୍ୟାଚରୁ ୧୦ ପଏଣ୍ଟ ପାଇ ଗ୍ରୁପ୍ ‘ଏ’ ଟେବୁଲର ଶୀର୍ଷରେ ରହିଛି। ଗ୍ରୁପ୍ ‘ବି’ରୁ ମଣିପୁର ଓ ଉତ୍ତର ପ୍ରଦେଶ ସେମିଫାଇନାଲରେ ପହଞ୍ଚିଛି।

# ସିରିଜ୍ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୯।୧୦ (ପି.ଟି.)

ସ୍ଥାନୀୟ ଫିରୋଜ ଶାହା କୋଟଲା ଷ୍ଟାଡିୟମରେ ଶୁକ୍ରବାରଠାରୁ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଅହମଦାବାଦରେ ଖେଳାଯାଇଥିବା ସିରିଜ୍‌ର ପ୍ରଥମ ଟେଷ୍ଟକୁ ଭାରତୀୟ ଦଳ ୩ ଦିନ ମଧ୍ୟରେ ଏକତରଫା ଭାବେ ଏକ ଇନିଂସ ଓ ୧୪୦ ରନ ବ୍ୟବଧାନରେ ଜିତି ନେଇଥିଲା। ଏଥିଯୋଗୁ ଶୁବମନ

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅନ୍ତିମ ଟେଷ୍ଟ

ଗିଲଙ୍କ ନେତୃତ୍ୱାଧୀନ ଦଳ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ କ୍ଲିନ ସୁଇପ୍ କରିବା ଲକ୍ଷ୍ୟରେ ରହିବ। ସିରିଜ୍ ଜିତି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି)ରେ ସ୍ଥିତି ଦୃଢ଼ କରିବା ସହିତ ପରବର୍ତ୍ତୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି କରିବା ଭାରତୀୟ ଦଳର ମୁଖ୍ୟ ଲକ୍ଷ୍ୟ ହେବ।

ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଶୀଘ୍ର ଶେଷ ହୋଇଯାଇପାରେ। ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ରିଆନ ଟେନ ଡଶ୍ଚେଟଙ୍କ ମତରେ ମ୍ୟାଚ୍ ଲାଗି ଡ୍ରାଏ ପିଚ୍ ପ୍ରସ୍ତୁତ କରାଯାଇଥିବାରୁ ପେସରଙ୍କୁ ସହାୟତା ମିଳିବ। ଏହାର ଅର୍ଥ ନୀତୀଶ କୁମାର ରେଡ୍ଡୀ ଦଳରେ ସ୍ଥାନ ବଜାୟ ରଖିବେ ଏବଂ ଭାରତୀୟ ଦଳ ବିନା ପରିବର୍ତ୍ତନରେ ଓହ୍ଲାଇବ। ଯୁବ ବ୍ୟାଟର ସାଇ ସୁଦର୍ଶନଙ୍କ ପ୍ରଦର୍ଶନକୁ ନେଇ ଚୟନକର୍ତ୍ତା ଓ କୋଚ୍‌ମାନେ ଚିନ୍ତିତ ନୁହନ୍ତି। କିନ୍ତୁ ଅଧିନାୟକ ଗିଲ୍‌ଙ୍କ ସମର୍ଥନ ସତ୍ତ୍ୱେ ସୁଦର୍ଶନଙ୍କୁ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ ତାଙ୍କ ସ୍ଥାନରେ ଖେଳିବା ପାଇଁ ଅନେକ ଖେଳାଳି ଧାଡ଼ିରେ ରହିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଯଶସ୍ୱି ଜୟସ୍ୱାଲଙ୍କୁ ଭଲ ଆରମ୍ଭ ମିଳିଥିବା ବେଳେ ଲୋକେଶ ରାହୁଲ ଶତକ କରିଥିଲେ। ଗତ ୬ ଟେଷ୍ଟରେ ଏହା ରାହୁଲଙ୍କର ତୃତୀୟ ଶତକ ଥିଲା। ଏହା ଦର୍ଶାଉଛି ସେ ବର୍ତ୍ତମାନ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଅଛନ୍ତି। ଅଧିନାୟକ ଗିଲ ଅର୍ଦ୍ଧଶତକ କରିଥିବା ବେଳେ ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା ଶତକ ହାସଲ କରିଥିଲେ। ଭାରତୀୟ ଖେଳାଳିମାନେ ବୁଧବାର ସନ୍ଧ୍ୟାରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ବାସଭବନରେ ଏକତ୍ରିତ ହୋଇ ରାତ୍ରିଭୋଜନ କରିଥିଲେ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ଦଳ ନିକଟସ୍ଥ ଗଲ୍ଫ କୋର୍ସରେ ମେଣ୍ଟରିଂ ସେଶନରେ ଯୋଗ ଦେଇଥିଲେ। ଏଥିରେ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ସହ ୩ କିମ୍ବଦନ୍ତୀ ସାର ଭିଭିଆନ ରିଚାର୍ଡ୍ସ, ସାର ରିଚି ରିଚାର୍ଡସନ ଓ ବ୍ରାଏନ ଲାରା କଥା ହୋଇଥିଲେ।

ସମ୍ଭାବ୍ୟ ଭାରତୀୟ ଦଳ: ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ବି ସାଇ ସୁଦର୍ଶନ, ଶୁବମନ ଗିଲ (ଅଧିନାୟକ), ଧ୍ରୁବ ଜୁରେଲ, ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା(ଉପ ଅଧିନାୟକ), ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା।

ସମ୍ଭାବ୍ୟ ୱେଷ୍ଟଇଣ୍ଡିଜ ଦଳ: ଜନ କାମ୍ପବେଲ, ତେଗନାରିନ ଚନ୍ଦ୍ରପାଲ, ଆଲିକ ଆଥାନେଜ, ବ୍ରାଣ୍ଡନ କିଙ୍ଗ୍, ରୋଷ୍ଟନ ଚେଜ (ଅଧିନାୟକ), ସାଇ ହୋପ, ଜଷ୍ଟିନ ଗ୍ରେଭ୍ସ, ଖାରି ପିଏରେ, ଜମାଇକା ୱାରିକାନ, ଜୋହାନ ଲେନି, ଜେୟଡେନ ସିଲ୍ସ।



ପିଚ୍ ଅନୁଧ୍ୟାନ କରୁଛନ୍ତି ସିତାଂଶୁ କୋଟାକ, ଗୌତମ ଗମ୍ଭୀର, ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ